# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଅଗଷ୍ଟ ୧୭/୨୦୨୩ (୧୬ ପୃଷ୍ଠା) | Bhubaneswar, Thursday, August 17/2023 | Page 16 | ₹ 7.00 | RAYAGADA

୪୯ଶ ଭାଗ ୨୬୨ ସଂଖ୍ୟା | www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul | VOLUME 49 ISSUE 262 | ମୂଲ୍ୟ ₹୭/-




**ଅଲ ହିଲାଲରେ ନେମାର**

ପିଏସ୍‌ଜି ଛାଡି ବାର୍ଷିକ ୧୦୦ ମିଲିୟନ୍ ଡଲାର ଚୁକ୍ତିରେ ଦୁଇ ବର୍ଷ ପାଇଁ ଅଲ ହିଲାଲରେ ଯୋଗ ଦେଇଛନ୍ତି ବ୍ରାଜିଲର ତାରକା ଷ୍ଟ୍ରାଇକର ନେମାର୍।

୧୫

୦୨

**ଡାକ୍ତରଖାନାରେ ଜରିନ୍**

ନିକଟରେ ଅଭିନେତ୍ରୀ ଜରିନ୍ ଖାନ୍‌ଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରୁ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପରୀକ୍ଷା ପରେ ତାଙ୍କୁ ଡେଙ୍ଗୁ ହୋଇଥିବା ଜଣାପଡ଼ିଛି।





ସମାନ କାମକୁ ସମାନ ଦରମା ସମେତ ୧୦ ଦଫା ଦାବିରେ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ପକ୍ଷରୁ ବୁଧବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଆୟୋଜିତ ବିକ୍ଷୋଭ ସମାବେଶ। (ଫଟୋ–ବିକାଶ ନାୟକ)

# ଭୁବନେଶ୍ୱର ମେଟ୍ରୋ ଟ୍ରେନ ପ୍ରକଳ୍ପର ଡିପିଆର୍ ଚୂଡ଼ାନ୍ତ

## ୨୬ କି.ମି.ରେ ରହିବ ୨୦ ଷ୍ଟେଶନ

**ଭୁବନେଶ୍ୱର,୧୬।୮ (ଅନିଲ ଦାସ)**

ବହୁ ପ୍ରତୀକ୍ଷିତ ଭୁବନେଶ୍ୱର ମେଟ୍ରୋ ରେଳ ପ୍ରକଳ୍ପର ଡିଟେଲ ପ୍ରୋଜେକ୍ଟ ରିପୋର୍ଟ(ଡିପିଆର) ଦିଲ୍ଲୀ ମେଟ୍ରୋ ରେଳ କର୍ପୋରେଶନ(ଡିଏମ୍‌ଆର୍‌ସି) ରାଜ୍ୟ ସରକାରଙ୍କୁ ପ୍ରଦାନ କରିଛି। ଲୋକସେବା ଭବନଠାରେ ମେଟ୍ରୋ ରେଳ ପ୍ରକଳ୍ପ ବୈଠକରେ ଡିଏମ୍‌ଆର୍‌ସି ଏହି ଡିପିଆର୍ ପ୍ରଦାନ କରିଛି। ମେଟ୍ରୋ ରେଳ ପ୍ରକଳ୍ପ ପାଇଁ ଗତ କିଛିଦିନ ଧରି ଭୁବନେଶ୍ୱରର ବିଭିନ୍ନ ଅଞ୍ଚଳରେ ଡିଏମ୍‌ଆର୍‌ସି ପକ୍ଷରୁ ଟ୍ରାଫିକ୍, ଜିଓ ଟେକ୍ନିକାଲ ଇନ୍‌ଭେଷ୍ଟିଗେଶନ, ପୋପୋଗ୍ରାଫିକ୍ ସର୍ଭେ, ପରିବେଶ ଓ ସାମାଜିକ ପ୍ରଭାବ ଉପରେ ସର୍ଭେ କରାଯାଇଥିଲା। ଏହା ପରେ ଡିଏମ୍‌ଆର୍‌ସି ପକ୍ଷରୁ ଏହି ରିପୋର୍ଟ ପ୍ରଦାନ କରାଯାଇଛି।

ଡିପିଆର ଅନୁଯାୟୀ, ପ୍ରଥମ ପର୍ଯ୍ୟାୟରେ ଭୁବନେଶ୍ୱର ମେଟ୍ରୋ ରେଳ ବିଜୁ ପଟ୍ଟନାୟକ ବିମାନ ବନ୍ଦରରୁ କ୍ୟାପିଟାଲ ହସ୍ପିଟାଲ, ଶିଶୁଭବନ, ବାପୁଜୀନଗର, ଭୁବନେଶ୍ୱର ରେଳ ଷ୍ଟେଶନ, ରାମ ମନ୍ଦିର ଛକ, ବାଣୀବିହାର, ଆଚାର୍ଯ୍ୟ ବିହାର, ଜୟଦେବ ବିହାର ଛକ, ଜାଭିୟର ଛକ, ରେଳ ସଦନ, ଡିଷ୍ଟ୍ରିକ୍ଟ ସେଣ୍ଟର, ଡମଣା ଛକ, ପଟିଆ ଛକ, କିଟ୍ ଛକ, ନନ୍ଦନବିହାର, ରଘୁନାଥପୁର, ନନ୍ଦନକାନନ ଜୁଲୋଜିକାଲ ପାର୍କ, ☞ପୃଷ୍ଠା–୪

### ଓଡ଼ିଶାରେ ନିର୍ମାଣ ହେବ ୪୧୭.୬ କି.ମି. ନୂତନ ତୃତୀୟ ରେଳ ଲାଇନ

**ଭୁବନେଶ୍ୱର,୧୬।୮ (ଅଭିଜିତ ଦାସ)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ବୁଧବାର ବସିଥିବା କେନ୍ଦ୍ର କ୍ୟାବିନେଟ ବୈଠକରେ ରେଳ ବିଭାଗର ନୂତନ ରେଳ ଲାଇନ ଓ ଲାଇନଗୁଡ଼ିକର ନବୀକରଣ ସହ ୭ଟି ମଲ୍ଟି ଟ୍ରାକିଂ ପ୍ରକଳ୍ପକୁ ଅନୁମୋଦନ ମିଳିଛି। ଏଥିପାଇଁ ମୋଟ ୩୨ ହଜାର ୫୦୦ କୋଟି ଟଙ୍କା ବ୍ୟୟ ଆକଳନ କରାଯାଇଛି। ଏଥିମଧ୍ୟରେ ପୂର୍ବତଟ ରେଳପଥର ଓଡ଼ିଶାର ନିର୍ଗୁଣ୍ଡିରୁ ବାରଙ୍ଗ ଓ ଖୋର୍ଦ୍ଧା ରୋଡ୍‌ରୁ ଆନ୍ଧ୍ରପ୍ରଦେଶର ବିଜୟନଗରମ୍ ପର୍ଯ୍ୟନ୍ତ ତୃତୀୟ ରେଳ ଲାଇନ ନିର୍ମାଣ ପ୍ରକଳ୍ପ ରହିଛି। ଅନ୍ୟ ପ୍ରକଳ୍ପଗୁଡ଼ିକ ହେଲା ଗୋରଖପୁର–କ୍ୟାଣ୍ଟ–ବାଲ୍ମୀକି ନଗର, ମୁଦଖେଡ–ମେଦଚାଲ–ମହବୁବ୍‌ନଗର–ଧୋନେ, ଗୁଣ୍ଟୁର–ବବିନଗର ଓ ଚୋପାନ–ଚୁନୁର ରେଳ ଲାଇନର ଦୋହରୀକରଣ କରାଯିବ। ସେହିପରି ସମାଖିଆଲି–ଗାନ୍ଧୀଧାମ ରେଳ ଲାଇନ୍‌ରେ ଚତୁର୍ଥ ଲାଇନ ☞ପୃଷ୍ଠା–୪

**ଆଜିର ସମ୍ପାଦକୀୟ**

କିମ୍ବଦନ୍ତୀରେ କୃଷ୍ଣଙ୍କ ଭଉଣୀ

# ସିଜେଆଇ ଆଣିଲେ ନୂଆ ଶବ୍ଦାବଳୀ

## କୋର୍ଟରେ ମହିଳାଙ୍କ ବିରୋଧରେ ଆପତ୍ତିଜନକ ଶବ୍ଦ ବନ୍ଦ ହେବ

**ନୂଆଦିଲ୍ଲୀ,୧୬।୮ (ପି.ଟି.)**

ଦେଶର କୋର୍ଟଗୁଡ଼ିକରେ ଆଗକୁ ଇଭ୍–ଟିଜିଂ, ପ୍ରଷ୍ଟିଟ୍ୟୁଟ୍ ଓ ହାଉସ୍‌ୱାଇଫ୍ ଭଳି ଶବ୍ଦ ବ୍ୟବହାର କରାଯିବ ନାହିଁ। ଇଭ୍–ଟିଜିଂ ପରିବର୍ତ୍ତେ ଷ୍ଟ୍ରିଟ୍ ସେକ୍ସୁଆଲ ହ୍ୟାରାସ୍‌ମେଣ୍ଟ, ପ୍ରଷ୍ଟିଟ୍ୟୁଟ୍ ବଦଳରେ ସେକ୍ସ ୱାର୍କର ଏବଂ ହାଉସ୍‌ୱାଇଫ୍ ସ୍ଥାନରେ ହୋମ୍‌ମେକର ଭଳି ଶବ୍ଦ ପ୍ରୟୋଗ କରାଯିବ। ସୁପ୍ରିମକୋର୍ଟ ବୁଧବାର ଲିଙ୍ଗଗତ ରୁଢ଼ୀବାଦିତାକୁ ଦର୍ଶାଉଥିବା ଶବ୍ଦଗୁଡ଼ିକୁ ହଟାଇ ବ୍ୟବହାରଯୋଗ୍ୟ ବିକଳ୍ପ ଶବ୍ଦାବଳୀ ସମ୍ବଳିତ ଏକ ହ୍ୟାଣ୍ଡବୁକ୍ ଲଞ୍ଚ କରିଛନ୍ତି।

ଜମ୍ମୁ–କଶ୍ମୀରକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ପ୍ରଦାନକାରୀ ସମ୍ବିଧାନର ପୂର୍ବ ଅନୁଚ୍ଛେଦ ୩୭୦ ଉଚ୍ଛେଦକୁ ଚ୍ୟାଲେଞ୍ଜ କରି ଅନେକ ପିଟିଶନ

### ଆଫେୟାର, ହାଉସ୍‌ୱାଇଫ୍, ଇଭ୍‌ଟିଜିଂ ଭଳି ଶବ୍ଦ ବ୍ୟବହାର ହେବନାହିଁ

ସୁପ୍ରିମକୋର୍ଟରେ ଦାଖଲ କରାଯାଇଛି। ସେଗୁଡ଼ିକର ଶୁଣାଣି ପାଇଁ ଗଠିତ ୫ ଜଣିଆ ସାମ୍ବିଧାନିକ ପୀଠ ବସିବା ପରେ ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ ଏ ସମ୍ପର୍କିତ ହ୍ୟାଣ୍ଡବୁକ୍ ଉନ୍ମୋଚନ କରିଥିଲେ। ଏହି ଅବସରରେ ସିଜେଆଇ କହିଥିଲେ, ଏହି ପୁସ୍ତକ ବିଚାରପତି ଓ ଓକିଲମାନଙ୍କୁ ମହିଳାଙ୍କ ବିରୋଧରେ ଆପତ୍ତିଜନକ ଭାଷା ବ୍ୟବହାରରୁ ନିବୃତ୍ତ ରଖିବ। ସର୍ବୋଚ୍ଚ ଅଦାଲତ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି ଯେ, ମହିଳାଙ୍କ ବିରୋଧରେ ଆପତ୍ତିଜନକ ଶବ୍ଦ ଚିହ୍ନଟ ଦିଗରେ ବିଚାରପତି ଓ ଆଇନ ବୃତ୍ତିଧାରୀଙ୍କୁ 'ହ୍ୟାଣ୍ଡବୁକ୍ ଅନ୍ କମ୍ବାଟିଂ ଜେଣ୍ଡର ଷ୍ଟେରିଓଟାଇପ୍ସ' ସହାୟକ ହେବ। ଏହି ହ୍ୟାଣ୍ଡବୁକ୍‌ରେ ଲିଙ୍ଗଗତ ଭେଦଭାବକୁ ଦର୍ଶାଉଥିବା ଏକ ଅନୁପଯୁକ୍ତ ଶବ୍ଦାବଳୀ ରହିଛି, ଯାହା ପରିବର୍ତ୍ତେ କେଉଁସବୁ ବିକଳ୍ପ ଶବ୍ଦ ବ୍ୟବହାର କରାଯାଇପାରିବ ତାହା ମଧ୍ୟ ଉଲ୍ଲେଖ କରାଯାଇଛି। ଉପଯୁକ୍ତ ଶବ୍ଦଗୁଡ଼ିକୁ ନେଇ ସମାନତା ଉପରେ ଆଧାରିତ ଏକ ପୁସ୍ତକ ସମାଜରେ ସମାନତା ଆଣିବା ସହ ନ୍ୟାୟପାଳିକା ପାଇଁ ନୂଆ ଯାତ୍ରାରେ ସହାୟକ ହେବ। ୩୦ ପୃଷ୍ଠା ସମ୍ବଳିତ ଏହି ହ୍ୟାଣ୍ଡବୁକ୍‌ରେ ସର୍ବୋଚ୍ଚ ଅଦାଲତ ରୁଢ଼ୀବାଦୀ ଶବ୍ଦ ଓ ସେଗୁଡ଼ିକର ବିକଳ୍ପ ☞ପୃଷ୍ଠା–୪

# ବୃତ୍ତିଗତ ବ୍ୟବସାୟୀଙ୍କୁ ୫% ସୁଧରେ ମିଳିବ ୧ଲକ୍ଷ

**କେନ୍ଦ୍ର କ୍ୟାବିନେଟ ମଞ୍ଜୁରୀ**

■ ୧୬୯ ସହରରେ ଗଢ଼ିବ ୧୦ ହଜାର ଇ-ବସ୍

**ନୂଆଦିଲ୍ଲୀ,୧୬।୮ (ପି.ଟି.)**

ପିଏମ୍ ବିଶ୍ୱକର୍ମା ଯୋଜନା ପାଇଁ କେନ୍ଦ୍ର କ୍ୟାବିନେଟ ବୁଧବାର ୧୩,୦୦୦ କୋଟି ଟଙ୍କା ମଞ୍ଜୁର କରିଛି। ଏହି ସ୍କିମ୍‌ରେ ପ୍ରାୟ ୩୦ ଲକ୍ଷ ବୃତ୍ତିଗତ ବ୍ୟବସାୟୀ ତଥା ବୁଣାକାର, ସୁନାରି, ଲୁହାର, ଲଣ୍ଡ୍ରି ୱାର୍କର, ବାରିକଙ୍କ ସମେତ ପାରମ୍ପରିକ କଳାକାର ଓ କାରିଗର ଉପକୃତ ହେବେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ସ୍ୱାଧୀନତା ଦିବସ ପାଳନ ଅବସରରେ ଦେଶବାସୀଙ୍କୁ ☞ପୃଷ୍ଠା–୪

# ସାପଚୋରି ର୍‍ୟାକେଟ୍ ଠାବ

## ୨୯ ନାଗ ଜବତ, ୩ ଗିରଫ

**ଭୁବନେଶ୍ୱର, (ଅସମାପିକା ସାହୁ)/ ବାଲେଶ୍ୱର, ୧୬।୮ (ମାନସ ବିଶ୍ୱାଳ)**

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଅନ୍ତର୍ଗତ ପଞ୍ଚୁପାଲି ଗ୍ରାମରେ ବାଲେଶ୍ୱର ବନଖଣ୍ଡ ପକ୍ଷରୁ ଚଢ଼ାଉ କରାଯାଇ ୨୯ଟି ନାଗ ସାପ ଜବତ ସହ ଏଥିରେ ସମ୍ପୃକ୍ତ ୩ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଭୋଗରାଇ ଅଞ୍ଚଳର କମଳଲୋଚନ ପଣ୍ଡା (୩୬), ଭେଲୋରା ଗୌରାଙ୍ଗ ଗିରି (୩୫) ଓ ଗମ୍ଭାରିଆ ଅଞ୍ଚଳର ମମତା ମହାନା(୨୭)। ଏନେଇ ଚାନ୍ଦିପୁର ବନ୍ୟପ୍ରାଣୀ ବନାଞ୍ଚଳ ରେଞ୍ଜରେ ମାମଲା ନଂ. ୩୨/୨୦୨୩–୨୪ ରୁଜୁ କରାଯାଇଛି। ଚାନ୍ଦିପୁର ରେଞ୍ଜ ଅଫିସ କାର୍ଯ୍ୟାଳୟରେ ଅଭିଯୁକ୍ତଙ୍କୁ ଅଟକ ରଖି ବାଲେଶ୍ୱର ଡିଏଫ୍‌ଓ ଖୁସଓନ୍ତ ସିଂ ପଚରାଉଚରା ଜାରି ରଖିଛନ୍ତି। ସାପଗୁଡ଼ିକୁ ଅଭିଯୁକ୍ତମାନେ କେଉଁଠୁ ଆଣିଥିଲେ, କାହା ପାଖରୁ ଆଣିଥିଲେ, କେଉଁମାନଙ୍କୁ ବିଷ ବିକ୍ରି କରୁଥିଲେ, କେତେ ଦିନ ହେଲା ଏ ସାପ ବା ବିଷ କାରବାର କରୁଥିଲେ, ଏନେଇ ସେମାନଙ୍କୁ ଗୁଡ଼େଇ ତୁଡେଇ ଜେରା କରାଯାଉଛି। ଗିରଫ ୩ଜଣଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯିବ ବୋଲି ସୂଚନା ମିଳିଛି।

ସୂଚନାନୁସାରେ, ସ୍ନେକ୍ ହେଲ୍ପ ଲାଇନର ସାଧାରଣ ସମ୍ପାଦକ ଶୁଭେନ୍ଦୁ ମଲ୍ଲିକ କୌଣସି ସୂତ୍ରରୁ ଖବର ପାଇ ସ୍ଥାନୀୟ ବନ ବିଭାଗ ସହିତ ଯୋଗାଯୋଗ କରିଥିଲେ ଏବଂ ବୁଧବାର ଚଢ଼ାଉ କରିବା ପାଇଁ ଯୋଜନା କରିଥିଲେ। ବୁଧବାର ସକାଳେ ଶୁଭେନ୍ଦୁ, ସ୍ନେକ୍ ହେଲ୍ପ ଲାଇନର ଲଳିତ ମୋହନ ପଣ୍ଡା ଏବଂ ☞ପୃଷ୍ଠା–୪

# ଚନ୍ଦ୍ରପୃଷ୍ଠରୁ ୧୫୦ କି.ମି. ଦୂରରେ ଚନ୍ଦ୍ରଯାନ–୩

**ନୂଆଦିଲ୍ଲୀ,୧୬।୮**

ଚନ୍ଦ୍ରଯାନ–୩ ଚନ୍ଦ୍ରପୃଷ୍ଠରେ ସଫଳତାର ସହ ଅବତରଣ କରିବ ବୋଲି ଭାରତୀୟ ମହାକାଶ ଗବେଷଣା ସଙ୍ଗଠନ(ଇସ୍ରୋ) ପକ୍ଷରୁ ଏହାର ଉତ୍‌କ୍ଷେପଣବେଳେ କୁହାଯାଇଥିଲା। ଏହି ମହାକାଶଯାନ ବର୍ତ୍ତମାନ ତା'ର ପୂର୍ବ ନିର୍ଦ୍ଧାରିତ ତାରିଖ ଅର୍ଥାତ୍ ଅଗଷ୍ଟ ୨୩ରେ ଚନ୍ଦ୍ରପୃଷ୍ଠରେ ଅବତରଣ କରିବାକୁ ଯାଉଛି। ଚନ୍ଦ୍ରଯାନ–୩ର ସଫଳ ଅବତରଣ ପରେ ଆମେରିକା, ରୁଷିଆ, ଚାଇନା ପରେ ଭାରତ ପୃଥିବୀର ଚତୁର୍ଥ ରାଷ୍ଟ୍ର




ଭାବେ ଚନ୍ଦ୍ର ଅଭିଯାନ ମାଇଲଖୁଣ୍ଟ ଅତିକ୍ରମ କରିବ। ଭାରତର ଏହି ଅଭିଯାନ ଜୁଲାଇ ୧୪ରେ ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାରୁ ଆରମ୍ଭ ହୋଇଥିଲା। ୧୬ ତାରିଖ ସକାଳ ସୁଦ୍ଧା ଏହା ଚନ୍ଦ୍ରପୃଷ୍ଠଠାରୁ ୧୫୦ କି.ମି. ଦୂରରେ ରହିଛି ବୋଲି ଇସ୍ରୋ ପକ୍ଷରୁ କୁହାଯାଇଛି। ଅଗଷ୍ଟ ୧୭ରେ ଏହାର ଲାଣ୍ଡର ମୋଡ୍ୟୁଲ ପ୍ରୋପୁଲଜନ ମୋଡ୍ୟୁଲଠାରୁ ଅଲଗା ହୋଇଯିବ। ଏହାପରେ ବିକ୍ରମ ଲାଣ୍ଡରକୁ ପୁଣିଥରେ ଦୀର୍ଘବୃତ୍ତାକାର କକ୍ଷରେ ସ୍ଥାପିତ କରିବାକୁ ହେବ। ☞ପୃଷ୍ଠା–୪







**ନୂଆଦିଲ୍ଲୀ:** ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ଶ୍ରାଦ୍ଧ ଦିବସରେ ତାଙ୍କ ସ୍ମାରକୀ ସଦୈବ ଅଟଳରେ ଶ୍ରଦ୍ଧାଞ୍ଜଳି ଦେବା ପାଇଁ ଉପସ୍ଥିତ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ଜଗଦୀପ ଧନକର, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଲୋକ ସଭା ବାଚସ୍ପତି ଓମ୍ ବିର୍ଲା, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଏବଂ ଅନ୍ୟ ନେତୃବୃନ୍ଦ।

# ବିଶ୍ୱମିତ୍ର ହୋଇଛି ଭାରତର ପରିଚୟ

## ଲାଲକିଲାରୁ ପ୍ରଧାନମନ୍ତ୍ରୀଙ୍କ ଉଦ୍‌ବୋଧନ

ନୂଆଦିଲ୍ଲୀ,୧୬।୮

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ଦେଶବାସୀଙ୍କୁ ୭୭ତମ ସ୍ୱାଧୀନତା ଦିବସର ଶୁଭେଚ୍ଛା ଜଣାଇବା ସହ ଭାରତ ବର୍ତ୍ତମାନ ବିଶ୍ୱମିତ୍ର ଭାବେ ଉଭାହୋଇଛି ବୋଲି କହିଥିଲେ। ଏଥିସହ ଆଗାମୀ ଲୋକସଭା ନିର୍ବାଚନରେ ପୁଣିଥରେ ବିଜୟୀ ହେବାର ଦାବି କରି କହିଥିଲେ, ଆସନ୍ତାବର୍ଷ ଲାଲକିଲାରୁ ଦେଶର ଉପଲବ୍ଧି ଏବଂ ଦେଶର ଗୌରବ ଗାନ କରିବି। ଯେଉଁ ଯୋଜନାଗୁଡ଼ିକର ଶିଳାନ୍ୟାସ କରିଛି ସେଗୁଡ଼ିକର ଉଦ୍‌ଘାଟନ କରିବି। ପ୍ରଧାନମନ୍ତ୍ରୀ ମଣିପୁର ପ୍ରସଙ୍ଗରେ ମଧ୍ୟ କହିଥିଲେ। ଏଥିସହ ବାରିକ ଏବଂ ସୁନା କାମକୁ କୌଳିକ ବୃତ୍ତି କରି ଗୁଜୁରାଣ ମେଣ୍ଟାଉଥିବା ଲୋକଙ୍କ ଲାଗି ବିଶ୍ୱକର୍ମା ଯୋଜନା ଘୋଷଣା କରିଥିଲେ। ଏଥିରେ ପ୍ରାରମ୍ଭିକ ଭାବେ ୧୨ ହଜାରରୁ ୧୫ ହଜାର କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ସେ କହିଥିଲେ।

# ୨ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ପ୍ରଭାବିତ

## ଜାପାନରେ ଭୟଙ୍କର ବାତ୍ୟା

ଟୋକିଓ,୧୬।୮

ଜାପାନରେ ଭୟଙ୍କର ବାତ୍ୟା କାରଣରୁ ୯୦୦ ବିମାନ ରଦ୍ଦ କରାଯାଇଥିବାବେଳେ ୨ ଲକ୍ଷ ୪୦ ହଜାର ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ନିଆଯାଇଛି। ସେହିପରି ଏହି ଘଟଣାରେ ୨୪ ଜଣ ଲୋକ ଆହତ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ଜଣକ ଅବସ୍ଥା ସଙ୍କଟାପନ୍ନ ରହିଛି। ପ୍ରଶାନ୍ତ ମହାସାଗରରୁ ସୃଷ୍ଟି ହୋଇଥିବା ଏହି ବାତ୍ୟା ମଙ୍ଗଳବାର ସକାଳେ ୱାକାୟାମା ସହର ଦକ୍ଷିଣ ଭାଗରେ ସ୍ଥଳଭାଗ ଛୁଇଁଥିଲା। ଫଳରେ ମୁଷଳଧାରାରେ ବର୍ଷା ହେବା ସହ ବାତ୍ୟା ହୋଇଥିଲା। ସ୍ଥାନୀୟ ପ୍ରଶାସନ ପକ୍ଷରୁ ବନ୍ୟା ଏବଂ ଭୂସ୍ଖଳନ ନେଇ ସତର୍କତା ଜାରି କରାଯାଇଛି। କାରଣ କିଛି ନଦୀ ଏବେ ବିପଦ ସଂକେତ ଉପରେ ପ୍ରବାହିତ ହେଉଛି।

# କୋଟା ପାଲଟିଛି ଆତ୍ମହତ୍ୟା ରାଜଧାନୀ

## ଏବର୍ଷ ଗଲାଣି ୨୧ ଛାତ୍ରୀଛାତ୍ରଙ୍କ ଜୀବନ

ଜୟପୁର,୧୬।୮

'ଭାରତର କୋଚିଂ କ୍ୟାପିଟାଲ' ଭାବେ ପରିଚିତ ରାଜସ୍ଥାନର କୋଟା 'ଆତ୍ମହତ୍ୟାର ରାଜଧାନୀ' ରୂପେ ମଧ୍ୟ ଦୁର୍ନାମ ମୁଣ୍ଡାଇଲାଣି। କାରଣ ନିୟମିତ ବ୍ୟବଧାନରେ ଜଣେ ପରେ ଜଣେ ଛାତ୍ରୀ କିମ୍ବା ଛାତ୍ରଙ୍କ ମୃତଦେହ ଏଠାରେ ଠାବ ହେଉଛି। ଏହି କ୍ରମରେ ବିହାରର ଗୟାରୁ ଆସି ଆଇଆଇଟି ପାଇଁ ପ୍ରସ୍ତୁତି ଚଳାଇଥିବା ୧୮ ବର୍ଷୀୟ କୋଚିଂ ଛାତ୍ର ବାଲ୍ମିକୀ ପ୍ରସାଦ ଜାଙ୍ଗିଦ ସୋମବାର ରାତିରେ ନିଜ ଜୀବନ ନେଇଛନ୍ତି। କେବଳ ଅଗଷ୍ଟ ମାସରେ ଏହା ହେଉଛି ଚତୁର୍ଥ ଆତ୍ମହତ୍ୟା। ଗତ ଜାନୁୟାରୀରୁ ଅଦ୍ୟାବଧି ୨୧ ଛାତ୍ରୀଛାତ୍ର ଆତ୍ମହତ୍ୟା କଲେଣି।

ସ୍ଥାନୀୟ ପୋଲିସ ଅଫିସର ପରମଜିତଙ୍କ କହିବାନୁସାରେ ସୋମବାର ରାତି ୧୦ଟାରେ ଘଟଣା ଘଟିଥିବାବେଳେ ଏସମ୍ପର୍କରେ ମଙ୍ଗଳବାର ରାତି ୮ଟାରେ ଫୋନ୍ କଲ୍ ଯାଇଥିଲା। ଦେଶବାସୀ ସ୍ୱାଧୀନତା ଦିବସ ପାଳନ କରୁଥିବାବେଳେ ଛୁଟିଦିନ ହୋଇଥିବାରୁ ଛାତ୍ରୀଛାତ୍ର ନିଜ ରୁମ୍‌ରେ ଥିଲେ। ବାଲ୍ମୀକିଙ୍କୁ ମଙ୍ଗଳବାର ରାତି ୭ଟା ଯାଏ ଅନ୍ୟ ଛାତ୍ରୀଛାତ୍ର ନ ଦେଖିବାରୁ ଚିନ୍ତା ବଢ଼ିଯାଇଥିଲା। ତାଙ୍କ ପାଖ ରୁମ୍‌ରେ ରହୁଥିବା ଅନ୍ୟ ଜଣେ ଛାତ୍ର ବାଲ୍ମୀକି ଅନୁପସ୍ଥିତ ଥିବା ଦେଖି କବାଟ ବାଡେଇଥିଲେ। କିନ୍ତୁ କିଛି ଉତ୍ତର ମିଳି ନ ଥିଲା। ଫଳରେ ଘର ମାଲିକଙ୍କୁ ଖବର ଦିଆଯାଇଥିଲା। ସେ ପ୍ରାୟ ଅଧଘଣ୍ଟା ପରେ ଆସି ବାଲ୍ମୀକିଙ୍କୁ ଡ଼ାକିଥିଲେ। କବାଟ ନ ଖୋଲିବାରୁ ପୋଲିସକୁ ଖବର ଦିଆଯାଇଥିଲା। ରାତି ୮ଟାରେ ଝରକାପଟୁ ପୋଲିସ



ଦେଖିଥିଲା ବାଲ୍ମୀକିଙ୍କ ଝୁଲନ୍ତା ମୃତଦେହ। ଏହି ଦୁଃଖଦ ଖବର ତାଙ୍କ ପରିବାରକୁ ମଧ୍ୟ ଦିଆଗଲା।

ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି, ବାଲ୍ମିକୀ ଆଇଆଇଟି ପ୍ରବେଶିକା ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିଲେ। ତାଙ୍କ ବାପା ବିନୋଦ (ସେନାର ଜଣେ ଅବସରପ୍ରାପ୍ତ ସୁବେଦାର) ଓ ଅନ୍ୟ ସମ୍ପର୍କୀୟ ମାନେ ବୁଧବାର ସକାଳେ କୋଟାରେ ପହଞ୍ଚିଥିଲେ। ବିନୋଦ କହିଛନ୍ତି, ବାଲ୍ମୀକିଙ୍କୁ କୋଟାକୁ ପଠାଇବା ପାଇଁ ସେମାନେ ଚାହୁଁନଥିଲେ। କିନ୍ତୁ, ବାଲ୍ମିକୀ ଜିଦ୍ ଧରିବାରୁ ବାଧ ହୋଇ ପାଠପଢ଼ିବା ପାଇଁ ଛାଡ଼ିଥିଲେ। କୋଟାରେ ପ୍ରାୟ ୪୦ଟି ସାନବଡ଼ ଶିଳ୍ପ ରହିଛି। ସେଠାକୁ ପାଖାପାଖି ଦେଢ଼ଲକ୍ଷ ଇଞ୍ଜିନିୟରିଂ ଓ ମେଡିକାଲ ଆଶାୟୀ ଆସିଥାନ୍ତି। ସାରା ଦେଶର ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଜେଇଇ ମେନ୍ ପ୍ରସ୍ତୁତି ପାଇଁ କୋଚିଂ ହେବାକୁ ଆସନ୍ତି। ଭାରତରେ ଇଞ୍ଜିନିୟରିଂ ଓ ମେଡିକାଲ କ୍ୟାରିୟର ପାଇଁ ମହତ୍ତ୍ୱ କାଂକ୍ଷୀ ମାତାପିତା ନିଜ ପିଲାଙ୍କୁ ପଠାଇଥାନ୍ତି। କୋଚିଂ ଇନଷ୍ଟିଚ୍ୟୁଟ୍‌ଗୁଡ଼ିକ ଏହି ପାଗଳପ୍ରାୟ ପ୍ରତିଦ୍ୱନ୍ଦ୍ୱିତାର ଭରପୂର ଫାଇଦା ଉଠାନ୍ତି। ଦେଶର କୋଚିଂ କ୍ୟାପିଟାଲ ଭାବେ ପରିଚିତ ଏହି ସହର କିଛି ବର୍ଷ ହେବ ସୁଇସାଇଡ ସିଟିର ଦୁର୍ନାମ ମୁଣ୍ଡାଇଛି। ପ୍ରଶାସନ ଓ ଇନ୍‌ଷ୍ଟିଚ୍ୟୁଟଗୁଡ଼ିକ ପକ୍ଷରୁ ନିଆଯାଉଥିବା ପଦକ୍ଷେପ ଯେ ପର୍ଯ୍ୟାପ୍ତ ନୁହେଁ ତାହା ବାଲ୍ମୀକିଙ୍କ ଆତ୍ମହତ୍ୟା ଭଳି ଅନେକ ଘଟଣା ପ୍ରମାଣିତ କରୁଛି।

# ମଦ ପିଇ ଇଫେଲ୍ ଟାୱାର ଚଢ଼ିଲେ ପର୍ଯ୍ୟଟକ

ପ୍ୟାରିସ, ୧୬।୮



ପ୍ୟାରିସର ଇଫେଲ୍ ଟାୱାରରେ ଦୁଇ ମଦ୍ୟପ ଆମେରିକୀୟ ପର୍ଯ୍ୟଟକ ଗତ ସୋମବାର ଉନ୍ମତ୍ତକାଣ୍ଡ ଭିଆଇଥିଲେ। ଉଭୟେ ଟାୱାରର ଦ୍ୱିତୀୟ ଏବଂ ତୃତୀୟ ମହଲା ମଝିରେ ଶୋଇ ପଡିଥିଲେ। ଟାୱାର ପରିଚାଳନା କର୍ତ୍ତୃପକ୍ଷଙ୍କ ସୂଚନାନୁସାରେ ଉଭୟ ପର୍ଯ୍ୟଟକ ଟାୱାରରେ ପ୍ରବେଶ କରିବା ପାଇଁ ରବିବାର ରାତି ପ୍ରାୟ ୧୦.୪୦ ମିନିଟ୍‌ରେ ଟିକେଟ କିଣିଥିଲେ। କିନ୍ତୁ ସୁରକ୍ଷାବଳୟ ଭେଦ କରି ଉଭୟେ ଟାୱାର ଉପରକୁ ଚାଲିଯାଇଥିଲେ। ଏହାପରେ ଅଗ୍ନିଶମ କର୍ମଚାରୀ, ସ୍ୱତନ୍ତ୍ର ପ୍ରଶିକ୍ଷିତ କର୍ମଚାରୀ ସେଠାରେ ପହଞ୍ଚି ସେମାନଙ୍କୁ ଉଦ୍ଧାର କରିଥିଲେ। ପୋଲିସ ଉଭୟଙ୍କୁ ଅଟକ ରଖି ପଚରାଉଚରା କରୁଛି। ସୂଚନାଯୋଗ୍ୟ, ଗତ ଶନିବାର ଇଫେଲ୍ ଟାୱାରରେ ବୋମା ଥିବାର ସୂଚନା ପାଇବା ପରେ ପୋଲିସ ଏହାକୁ ଖାଲି କରିଥିଲା।

## ଫୁରସତ୍

# ଗିନିଜ୍ ବୁକ୍‌ରେ ମହିଳାଙ୍କ ଲମ୍ୱାଦାଢ଼ି

ୱାଶିଂଟନ



ବର୍ତ୍ତମାନ ପୁରୁଷମାନେ ବଡ଼ ଦାଢି ରଖିବା ସଉକରେ ପରିଣତ ହୋଇଗଲାଣି। ହେଲେ ଏମିତି କିଛି ମହିଳା ଅଛନ୍ତି, ଯେଉଁମାନଙ୍କ କ୍ଷେତ୍ରରେ ବି ଦାଢି ଥିବା ଦେଖିବାକୁ ମିଳିଥାଏ। ନିକଟରେ ଜଣେ ମହିଳା ତାଙ୍କ ଲମ୍ୱା ଦାଢି ପାଇଁ ବେଶ ଚର୍ଚ୍ଚାରେ ଅଛନ୍ତି। ଲମ୍ୱା ଦାଢି ପାଇଁ ସେ ଗିନିଜ୍ ବୁକ୍ ଅଫ ରେକର୍ଡରେ ତାଙ୍କ ନାମ ଲେଖାଇଛନ୍ତି। ରିପୋର୍ଟ ମୁତାବକ, ଆମେରିକା ମିଚିଗାନ୍‌ର ବାସିନ୍ଦା ୩୮ ବର୍ଷୀୟା ଏରିନ୍ ହନିକଟ ପାଖାପାଖି ୨ ବର୍ଷ ହେବ ଦାଢି ବଢାଉଛନ୍ତି। ଏବେ ତାଙ୍କ ଦାଢିର ଲମ୍ୱା ୩୦ ସେ.ମି.। ଏପର୍ଯ୍ୟନ୍ତ ଥିବା ରେକର୍ଡକୁ ସେ ଭାଙ୍ଗି ସାରିଛନ୍ତି। ତାଙ୍କ ପୂର୍ବରୁ ଏହି ରେକର୍ଡ ୭୫ ବର୍ଷୀୟାଙ୍କ ଆମେରିକାର ବିବିୟନ୍ ହ୍ୱିଲରଙ୍କ ନାମରେ ଥିଲା। ତାଙ୍କ ଦାଢିର ଲମ୍ୱ ୨୫. ୫ ସେମି ଥିଲା। ଏରିନ୍ ତାଙ୍କର ଏହି ଦାଢି ପାଇଁ କୌଣସି ଔଷଧର ବ୍ୟବହୃତ କରନ୍ତିନି। ପ୍ରକୃତରେ ମହିଳାଙ୍କ ପଲିସିସ୍‌ଟିକ୍ ଓଭାରି ସିଣ୍ଡ୍ରୋମ ରହିଛି। ହରମୋନ ଅସନ୍ତୁଳିତ ଭାବେ ଥିବାରୁ ଏପରି ସ୍ଥିତି ଉପୁନ ହୋଇଥାଏ। ଫଳରେ ଶରୀରରେ ବିଭିନ୍ନ ପ୍ରକାରର ପରିବର୍ତ୍ତନ ଦେଖିବାକୁ ମିଳିଥାଏ। ଶରୀରର ଓଜନ ବୃଦ୍ଧି, ମାସିକ ରତୁସ୍ରାବରେ ଅନିମିତତା ଏବଂ ଅତ୍ୟଧିକ ରୁଟି ବଢିବା ଆଦି ପରିବର୍ତ୍ତନ ଦେଖିବାକୁ ମିଳିଥାଏ। ଏରିନ୍‌ଙ୍କ ୧୩ ବର୍ଷ ବୟସରୁ ହିଁ ତାଙ୍କ ମୁହଁରେ ଦାଢି ବଢିବା ଆରମ୍ଭ ହୋଇଥିଲା। ଏଥିରୁ ମୁକ୍ତି ପାଇବାକୁ ସେ ଅନେକ ପ୍ରକାରର ପ୍ରଣାଳୀ ମଧ୍ୟ ଆପଣାଇଛନ୍ତି। ହେଲେ ମଧ୍ୟ ତାଙ୍କର ଦାଢି ବଢିବା ବନ୍ଦ ହୋଇ ନ ଥିଲା। ସେତେବେଳେ ୨/୩ ଦିନରେ ଥରେ ତାଙ୍କୁ ସେଭିଂ କରିବାକୁ ପଡୁଥିଲା। ପରେ ସେ ଦାଢି ବଢାଇବାକୁ ନିଷ୍ପତ୍ତି ନେଲେ।

# ଡାକ୍ତରଖାନାରେ ଜରିନ୍

ମୁମ୍ବାଇ



ବଲିଉଡ୍ ଅଭିନେତ୍ରୀ ଜରିନ୍ ଖାନ୍‌ଙ୍କ ସ୍ୱାସ୍ଥ୍ୟବସ୍ଥା ବିଗିଡ଼ିବାରୁ ସେ ନିକଟରେ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ପରୀକ୍ଷା ପରେ ତାଙ୍କୁ ଡେଙ୍ଗୁ ହୋଇଥିବା ସାମ୍ନା ଆସିଛି। ଜ୍ୱରରେ ତାଙ୍କ ଶରୀରରେ ଅଧିକ ଯନ୍ତ୍ରଣା ହେଉଥିବା ସେ କହିଛନ୍ତି। ଏନେଇ ଜରିନ୍ ସୋସିଆଲ ମିଡିଆରେ ପ୍ରଶଂସକଙ୍କୁ ଜଣାଇଛନ୍ତି। ଏହା ପୂର୍ବରୁ ସେ ଇନ୍‌ଷ୍ଟାଗ୍ରାମରେ ଏକ ଫଟୋ ଛାଡ଼ିଥିଲେ। ତେବେ ଜରିନ୍ ୨୦୧୦ରେ ବଲିଉଡ୍ ଭାଇଜାନ୍ ସଲମାନ ଖାନ୍‌ଙ୍କ ସହ ଫିଲ୍ମ 'ବୀର' ଜରିଆରେ ବଲିଉଡ୍‌ରେ ଡେବ୍ୟୁ କରିଥିଲେ। ଏତେ ବଡ଼ ଷ୍ଟାରଙ୍କ ସହ ସିନେମା କରିଥିଲେ ମଧ୍ୟ ଫିଲ୍ମ ଫ୍ଲପ ହୋଇଥିଲା। ଏହା ପରେ ସେ ୨୦୧୧ରେ କମେଡି-ଡ୍ରାମାରେ ଅଭିନୟ କରିଥିଲେ। ଏଥିସହ ସେ 'ରେଡି', 'ହାଉସଫୁଲ-୨', 'ହେଟ ଷ୍ଟୋରି-୩', 'ଅକ୍ସର-୨', '୧୯୨୧', 'ହମ୍ ଭି ଅକେଲେ ତୁମ୍ ଭି ଅକେଲେ' ଆଦି ଫିଲ୍ମରେ ନଜରକୁ ଆସିଥିଲେ। ଅନେକ ଚଳଚ୍ଚିତ୍ରରେ କାମ କରିଥିଲେ ମଧ୍ୟ ତାଙ୍କୁ ସେପରି ସଫଳତା ମିଳିପାରିନି। ନିକଟରେ ତାଙ୍କ ଅସଫଳ ପାଇଁ ଅଭିନେତ୍ରୀ କ୍ୟାଟ୍ରିନାଙ୍କୁ ଦାୟୀ ମଧ୍ୟ କରିଥିଲେ ଜରିନ୍।

# ୩୯୩ ଫୁଟ ଉଚ୍ଚରେ ଦୋକାନ




**ବେଜିଂ:** ଜନବସତିରେ ଜିନିଷର ଆବଶ୍ୟକତା ହୋଇଥାଏ। ସେଥିପାଇଁ ଘର ଆଖପାଖରେ ଦୋକାନ ସବୁ ରହିଥାଏ। ହେଲେ ନିକଟରେ ଏପରି ଏକ ଦୋକାନ ଦେଖିବାକୁ ମିଳିଛି, ଯାହା ବହୁ ଉଚ୍ଚରେ ରହିଛି। ଲୋକେ ମଧ୍ୟ ସେଠାକୁ ଜିନିଷ ଆଣିବାକୁ ଯାଉଛନ୍ତି। ଏକ ରିପୋର୍ଟ ମୁତାବକ, ଏହି ଦୋକାନକୁ ସବୁଠୁ ଅସୁବିଧାଜନକ ଦୋକାନ କୁହାଯାଉଛି। ଦୋକାନର ଏପରି ଅବସ୍ଥିତି କାରଣରେ ନିକଟରେ ସୋସିଆଲ ମିଡିଆରେ ବେଶ ତାହା ଭାଇରାଲ ହେବାରେ ଲାଗିଛି। ଏହି ଦୋକାନ ଚୀନ୍‌ର ହୁନାନ୍ ପ୍ରାନ୍ତରେ ଅବସ୍ଥିତ। ପାହାଡର ଏକ ଭାଗରେ ଏହି କାଠରେ ପ୍ରସ୍ତୁତ ଦୋକାନ ରହିଛି। ଏହି ଦୋକାନରୁ ସିନିଉଜ୍‌ହାଇ ନ୍ୟାଶନାଲ ଜିଓଲୋଜିକାଲ ପାର୍କରେ ପର୍ବତାରୋହୀମାନେ ସ୍ନାକ୍ସ କିଣିଥାନ୍ତି। ଦୋକାନଟି ମାଟିରୁ ୩୯୩ ଫୁଟ ଉଚ୍ଚରେ ରହିଥିବାବେଳେ ସବୁ ସମୟରେ ତା ଭିତରେ ମାତ୍ର ଜଣେ ବ୍ୟକ୍ତି ହିଁ ଉପସ୍ଥିତ ରହିଥାଏ। ସୋସିଆଲ ମିଡିଆରେ ଏହା ଭାଇରାଲ ହେବା ପରେ ଅନେକ ଲୋକ ଏହାକୁ ପସନ୍ଦ କରିବା ସହ ଭିନ୍ନ ଭିନ୍ନ କମେଣ୍ଟ ମଧ୍ୟ କରିଛନ୍ତି। କିଛି ଲୋକ ଏହାକୁ ଆଶ୍ଚର୍ଯ୍ୟଜନକ କହିଥିବାବେଳେ ଅନେକ ଏହାକୁ ବିପଦଜନକ ବୋଲି କହିଛନ୍ତି।

# ମାଷ୍ଟର୍ସ ବିଶ୍ୱକପ୍ ପ୍ରତିଦ୍ୱନ୍ଦ୍ୱିତାରେ ୮୮ ବର୍ଷୀୟାଙ୍କ ଯାଦୁକରୀ




ଟୋକିଓ

ଗତବର୍ଷ ମାଷ୍ଟର୍ସ ଚାମ୍ପିୟନଶିପ୍‌ରେ ପ୍ରତିଦ୍ୱନ୍ଦ୍ୱିତା କରିବା ପରେ ଜାପାନର କାଟସୁମିସାଇକିବିଶ୍ୱର ସର୍ବପୁରାତନ ମହିଳା ପ୍ରତିଯୋଗୀ କ୍ରସ ସ୍କାଏର ହୋଇଥିଲେ। ବର୍ତ୍ତମାନ ୮୮ ବର୍ଷ ବୟସରେ ସେ ନିଜ ପ୍ରତିଭାକୁ ବିଶ୍ୱ ମଞ୍ଚକୁ ନେଇ ଅଷ୍ଟ୍ରେଲିଆରେ ୨୦୨୩ ମାଷ୍ଟର୍ସ ବିଶ୍ୱକପ୍‌ରେ ପ୍ରତିଦ୍ୱନ୍ଦ୍ୱିତା କରି ରେକର୍ଡ କରିଛନ୍ତି। ୮୫ରୁ ଅଧିକ ବର୍ଗରେ ପ୍ରବେଶ କରିଥିବା କାଟସୁମି ଏକମାତ୍ର ସ୍କାଏର୍ସ ଥିଲେ। ସେ ନିମ୍ନବର୍ଗର କିଛି ପ୍ରତିଯୋଗୀଙ୍କ ଅପେକ୍ଷା ତାଙ୍କର ଦୁଇଟି ଇଭେଣ୍ଟରେ କମ୍ ସମୟ ନେଇଥିଲେ। ୫ କି.ମି. କ୍ଲାସିକ୍ ଷ୍ଟାଇଲ ଇଭେଣ୍ଟକୁ ସେ ୨୬ ମିନିଟ୍ ୨୮ ସେକେଣ୍ଡରେ ଶେଷ କରିଥିଲେ। ଯାହା ୮୧-୮୫ ବୟସ ବର୍ଗର ଜଣେ ମହିଳାଙ୍କ ଅପେକ୍ଷା ୭୬-୮୦ ବୟସ ବର୍ଗର ୩ ମହିଳା ପ୍ରତିଯୋଗୀ ଏବଂ ୭୧-୭୫ ବୟସ ବର୍ଗଙ୍କଠାରୁ କମ୍ ସମୟ ଥିଲା। ୨୦୨୩ ମାଷ୍ଟର୍ସ ବିଶ୍ୱକପ୍‌ରେ ଭାଗ ନେବାକୁ ଅଧିକାଂଶ ପ୍ରତିଯୋଗୀ ଆମେରିକା ଏବଂ ବିଭିନ୍ନ ଆମେରିକୀୟ ଦେଶଗୁଡ଼ିକରୁ ଆସିଥିଲେ। ଏଥିରେ କେବଳ ୨ ଜଣ ମହିଳା ଜାପାନୀ ସ୍କାଏରଙ୍କ ମଧ୍ୟରୁ କାଟସୁମି ତାଙ୍କ ଦେଶକୁ ପ୍ରତିନିଧିତ୍ୱ କରୁଥିଲେ। କାଟସୁମି ୮୫ରୁ ଊର୍ଦ୍ଧ୍ୱ ବୟସ ବର୍ଗରେ ମାତ୍ର ଏକମାତ୍ର ସ୍କାଏର୍ସ ଥିଲେ। ବୃଦ୍ଧାବସ୍ଥାରେ ଏପରି ଖେଳରେ ଭାଗ ନେବା ତାଙ୍କ ସୁସ୍ଥତାର ଏକ ପ୍ରମାଣ।




72198 21111 | BAJAJ FINANCE LTD - AF | BAJAJ SECURE • AMC • ROAD SIDE ASSISTANCE

*ସର୍ତ୍ତ ଓ ନିୟମାବଳୀ ଲାଗିବ । *କ୍ୟାଶ୍‌ବ୍ୟାକ୍ ପଲ୍‌ସର୍ 150 Twin Disc ପ୍ରକାର ସକାଶେ ପ୍ରଯୁଜ୍ୟ । #ପଲ୍‌ସର୍ 125 Neon ପ୍ରକାର ପାଇଁ ପ୍ରାରମ୍ଭିକ ମୂଲ୍ୟ ଓ ଡାଉନ୍ ପେମେଣ୍ଟ । ପ୍ରୋସେସିଙ୍ଗ ଫୀସ୍ ଓ ଅନ୍ୟାନ୍ୟ ଚାର୍ଜେସ୍ ଡାଉନ୍ ପେମେଣ୍ଟ ବହିର୍ଭୁତ ଅଟେ ଏବଂ ତାହା କ୍ରେଡିଟ୍ ପାରାମିଟର୍‌ସ ପୂରଣ ହେବା ଆଧାରିତ । ଫାଇନାନ୍‌ସିଅର୍‌ଙ୍କ ନିଜସ୍ୱ ନିର୍ଣ୍ଣୟ ଉପରେ ଫାଇନାନ୍‌ସ ନିର୍ଭର କରେ । ବଜାଜ ଅଟୋ ବିନା ଅଗ୍ରୀମ୍ ସୂଚନାରେ ଯେକୌଣସି ବା ସବୁ ଅଫର୍‌ଙ୍କୁ ପ୍ରତ୍ୟାହାର କରିବାର ଅଧିକାର ରଖୁଛି । ପ୍ରଦର୍ଶିତ ଷ୍ଟଣ୍ଟସ, ଏକ୍ସପର୍ଟଙ୍କ ଦ୍ୱାରା ପ୍ରୋଫେଶନାଲ୍ ସୁପରଭିଜନ୍ ଅନ୍ତର୍ଗତ, ସାଧାରଣ ଜନତା ବା ସାଧାରଣ ସଡ଼କ ଠାରୁ ଅନ୍ୟତ୍ର ନିୟନ୍ତ୍ରିତ ଓ ଆବଦ୍ଧ ପରିବେଶରେ କରାଯାଇଛି । ଏସବୁ ଷ୍ଟଣ୍ଟ ନକଲ କରିବାର ଅପଚେଷ୍ଟା କରନ୍ତୁ ନାହିଁ । ସବୁବେଳେ ଟ୍ରାଫିକ୍ ଓ ସୁରକ୍ଷା ନିୟମ ପାଳନ କରନ୍ତୁ । ଏଏମ୍‌ସି ବିଶେଷ ମଡେଲ୍‌ସ ଆଉ ବିଶେଷ ପ୍ରଦେଶ ମାନଙ୍କରେ ଉପଲବ୍ଧ । ଅଧିକ ବିବରଣୀ ପାଇଁ ବଜାଜ ଡୀଲର୍‌ଙ୍କୁ ସମ୍ପର୍କ କରନ୍ତୁ । ରୋଡ୍ ସାଇଡ୍ ସହାୟତା ତୃତୀୟ ପକ୍ଷ ଦ୍ୱାରା ଯୋଗାଯାଏ, ଯାହା ତାଙ୍କ ସର୍ତ୍ତ ଓ ନିୟମାବଳୀ ଅନ୍ତର୍ଭୁକ୍ତ ଅଟେ ।

**Authorised Dealers for BAJAJ Auto Ltd.: Jeypore:** DURRANI TRADERS 9124212491 • **Bhawanipatna** KALINGA BAJAJ 8763863692 • **Bolangir** URBASI BAJAJ 7381052046 • **Rayagada** SITA RAMA BAJAJ – 7205631185. **Authorised Service Centre: Authorised Service Centre: Authorised Service Centre: Junagarh** 9437092196, **Muniguda 9124600099, Padampur 9668826075 Rajkhariar 9437072917, Khariar Road** 9437188542, **Titilagarh 9658050722, Bangamunda 6372790284 Patnagarh** 9937301752, **Umorkote** 9556165165, **Gaisilet** 9937517018, **Saintala**-8114662939 / 9658030100, **M Rampur 9337897005, Tusura 8908577144, Tarbha 7008133010, Lathor 8018785694, Kantamanjhi 7205911835, Narla 9337025341, Charbahal 7008814200, Kotpad** 9437791919, **Simliguda** 8328854352, **Nabrangpur** 9022149263, **Malkangiri** 7894323080, **Baliguda** 7008301945.




*E-BOOK* TODAY AT WWW.MARUTISUZUKI.COM OR VISIT YOUR NEAREST MARUTI SUZUKI ARENA DEALERSHIP*

**ORBIT MOTORS:** ROURKELA: 9437041155, 9040404444, SUNDARGARH: 9437049161, 9437131074, DEOGARH: 9437061223, 7064400290.

**LEGEND CARS:** JEYPORE: 7894406481, RAYGADA: 9692883042, BHAWANIPATNA: 7894442907.

**APARNAA MOTORS:** SAMBALPUR (PARDHIAPALI): 9237395001

**SKY AUTOMOBILES:** BERHAMPUR: 9778202019, BHANJANAGAR: 9778202019, PARALAKHEMUNDI: 9778202019, PHULBANI: 9778202019.

**ODYSSEY MOTORS:** SAMBALPUR (AINTHAPALI):7381433909, BOLANGIR: 9438068327, BARGARH: 9556352943, NUAPADA: 7381017851, SONEPUR: 9438068327, JHARSUGUDA: 9439892153, BOUDH: 8594908009, PADAMPUR: 7381661837.

*Terms and conditions apply. Creative Visualization. Black Glass on the vehicle is due to lighting effect. Features and accessories shown may not be part of standard fitment. Images used are for illustration purposes only **Ex – Showroom Price Delhi.

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚାହିଁକିରେ**
**ଶାକର ଖଣ୍ଡିକ ଚୁନା ହୋଇଗଲେ**
**ତାହାର ମଧୁର ଯାଏ କିରେ ?**

ଶାକର ଏକ ମିଠା ଜାତୀୟ ପଦାର୍ଥ ହୋଇଥିବାବେଳେ ଏହାର ଯେକୌଣସି ଅଂଶକୁ ଚାଖିଲେ ମଧ ତାହା ମିଠା ବା ମଧୁର ଲାଗିଥାଏ। ପରୋକ୍ଷରେ ଗୁଣି ଜ୍ଞାନୀ ବ୍ୟକ୍ତି ଯେତେ ଦାରିଦ୍ର୍ୟର ତାଡ଼ନାରେ ଚାପିହେଲେ ମଧ ତାଙ୍କ ଗୁଣ ଗରିମା କେବେହେଲେ ନଷ୍ଟ ହୁଏ ନାହିଁ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଚିଙ୍ଗୁଡ଼ି ମାଛର ଝୋଳ,**
**ମାଆଟି ପୁଅଟି ଖାଇ ଜାଣିଥିଲେ**
**ବୋହୂଟା ଆସିଲେ ଗୋଳ।**

ସାଧାରଣତଃ ପରିବାରର ସଦସ୍ୟଙ୍କ ସଂଖ୍ୟା ଯେତେ ବଢ଼େ ଖାଦ୍ୟର ଆବଶ୍ୟକତା ସେତେ ଅଧିକ ଦେଖାଦିଏ। ତେଣୁ ଖାଦ୍ୟର ଆବଶ୍ୟକତା ବା ପରିମାଣ ପରିବାରର ସଦସ୍ୟଙ୍କ ସଂଖ୍ୟା ଉପରେ ନିର୍ଭର କରେ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ବିପଜ୍ଜନକ ସ୍ଥିତିରେ ନାଟମଣ୍ଡପ, ଜଗମୋହନ

**ଆମିକସ୍ କ୍ୟୁରିଙ୍କ ରିପୋର୍ଟରେ ଶ୍ରୀମନ୍ଦିର ନିରାପତ୍ତା**

- **ମରାମତି, ପୁନରୁଦ୍ଧାରକୁ ଅଗ୍ରାଧିକାର ଦିଆଯାଉ**
- **୧/୨ ମାସ ମଧ୍ୟରେ ସତ୍ୟପାଠ ଦାଖଲ କରୁ ଏଏସ୍ଆଇ**

କଟକ,୧୬।୮ (କାର୍ତ୍ତିକ ସାହୁ)

ପୁରୀ ଶ୍ରୀମନ୍ଦିରରେ ନାଟମଣ୍ଡପ ଓ ଜଗମୋହନ ବିପଜ୍ଜନକ ସ୍ଥିତିରେ ରହିଛି। କୌଣସି ମୁହୂର୍ତ୍ତରେ ଅଘଟଣ ଘଟିପାରେ। ତେଣୁ ଶ୍ରୀମନ୍ଦିର ନିରାପତ୍ତା ଦୃଷ୍ଟିରୁ ନାଟମଣ୍ଡପ ଭିତରେ ଫାଟିଥିବା ବିମ୍ ଏବଂ ଜଗମୋହନର ମରାମତି ଓ ପୁନରୁଦ୍ଧାର କାର୍ଯ୍ୟ ଅଗ୍ରାଧିକାର ଭିତ୍ତିରେ କରାଯିବା ନିମନ୍ତେ ହାଇକୋର୍ଟଙ୍କୁ ଅବଗତ କରାଇଛନ୍ତି ଆମିକସ୍ କ୍ୟୁରି ଇଞ୍ଜିନିୟର ଏନ୍. କେ. ମହାନ୍ତି। ଏଥିସହ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା (ଏଏସ୍ଆଇ) ମାସେ କିମ୍ବା ୨ ମାସ ମଧ୍ୟରେ ହାଇକୋର୍ଟଙ୍କୁ ନିୟମିତ ଭାବେ ମରାମତି କାର୍ଯ୍ୟ ସମ୍ପର୍କରେ ସତ୍ୟପାଠ ମାଧ୍ୟମରେ ଅବଗତ କରୁ ବୋଲି ରିପୋର୍ଟରେ ଦର୍ଶାଯାଇଛି।

ସୂଚନା ଅନୁସାରେ, ଆମିକସ୍ କ୍ୟୁରି ଶ୍ରୀମନ୍ଦିର ପରିଦର୍ଶନ କରି ମରାମତି ଓ ରକ୍ଷଣାବେକ୍ଷଣ କାର୍ଯ୍ୟର ଆବଶ୍ୟକତା ସମ୍ପର୍କରେ ଏଏସ୍ଆଇ ଅଧିକାରୀ ଓ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ସହ ଆଲୋଚନା କରିଥିବା ରିପୋର୍ଟରେ ଦର୍ଶାଇଛନ୍ତି। ପ୍ରଥମେ ଶ୍ରୀମନ୍ଦିର ନାଟମଣ୍ଡପ ଭିତରେ ଫାଟିଥିବା ବିମ୍‌ର ମରାମତି ଓ ପୁନରୁଦ୍ଧାର କାର୍ଯ୍ୟ ଜରୁରୀ ହୋଇଛି। ଏ ବାବଦରେ ଗତ ଜୁନ୍ ୨୨ ତାରିଖରେ ଆମିକସ୍ କ୍ୟୁରି ନୂଆଦିଲ୍ଲୀଠାରେ ଏଏସ୍ଆଇ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ୨୦୧୮ରୁ ହୋଇ ନ ଥିବା ନାଟମଣ୍ଡପର ମରାମତି କାର୍ଯ୍ୟକୁ ଗୁରୁତର ସହ ନେବା ପାଇଁ ସେ ଦର୍ଶାଇଥିଲେ। ସେହିପରି ନାଟମଣ୍ଡପ ଭିତରେ ଫାଟିଥିବା ବିମ୍ ମରାମତି ପ୍ରସଙ୍ଗକୁ ନେଇ ଆମିକସ୍ କ୍ୟୁରି ଶ୍ରୀମନ୍ଦିରର ମୁଖ୍ୟ ପ୍ରଶାସକଙ୍କୁ ଗତ ୧୧ ତାରିଖରେ ଅଗ୍ରାଧିକାର ଭିତ୍ତିରେ ଏହାର ମରାମତି କରିବାକୁ ଅନୁରୋଧ କରିଥିଲେ। ମୁଖ୍ୟ ପ୍ରଶାସକ ଆସନ୍ତା ୨୧ ତାରିଖରେ ଏଏସ୍ଆଇ ଅଧିକାରୀଙ୍କ ସହ ଏକ ବୈଠକ କରି ଏ ବାବଦରେ ଆଲୋଚନା କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଗତ ଜୁନ୍ ୨୨ ତାରିଖରେ ପୂର୍ତ୍ତ ଓ ଗୃହ ବିଭାଗ ଇଞ୍ଜିନିୟର ଇନ୍ ଚିଫ୍ ଡ. ଏନ୍. ସି. ପାଲଙ୍କ ସମେତ ଅନ୍ୟ ବିଶେଷଜ୍ଞମାନଙ୍କ ସହ ମଧ ଏହି ଫଟା ବିମ୍ ବାବଦରେ ଆମିକସ୍ କ୍ୟୁରି ଆଲୋଚନା କରିଛନ୍ତି। ଏହି ବିମ୍ ମରାମତି କାର୍ଯ୍ୟ ବହୁ ଗୁରୁତ୍ୱପୂର୍ଣ୍ଣ ହୋଇଥିବା ବିଶେଷଜ୍ଞମାନେ ହୃଦ୍‌ବୋଧ କରିଛନ୍ତି। ନାଟମଣ୍ଡପର ଏହି ବିମ୍ କୌଣସି ମୁହୂର୍ତ୍ତରେ ଭାଙ୍ଗି ଖସିପଡ଼ିବାର ଆଶଙ୍କା ରହିଛି। ଏହି ବିମ୍ ଉଭୟ ପାର୍ଶ୍ୱରେ ଏକ କାଣ୍ଟିଲିଭର ଭଳି ଧରିରଖିଛି। ତେଣୁ ଏହାର ମରାମତି ସମ୍ପର୍କିତ କାର୍ଯ୍ୟକୁ ଏଏସ୍ଆଇ ଅଧିକାରୀମାନେ ପ୍ରାଥମିକତା ଦେବା ସହ ନିୟମିତ ଭାବେ ଏନେଇ ହାଇକୋର୍ଟରେ ସତ୍ୟପାଠ ଦାଖଲ କରିବାକୁ ଆମିକସ୍ କ୍ୟୁରୀ ରିପୋର୍ଟରେ ଉଲ୍ଲେଖ କରିଛନ୍ତି। ଏଥିସହ ଛାତ ଉପର ଡ୍ରେନେଜ୍ ବ୍ୟବସ୍ଥା ଓ ପାଣି ଗଳିବାକୁ ରୋକିବା ପାଇଁ ଆବଶ୍ୟକ କାର୍ଯ୍ୟ ଶେଷ ହୋଇଛି ଏବଂ ବାକି କାର୍ଯ୍ୟ ୨୦୨୪ ମାର୍ଚ୍ଚ ୩୧ ସୁଦ୍ଧା ଏଏସ୍ଆଇ ଦ୍ୱାରା ଶେଷ କରାଯିବ।

ଦ୍ୱିତୀୟରେ ଜଗମୋହନର ବାହାର ପିଢ଼ାସ୍ତର ବହୁତ ଚାପରେ ଅଛି। ଏହାର ପ୍ରଥମ ଓ ଦ୍ୱିତୀୟ ପିଢ଼ାସ୍ତର ଦୁର୍ବଳ ଥିବା ନେଇ ୨୦୨୨ ସେପ୍ଟେମ୍ବର ୧୭ରେ ପରିଦର୍ଶନ ପରେ ଆମିକସ୍ କ୍ୟୁରି ଚିହ୍ନଟ କରିଥିଲେ। ଏଥିରେ ଫାଟ ସୃଷ୍ଟି ହେବା ସହ ପଥର ଯୋଡ଼ାରେ ଥିବା ଚୂନ ପ୍ଲାଷ୍ଟର ଦୁର୍ବଳ ହୋଇଛି। ସେଥିରେ ଲଗାଯାଇଥିବା ଲୁହା କ୍ଲାମ୍ପ ନଷ୍ଟ ହେଲାଣି। ଜଗମୋହନ ପୂର୍ବ ଏବଂ ଦକ୍ଷିଣ-ପୂର୍ବ କୋଣରେ ଥିବା ଏହି ନଷ୍ଟ ଅଂଶ ନାଟମଣ୍ଡପ ଛାତରୁ ଦୃଶ୍ୟମାନ ହେଉଛି। ସୂଚନାଯୋଗ୍ୟ, ଏଏସ୍ଆଇ କୋର୍ କମିଟି ୨୦୧୭ରେ ଜଗମୋହନର ବାହାର ପ୍ଲାଷ୍ଟର ଛଡ଼ାଇବା ସହ ବାହାର ପାର୍ଶ୍ୱ ଗଡ଼ାଣିଆ ଛାତର ସଂରକ୍ଷଣ କାର୍ଯ୍ୟ କରିବାକୁ ପୁରୀରେ କାର୍ଯ୍ୟରତ ଏଏସ୍ଆଇ ଟିମ୍‌କୁ ପରାମର୍ଶ ଦେଇଥିଲେ। ସେହିପରି ଦୁର୍ବଳ ଚୂନ ପ୍ଲାଷ୍ଟର ଭିତରେ ଥିବା ପଥରଗୁଡ଼ିକର ସ୍ଥିତି ପରଖିବା ପାଇଁ ମଧ ଏଏସ୍ଆଇ ଟିମ୍ ପରାମର୍ଶ ଦେଇଥିଲେ। ଏ ବାବଦରେ ବହୁ କୋର୍ କମିଟି ବୈଠକରେ ଆଲୋଚନା ହୋଇଛି। ମାତ୍ର ଏଏସ୍ଆଇ କାର୍ଯ୍ୟ ଆରମ୍ଭ କରି ଯେତିକି ଗୁରୁତର ସହ କରିବା କଥା ତାହା କରୁ ନାହିଁ। ହାଇକୋର୍ଟରେ ଆବେଦନକାରୀ ଦିଲ୍ଲୀପ ମହାପାତ୍ରଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ଆଇନଜୀବୀ ଆଲୋକ ମହାପାତ୍ରଙ୍କ କହିବାନୁସାରେ, ଏଏସ୍ଆଇ ହାଇକୋର୍ଟଙ୍କୁ ଭୁଲ୍ ତଥ୍ୟ ପ୍ରଦାନ କରିଆସୁଛନ୍ତି। ପୂର୍ବରୁ ନାଟମଣ୍ଡପ ଓ ଜଗମୋହନ କାର୍ଯ୍ୟ ଶେଷ ହୋଇଥିବା ନେଇ ହାଇକୋର୍ଟରେ ସତ୍ୟପାଠ ଦାଖଲ କରାଯାଇଥିବାବେଳେ ଏବେ ଆମିକସ୍ କ୍ୟୁରିଙ୍କ ରିପୋର୍ଟ ପରେ ଏଏସ୍ଆଇ କାର୍ଯ୍ୟ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏନେଇ ଆମେ ମିସ୍ କେସ୍ ଫାଇଲ୍ କରିବୁ ବୋଲି ସେ କହିଛନ୍ତି।

# ଭୁବନେଶ୍ୱରରୁ ଓଡ଼ିଶା ପ୍ରୋପାଗଣ୍ଡା ମୁଖ୍ୟ ଗିରଫ

**ଏସ୍‌ଟିଏ କ୍ରିପ୍ଟୋ ଟୋକନ୍‌ରେ ହଜାରେ କୋଟିରୁ ଊର୍ଦ୍ଧ୍ୱ ଠକେଇ ମାମଲା**


ରତ୍ନାକର ପଲାଇ

ଭୁବନେଶ୍ୱର,୧୬।୮ (ସତ୍ୟଜିତ୍ ରାଉତ)

ଏସ୍‌ଟିଏ କ୍ରିପ୍ଟୋ ଟୋକନ୍' ନାଁରେ ଲୋକଙ୍କୁ ଭୁଆଁ ବୁଲାଇ ହଜାରେ କୋଟିରୁ ଊର୍ଦ୍ଧ୍ୱ ଠକେଇ ମାମଲାରେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଭୁବନେଶ୍ୱରରୁ ଆଉଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ରତ୍ନାକର ପଲାଇ (୪୫)। ରତ୍ନାକର ଓଡ଼ିଶା ଏସ୍‌ଟିଏର ପ୍ରୋପାଗଣ୍ଡା ମୁଖ୍ୟ ତଥା ସୋସିଆଲ୍ ମିଡିଆ ଏନ୍‌ଫ୍ଲୁଏନ୍‌ସର୍ ଅଛନ୍ତି। ରତ୍ନାକରଙ୍କୁ ବୁଧବାର କଟକ ଓପିଆଇଡି କୋର୍ଟକୁ ଚାଲାଣ କରାଯିବା ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହାପୂର୍ବରୁ ଏସ୍‌ଟିଏ ଭାରତ ମୁଖ୍ୟ ଗୁର୍‌ତେଜ୍ ସିଂ ସିଦ୍ଧୁ ଏବଂ ଓଡ଼ିଶା ମୁଖ୍ୟ ଭଦ୍ରକର ନୀରୋଦ ଦାସଙ୍କୁ ଇଓଡବ୍ଲ୍ୟୁ ଗିରଫ କରିଥିଲା। ଏବେ ଗିରଫ ସଂଖ୍ୟା ୩ରେ ପହଞ୍ଚିଥିବାବେଳେ ଅନ୍ୟ ଅଭିଯୁକ୍ତଙ୍କୁ ଧରିବାକୁ ଇଓଡବ୍ଲ୍ୟୁ ପ୍ରୟାସ ଜାରି ରଖିଛି। ରତ୍ନାକର କର୍ଣ୍ଣାଟକ ବିଶ୍ୱବିଦ୍ୟାଳୟରେ ଆଇଟିରେ ଏମ୍‌ଟେକ୍ କରିଛନ୍ତି। ସେ ନିଜକୁ ଇଣ୍ଟରନ୍ୟାଶନାଲ ସ୍ପିକର୍ ଓ ଇନ୍‌ଭେଷ୍ଟମେଣ୍ଟ ଗୁରୁ ଆଦି ବୋଲି କହୁଥିଲେ। ଗୁରୁତେଜ ଓ ନୀରୋଦଙ୍କ ଯୋଗାଯୋଗରେ ରହି ରତ୍ନାକର ଏସ୍‌ଟିଏର ଏକ ୟୁଟ୍ୟୁବ୍ ଚ୍ୟାନେଲ ଚଲାଉଥିଲେ। ଏପରିକି ବିଭିନ୍ନ ବ୍ୟାନ୍‌ର କରି ସେ ଏସ୍‌ଟିଏର ପ୍ରଚାର ପ୍ରସାର କରୁଥିଲେ। ରତ୍ନାକର ଅପ୍-ଲାଇନ୍ ମେମ୍ବର ହୋଇଥିବାବେଳେ ତାଙ୍କ ଅଧୀନରେ ବହୁ ଡାଉନ୍-ଲାଇନ୍ ମେମ୍ବର ରହିଛନ୍ତି। ରତ୍ନାକର ନୟାପଲ୍ଲୀରେ 'ଲର୍ନ ଟୁ ଅର୍ନ' ନାମରେ ଏକ ଇନ୍‌ଷ୍ଟିଚ୍ୟୁଟ୍ ମଧ ଖୋଲିଛନ୍ତି। ଏପରିକି ଗୋଆରେ ବଡ଼ କାର୍ଯ୍ୟକ୍ରମବେଳେ ରତ୍ନାକର ମଧ ସେଠାକୁ ଯାଇଥିଲେ। ତେବେ ରତ୍ନାକର ବହୁ ଲୋକଙ୍କୁ ଏସ୍‌ଟିଏରେ ଯୋଡ଼ିଥିବାରୁ ତାଙ୍କଠାରୁ ବହୁ ତଥ୍ୟ ପାଇବାକୁ ଇଓଡବ୍ଲ୍ୟୁ ଆଶା ରଖିଛି। ଏପରିକି ତାଙ୍କୁ ରିମାଣ୍ଡରେ ମଧ ଆଣି ଜେରା କରିବାକୁ ଯୋଜନା ଚାଲିଛି। ଅନ୍ୟପକ୍ଷରେ ଗୁର୍‌ତେଜ୍ ଓ ନୀରୋଦଙ୍କୁ ଦ୍ୱିତୀୟ ପର୍ଯ୍ୟାୟରେ ୫ଦିନିଆ ରିମାଣ୍ଡବେଳେ ଇଓଡବ୍ଲ୍ୟୁ ସେମାନଙ୍କଠୁ ବହୁ ତଥ୍ୟ ପାଇଛି। ବୁଧବାର ରିମାଣ୍ଡ ସରୁଥିବାରୁ ସେମାନଙ୍କୁ ଇଓଡବ୍ଲ୍ୟୁ ଆଉ ଥରେ ରିମାଣ୍ଡରେ ଆଣିବାକୁ ଯୋଜନା ରଖିଥିବା ସୂଚନା ମିଳିଛି। ସେପଟେ ୟୁରୋପୀୟ ନାଗରିକ ଡେଭିଡ୍ ଗେଜ୍ ଏହି ଠକେଇ ର୍ୟାକେଟର ମାଷ୍ଟରମାଇଣ୍ଡ ରହିଥିବାରୁ ତାଙ୍କୁ ମଧ ଠାବ କରିବାକୁ ଇଓଡବ୍ଲ୍ୟୁ ଉଦ୍ୟମ କରୁଛି।

# ଅଧିକାର ପାଇଁ ରାଜରାସ୍ତାରେ ଶିକ୍ଷୟିତ୍ରୀ ଶିକ୍ଷକ

**ରାଜଧାନୀରେ ବିକ୍ଷୋଭ ସମାବେଶ**

- **ସମାନ କାମକୁ ସମାନ ଦରମା ସହ ୧୦ ଦଫା ଦାବି**
- **ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଅହୋରାତ୍ର ଧାରଣା**

ଭୁବନେଶ୍ୱର,୧୬।୮ (ଅନୁରାଧା ମହାରଣା)

ଦାବି ଦିବସରେ ନିଜ ଅଧିକାର ପାଇବାକୁ ୫୦ହଜାରରୁ ଊର୍ଦ୍ଧ୍ୱ ଶିକ୍ଷୟିତ୍ରୀ ଶିକ୍ଷକ ଓ ଶିକ୍ଷା କର୍ମଚାରୀ ରାଜରାସ୍ତାକୁ ଓହ୍ଲାଇଛନ୍ତି। ସମାନ କାମକୁ ସମାନ ଦରମା ସହ ୧୦ଦଫା ଦାବି ନେଇ ପୁଣି ଆନ୍ଦୋଳନ ଆରମ୍ଭ କରିଛନ୍ତି। ବୁଧବାର ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ପକ୍ଷରୁ ଭୁବନେଶ୍ୱରଠାରେ ବିକ୍ଷୋଭ ସମାବେଶ କରାଯାଇଥିବାବେଳେ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଅହୋରାତ୍ର ଧାରଣାରେ ବସିବେ ବୋଲି ଆନ୍ଦୋଳନରତ ଶିକ୍ଷୟିତ୍ରୀଶିକ୍ଷକ ଓ ଶିକ୍ଷାକର୍ମଚାରୀମାନେ ଚେତାବନୀ ଦେଇଛନ୍ତି। ପ୍ରଥମେ ସେମାନେ ରାଜଧାନୀରେ ଏକାଠି ହେବା ପରେ ମାଷ୍ଟରକ୍ୟାଣ୍ଟିନ ଛକରୁ ପ୍ରତିବାଦ ଯାତ୍ରାରେ ବିଧାନସଭା ଅଭିମୁଖେ ବାହାରିଥିଲେ। ସରକାରୀ ଅବହେଳାରୁ ନିଜ ଅଧିକାରରୁ ବଞ୍ଚିତ ହୋଇଥିବା ନେଇ ଶିକ୍ଷୟିତ୍ରୀଶିକ୍ଷକ ଓ ଶିକ୍ଷା କର୍ମଚାରୀମାନେ ନାରାବାଜି କରିଥିଲେ। ରାଜ୍ୟର ବିଭିନ୍ନ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକରେ କାର୍ଯ୍ୟରତ ଓ ଅବସରପ୍ରାପ୍ତ ଶିକ୍ଷକ କର୍ମଚାରୀଙ୍କ ସାମାଜିକ ସୁରକ୍ଷା ପାଇଁ ପୂର୍ବରୁ ମୁଖ୍ୟମନ୍ତ୍ରୀ, ଅର୍ଥମନ୍ତ୍ରୀ, ଶିକ୍ଷାମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ପ୍ରମୁଖ ଅର୍ଥ ସଚିବ, ବିଦ୍ୟାଳୟ ଓ ଗଣଶିକ୍ଷା ସଚିବଙ୍କ ଉଦ୍ଦେଶ୍ୟରେ ଜିଲା ଶିକ୍ଷାଧିକାରୀଙ୍କ ଜରିଆରେ ଦାବି ପତ୍ର ପ୍ରଦାନ କରାଯାଇଥିଲା। ମାତ୍ର ଦାବି ପୂରଣ ନ ହେବାରୁ ସଂଘ ଆନ୍ଦୋଳନକୁ ଓହ୍ଲାଇବାକୁ ବାଧ ହୋଇଥିବା କୁହାଯାଇଛି। ଗୋଟିଏ ବିଦ୍ୟାଳୟ ଭିତରେ ସମାନ ଯୋଗ୍ୟତା ଥାଇ ସମାନ କାର୍ଯ୍ୟ କରୁଥିବା ଶିକ୍ଷକଙ୍କ ଭିତରେ ଦରମା, ଚାକିରି ସର୍ତ୍ତାବଳୀ ଆଦିରେ ତାରତମ୍ୟ ନ ରଖିବା ପାଇଁ ରାଜ୍ୟ ସରକାରଙ୍କ ନିକଟରେ ଦାବି କରାଯାଇଛି। ପ୍ରାଥମିକଠାରୁ ମାଧ୍ୟମିକ ପର୍ଯ୍ୟନ୍ତ ବିଦ୍ୟାଳୟଗୁଡ଼ିକରେ ଶୂନ୍ୟ ପଡ଼ିଥିବା ଶିକ୍ଷକ ଓ ପ୍ରଧାନଶିକ୍ଷକ ପଦବୀକୁ ତୁରନ୍ତ ପୂରଣ କରାଯାଉ ଓ ଶିକ୍ଷକମାନଙ୍କୁ ଅଣଶୈକ୍ଷିକ କାର୍ଯ୍ୟରେ ନିୟୋଜିତ ନ କରି ସମ୍ପୂର୍ଣ୍ଣ ଶିକ୍ଷଣ କାର୍ଯ୍ୟରେ ନିୟୋଜିତ କରିବା ପାଇଁ ଅନ୍ୟତମ ଦାବି ରଖାଯାଇଛି। ସେହିଭଳି ଚାକିରିରୁ ଅବସର ନେଇଯାଉଥିବା ଶିକ୍ଷକଙ୍କ ପେନ୍‌ସନ୍, ଭବିଷ୍ୟନିଧି ପାଣ୍ଠି ମିଳିବାରେ ଅନିୟମିତତା ଦେଖାଯାଉଥିବାରୁ ସେମାନେ ଅମଲାତାନ୍ତ୍ରିକ ଚକ୍ରାନ୍ତର ଶିକାର ହୋଇ ବାରମ୍ବାର ଶିକ୍ଷାବିଭାଗର ବିଭିନ୍ନ ଦପ୍ତରକୁ ଦୌଡ଼ିବାକୁ ବାଧ ହେଉଥିବା ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି। ବେତନ ପ୍ରଦାନ, ଅବସର ନେଉଥିବା ଶିକ୍ଷକ ଓ ଶିକ୍ଷାକର୍ମଚାରୀଙ୍କୁ ପେନ୍‌ସନ୍ ଏବଂ ଅବସରକାଳୀନ ସୁବିଧା ପ୍ରଦାନ, ବିଦ୍ୟାଳୟରେ ଖାଲିପଡ଼ିଥିବା ପଦବୀରେ ଶିକ୍ଷକ ଓ ଶିକ୍ଷାକର୍ମଚାରୀଙ୍କ ନିଯୁକ୍ତି, ୬୭୪୮ ବିଦ୍ୟାଳୟକୁ ସରକାରୀକରଣ, ୧୧୦ ବାଳିକା ବିଦ୍ୟାଳୟ ପ୍ରତି କରାଯାଇଥିବା ଅବିଚାରକୁ ଦୂର କରିବା, ୨୦୦୪ରୁ ୨୦୧୩ ମସିହା ପର୍ଯ୍ୟନ୍ତ ନିଯୁକ୍ତି ପାଇଥିବା ଚୁକ୍ତିଭିତ୍ତିକ ଶିକ୍ଷକଙ୍କୁ ୬ଟି ନୋସନାଲ ଇନ୍‌କ୍ରିମେଣ୍ଟ ସହ ବରିଷ୍ଠତା ପ୍ରଦାନ, ୨୮୦୦ଗ୍ରେଡ୍ ପେ'ରେ ଥିବା ଅସଙ୍ଗତି ଦୂରୀକରଣ, ୪୮ ବର୍ଷରେ ପଦାର୍ପଣ କରିଥିବା ହିନ୍ଦୀ, ସଂସ୍କୃତ ଓ କ୍ରୀଡ଼ା ଶିକ୍ଷକଙ୍କୁ ଟି.ଜି ସ୍କେଲ୍‌ର ମାନ୍ୟତା ପ୍ରଦାନ, ନୂତନ ପେନ୍‌ସନ୍ ପରିବର୍ତ୍ତେ ପୁରାତନ ପେନ୍‌ସନ୍‌ର ପୁନଃପ୍ରଚଳନ, ବିଦ୍ୟାଳୟରେ କାର୍ଯ୍ୟରତ କିରାଣିଙ୍କୁ ଯୋଗ୍ୟତାଭିତ୍ତିରେ ପଦୋନ୍ନତି ଓ ଅବସର ବୟସ ସୀମା ୬୦ ରୁ ୬୨ ବର୍ଷକୁ ବୃଦ୍ଧି କରିବା ଆଦି ଦାବି ରହିଛି।

## ପ୍ରଥମ ପୃଷ୍ଠାରୁ...

### ସିଜେଆଇ ଆଣିଲେ ...

ସମ୍ପର୍କରେ ବିବରଣୀ ଦିଆଯାଇଛି। ସେଡ୍ୟୁକ୍ଟ୍ରେସ, ହୋର୍, ସ୍ଲଟ୍, ହାରଲୋଟ୍, ଫାଲେନ୍ ଓମେନ, ଇଜି ଭର୍ଚ୍ୟୁ, ଚେଷ୍ଟ ଓମେନ, ହ୍ୟୁମାନ୍ ଅଫ୍ ଲୁଜ୍ ମୋରାଲ୍ସ ପରିବର୍ତ୍ତେ ଓମେନ୍ ବ୍ୟବହାର କରିବାକୁ ଏଥିରେ ପରାମର୍ଶ ଦିଆଯାଇଛି। ହୁକର ଓ ପ୍ରୋଷ୍ଟିଚ୍ୟୁଟ୍ ବଦଳରେ ସେକ୍ସ ୱାର୍କର ବ୍ୟବହାର ପାଇଁ କୁହାଯାଇଛି। ସେହିପରି ଡ୍ୟୁଟିଫୁଲ୍ ୱାଇଫ୍, ଫେଥ୍‌ଫୁଲ୍ ୱାଇଫ୍, ଗୁଡ୍ ୱାଇଫ୍, ଓବିଡେଣ୍ଟ ୱାଇଫ୍ ପରିବର୍ତ୍ତେ କେବଳ ୱାଇଫ୍ ଉଚ୍ଚାରଣ କରାଯିବ।

### ସାପଚୋରି ର୍ୟାକେଟ୍ ...

ଦୁର୍ଗାମାଧବ ମହାପାତ୍ର ସକାଳ ୬ଟାରେ ବାଲେଶ୍ୱରରେ ପହଞ୍ଚିଥିଲେ। ବାଲେଶ୍ୱର ଡିଏଫ୍‌ଓଙ୍କ ନିର୍ଦ୍ଦେଶ କ୍ରମେ ଏସିଏଫ ଦିଗନ୍ତ ଏବଂ ଜଳେଶ୍ୱର ରେଞ୍ଜ ଅଧିକାରୀ ଜୟଶ୍ରୀ ମୁର୍ମୁ ସର୍ଚ୍ଚ ୱାରେଣ୍ଟ ଧରି ପ୍ରସ୍ତୁତ ହୋଇ ରହିଥିଲେ। କମଳଲୋଚନ ପଣ୍ଡା ଓ ମମତା ମାହାନା ଥିବା ଘର ଭିତରେ ସକାଳ ୮ଟା ବେଳେ ବାଲେଶ୍ୱର ଏସିଏଫ୍ ଦିଗନ୍ତଙ୍କ ଟିମ୍ ଚଢ଼ାଉ କରି ୨୭ଟି ପେଡ଼ିରେ ଥିବା ନାଗ ସାପଙ୍କୁ ଜବତ କରିଥିଲେ। ପରେ କମଳଙ୍କଠାରୁ ସୂଚନା ପାଇ ଗୌରାଙ୍ଗ ଗିରି ଘରେ ଚଢ଼ାଉ କରି ଆଉ ଦୁଇଟି ସାପ ଜବତ କରାଯାଇଥିଲା। ତେବେ ଗୌରାଙ୍ଗ ଗିରିଙ୍କୁ ସ୍ଥାନୀୟ ହାଟ ଭିତରୁ ଗିରଫ କଲାବେଳେ ଚାପା ଉତ୍ତେଜନା ମଧ ଦେଖା ଯାଇଥିଲା। ବାଲେଶ୍ୱର ଟାଉନରେ ଥିବା ଚାନ୍ଦିପୁର ରେଞ୍ଜ କାର୍ଯ୍ୟାଳୟକୁ ୩ଅଭିଯୁକ୍ତଙ୍କ ସହିତ ୨୯ ସାପକୁ ଅଣାଯାଇଥିଲା। ସେଠାରେ ସବୁ ସାପଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ମପାମପି କାମ କରିବାରେ ସ୍ନେକ୍ ହେଲ୍ପ ଲାଇନ ଟିମ୍ ବନ ବିଭାଗକୁ ସହାୟତା କରିଥିଲା। ଯାଞ୍ଚ ସମୟରେ ଅଧିକାଂଶ ସାପଙ୍କ ବିଷ ଦାନ୍ତ ଭଙ୍ଗା ଯାଇଥିବା ଦେଖିବାକୁ ମିଳିଥିବାବେଳେ ଏପରି କି କେତେକଙ୍କ ବିଷଗ୍ରନ୍ଥିକୁ ବାହାର କରାଯାଇଥିଲା। ତେବେ ପ୍ରାଣୀ ଚିକିତ୍ସକଙ୍କ ଦ୍ୱାରା ପରୀକ୍ଷା କରିବା ପରେ କେଉଁ ସାପଙ୍କୁ ଜଙ୍ଗଲରେ ପ୍ରାକୃତିକ ଆବାସରେ ଛଡ଼ାଯିବ କିମ୍ବା ଚିଡ଼ିଆଖାନାକୁ ଥଇଥାନ ପାଇଁ ପଠାଯିବ ତାହା ପରବର୍ତ୍ତୀ ପର୍ଯ୍ୟାୟରେ ସ୍ଥିର କରାଯିବ।

ଏନେଇ ବାଲେଶ୍ୱର ଡିଏଫ୍‌ଓ ଖୁସଓ୍ୱନ୍ତ ସିଂ କହିଛନ୍ତି, ତଦନ୍ତ ଜାରି ରହିଛି ଏବଂ ଆମେ ସବୁ ଦିଗକୁ ଆଖିରେ ରଖି ରାଜ୍ୟ ବାହାର ଲିଙ୍କ୍ ଅଛି ବା ନାହିଁ ସେ ବିଷୟରେ ତର୍ଜମା କରାଯାଉଛି। ଶୁଭେନ୍ଦୁ କହିଛନ୍ତି, ଏତେ ସଂଖ୍ୟକ ବିଷଧର ସାପ ସେ ଦୁଇଜଣ ଲୋକଙ୍କ କାମ ନୁହେଁ। ସ୍ଥାନୀୟ କିମ୍ବା ପଡ଼ୋଶୀ ଜିଲାର ସାପ ଧରାଳିଙ୍କ ସମ୍ପୃକ୍ତି ଅଛି କି ନାହିଁ ତାହା ଅଭିଯୁକ୍ତଙ୍କ ମୋବାଇଲ କଲ୍ ରେକର୍ଡ ଯାଞ୍ଚ କଲେ ଜଣାପଡ଼ିବ। ସାପଗୁଡ଼ିକୁ ଗାଁ ଯାତ୍ରାରେ ମନୋରଞ୍ଜନ ପାଇଁ ବ୍ୟବହାର କରାଯାଉଥିବା ଅଭିଯୁକ୍ତମାନେ କହୁଥିବାବେଳେ ଏତେ ସଂଖ୍ୟକ ବିଷଧର ସାପଙ୍କୁ କିପରି ଯାତ୍ରାରେ ପ୍ରଦର୍ଶନ କରିବାକୁ ଲୋକମାନେ ସୁଯୋଗ ଦେଉଥିଲେ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନ୍ୟପଟେ କମଳଲୋଚନଙ୍କ ପାଖରୁ ଏକ ଖପୁରି ଓ ହାଡ଼ ମଧ ଜବତ ହୋଇଛି। ସେହି ଖପୁରି ହନୁ ମାଙ୍କଡ଼ର ବୋଲି କମଳ ଜେରା ସମୟରେ କହିଥିବା ଜଣାପଡ଼ିଛି। ତେବେ ତାହା ମାଙ୍କଡ଼ର ବୋଲି ନିଶ୍ଚିତ ହେବା ପାଇଁ ତାକୁ ଓୟୁଏଟି ଭେଟେରିନାରୀ କଲେଜରେ ଥିବା ସେଣ୍ଟର ଫର୍ ୱାଇଲ୍ଡଲାଇଫ ହେଲ୍‌ଥକୁ ପଠାଯିବ ବୋଲି ଏସିଏଫ୍ ଦିଗନ୍ତ କହିଛନ୍ତି।

### ବୃତ୍ତିଗତ ବ୍ୟବସାୟୀଙ୍କୁ ...

ଉଦ୍‌ବୋଧନ ଦେଇ ଏହି ଘୋଷଣା କରିଥିଲେ। ଉକ୍ତ ଯୋଜନା ଅଧୀନରେ କାରିଗରମାନଙ୍କୁ ପ୍ରଥମ ପର୍ଯ୍ୟାୟରେ ୧ ଲକ୍ଷ ଓ ଦ୍ୱିତୀୟ ପର୍ଯ୍ୟାୟରେ ୨ ଲକ୍ଷ ଟଙ୍କା ରିହାତିରେ ରଣ ଦିଆଯିବ ବୋଲି କ୍ୟାବିନେଟ ବୈଠକ ପରେ ଯୋଗାଯୋଗ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସୂଚନା ଦେଇଛନ୍ତି। ରଣ ଅର୍ଥ ଉପରେ ସର୍ବାଧିକ ୫% ସୁଧ ଲାଗିବ। ଆସନ୍ତା ସେପ୍ଟେମ୍ବର ୧୭ରେ ବିଶ୍ୱକର୍ମା ଜୟନ୍ତୀ ପାଳନ ବେଳେ ଏହି ଯୋଜନାର ଶୁଭାରମ୍ଭ କରାଯିବ। ଏହା ୧୮ଟି ପାରମ୍ପରିକ ବାଣିଜ୍ୟ ଆରମ୍ଭ କରିବାରେ ସହାୟକ ହେବ। ୫ ବର୍ଷ ମଧ୍ୟରେ ୧୩,୦୦୦ କୋଟି ଟଙ୍କା ବ୍ୟୟ କରାଯିବ। ପ୍ରାୟ ୩୦ ଲକ୍ଷ ବିଶେଷକରି ଅନ୍ୟାନ୍ୟ ପଛୁଆ ବର୍ଗ(ଓବିସି)ର ଲୋକେ ଉପକୃତ ହେବେ। ହିତାଧିକାରୀମାନଙ୍କୁ ଦକ୍ଷତା ବିକାଶ, ଟୁଲ୍ କିଟ୍ସ, ଡିଜିଟାଲ ଟ୍ରାଞ୍ଜାକଶନ୍, ମାର୍କେଟିଂ ସପୋର୍ଟ ମଧ ପ୍ରଦାନ କରାଯିବ।

ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଅର୍ଥନୀତି ବ୍ୟାପାର ସମ୍ପର୍କିତ କ୍ୟାବିନେଟ କମିଟି (ସିସିଇଏ) ବୈଠକରେ ବିଶ୍ୱକର୍ମା ସମେତ ଆଉ କେତେକ ଯୋଜନାକୁ ମଞ୍ଜୁରୀ ମିଳିଛି। ସିସିଇଏ ପିଏମ୍-ଇ-ବସ୍ ସେବା ଯୋଜନାକୁ ମଧ ଅନୁମୋଦନ କରିଛି। ଏହି ଯୋଜନାରେ ଇ-ବସ୍‌ଗୁଡ଼ିକୁ ସରକାର ୧୦ ବର୍ଷ ପାଇଁ ସମର୍ଥନ କରିବେ ବୋଲି କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁର କହିଛନ୍ତି। ମୋଟ ୧୬୯ ସହରରେ ୧୦,୦୦୦ ଇ-ବସ୍ ଗଡ଼ିବ। ଏହାବାଦ ଗ୍ରୀନ୍ ଅର୍ବାନ ମୋବିଲିଟି ଅଧୀନର ଦେଶର ୧୮୧ ସହରରେ ପିପିପି ମୋଡ୍‌ରେ ଚଳାଚଳ କରିବ।

### ଚନ୍ଦ୍ରପୃଷ୍ଠରୁ ୧୫୦ କି.ମି. ...

ଚନ୍ଦ୍ରୟାନ-୩ର ସଫଳ ଅବତରଣ ତାରିଖର ସପ୍ତାହ ପୂର୍ବରୁ ବୁଧବାର ଇସ୍ରୋ ଏହାର ସମସ୍ତ ପ୍ରକ୍ରିୟା ଶେଷ କରିଛି। ଚନ୍ଦ୍ରୟାନ-୩କୁ ବୁଧବାର ୧୫୩ କି.ମି.x ୧୬୩ କି.ମି. କକ୍ଷପଥରେ ସ୍ଥାପିତ କରାଯାଇଛି ବୋଲି ଇସ୍ରୋ କହିଛି। ଇସ୍ରୋ ମୁଖ୍ୟ ଏସ୍. ସୋମନାଥ କହିଛନ୍ତି, ଚନ୍ଦ୍ରୟାନ-୩ର ଲାଣ୍ଡର ବିକ୍ରମ ଅଗଷ୍ଟ ୨୩ରେ ଅବତରଣ କରିବ। ଯଦି କୌଣସି କାରଣରୁ ଏହାର ଇଞ୍ଜିନ ବନ୍ଦ ହୋଇଯାଏ ତେବେ ବି ଏହାର ସଫଳତାର ସହ ଯେପରି ଚନ୍ଦ୍ରପୃଷ୍ଠରେ ଅବତରଣ କରିବ ସେଥିପ୍ରତି ଦୃଷ୍ଟି ଦିଆଯିବ।

### ଭୁବନେଶ୍ୱର ମେଟ୍ରୋ ଟ୍ରେନ ...

ଫୁଲପୋଖରୀ, ତ୍ରିଶୂଳିଆ ଛକ ଏବଂ କଟକ ଯାଏ ଚଳାଚଳ କରିବ। ମେଟ୍ରୋ ରେଳ ୨୦ଟି ଷ୍ଟେଶନ ଦେଇ ୨୬ କିଲୋମିଟର ଯାଏ ଚାଲିବ ବୋଲି ଡିପିଆର୍‌ରେ ଉଲ୍ଲେଖ କରାଯାଇଛି।

ଏଥିସହିତ ପରବର୍ତ୍ତୀ ସମୟରେ ମେଟ୍ରୋ ରେଳକୁ ଖୋର୍ଦ୍ଧା, ପୁରୀ ଏବଂ କଟକ-ଭୁବନେଶ୍ୱର ସହରର ଅନ୍ୟାନ୍ୟ ସ୍ଥାନକୁ ସଂଯୋଗ କରାଯିବ। ୨୦୨୩ ଏପ୍ରିଲ ପହିଲା ଓଡ଼ିଶା ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭୁବନେଶ୍ୱର ବିମାନବନ୍ଦରରୁ କଟକର ତ୍ରିଶୂଳିଆ ଯାଏ ମେଟ୍ରୋ ରେଳ ପ୍ରକଳ୍ପକୁ ଅନୁମୋଦନ କରିଥିଲେ। ଏହାର ଡିପିଆର୍ ପ୍ରସ୍ତୁତ ପାଇଁ ରାଜ୍ୟ ସରକାର ଡିଏମ୍‌ଆର୍‌ସିକୁ ଦାୟିତ୍ୱ ଦେଇଥିଲେ। ଇତିମଧ୍ୟରେ ମେଟ୍ରୋ ରେଳ ପ୍ରକଳ୍ପ ପାଇଁ ରାଜ୍ୟ ସରକାର ଅଗଷ୍ଟ ୩ ତାରିଖରେ ଭୁବନେଶ୍ୱର ମେଟ୍ରୋ ରେଳ କର୍ପୋରେଶନ ଲିମିଟେଡ(ବିଏମ୍‌ଆରସିଏଲ୍) ଗଠନ ପାଇଁ ବିଜ୍ଞପ୍ତି ପ୍ରକାଶ କରିବା ସହ ପ୍ରକଳ୍ପର ମୁଖ୍ୟ କାର୍ଯ୍ୟନିର୍ବାହୀ ଏବଂ ଜେନେରାଲ ମ୍ୟାନେଜର (ପ୍ରଶାସନ) ନିଯୁକ୍ତ କରିଛନ୍ତି।

ଡିଏମ୍‌ଆର୍‌ସି ପ୍ରାରମ୍ଭିକ ପର୍ଯ୍ୟାୟରେ ତ୍ରିଶୂଳିଆରୁ ଭୁବନେଶ୍ୱର ବିମାନବନ୍ଦର ପର୍ଯ୍ୟନ୍ତ ପ୍ରତି ୧ କିଲୋମିଟର ଦୂରତାରେ ମାଟି ପରୀକ୍ଷା କରିଛି। ମୃତ୍ତିକାର କେଉଁ ସ୍ତରରେ ପଥର ଅଛି ଓ ଏହାର ସମ୍ଭାଳିବା କ୍ଷମତା କେତେ ଅଛି ସେନେଇ ସର୍ଭେ କରାଯାଇଛି। ମେଟ୍ରୋ ରେଳର ଭୂତଳ ପଥ ପାଇଁ ଯେଉଁ ପିଲାର ହେବ ତା'ର ଫାଉଣ୍ଡେଶନ ଡିଜାଇନ କିଭଳି ହେବ ସେ ସମସ୍ତ ତଥ୍ୟ ଡିପିଆର୍‌ରେ ଉଲ୍ଲେଖ କରାଯାଇଛି।

ବର୍ତ୍ତମାନ ଯୋଜନା ଅନୁଯାୟୀ ବିମାନବନ୍ଦରରୁ ତ୍ରିଶୂଳିଆ ଯାଏ ୨୬ କିମି ଟ୍ରଙ୍କ୍ ରୁଟ୍‌ରେ ୪୫୦ ସ୍ପାନ୍ ତିଆରି କରାଯିବ। ପ୍ରତି ୫୦ ମିଟର ଦୂରତାରେ ଗୋଟିଏ ଲେଖାଏ ସ୍ପାନ୍ ଛିଡ଼ା ହେବ। ସମସ୍ତ ପ୍ରକଳ୍ପରେ ପ୍ରାୟ ୮ ହଜାର କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ପ୍ରାଥମିକ ଆକଳନରୁ ଜଣାପଡ଼ିଛି। ପ୍ରତି ୧ କିମି ମେଟ୍ରୋ ରେଳ ରାସ୍ତା ତିଆରି ପାଇଁ ପ୍ରାୟ ୩୦୦ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଆକଳନ କରାଯାଇଛି।

ଗତ ଦୁଇଦିନ ତଳେ ଭୁବନେଶ୍ୱର ରେଳ ଷ୍ଟେଶନରେ ତେଜସ୍ ରେକଯୁକ୍ତ ଭୁବନେଶ୍ୱର-ନୂଆଦିଲ୍ଲୀ ରାଜଧାନୀ ଏକ୍ସପ୍ରେସ୍‌ର ଶୁଭାରମ୍ଭ ଅବସରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମେଟ୍ରୋ ରେଳ ପ୍ରକଳ୍ପକୁ ନେଇ ରାଜ୍ୟ ସରକାରଙ୍କୁ କଟାକ୍ଷ କରିଥିଲେ। ସେ କହିଥିଲେ, ୪-୫ ଜଣ ବାବୁ ସକାଳୁ ସକାଳୁ ଉଠି ବୁଲୁଛନ୍ତି ଆଉ ଫଟୋ ଉଠାଇ ଘୋଷଣା କରିଦେଉଛନ୍ତି ଭୁବନେଶ୍ୱରରେ ମେଟ୍ରୋ ଟ୍ରେନ୍ ପ୍ରକଳ୍ପ ହେବ। ମୁଁ ଯେତିକି ଜାଣିଛି କେନ୍ଦ୍ର-ରାଜ୍ୟ ମିଳିତ ଉଦ୍ୟମରେ ଏହି ମେଟ୍ରୋ ଟ୍ରେନ୍ ପ୍ରକଳ୍ପ ହୁଏ। ଖାଲି ୪-୫ ବାବୁ ଯାଇ ସକାଳୁ ସକାଳୁ ବୁଲି ଫଟୋ ଉଠେଇ ଦେଲେ ମେଟ୍ରୋ ହୋଇଯାଏନି ବୋଲି କହିଥିଲେ। ଧର୍ମେନ୍ଦ୍ରଙ୍କ ଏପରି ମନ୍ତବ୍ୟର ୪୮ ଘଣ୍ଟା ପରେ ଡିଏମ୍‌ଆର୍‌ସି ରାଜ୍ୟ ସରକାରଙ୍କୁ ଡିପିଆର୍ ପ୍ରଦାନ କରିଛି।

### ଓଡ଼ିଶାରେ ନିର୍ମାଣ ହେବ ...

ବିଛାଯିବ। ତେବେ ଏହି ପ୍ରକଳ୍ପରେ ଓଡ଼ିଶା, ବିହାର, ଆନ୍ଧ୍ରପ୍ରଦେଶ, ଗୁଜରାଟ, ଝାଡ଼ଖଣ୍ଡ, ମହାରାଷ୍ଟ୍ର, ଉତ୍ତର ପ୍ରଦେଶ ଓ ପଶ୍ଚିମବଙ୍ଗର ୩୫ ଜିଲାକୁ ସାମିଲ କରାଯାଇଛି। ପ୍ରକଳ୍ପ ଶେଷ ହେବା ପରେ ଭାରତୀୟ ରେଳରେ ୨ ହଜାର ୩୩୯ କି.ମି. ରେଲୱେ ନେଟ୍‌ୱର୍କ ବୃଦ୍ଧି ହେବା ସହ ପ୍ରକଳ୍ପ ନିର୍ମାଣ ସମୟରେ ୭.୬ କୋଟି ଲୋକ ପ୍ରତ୍ୟକ୍ଷ ଭାବେ ନିଯୁକ୍ତି ପାଇବେ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ରେଳ ଯାତ୍ରୀଙ୍କ ସୁବିଧା ଓ ମାଲ୍ ପରିବହନ କ୍ଷେତ୍ରରେ ଏହି ପ୍ରକଳ୍ପ ସହାୟକ ହେବ। ଖାଦ୍ୟଶସ୍ୟ, ସାର, କୋଇଲା, ସିମେଣ୍ଟ, ଫ୍ଲାଇ-ଆଶ, ଲୁହା, ଇସ୍ପାତ, କ୍ଲିଙ୍କର, ଅଶୋଧିତ ତୈଳ, ଚୂନ ପଥର ଓ ଖାଇବା ତେଲ ଭଳି ବିଭିନ୍ନ ଅତ୍ୟାବଶ୍ୟକ ସାମଗ୍ରୀର ପରିବହନ କ୍ଷମତା ବୃଦ୍ଧି ପାଇବ। ସେହିପରି ବାର୍ଷିକ ୨୦୦ ନିୟୁତ ଟନ୍ ମାଲ ପରିବହନ କରାଯିବାର ଲକ୍ଷ୍ୟ ରଖାଯାଇଛି। ପଶ୍ଚିମବଙ୍ଗରୁ ଚେନ୍ନାଇ ଯାଏ ଅଧିକାଂଶ ଶ୍ରମିକ, ଛାତ୍ରୀଛାତ୍ର ଯାତାୟାତ କରନ୍ତି। ବିଭିନ୍ନ ସମୟରେ ଟ୍ରେନ୍‌ଗୁଡିକ ବିଳମ୍ବ ହେଉଥିବାରୁ ଓଡ଼ିଶାରେ ନିର୍ଗୁଣ୍ଡିରୁ ବାରଙ୍ଗ ଏବଂ ଖୋର୍ଦ୍ଧା ରୋଡ୍‌ରୁ ବିଜୟନଗରମ୍ ଯାଏ ମୋଟ ୪୧୭.୬ କି.ମି.ର ତୃତୀୟ ରେଳ ଲାଇନ ଲାଗି ୫ହଜାର ୬୧୮ କୋଟି ବ୍ୟୟ ଅଟକଳ କରାଯାଇଛି। ଭାଇଜାଗ୍‌ରୁ ଚେନ୍ନାଇ ଯାଏ ତୃତୀୟ ରେଳ ଲାଇନର ଡିପିଆର୍ ପ୍ରସ୍ତୁତି ଚାଲିଛି। ସେହିପରି ଓଡ଼ିଶାର ତୃତୀୟ ଲାଇନ ନିର୍ମାଣରେ ବିରୂପା ନଦୀରେ ୪୮୮ ମିଟର, ମହାନଦୀରେ ୨୦୯୬ ମିଟର, କାଠଯୋଡିରେ ୮୨୨ ମିଟର, ଋଷିକୁଲ୍ୟାରେ ୪୫୭ ମିଟର, ବଂଶଧାରାରେ ୪୧୦ ମିଟର ଓ କୁଆଖାଇରେ ୮୨୨ ମିଟର ପୋଲ ନିର୍ମାଣ କରାଯିବ। ପ୍ରକଳ୍ପ ଦ୍ୱାରା ଓଡ଼ିଶା ଓ ଆନ୍ଧ୍ରପ୍ରଦେଶ ମଧ ଦେଇ ପୂର୍ବ ରାଜ୍ୟ, ପଶ୍ଚିମବଙ୍ଗ ଓ ତାମିଲନାଡୁକୁ ଅଧିକ ସଂଖ୍ୟକ ଟ୍ରେନ୍ ଚଳାଚଳ କରାଯାଇପାରିବ। ଏହାସହ ୨୦୨୪ ମାର୍ଚ୍ଚ ସୁଦ୍ଧା ବନ୍ଦେ ଭାରତ ଏକ୍ସପ୍ରେସର ସ୍ଲିପର କୋଚ୍‌ର ପ୍ରସ୍ତୁତି ସରିବ। ସେହିପରି ଫେବୃୟାରୀରୁ ବନ୍ଦେ ଭାରତର ୩ଟି ସଂସ୍କରଣ କାର୍ଯ୍ୟକ୍ଷମ ହେବ ବୋଲି ସେ କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଅର୍ଥଲାଭର ଯୋଗ ରହିଛି। କିନ୍ତୁ ପାଇବେ ଯେତିକି ତା'ଠାରୁ ଅଧିକ ବ୍ୟୟକରି ଅନୁତପ୍ତ ହୋଇପାରନ୍ତି। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ଚେଷ୍ଟା କରୁଥିବା କାମ ଓ ପରିବହନରେ ସଫଳତା ପାଇବେ। ଘର ଲୋକଙ୍କ ଉପରେ ଅଯଥା ବିରକ୍ତି ପ୍ରକାଶ କରନ୍ତୁ ନାହିଁ।

**ବୃଷ** ପରିବାରର ପରାମର୍ଶକ୍ରମେ କୌଣସି କାର୍ଯ୍ୟାରମ୍ଭକୁ ପ୍ରାଥମିକତା ପ୍ରଦାନ କରିପାରନ୍ତି। ଧାର୍ମିକ ଅନୁଷ୍ଠାନରେ ନିଜକୁ ସାମିଲ କରିବାର ସୁଯୋଗ ବନ୍ଧୁଙ୍କ ମାଧ୍ୟମରେ ଆସିପାରେ। ସାମାଜିକ ସ୍ତରରେ ହାତରୁ ଖାଇ ପର ପାଇଁ ଖଟି ମନସ୍ତାପ କରିବାକୁ ପଡ଼ିପାରେ। ପଡ଼ୋଶୀଙ୍କ ପରାମର୍ଶକୁ ଗ୍ରହଣକଲେ ମନ୍ଦ ହେବନି।

**ମିଥୁନ** ଆଜି ସକାଳୁ ସକାଳୁ ବନ୍ଧୁଙ୍କଠାରୁ କୌଣସି ଖବର ଶୁଣି ମନଟା ଖୁସି ହୋଇଯିବ। ଆନୁଷ୍ଠାନିକ କାର୍ଯ୍ୟ ଲାଗି ଆଲୋଚନା କରିପାରନ୍ତି। ଦୀର୍ଘଦିନରୁ ଅଟକି ରହିଥିବା କାମ ହଠାତ୍ ଆରମ୍ଭ କରିବାକୁ ମନ ବଳାଇବେ। ଅଚାନକ ଭାବେ ବନ୍ଧୁଙ୍କ ଆମନ୍ତ୍ରଣ ପାଇ ଯାତ୍ରା କରିପାରନ୍ତି।

**କର୍କଟ** ସାଧାରଣ କଥାକୁ କେନ୍ଦ୍ରକରି ପିଲାମାନଙ୍କ ଉପରେ ବେଶି ରାଗିପାରନ୍ତି। ନିଜ ସ୍ୱାର୍ଥ ସାଧନ ଦିଗରେ ଅନ୍ୟକୁ ନିୟୋଜିତ କରିବା ସକାଶେ ଯୋଜନା କରିବେ। ଶିଳ୍ପ, ବାଣିଜ୍ୟ, ପରିବହନ ଓ ବ୍ୟବସାୟରେ ଦ୍ୱନ୍ଦ୍ୱ ଓ ପ୍ରତିଦ୍ୱନ୍ଦ୍ୱିତାର ଅବସାନ ଘଟିବ। ଅନ୍ୟ ଦ୍ୱାରା ପ୍ରେରିତ ହୋଇ ଦୂରସ୍ଥାନ ଯାତ୍ରା କରିବାକୁ ପଡ଼ିପାରେ।

**ସିଂହ** ଅଧସ୍ତନ କର୍ମଚାରୀଙ୍କ ସହମତିରେ କାମ କଲେ ଉପକୃତ ହେବେ। ସଭାସମିତି ଓ ରାଜନୀତି କ୍ଷେତ୍ରରେ ଲୋକସମ୍ପର୍କ ବଢ଼ିବ। ଅନିୟମିତ ଆହାର ଗ୍ରହଣ ଫଳରେ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ଯେକୌଣସି ପ୍ରତିଯୋଗିତାରେ ଅଂଶଗ୍ରହଣ କଲେ ସଫଳତା ପାଇପାରନ୍ତି।

**କନ୍ୟା** ଆଜି କର୍ମକ୍ଷେତ୍ରରେ ଛୋଟ ଛୋଟ କାମ ହାତକୁ ନେଇ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି। ପରିବହନ ଓ ନୂତନ ବ୍ୟବସାୟରେ ଆଶାଜନକ ଫଳ ପାଇବେ। ପରକଥାରେ ମନଦେଇ ନିଜ ଘର କାମକୁ ଅବହେଳା କରିବେ। ଅଟକି ରହିଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ଦିଗରେ ଅନ୍ୟମାନଙ୍କ ସହଯୋଗ ଲୋଡ଼ିବେ।

**ତୁଳା** ଆଜି ଏପରି ଏକ ଶୁଭଖବର ପାଇବେ, ଯାହା ମନକୁ ପ୍ରଫୁଲ୍ଲିତ କରିଦେବ। ପିଲାଙ୍କ ଦୁର୍ବଳ ସ୍ୱାସ୍ଥ୍ୟ କିମ୍ବା ବୟସ୍କ ପିଲାଙ୍କ ବିଶୃଙ୍ଖଳିତ ଆଚରଣ ମନକୁ ବିଭ୍ରାନ୍ତ କରିପାରେ। ଆଶା ଓ ବିଶ୍ୱାସ ନେଇ ଆଗକୁ ମାଡ଼ି ଚାଲନ୍ତୁ, ଦେଖିବେ ସବୁକିଛି ଠିକ୍ ହୋଇଯିବ। ହଠାତ୍ ବିରୋଧୀ ପକ୍ଷ ସକ୍ରିୟ ହୋଇ ସମସ୍ୟା ସୃଷ୍ଟି କରିପାରନ୍ତି।

**ବିଛା** ସାମଗ୍ରିକ ଦୃଷ୍ଟିକୋଣରୁ ଦିନଟି ସରଳରେ ଅତିବାହିତ ହେବ। କାମଗୁଡ଼ିକ ସାମାନ୍ୟ ଚେଷ୍ଟା ଓ ବିଳମ୍ବିତ ସମୟରେ ସାଧିତ ହୋଇପାରେ। ଅନାବଶ୍ୟକ ଖର୍ଚ୍ଚ ପରିମାଣ ବୃଦ୍ଧି ଯୋଗୁ ମନରେ ସରସତା ରହିବ ନାହିଁ। କଳା, ସାହିତ୍ୟ, ଚଳଚ୍ଚିତ୍ର ଓ ରାଜନୀତିରେ ଚେଷ୍ଟା ସଫଳ ହେବ।

**ଧନୁ** କିଛି ସୁବିଧା ଅସୁବିଧା ସମ୍ପର୍କରେ ପରିବାର ଭିତରେ ଆଲୋଚନା କରିପାରନ୍ତି। ଅଫିସ୍‌ରେ ଧୀରପାଣି ପଥର କାଟେ ନୀତିରେ କାମ ହାସଲ ପାଇଁ ଚେଷ୍ଟିତ ହେବେ। ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବା ସାଙ୍ଗକୁ ଟେନ୍‌ସନ୍ କିଛିମାତ୍ରାରେ କମିଯିବ। ବ୍ୟବସାୟ କ୍ଷେତ୍ରରେ ଭାବୁଥିବା କାମଟି ପୂର୍ଣ୍ଣାଙ୍ଗ କରିବା କଷ୍ଟକର ହେବ।

**ମକର** ଦୂରଦର୍ଶିତା ଓ ବିଚାରଶୀଳ କାରଣରୁ କୌଣସି ଅସୁବିଧା ହେବନାହିଁ। ଶ୍ରବଣାର କିନ୍ତୁ ଦୀର୍ଘଦିନ ହେଲା ରୋଗ, ଋଣ ଓ ଶତ୍ରୁତା ଲାଗିରହିବା କାରଣରୁ ମନ ଭଲ ରହିବ ନାହିଁ। ବିବାଦୀୟ ଘଟଣାରେ ବିଜୟୀ ହେବେ ଓ ବ୍ୟବସାୟ ତଥା ପରିବହନରେ ସଫଳତା ମିଳିବ। କର୍ମକ୍ଷେତ୍ରରେ ନୂତନ ଦାୟିତ୍ୱ ହାତକୁ ନେଇପାରନ୍ତି।

**କୁମ୍ଭ** ଯେଉଁ କାମଟି ଦୀର୍ଘଦିନ ହେଲା ହୋଇପାରି ନ ଥିଲା ଆଜି ତାହା ହୋଇଯିବ। ସହକର୍ମୀଙ୍କ ସହିତ ଆଲୋଚନାରେ ଭୁଲାଣିଆ କଥା କହି ପରିସ୍ଥିତିକୁ ସମ୍ଭାଳିନେବେ। କର୍ମକ୍ଷେତ୍ରରେ ଯାହାକୁ ଯାହା କହିବେ ସେମାନେ ସହଯୋଗର ହାତ ବଢ଼ାଇବେ। ବ୍ୟବସାୟରେ ସଫଳତା ମିଳିବ।

**ମୀନ** କର୍ମକ୍ଷେତ୍ରରେ ପ୍ରତିରୋଧର ସମ୍ମୁଖୀନ ହେବାକୁ ପଡ଼ିପାରେ। କୌଣସି ସୂତ୍ରରୁ ଶୁଣା ଗୁଜବ ମାନସିକ ସ୍ଥିତିକୁ ଦୋହଲାଇ ଦେବାର ଆଶଙ୍କା ରହିଛି। ସଭାସମିତି, ସଙ୍ଗଠନ, ସାଂସ୍କୃତିକ କାର୍ଯ୍ୟ ତଥା ରାଜନୀତି କ୍ଷେତ୍ରରେ ଲୋକସମ୍ପର୍କ ବୃଦ୍ଧି ପାଇବ। ବନ୍ଧୁଙ୍କ ଅବଦାନ ଅବିସ୍ମରଣୀୟ ରହିବା ପାଇଁ ଚେଷ୍ଟିତ ହେବେ।

ଆଜି ସିଂହ ସଂକ୍ରାନ୍ତି, ଶ୍ରାବଣ ଶୁଦ୍ଧ ଶୁକ୍ଳପକ୍ଷ ପ୍ରତିପଦା ଗୁରୁବାର, ଚାତୁର୍ମାସ୍ୟା ବ୍ରତ, ଅଗଷ୍ଟ ୧୭ ତାରିଖ, ରାଶି ନକ୍ଷତ୍ର-ମଘା/ସିଂହ, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫।୩୦ମି. ଗତେ ଘ.୦୭।୧୨ମି. ମଧ୍ୟେ, ଘ.୧୦।୩୪ମି. ଗତେ ଘ.୦୧।୦୬ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୧।୨୫ମି. ଗତେ ଘ.୦୩।୦୦ମି. ମଧ୍ୟେ ରାହୁକାଳ ।।

## ସାପ ବିଷ ରାକେଟ୍ ଠାବ, ୨୯ ନାଗ ଜବତ




# କାମାକ୍ଷାନଗରରେ ହେବ ନାଲ୍‌କୋର ମିନି ପ୍ଲାଣ୍ଟ

## ସ୍ଥାନ ପରିଦର୍ଶନ କଲେ ମନ୍ତ୍ରୀ, ଅଧିକାରୀ

କାମାକ୍ଷାନଗର, ୧୬।୮
(ସୁଧୀର ପରିଡ଼ା/ଅମ୍‌ଜାଦ୍ ଖାନ୍)

ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ କାଦୁଆ ପଞ୍ଚାୟତର ଭାଗୀରଥିପୁର ଏବଂ ମର୍କଟା ଗ୍ରାମରେ ନବରତ୍ନ ମାନ୍ୟତାପ୍ରାପ୍ତ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ନାଲ୍‌କୋର ମିନି ପ୍ଲାଣ୍ଟ ପ୍ରତିଷ୍ଠା ହେବ। ଏ ନେଇ ବିଧିବଦ୍ଧ ପ୍ରକ୍ରିୟା ଆରମ୍ଭ ହୋଇଥିବାବେଳେ ବୁଧବାର ଖଣି ଓ ପୂର୍ତ୍ତ ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ, ନାଲ୍‌କୋର ପଦସ୍ଥ ଅଧିକାରୀ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାନ ବୁଲି ଦେଖିଛନ୍ତି। ନାଲ୍‌କୋର ଏହି ମିନିପ୍ଲାଣ୍ଟ ପ୍ରତିଷ୍ଠା ହେଲେ ଶିଳ୍ପବିହୀନ କାମାକ୍ଷାନଗର ଅର୍ଥନୀତିରେ ବଡ଼ଧରଣର ପରିବର୍ତ୍ତନ ହେବ। ସ୍ଥାନୀୟ ଲୋକଙ୍କୁ କର୍ମ ନିଯୋଜନ ମିଳିବ ବୋଲି ଆଶାପ୍ରକାଶ ପାଇଛି।

ଢେଙ୍କାନାଳ ଜିଲାର କାମାକ୍ଷାନଗରରେ ଆବଶ୍ୟକ ଭିତ୍ତିଭୂମି, ସଡ଼କପଥ, ରେଳପଥରେ ଉତ୍ତମ ଯୋଗାଯୋଗ ବ୍ୟବସ୍ଥା ରହିଛି। ହେଲେ ଏଠାରେ କୌଣସି ଶିଳ୍ପ ପ୍ରତିଷ୍ଠାନ ନ ଥିବାରୁ ଦକ୍ଷ ମାନବସମ୍ବଳର ଉପଯୁକ୍ତ ବ୍ୟବହାର ହୋଇପାରୁ ନ ଥିବା ଅଭିଯୋଗ ହୋଇଆସୁଥିଲା। ଏହାର ଗୁରୁତ୍ୱକୁ ଉପଲବ୍ଧି କରି ମନ୍ତ୍ରୀ ମଲ୍ଲିକଙ୍କ ତତ୍ତ୍ୱାବଧାନରେ ବ୍ଲକରେ ଏକ ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ଉଦ୍ୟମ ଆରମ୍ଭ ହୋଇଥିବାବେଳେ ନାଲ୍‌କୋ ଏଥିପ୍ରତି ଆଗ୍ରହ ଦେଖାଇଛି। ଏଠାରେ ଆଲୁମିନିୟମ ଉତ୍ପାଦନରେ ବ୍ୟବହୃତ ବିଭିନ୍ନ ସାମଗ୍ରୀର ବିଶୁଦ୍ଧୀକରଣ କରାଯିବ। ଏଥିଲାଗି କମ୍ପାନୀକୁ ଭାଗୀରଥିପୁର ଏବଂ ମର୍କଟା ଗ୍ରାମରେ ଆବଶ୍ୟକ ଜମି ଯୋଗାଇ ଦିଆଯିବ ବୋଲି ନିଷ୍ପତ୍ତି ହୋଇଛି। ପ୍ରସ୍ତାବିତ ପ୍ରକଳ୍ପ ସ୍ଥାନ ପରିଦର୍ଶନ ସମୟରେ ନଗରପାଳ ଧର୍ମାନନ୍ଦ ପରିଡା, ସ୍ଥାନୀୟ ପ୍ରଶାସନିକ ଅଧିକାରୀ, ଗ୍ରାମବାସୀ ଉପସ୍ଥିତ ଥିଲେ। ଅନ୍ୟପଟେ କାମାକ୍ଷାନଗର ଅଞ୍ଚଳବାସୀଙ୍କ ଦୀର୍ଘଦିନର ଦାବି ପୂରଣ ହେବାକୁ ଯାଉଥିବାରୁ ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି।


ପ୍ରସ୍ତାବିତ ପ୍ରକଳ୍ପ ସ୍ଥଳରେ ମନ୍ତ୍ରୀ, ନାଲ୍‌କୋର ପଦସ୍ଥ ଅଧିକାରୀ, ନଗରପାଳଙ୍କ ସମେତ ଅନ୍ୟମାନେ।

# ବଜ୍ରପାତରେ ୮ ମୃତ

ରୂପସା(ବାଞ୍ଛାନିଧି ଦେ), ତିହିଡ଼ି/ ଚାନ୍ଦବାଲି (ସଞ୍ଜିତ୍ ବଳ/କିଶାନ ପାତ୍ର/ଅଶୋକ ପଣ୍ଡା)/ବୈଶିଙ୍ଗା(ରତନ ଦାଶ), ୧୬।୮

ବାଲେଶ୍ୱର, ଭଦ୍ରକ ଓ ମୟୂରଭଞ୍ଜ ଜିଲାରେ ବୁଧବାର ବଜ୍ରପାତ ହୋଇ ୮ ଜଣଙ୍କ ମୃତ୍ୟୁ ହୋଇଛି। ବାଲେଶ୍ୱର ଜିଲାରେ ୪, ଭଦ୍ରକରେ ୩ ଓ ମୟୂରଭଞ୍ଜ ଜିଲାରେ ଜଣଙ୍କର ମୃତ୍ୟୁ ହୋଇଛି।

ବାଲେଶ୍ୱର ଜିଲା ବସ୍ତା ବ୍ଲକ ପୁରୁଷୋତ୍ତମପୁର ପଞ୍ଚାୟତ ପଣିସାପଡା ଗ୍ରାମର ମକରଧ୍ୱଜ ବେହେରା ନିଜ ଘର ଚାଳ ଉପରକୁ ଉଠିଥିବା ବେଳେ ବଜ୍ରପାତ ହୋଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ସନ୍ତୋଷପୁର ପଞ୍ଚାୟତ ଥେଙ୍ଗ ଗ୍ରାମର ଶମ୍ଭୁନାଥ ସାହୁ ବିଲ କାମ ପାଇଁ କୁଳିଦା ପଞ୍ଚାୟତ ବେଲଗାଁ ଗାଁ ପାଖ ମହାଜନିଆ ସାହିକୁ ଯାଇଥିବା ବେଳେ ବଜ୍ରପାତର ଶିକାର ହୋଇ ପ୍ରାଣ ହରାଇଥିଲେ। ପତ୍ରଝଡ଼ା ପଞ୍ଚାୟତ ମହାଦେବସରାଇ ଗ୍ରାମର ବିକାଶ ବିନ୍ଧାଣି ଓ କାହ୍ନୁ ମୁର୍ମୁ ବିଲରୁ କାମ ସାରି ଘରକୁ ଫେରୁଥିବା ବେଳେ ବଜ୍ରପାତର ଶିକାର ହୋଇ ପ୍ରାଣ ହରାଇଛନ୍ତି। ମୃତକମାନଙ୍କୁ ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ଗୁରୁବାର ବ୍ୟବଚ୍ଛେଦ କରାଯିବ। ମହାଦେବସରାଇ ଗ୍ରାମର ୫ଜଣ ନିମାଇଁ ମାଝି, ସୂର୍ଯ୍ୟ ସୋରେନ, ଠେଲା ମୁର୍ମୁ, ନବ ସୋରେନ ଓ ସୁକୁଲ ସୋରେନ ଗୁରୁତର ଆହତ ହୋଇ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର ହୋଇଛନ୍ତି। ଭଦ୍ରକ ଜିଲା ତିହିଡ଼ି ଓ ଚାନ୍ଦବାଲି ବ୍ଲକରେ ଅପରାହ୍ନରେ ବଜ୍ରପାତ ଯୋଗୁ ୩ ପ୍ରାଣହାନୀ ଘଟିଥିବା ବେଳେ ୪ଜଣ ଗୁରୁତର ହୋଇଛନ୍ତି। ତିହିଡ଼ି ବ୍ଲକ ପୀରହାଟ ଥାନା ବାମନବିନ୍ଧା ପଞ୍ଚାୟତ ଅଧୀନ ସନ୍ଦକପୁର ଗ୍ରାମର ଯଦୁନାଥ ସେଠୀ(୫୫) ବିଲକୁ କାମ କରିବାକୁ ଯାଇଥିବା ବେଳେ ବଜ୍ରପାତରେ ଟଳି ପଡ଼ିଥିଲେ। ସୁରେନ୍ଦ୍ର ବାରିକ(୨୪)ଗୁରୁତର ହୋଇଛନ୍ତି। ସେହିପରି ଚାନ୍ଦବାଲି ବ୍ଲକର ପୃଥକ ସ୍ଥାନରେ ବଜ୍ରପାତରେ ୨ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୩ ଜଣ ଗୁରୁତର ହୋଇଛନ୍ତି। ଉତୁକୁଡ଼ା ପଞ୍ଚାୟତର ସିଙ୍ଗିଟି ଗାଁରେ ମୟୂରଭଞ୍ଜ ଜିଲାରୁ କୃଷି କାର୍ଯ୍ୟ ପାଇଁ ଆସିଥିବା ମା’ ଘୁମୁନା ସିଂଙ୍କର ମୃତ୍ୟୁ ହୋଇଥିବା ବେଳେ ତାଙ୍କ ଝିଅ ସୀମା ଗୁରୁତର ହୋଇଛନ୍ତି। ଖେରଙ୍ଗ ପଞ୍ଚାୟତରେ ପ୍ରଫୁଲ୍ଲ ମାଝୀଙ୍କ ପୁଅ ପ୍ରତାପଙ୍କର ମୃତ୍ୟୁ ହୋଇଛି। ମୌସୁଧା ପଞ୍ଚାୟତ ଫାର୍ସିବନ୍ଧ ଗାଁରେ ବଜ୍ରପାତ ଯୋଗୁ ଧନେଶ୍ୱର ବାରିକ ଓ ସୁମନ୍ତ ସାହୁ ଗୁରୁତର ହୋଇଛନ୍ତି।

ସେହିପରି ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ହରିପୁର ଗ୍ରାମରେ ବଜ୍ରପାତରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ସେ ହେଲେ କୁଆମରାସ୍ଥିତ ବଡକ୍ଷୀରପଦା ଗ୍ରାମର ସ୍ୱର୍ଗତ ବାବୁଲା ସିଂଙ୍କ ସ୍ତ୍ରୀ ଟୁନି(୨୨)। ଟୁନି ବାପ ଘର ଗାଁର କିଛି ମହିଳାଙ୍କ ସହିତ ଧାନବିଲ ବାଛିବାକୁ ଯାଇ ଫେରୁଥିବା ବେଳେ ବଜ୍ରପାତରେ ପ୍ରାଣ ହରାଇଥିଲେ। ତାଙ୍କ ସହ ଥିବା ବାସନ୍ତୀ ସିଂ ଗୁରୁତର ହୋଇଛନ୍ତି।

# ଫେବୃୟାରୀ ୧୪ରୁ ଯୁକ୍ତ୨ ପରୀକ୍ଷା

ଭୁବନେଶ୍ୱର, ୧୬।୮(ଅସମାପିକା ସାହୁ)

୨୦୨୩-୨୪ ଶିକ୍ଷାବର୍ଷ ନିମନ୍ତେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ପକ୍ଷରୁ ବୁଧବାର ଏକାଡେମିକ କ୍ୟାଲେଣ୍ଡର ପ୍ରକାଶ ପାଇଛି। ସିଏଚ୍‌ଏସ୍‌ଇ ଦ୍ୱାରା

**୨୦୨୩-୨୪ ଏକାଡେମିକ କ୍ୟାଲେଣ୍ଡର ପ୍ରକାଶ**

**ମେ’ ପ୍ରଥମ ସପ୍ତାହ ସୁଦ୍ଧା ରେଜଲ୍ଟ**

ପରିଚାଳିତ ଯୁକ୍ତ୨ ଦ୍ୱିତୀୟ ବର୍ଷ ବା ଦ୍ୱାଦଶ ଶ୍ରେଣୀ ବାର୍ଷିକ ଥିଓରୀ ପରୀକ୍ଷା ଆସନ୍ତା ଫେବୃୟାରୀ ୧୪ରୁ ଆରମ୍ଭ ହେବ। ଏହା ମାର୍ଚ୍ଚ ୧୩ ପର୍ଯ୍ୟନ୍ତ ଜାରି ରହିବ। ଏପ୍ରିଲ ଶେଷ ସପ୍ତାହ କିମ୍ବା ମେ’ ପ୍ରଥମ ସପ୍ତାହରେ ପରୀକ୍ଷା ଫଳ ପ୍ରକାଶ ପାଇବ। ସେହିପରି ଆସନ୍ତା ଜାନୁୟାରୀ ପ୍ରଥମ ସପ୍ତାହରୁ ପ୍ରାକ୍ଟିକାଲ ପରୀକ୍ଷା କରାଯିବ। ଥିଓରୀ ପରୀକ୍ଷାର ଗୋଟିଏ ମାସ ପୂର୍ବରୁ ୨୦୨୪ ବାର୍ଷିକ ଉଚ୍ଚ ମାଧ୍ୟମିକ ପରୀକ୍ଷା ନେଇ ବିଜ୍ଞପ୍ତି ପ୍ରକାଶ ପାଇବ। ସରକାରୀ ନିର୍ଦ୍ଦେଶନାମା ମୁତାବକ ପ୍ରଥମବର୍ଷ ପାଠପଢ଼ା ଆରମ୍ଭ ହୋଇଥିବାବେଳେ ଏକାଡେମିକ କ୍ୟାଲେଣ୍ଡର ଅନୁସାରେ ପରୀକ୍ଷା ଲାଗି ଆସନ୍ତା ଜାନୁୟାରୀ ୧୫ରୁ ୩୦ ତାରିଖ ଯାଏ ପଞ୍ଜୀକରଣ ନମ୍ବର ପାଇଁ ଡକ୍ୟୁମେଣ୍ଟ ଯାଞ୍ଚ ହେବ। ଦ୍ୱିତୀୟ ବର୍ଷ ରେଗୁଲାର ଛାତ୍ରୀଛାତ୍ରଙ୍କ ଅନଲାଇନ୍ ଫର୍ମ ପୂରଣ ଆସନ୍ତା ନଭେମ୍ବର ୧୦ରୁ ଆରମ୍ଭ ହୋଇ ୨୫ରେ ଶେଷ ହେବ। ଏକ୍ସ-ରେଗୁଲାର ପିଲା ଆସନ୍ତା ସେପ୍ଟେମ୍ବର ୧୫ରୁ ୩୦ ମଧ୍ୟରେ ଅନଲାଇନ୍ ଫର୍ମ ପୂରଣ କରିବେ।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

APPOINTMENT
Required staff for Public Limited Company, Marketing Manager, Sales Manager, Sales Officer, Business Development Executive, Telecaller, Office Executive, Accountant, Web Designer, Architecture, Technician, Driver, Security, Peon.
Mob.: 9040043929

WANTED
Recruitment for Business Leader and Part Time Professional for Twin City
150 years Old Indian Conglomerate is hiring Some Professional for its Expansion of Financial Distribution across Bhubaneswar and Cuttack. (Need all Retired and VRS Employees, Govt. and Pvt.Employees, Prof. Housewife, Business People, Sales staff, Life and Health Insurance Advisor and Others are also Welcome).
9861468116, 9853052345

ଧରିତ୍ରୀ DHARITRI Oriya daily
ଆବଶ୍ୟକ କରୁଛି
ସହସମ୍ପାଦକ
- ପ୍ରାର୍ଥୀଙ୍କର ସହସମ୍ପାଦନା କ୍ଷେତ୍ରରେ ଅତିକମ୍‌ରେ ୩ ବର୍ଷର ଅଭିଜ୍ଞତା ଥିବ।
- ପ୍ରାର୍ଥୀ ସାମ୍ବାଦିକତାରେ ଡିଗ୍ରୀ ହାସଲ କରିଥିବେ।
- ଅନୁବାଦ କ୍ଷେତ୍ରରେ ଅଭିଜ୍ଞତା ଥିବା ପ୍ରାର୍ଥୀଙ୍କୁ ଅଗ୍ରାଧିକାର ଦିଆଯିବ।
Apply immediately to : recruitment@dharitri.com
ଅଭିଜ୍ଞତା ଓ ଦକ୍ଷତା ଅନୁଯାୟୀ ଦରମା ଧାର୍ଯ୍ୟ ହେବ।

## କୁଦରସାହି ଡ୍ୟାମ୍‌ରେ ବୁଡ଼ି ୨ ଶିଶୁ ମୃତ

ବଡ଼ବିଲ,୧୬।୮(ଦେବପ୍ରିୟ ରଣା)

କେନ୍ଦୁଝର ଜିଲା ରୁଗୁଡ଼ି ଥାନା ଗନ୍ଧଲପଦା ଗ୍ରାମ ନିକଟ କୁଦରସାହି ଡ୍ୟାମ୍‌ରେ ବୁଡ଼ି ୨ ଶିଶୁଙ୍କ ମୃତ୍ୟୁ ଘଟିଛି। ମୃତକ ଦ୍ୱୟ ଗନ୍ଧଲପଦା ଗ୍ରାମର ରେସମା ମୁଣ୍ଡାଙ୍କ ପୁଅ ମଦନ ମୁଣ୍ଡା(୯) ଓ ରଘୁ ମୁଣ୍ଡାଙ୍କ କନ୍ୟା ବୁଧୁନି ମୁଣ୍ଡା(୧୦)। ମଙ୍ଗଳବାର ଦେଶବାସୀ ୭୭ତମ ସ୍ୱାଧୀନତା ଦିବସ ପାଳୁଥିଲାବେଳେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

ସୂଚନା ଅନୁଯାୟୀ, ଦୁଇ ଶିଶୁ ଗାଧୋଇବାକୁ ଡ୍ୟାମ୍‌କୁ ଯାଇଥିଲେ। ଦୀର୍ଘ ଘଣ୍ଟା ପରେ ମଧ୍ୟ ଉଭୟ ଘରକୁ ନ ଫେରିବାରୁ ସେମାନଙ୍କ ଘର ଲୋକେ ଖୋଜାଖୋଜି କରିଥିଲେ। ଡ୍ୟାମ୍‌ରେ ଭାସୁଥିବା ଦେଖି ଉଭୟଙ୍କୁ ଉଦ୍ଧାର କରି ବଡ଼ବିଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବୁଧବାର ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଥିବା ରୁଗୁଡ଼ି ଥାନା ଦାୟିତ୍ୱରେ ଥିବା ଅଧିକାରୀ ରବୀନ୍ଦ୍ର ମୁଣ୍ଡାରି କହିଛନ୍ତି।

# ଆଈଙ୍କୁ କଟୁରିରେ ହାଣି ହତ୍ୟା କଲେ ନାତି

ବାଲିକୁଦା,୧୬।୮(ତାପସ ସ୍ୱାଇଁ)

ଜଗତ୍‌ସିଂହପୁର ଜିଲା ବାଲିକୁଦା ଥାନା ନାଗପୁର ପଞ୍ଚାୟତ ଗଦେଇଗିରି ଗାଁରେ ବୁଧବାର ସକାଳେ ଆଈଙ୍କୁ କଟୁରିରେ ହାଣି ନାତି ହତ୍ୟା କରିଛି। ହତ୍ୟା କରିବା ପରେ ଗାଁର ୨ ଜଣ ମହିଳା ଓ ଜଣେ ୬ ବର୍ଷର ଶିଶୁକୁ ମଧ୍ୟ କଟୁରିରେ ଆକ୍ରମଣ କରି ଆହତ କରିଛି। ଆହତଙ୍କ ମଧ୍ୟରେ ୨ ଜଣଙ୍କ ଅବସ୍ଥା ଗୁରୁତର ରହିଥିବା ବେଳେ ୬ ବର୍ଷର ଶିଶୁଟି ସାମାନ୍ୟ ଆହତ ହୋଇଛି। ଘଟଣା ଘଟାଇ ଅଭିଯୁକ୍ତ ଫେରାର ହୋଇଯିବାକୁ ବସିଥିବା ବେଳେ ଉତ୍ତ୍ୟକ୍ତ ଲୋକଙ୍କ ହାବୁଡ଼ରେ ଧରାପଡ଼ିଛନ୍ତି। ଲୋକେ ଥାନାକୁ ଜଣାଇବାରେ ପୋଲିସ ପହଞ୍ଚି ଅଭିଯୁକ୍ତଙ୍କୁ ନେଇ ଅଟକ ରଖିଛି।

ପୋଲିସ ସୂଚନା ମୁତାବକ, ଅଭିଯୁକ୍ତ ଜଣକ ହେଉଛନ୍ତି ଗଦେଇଗିରି ଗାଁର ଜୀବନ ଜ୍ୟୋତି ସାହୁ(୨୮)। ମୃତକ ହେଉଛନ୍ତି ଅଳାବୋଳ ପଞ୍ଚାୟତ ନରିଲୋ ଗାଁର ଶଙ୍କର ସାହୁଙ୍କ ପତ୍ନୀ ସଖି(୭୫)। ମୃତ ସଖୀଙ୍କ ହତ୍ୟାକାରୀ ହେଉଛନ୍ତି ନିଜ ବଡ଼ ଝିଅର ପୁଅ ନାତି ଜୀବନ। ଜୀବନ

**ପୋକ୍ସୋ ମାମଲାରେ ଜେଲ ଯାଇ ଫେରାର ହୋଇଥିଲେ**

ଏକ ନାବାଳିକା ଅପହରଣ ଓ ତା’ ପ୍ରତି ଅସଦାଚରଣ କରିବା ଅଭିଯୋଗରେ ପୋଲିସ ଦ୍ୱାରା ଗିରଫ ହୋଇ ଜେଲ ଯାଇଥିଲେ। ସେ ଆଳିପିଙ୍ଗଳ ଜେଲରେ ବିଚାରାଧୀନ କଏଦୀ ଥିବା ବେଳେ ଗତବର୍ଷ ଏପ୍ରିଲ ମାସରେ ଜେଲ ପାଚେରି ଡେଇଁ ଚମ୍ପଟ ମାରିଥିଲେ। ସେବେଠାରୁ ସେ ଫେରାର ଥିଲେ। ପୋଲିସ ଖୋଜୁଥିଲେ ମଧ୍ୟ ଜୀବନଙ୍କୁ ପାଇ ନ ଥିଲା। ବୁଧବାର ଜୀବନ ଆସି ଆଈ ସଖୀଙ୍କୁ କଟୁରିରେ ହାଣି ହତ୍ୟା କରିଛି। ଏଥିସହ ୨ ହେମ ଦାସ, ସନ୍ଧ୍ୟା ଦାସ ଓ ୬ ବର୍ଷର ଶିଶୁ କନ୍ୟା ଗୌରୀ ତାଙ୍କ ଆକ୍ରମଣରେ ଆହତ ହୋଇଛନ୍ତି। ମାମୁ ମା’ଙ୍କୁ ହତ୍ୟା ଓ ଏମାନଙ୍କୁ ଆକ୍ରମଣ ପରେ ଖସି ପଳାଇ ଯିବାକୁ ବସିଥିବା ବେଳେ ଉତ୍ତ୍ୟକ୍ତ ଲୋକେ ତାକୁ ମାଡ଼ି ବସି ଅଟକ ରଖିଥିଲେ। ଖବର ପାଇ ଆଇଆଇସି ସଲିଳ ପ୍ରଧାନ ପୋଲିସ ଟିମ ସହ ପହଞ୍ଚି ଅଭିଯୁକ୍ତ ଜୀବନଙ୍କୁ ଥାନାକୁ ପଠାଇ ଘଟଣାର ତଦନ୍ତ ଚଳାଇଛନ୍ତି। ଜୀବନ ହତ୍ୟାରେ ବ୍ୟବହାର କରିଥିବା କଟୁରିକୁ ପୋଲିସ ଜବତ କରିଛି। ଅନ୍ୟପକ୍ଷରେ ତାର ଆକ୍ରମଣରେ ଗୁରୁତର ଭାବେ ଆହତ ହୋଇଥିବା ସନ୍ଧ୍ୟା ଓ ହେମଙ୍କୁ ବାଲିକୁଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ଅଧିକ ଚିକିତ୍ସା ପାଇଁ ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ଆହତ ଶିଶୁକନ୍ୟାର ପ୍ରାଥମିକ ଚିକିତ୍ସା ପରେ ଘରକୁ ପଠାଇ ଦିଆଯାଇଛି। ପୋଲିସ ମୃତଦେହକୁ ଜବତ କରି ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ମୃତା ସଖୀଙ୍କ ପୁଅ, ଅଭିଯୁକ୍ତ ଜୀବନଙ୍କ ମାମୁ ଲକ୍ଷ୍ମୀଧରଙ୍କ ଅଭିଯୋଗକ୍ରମେ ଥାନାରେ ନଂ. ୪୨୦/୨୩ରେ ହତ୍ୟା ମାମଲା ରୁଜୁ ହୋଇଛି। ଏସ୍‌ଡିପିଓ ରମେଶ ସିଂ ଘଟଣା ସ୍ଥଳରେ ପହଞ୍ଚି ପାରିପାର୍ଶ୍ୱିକ ସ୍ଥିତ ଅନୁଧ୍ୟାନ କରି ଫେରି ଯାଇଛନ୍ତି।

# କୋଇଲା ବୋଝେଇ ଟ୍ରେନ୍‌ରୁ ବିଚ୍ଛିନ୍ନ ହେଲା ୮ ବଗି

ଟିଟିଲାଗଡ଼, ୧୬।୮(ଶରତ ମିଶ୍ର)

ବଲାଙ୍ଗୀର ଜିଲା ଟିଟିଲାଗଡ଼ ଖଜୁରପଡ଼ା ରେଳଫାଟକ ନିକଟରେ ବୁଧବାର ଅପରାହ୍ନ ପ୍ରାୟ ୫ଟାରେ ବିଜୟୱାଡା ଅଭିମୁଖେ ଯାଉଥିବା ଏକ କୋଇଲା ବୋଝେଇ ମାଲବାହୀ ଟ୍ରେନର ୮ଟି ବଗି ଅଲଗା ହୋଇ ଯାଇଥିଲା। ମଝିରୁ କପ୍ଲିଂ ଛିଣ୍ଡିଯିବାରୁ ଏପରି ହୋଇଥିବା ଜଣାପଡ଼ିଛି। ଏଥିଯୋଗୁ ଘଟଣାସ୍ଥଳରେ ପ୍ରାୟ ୨ଘଣ୍ଟା ଧରି ମାଲ ବୋଝେଇ ଟ୍ରେନ୍‌ଟି ଅଟକି ରହିଥିଲା। ଟ୍ରେନ୍‌ରେ ଶହେରୁ ଊର୍ଦ୍ଧ୍ୱ ବଗିରେ କୋଇଲା ବୋଝେଇ ହୋଇ ଯାଉଥିଲା। ଖବର ପାଇ ରେଳ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଆବଶ୍ୟକ ମରାମତି ପରେ ଟ୍ରେନ୍ ପୁଣି ଥରେ ଗନ୍ତବ୍ୟସ୍ଥଳକୁ ଯାଇଥିଲା।


ବଗି ଅଲଗା ହୋଇ ଯିବା ପରେ ଟ୍ରାକ୍‌ରେ ଅଟକି ରହିଥିବା କୋଇଲା ବୋଝେଇ ଟ୍ରେନ।

# ଗ୍ରାହକଙ୍କୁ ଉଠବସ୍ କରାଇଲେ ଏମ୍‌ପି

**ଅବାଧରେ ଚାଲିଥିଲା ଚୋରା ମଦ କାରବାର**

ନୀଳଗିରି, ୧୬।୮(ପ୍ରଶାନ୍ତ କୁମାର ବିଶ୍ୱାଳ): ବାଲେଶ୍ୱର ଜିଲା ନୀଳଗିରି ବ୍ଲକର ବିଭିନ୍ନ ସ୍ଥାନରେ ଦେଶୀ ଓ ବିଦେଶୀ ମଦ କାରବାର ବଢ଼ିବାରେ ଲାଗିଛି। ନୀଳଗିରି ବ୍ଲକର ଗୋପୀନାଥପୁରଠାରେ ନିର୍ମାଣ ହେଉଥିବା ଷ୍ଟେଶନଠାରୁ କିଛି ଦୂରରେ ବାଲେଶ୍ୱର ଏମ୍‌ପି ପ୍ରତାପ ଷଡ଼ଙ୍ଗୀଙ୍କ ଘର। ଷ୍ଟେଶନ ପାଖ ଗ୍ରାମରେ ଚୋରା ମଦ ବେପାରୀଙ୍କ ଆଡ୍ଡାସ୍ଥଳୀ ପାଲଟିଥିବା ବେଳେ ଖୁଲମଖୁଲା ଦେଶୀ ଓ ବିଦେଶୀ ମଦ ବିକ୍ରି ହେଉଛି। ଏମ୍‌ପି ଷଡଙ୍ଗୀ ମଙ୍ଗଳବାର ରାତିରେ ଘରକୁ ଫେରିବା ବେଳେ ହଠାତ୍ ସେହି ଅଞ୍ଚଳକୁ ପଶିଯାଇଥିଲେ। ମଦବେପାରୀ ଓ ପିଉଥିବା ଗ୍ରାହକମାନେ ଘଟଣାସ୍ଥଳରୁ ଛତ୍ରଭଙ୍ଗ ଦେଇଥିଲେ। କିଛି ଧରାପଡିଯାଇଥିବା ବେଳେ ତାଙ୍କୁ ଏମ୍‌ପି ଆଉ ଏଭଳି କାର୍ଯ୍ୟ ନ କରିବାକୁ ତାଗିଦ୍ କରିବା ସହ ସେଠାରେ ଥିବା ଦୁଇ ଗ୍ରାହକଙ୍କୁ କାନ ଧରି ଉଠବସ୍ ମଧ୍ୟ କରାଇଥିବା ଦେଖିବାକୁ ମିଳିଥିଲା। ନୀଳଗିରି ପୋଲିସ ପହଞ୍ଚିଥିବା ବେଳେ ଏମ୍‌ପିଙ୍କ ଏଭଳି କାର୍ଯ୍ୟକୁ ନେଇ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି।

# ମହିଳାଙ୍କୁ ଟାଣିନେଲା କୁମ୍ଭୀର: ମୃତଦେହ ଜବତ

ବରୀ,୧୬।୮(ମହେନ୍ଦ୍ର ସ୍ୱାଇଁ): ଯାଜପୁର ଜିଲା ବରୀ ବ୍ଲକ୍ ଅମଠପୁର ପଞ୍ଚାୟତ ପାଲଟପୁର ଗ୍ରାମରେ ବୁଧବାର ସକାଳେ ଏକ ଦୁଃଖଦ ଘଟଣା ଘଟିଛି। ଗ୍ରାମର ଜ୍ୟୋତ୍ସ୍ନା ଜେନା(୩୬) ବିରୂପା ନଦୀକୁ ଶୌଚ ପାଇଁ ଯାଇଥିବାବେଳେ ତାଙ୍କୁ କୁମ୍ଭୀର ଟାଣିନେଇ ମାରିଦେଇଛି। ପରେ ତାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଖବର ପ୍ରଚାରିତ ହେବାପରେ ଲୋକେ ତାଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ। ହେଲେ ତାହା ସମ୍ଭବ ହୋଇ ପାରି ନ ଥିଲା। ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ତାଙ୍କୁ ମୃତ ଅବସ୍ଥାରେ ଉଦ୍ଧାର କରିଥିଲେ। ବିଧାୟିକା ସୁନନ୍ଦା ଦାସ, ତହସିଲଦାର ତିଲୋତ୍ତମା ପୃଷ୍ଟି ଏବଂ ବରୀ-ରାମଚନ୍ଦ୍ରପୁର ଥାନା ପୋଲିସ ପହଞ୍ଚିଥିଲା। ପୋଲିସ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ବନ ବିଭାଗ ପକ୍ଷରୁ ମୃତକଙ୍କ ପରିବାରକୁ ୬୦ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଛି। ତେବେ ବାରମ୍ବାର ଏହି ନଦୀରେ କୁମ୍ଭୀର ଦେଖାଯାଉଥିବା ସାଧାରଣ ଲୋକେ କହୁଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ ଲୋକଙ୍କୁ ସଚେତନ କରାଯାଉନାହିଁ। ଫଳରେ ଏଭଳି ଘଟଣା ଘଟିଲା ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଉକ୍ତ ଘଟଣା ପରେ ଲୋକଙ୍କୁ ବନ୍ୟା ସମୟରେ ନଦୀକୁ ନ ଯିବା ପାଇଁ ପ୍ରଶାସନ ତରଫରୁ ସଚେତନ କରାଯାଇଛି।

JEYPORE COLLEGE OF PHARMACY
(Under the patronage of Banagiri Development Trust)
NAAC accredited with "B++" Grade
Approved By
Pharmacy Council of India, (PCI), New Delhi, Govt of Odisha.
Affiliated to Biju Patnaik University of Technology (BPUT)
& Odisha State Board of Pharmacy (OSBP)
Contact Info:
8763562574, 9437389954, 9438593095, 9178141017



Courses Offered

| | |
|---|---|
| Diploma in Pharmacy | 60 Seats |
| Bachelor of Pharmacy | 100 Seats |
| Master of Pharmacy | |
| Pharma Technology | 09 Seats |
| Pharmaceutical Quality Assurance | 03 Seats |
| Pharmacology | 06 Seats |
| Pharmacognosy | 09 Seats |

ADMISSION OPEN
BANAVIHAR, RONDAPALLI, JEYPORE,
KORAPUT ODISHA-764002, PHONE : 06854-291221,
Email: jcpprincipal2001@gmail.com, Visit Us: www.pharmajeypore.org, www.jcp.ac.in

VANSAAR Kabz Care
ଭନସାର କବ୍ଜ କେୟାର ମାନେ ହିଁ ପେଟ କ୍ଲିୟର!




କୋଷ୍ଠକାଠିଣ୍ୟ, ଗ୍ୟାସ ଓ ଏସିଡିଟିରୁ ମୁକ୍ତି ପାଇବାକୁ ପ୍ରତିଦିନ ରାତିରେ ଭନସାର କବ୍ଜ କେୟାର ଖାଆନ୍ତୁ। ଏହା ଦଶଟି ଆୟୁର୍ବେଦିକ ଉପାଦାନ ସମୃଦ୍ଧ।
100 ଗ୍ରାମ @ ₹99 ମାତ୍ର
ପ୍ରାକୃତିକ । ସୁରକ୍ଷିତ । ପ୍ରଭାବଶାଳୀ

ଜୀବନର ଧାରାଠାରୁ ଆଧ୍ୟାତ୍ମିକତାକୁ ଗୋଟାଏ ବିଚ୍ଛିନ୍ନ ପୃଥକ୍ ବସ୍ତୁ ମନେ କରିବା ଭୁଲ। ଈଶୋପନିଷଦ କହେ– ସବୁ ତ୍ୟାଗ କର। ତେବେ ସବୁ ଭୋଗ କରିପାରିବ। ଅନ୍ୟ କାହାରି ବିତ୍ତକୁ ଲୋଭ କରନାହିଁ। ଜଗତରେ ତୁମର କର୍ତ୍ତବ୍ୟ କର୍ମ କରି ହିଁ – ତୁମେ ତୁମର ଶତବର୍ଷର ଜୀବନ ଯାପନ କରିବାକୁ ବାଞ୍ଛା କରିପାରିବ। –ଶ୍ରୀଅରବିନ୍ଦ



# କିମ୍ବଦନ୍ତୀରେ କୃଷ୍ଣଙ୍କ ଭଉଣୀ



ଦେବଦତ୍ତ ପଟ୍ଟନାୟକ

ମହାରାଷ୍ଟ୍ରର ଏଲୋରାରେ ଥିବା ୨୭ଟି ପୁରାତନ ଗୁମ୍ଫା ମଧ୍ୟରୁ ଗୋଟିକରେ ଏକ ଦେବୀଙ୍କ ମୂର୍ତ୍ତି ଅଛି। ଏହାର ବାମରେ ବିଷ୍ଣୁ ଓ ଡାହାଣରେ ବଳରାମ ଅଛନ୍ତି ବୋଲି ଚିହ୍ନଟ କରାଯାଇଛି। ସେହି ଦେବୀଙ୍କ ନାମ ଏକନମ୍ସା। ସେ ହେଉଛନ୍ତି ପରମ ଦେବୀ ତଥା କୃଷ୍ଣଙ୍କ ଭଉଣୀ। କିନ୍ତୁ ତାଙ୍କ ବାମରେ କୃଷ୍ଣ ନାହାନ୍ତି, ଅଛନ୍ତି ବିଷ୍ଣୁ ଏବଂ ସେ ତାଙ୍କ ୪ ହାତରେ ଶଙ୍ଖ, ଚକ୍ର, ଗଦା ଓ ପଦ୍ମ ଧରିଛନ୍ତି। ଏହା ଦୁଇଟି ବିଷୟକୁ ସୂଚିତ କରେ। ପ୍ରଥମରେ ଗୋପାଳକ କୃଷ୍ଣଙ୍କ କାହାଣୀକୁ ବୈଦିକ ଦେବତା ବିଷ୍ଣୁଙ୍କ ସହ ଜଡ଼ିତ କରାଯାଇଛି। ଦ୍ୱିତୀୟରେ ମୂର୍ତ୍ତି ଓ ମନ୍ଦିର ଆଧାରିତ ହିନ୍ଦୁଧର୍ମର ଉତ୍‌ଥାନରେ ଦେବତାଙ୍କୁ ଚତୁର୍ବାହୁ ଭାବେ ଉପସ୍ଥାପିତ କରାଯାଇଛି। ଏହା ପାଖାପାଖି ୫ମ ଶତାବ୍ଦୀରେ ଗୁପ୍ତ ରାଜବଂଶ ଶାସନରେ ଘଟିଛି।

ବହୁ ପୂର୍ବରୁ ଯେତେବେଳେ କୌଣସି ଧର୍ମୀୟ ଗୋଷ୍ଠୀ ନ ଥିଲା ସେତେବେଳେ ଲୋକେ ହଳୀ ନାମକ ଦେବତାଙ୍କୁ ପୂଜା କରୁଥିଲେ। ସେ ହଳ କରୁଥିବାରୁ ତାଙ୍କ ନାମକରଣ ଏଭଳି କରାଯାଇଥିଲା। ଆଉ ଏକ ଦେବତାଙ୍କୁ ବି ପୂଜା କରାଯାଉଥିଲା, ଯାହାଙ୍କୁ କୁହାଯାଉଥିଲା ଚକ୍ରୀ। ସେ ହାତରେ ବଳଦ ଓ ଘୋଡ଼ା ଦ୍ୱାରା ଟଣାଯାଉଥିବା ଗାଡ଼ିର ଚକ ଧରିଥିଲେ। ମୁଖ୍ୟତଃ ଅଧିକାଂଶ ଲୋକଙ୍କର ଏହି ଦୁଇ ବୃତ୍ତି ରହିଛି ଏବଂ ଉଭୟ ପାଇଁ ଦରକାର ପୃଥିବୀ ବା ଦେବୀ ଏକନମ୍ସା। ଏଣୁ କୃଷି ଓ ପଶୁପାଳନ ଦେବତାଙ୍କ ବିଚାର ପୃଥିବୀଦେବୀଙ୍କ ସହ ଜଡ଼ିତ। ଚକ୍ରଧାରୀ ଏବଂ ହଳ କରୁଥିବା ଦେବତାଙ୍କ ମୂର୍ତ୍ତି ଆମେ ଗ୍ରୀକ୍ ମୁଦ୍ରାରେ ବି ଦେଖିବାକୁ ପାଉ। ଏସବୁ ୨,୧୦୦ ବର୍ଷର ପୁରୁଣା।

ଅଧିକାଂଶ ହିନ୍ଦୁ ପୁରାଣରେ କୁହାଯାଇଛି, ମଥୁରା ରାଜା କଂସକୁ ହୋଇଥିବା ଦିବ୍ୟବଣୀ କହେ ଯେ, ତାଙ୍କ ଭଉଣୀଙ୍କ ୮ମ ପୁତ୍ର ତାଙ୍କୁ ମାରିବ। ଗ୍ରୀକ୍ ପୁରାଣରେ ବି ସମାନ ପ୍ରକାର କଥା ଶୁଣାଯାଏ। ସେଥିରେ ଜଣେ ଅତ୍ୟାଚାରୀକୁ ଦୈବୀବାଣୀ ହୋଇଛି ଯେ, ତାଙ୍କୁ ଯିଏ ବଧ କରିବ ସେ ତାଙ୍କ ପରିବାରରେ ହିଁ ଜନ୍ମ ନେବ। କୃଷ୍ଣଙ୍କ କାହାଣୀରେ ସପ୍ତମ ସନ୍ତାନଙ୍କୁ ଅନ୍ୟ ଜଣଙ୍କ ଗର୍ଭରେ ପ୍ରତିଷ୍ଠାପିତ କରାଯିବା ଯୋଗୁ ସେ ବଞ୍ଚିଯାଇଛନ୍ତି। ଅଷ୍ଟମ ସନ୍ତାନଙ୍କୁ ନିଆଯାଇ ତା'ବଦଳରେ ଜଣେ ଗୋପାଳକଙ୍କ କନ୍ୟାକୁ ରଖାଯାଇଛି। ଫଳରେ କଂସ ଏହି କନ୍ୟାକୁ ମାରିବାକୁ ଚେଷ୍ଟା କରନ୍ତେ ସେ ଦେବୀ ପାଲଟିଯାଇଛନ୍ତି। ବଞ୍ଚିଯାଇଥିବା ଏହି ୩ ଜଣ ସନ୍ତାନ ବଳରାମ, କୃଷ୍ଣ ଓ ସୁଭଦ୍ରା ହୋଇଛନ୍ତି। କୃଷ୍ଣ ଓ ବଳରାମ କୁସ୍ତିରେ କଂସକୁ ବଧ କରିଛନ୍ତି।



ବୌଦ୍ଧଧର୍ମର ଘାଟ ଜାତକରେ ସମାନ ପ୍ରକାର କାହାଣୀକୁ ସାମାନ୍ୟ ଭିନ୍ନ ଭାବେ ବର୍ଣ୍ଣନା କରାଯାଇଛି। କଂସ ତାଙ୍କ ଭଉଣୀଙ୍କୁ ଏକ ଟାୱାର ବା ଉଚ୍ଚ ମିନାର ଉପରେ ଲୁଚାଇ ରଖିଛନ୍ତି। କିନ୍ତୁ ସେହି ଭଉଣୀଙ୍କର ସାଗର ନାମକ ଜଣେ ରାଜକୁମାରଙ୍କ ସହ ଗୁପ୍ତରେ ପ୍ରେମ ସମ୍ପର୍କ ଗଢ଼ି ଉଠିଛି। ଏହା ଜଣାପଡ଼ିବା ପରେ କଂସ କନ୍ୟା ସନ୍ତାନଙ୍କୁ ବଞ୍ଚାଇବାକୁ ରାଜି ହୋଇଛି, କିନ୍ତୁ ପୁତ୍ର ସନ୍ତାନଙ୍କୁ ନୁହେଁ। ଗୋଟିଏ ଝିଅ ଜନ୍ମ ହୋଇଛି ଓ ସେ ବଞ୍ଚିଯାଇଛି। ପରେ କଂସର ଭଉଣୀ ୧୦ଟି ପୁତ୍ର ସନ୍ତାନଙ୍କୁ ଜନ୍ମ ଦେଇଛନ୍ତି। କିନ୍ତୁ ସେମାନଙ୍କୁ ଅନ୍ୟତ୍ର ନିଆଯାଇ ସେମାନଙ୍କ ସ୍ଥାନରେ ତାଙ୍କ ଦାସୀଙ୍କ ଗର୍ଭରୁ ମୃତ କନ୍ୟାସନ୍ତାନଙ୍କୁ ରଖାଯାଇଛି, ଯିଏକି ସମାନ ସମୟରେ ସନ୍ତାନ ଜନ୍ମ ଦେଇଛନ୍ତି। ଏହି ୧୦ ଜଣ ରାଜକୁମାର ଦାସୀଙ୍କ ଘରେ ବଢ଼ିଛନ୍ତି ଓ ଯୋଦ୍ଧା ପାଲଟି କଂସଙ୍କୁ ବଧ କରିଛନ୍ତି।

ଜୈନ କାହାଣୀରେ, କଂସକୁ ସପ୍ତମ ସନ୍ତାନ ମାରିବ ବୋଲି କୁହାଯାଇଛି, ଅଷ୍ଟମ ସନ୍ତାନ ନୁହେଁ। ୬ଟି ପିଲାଙ୍କୁ ଅନ୍ୟତ୍ର ନିଆଯାଇ ସେମାନଙ୍କ ସ୍ଥାନରେ ଗର୍ଭରୁ ମୃତ ଝିଅମାନଙ୍କୁ ରଖାଯାଇଛି। ୭ମ ସନ୍ତାନ ସ୍ଥାନରେ ନାକ କଟାଯାଇଥିବା ଜଣେ ଜୀବିତ ଝିଅକୁ ରଖାଯାଇଛି, ଯାହାଫଳରେ କଂସ ପ୍ରତି ବିପଦ ହେବାକୁ ଥିବା ଜଣେ ଶକ୍ତିଶାଳୀ ପୁରୁଷଙ୍କୁ ବାହା ହୋଇପାରିବ ନାହିଁ। ତେବେ ବଞ୍ଚିଯାଇଥିବା ଦେବକୀଙ୍କ ଗର୍ଭରୁ ଜନ୍ମିତ ୬ ପୁତ୍ର ସନ୍ତାନ ପରବର୍ତ୍ତୀ ଜୀବନରେ ଜୈନ ସାଧୁ ହୋଇଥିବା ପଢ଼ିବାକୁ ପାଉ। କଂସକୁ ୭ମ ସନ୍ତାନ କୃଷ୍ଣ ବଧ କରିଛନ୍ତି। ଦେବକୀ ଆଉ ଗୋଟିଏ ସନ୍ତାନ ଚାହିଁଛନ୍ତି ଓ ତାଙ୍କର ୮ମ ସନ୍ତାନ ହୋଇଛି ଏବଂ ସେ ମଧ୍ୟ ଜୈନ ସନ୍ନ୍ୟାସୀ ହୋଇଯାଇଛନ୍ତି। ଜୈନ କିମ୍ବଦନ୍ତୀରେ ବଳରାମ ଆଉ ଜଣେ ସ୍ତ୍ରୀ ରୋହିଣୀଙ୍କଠାରୁ ଜନ୍ମ ହୋଇଛନ୍ତି ଏବଂ ସେ ଅହିଂସା ପଥ ବାଛି ନେଇଛନ୍ତି। ଏହା ବ୍ୟତୀତ ଜୈନ କିମ୍ବଦନ୍ତୀରେ ଶୁଣିବାକୁ ମିଳେ ଯେ, ନାକ କଟିଯାଇଥିବା କୃଷ୍ଣଙ୍କ ଭଉଣୀ ଜଣେ ଜୈନ ସନ୍ନ୍ୟାସିନୀ ହୋଇଯାଇଛନ୍ତି। ଉଲ୍ଲେଖନୀୟ ଯେ, ଓଡ଼ିଶାର ପୁରୀରେ ଦେବୀ ସୁଭଦ୍ରାଙ୍କୁ ଚେପି ନାକୀ ବୋଲି ଉପହାସ ଛଳରେ କୁହାଯାଇଥାଏ, ଯାହା ଜୈନ ପୁରାଣ ସହ ସମ୍ପର୍କ ସ୍ପଷ୍ଟ କରେ। ଜୈନ ସନ୍ନ୍ୟାସିନୀ ଭାବେ ଜଙ୍ଗଲରେ ତପସ୍ୟା କରୁଥିବା ସମୟରେ ଆଦିବାସୀମାନେ ତାଙ୍କୁ ଜଣେ ଦେବୀ ଭାବି ଫଳମୂଳ ଦେଇ ଆଖି ବନ୍ଦ କରି ପୂଜା କରିବାବେଳେ ଦେବୀଙ୍କୁ ବାଘ ଆକ୍ରମଣ କରିଛି। ଦେବୀ ବାଘକୁ ରୋକିନାହାନ୍ତି କି ସାହାଯ୍ୟ ଲାଗି କହିନାହାନ୍ତି। ଆଦିବାସୀମାନେ ଆଖି ଖୋଲିବା ପରେ ସେ ବସିଥିବା ସ୍ଥାନରେ ରକ୍ତ ଓ ଅନ୍ତ ଦେଖିଛନ୍ତି। ସେମାନେ ଦେଇଥିବା ଫଳମୂଳରେ ଦେବୀ ଅସନ୍ତୁଷ୍ଟ ହୋଇ ସେହି ଜାଗା ଛାଡ଼ି ଚାଲିଯାଇଛନ୍ତି ଏବଂ ଏହି ରକ୍ତ ଓ ମାଂସ ଚାହାନ୍ତି ବୋଲି ସେମାନେ ନିଶ୍ଚିତ ହୋଇଛନ୍ତି। ଏଣୁ ଏହି ବିଶ୍ୱାସକୁ ଆଧାର କରି ସେତେବେଳେ ଆଦିବାସୀ ପରମ୍ପରାରେ ଦେବୀଙ୍କୁ ମଇଁଷି ବଳି ଦେବା ଆରମ୍ଭ ହୋଇଥିଲା। ଆର୍ଯ୍ୟାବର୍ତ୍ତର ଦକ୍ଷିଣ ଭାଗରେ ବିନ୍ଧ୍ୟ ପାହାଡ଼ ଉପରେ ବିରାଜିତା ବିନ୍ଧ୍ୟବାସିନୀଙ୍କୁ ପୁରାତନ ଆର୍ଯ୍ୟ ଯୁଗରେ ଏଭଳି ବଳି ଦିଆଯାଇଥିଲା।

ସମ୍ଭବତଃ, ବିନ୍ଧ୍ୟର ଉତ୍ତର ଭାଗରେ ୨,୦୦୦ରୁ ଅଧିକ ବର୍ଷ ପୂର୍ବେ ସୁଭଦ୍ରା ଏବଂ ତାଙ୍କ ଭାଇମାନଙ୍କ କାହାଣୀକୁ ହିନ୍ଦୁ, ବୌଦ୍ଧ ଏବଂ ଜୈନ କିମ୍ବଦନ୍ତୀରେ ସନ୍ନିବେସିତ କରାଯାଇଥିଲା। ସେଥିପାଇଁ ମୌର୍ଯ୍ୟ ରାଜବଂଶର ମୁଦ୍ରାରେ ଏବଂ ମଧ୍ୟପ୍ରଦେଶର ଗୁମ୍ଫାଗୁଡ଼ିକର ପଥର ଖୋଦେଇରେ ଏସବୁ ଦେଖିବାକୁ ମିଳେ। ଏଗୁଡ଼ିକ ବି ବିନ୍ଧ୍ୟର ଉତ୍ତର ଭାଗରେ ଅବସ୍ଥିତ। ଜଣେ ଦେବୀ ଓ ୨ ଜଣ ଦେବତାଙ୍କୁ ନେଇ ହିନ୍ଦୁଧର୍ମର ବିଚାର ସମ୍ଭବତଃ ଗୁପ୍ତ ରାଜବଂଶ (୧,୭୦୦ ବର୍ଷ ପୂର୍ବେ) ସମୟରେ ପ୍ରଥମେ ରାଜକୀୟ ସ୍ୱୀକୃତି ଲାଭ କରିଥିଲା। ଏହି କାହାଣୀ କ୍ରମଶଃ ବିନ୍ଧ୍ୟ ପାହାଡ଼ ଅଞ୍ଚଳ ଦେଇ ୧,୦୦୦ ବର୍ଷ ପୂର୍ବେ ଡେକାନ ଅଞ୍ଚଳକୁ ଆସିଥିଲା ଓ ଏଲୋରା ଗୁମ୍ଫାଗୁଡ଼ିକରେ ମୂର୍ତ୍ତିଗୁଡ଼ିକ ଖୋଦିତ ହୋଇଥିଲା। ସେହି ସମୟରେ ଦେବୀଙ୍କୁ ଶକ୍ତି ସହ ଜଡ଼ିତ କରାଯାଇଥିଲା। ଦେବୀଙ୍କ ସହ ଥିବା ଦୁଇ ଦେବତା ତାଙ୍କ ଭାଇ କୃଷ୍ଣ ଓ ବଳରାମ ନ ଥିଲେ। ସେମାନେ ଥିଲେ ଶିବ ଓ ବିଷ୍ଣୁ। ଏହିପରି ଭାବେ ସେହି ଦେବୀଙ୍କୁ ନୂଆ ହିନ୍ଦୁଧର୍ମରେ ନୂଆ ରୂପ ଦିଆଯାଇଥିଲା। ସମୟକ୍ରମେ ଅଧିକାଂଶ ହିନ୍ଦୁ ସମାଜ ଏକନମ୍ସାଙ୍କୁ ଭୁଲିଗଲେ, ଯାହାଙ୍କ ଦୁଇ ପାଖରେ ହଳୀ ଓ ଚକ୍ରୀ ଥିଲେ। ଏହା ବଦଳରେ ୩ ଦେବତା ବ୍ରହ୍ମା, ବିଷ୍ଣୁ ଓ ଶିବଙ୍କୁ ଗୁରୁତ୍ୱ ଦିଆଗଲା।

ଦେବୀଙ୍କ ଏହି ମୂର୍ତ୍ତିର ଦୁଇ ପାଖରେ ଥିବା ୨ ଦେବତାଙ୍କ ମୂର୍ତ୍ତି ଦେଖିବାକୁ ମିଳେ ପୁରୀ ଜଗନ୍ନାଥ ମନ୍ଦିରରେ। କିନ୍ତୁ ଏବକାର ମୂର୍ତ୍ତିର ରୂପ ପାଖାପାଖି ଦ୍ୱାଦଶ ଶତାବ୍ଦୀର। ଏହା ଅନୁମାନ କରାଯାଏ ଯେ, ଏହି ରୂପ ସ୍ଥାନୀୟ ଆଦିବାସୀଙ୍କର ପ୍ରିୟ ଥିଲା ଏବଂ ତାହାକୁ ଓଡ଼ିଶାର ବୈଷ୍ଣବ ମନ୍ଦିରରେ ସଂଯୁକ୍ତ କରାଯାଇଥିଲା। ଏହି ୩ ଦିଅଁ କାଠର ମୂର୍ତ୍ତି। ମଝି ମୂର୍ତ୍ତି ହଳଦିଆ, ବାମରେ କଳା ଓ ଡାହାଣରେ ଧଳା ଦିଅଁ ରହିଛନ୍ତି, ଯେଉଁମାନେ ସୁଭଦ୍ରା, କୃଷ୍ଣ ଓ ବଳରାମ ଭାବେ ଜଣାଶୁଣା। ତେବେ କେତେଜଣଙ୍କ ମତରେ, ଏହି ୩ ଦିଅଁ ହିନ୍ଦୁଧର୍ମର ୩ ଧାରା ଯଥା ଶୈବ (ବଳରାମ), ଶାକ୍ତ (ସୁଭଦ୍ରା) ଏବଂ ବୈଷ୍ଣବ (ଜଗନ୍ନାଥ)କୁ ବୁଝାଏ। ଅନ୍ୟପକ୍ଷରେ ଆଉ କେତେକେ କହନ୍ତି, ଶକ୍ତିଙ୍କ ଦୁଇପାଖରେ କଳା ଭୈରବ ଓ ଧଳା ଭୈରବ ବିଦ୍ୟମାନ।

–devduttofficial@gmail.com

# ପିଲାଦିନ କଥା ମନେରହେନା



ଡା. ସମ୍ରାଟ କର

ଆପଣଙ୍କ ପିଲାଦିନର କଥା ମନେଅଛି? ଘରେ ବଡ଼ ସାନ ଭାଇଭଉଣୀଙ୍କ ସହ କିପରି ଖେଳୁଥିଲେ, ଗାଁ ଦାଣ୍ଡରେ କୁନି ସାଥି ସାଙ୍ଗଙ୍କ ସହ ଧୂଳିବାଲି ଘରର ଫୋପଡ଼ାଫୋପଡ଼ି ଆଉ ମିଳାମିଶା ମନେଅଛି? ଗାଁ ମୁଣ୍ଡ ଅବଧାନଙ୍କ ଚାଟଶାଳୀର ପଣିକିଆ ଘୋଷା ହେଉ ବା ଖରାଦିନେ ଗଛରୁ ନଈପାଣିକୁ ଡେଇଁବାର ସ୍ମୃତି କହିପାରିବେ ଆପଣ? ଏମିତି ଅନେକ କଥା। ପିଲାଦିନର କଥା କେତେଜଣ ମନେରଖନ୍ତି ତ ଆଉ କେତେକ ଲୋକ ଭୁଲିଯାଇଥା'ନ୍ତି। ମାତ୍ର ସ୍ମୃତିବିଜଡ଼ିତ ବାଲ୍ୟକାଳର ସବୁ ଘଟଣା ସ୍ମରଣ କଲାଭଳି ଦକ୍ଷତା କ୍ୱଚିତ୍ ଲୋକଙ୍କର ଥାଏ। କିନ୍ତୁ ପ୍ରଶ୍ନ ହେଉଛି ଏପରି ହୁଏ କାହିଁକି? ଶିଶୁମନସ୍ତ କ୍ଷେତ୍ରକୁ ଦେଖିଲେ ଏପ୍ରକାର ଅବସ୍ଥାକୁ ବାଲ୍ୟ ବିସ୍ମରଣ କୁହାଯାଏ। ସ୍ମରଣଶକ୍ତିକୁ ଅନୁଶୀଳନ କରାଯାଇ ଏହାକୁ ଦୁଇଭାଗରେ ବିଭକ୍ତ କରାଯାଇଛି; ଯଥା– କ୍ଷଣସ୍ଥାୟୀ ସ୍ମୃତିଶକ୍ତି ଓ ଦୀର୍ଘସ୍ଥାୟୀ ସ୍ମୃତିଶକ୍ତି। ଦୀର୍ଘସ୍ଥାୟୀ ସ୍ମରଣଶକ୍ତି ମସ୍ତିଷ୍କର ପ୍ରମୁଖ ବ୍ୟବସ୍ଥାପନା ଅଞ୍ଚଳରେ ମହଜୁଦ୍ ହୋଇ ରହେ। ମାତ୍ର ବାଲ୍ୟ ଅବସ୍ଥାରେ ଏହା ପୂର୍ଣ୍ଣ ବିକଶିତ ହୋଇ ନ ଥାଏ। ପୁଣି ବାଲ୍ୟ ଅବସ୍ଥାରେ କ୍ଷଣସ୍ଥାୟୀ ସ୍ମୃତିଶକ୍ତି ଉପରେ ଶିଶୁ ନିର୍ଭରଶୀଳ ଥାଏ। ଏହି ବ୍ୟବସ୍ଥାରେ କୋଷଗୁଡ଼ିକ ବାରମ୍ବାର ନଷ୍ଟ ହେଉଥିବାରୁ ରେକର୍ଡ ହୋଇ ରହୁଥିବା ସ୍ମୃତି ଉଭେଇଯାଏ। ସେହିପରି ଦ୍ୱିତୀୟ କାରଣଟି ହେଲା କୌଣସି ଘଟଣାକୁ ସ୍ମୃତିପଟ୍ଟରେ ସାଇତି ରଖିବା ବାକ୍‌ଶକ୍ତି ଉପରେ ନିର୍ଭରଶୀଳ। କାରଣ କୌଣସି ଘଟଣା ଉପରେ ଏକାଧିକବାର ଆଲୋଚନା କଲେ ତାହା ମାନସପଟ୍ଟରେ ଲିପିବଦ୍ଧ ହୋଇ ରହିଯାଏ। ମାତ୍ର ଶିଶୁ ଅବସ୍ଥାରେ ବାକ୍‌ଶକ୍ତି ପୂର୍ଣ୍ଣ ବିକଶିତ ହୋଇ ନ ଥିବାରୁ କୌଣସି ଘଟଣା ମନେରଖିବାରେ ଅନ୍ତରାୟ ହୋଇଥାଏ।

ପିଲାଦିନର କଥା ମନେ ନ ରଖିବା ଏକ ରୋଗ ବା ସମସ୍ୟା ବୋଲି ଭାବନ୍ତୁନି। ବୟସ ବଢ଼ିବା ସହ ମଣିଷର ଶାରୀରିକ ଦକ୍ଷତା ଓ ଶକ୍ତି ଦିନକୁ ଦିନ କ୍ଷୟ ହୁଏ। ଏହା ବ୍ୟତୀତ ତେଲଲୁଣ, ଘରସଂସାର ଚାପ ହେଉ ବା କର୍ମଦାୟିତ୍ୱର ବୋଝ, ଆଖପାଖର ବ୍ୟବସ୍ଥା, ଦାୟିତ୍ୱ ଓ ଚାପ ମଧ୍ୟ ଏ କ୍ଷେତ୍ର ପାଇଁ ଅନ୍ୟତମ କାରଣ ହୋଇଥାଏ। ସ୍ମରଣଶକ୍ତି କମ୍ ଥିବା ନେଇ କାହାକୁ ସମାଲୋଚନା କରନ୍ତୁ ନାହିଁ। ଆଉ ଗୋଟିଏ କଥା, ଏ କ୍ଷେତ୍ରରେ ପିଲାମାନଙ୍କୁ ପ୍ରାଥମିକ ଅବସ୍ଥାରେ ଛୋଟ ଛୋଟ ଶବ୍ଦ କୁହନ୍ତୁ, ଯେପରି ସେ ବୁଝିପାରିବ। ଆବଶ୍ୟକ ବିଶ୍ରାମ, ସୁଷମ ଖାଦ୍ୟ ଓ ଶାରୀରିକ ବ୍ୟାୟାମ, ଯୋଗାସନ ଏହା ପାଇଁ ଅମୃତ ସଞ୍ଜୀବନୀ ସଦୃଶ କାମକରେ। ସବୁଜ ପନିପରିବା, ତଟକା ଫଳ ଓ ପୁଷ୍ଟିକର ଖାଦ୍ୟ ବହୁତ ଭଲ। ଏ କ୍ଷେତ୍ରରେ ଘିଅ, କ୍ଷୀର, ଛେନା, କିସ୍‌ମିସ୍ ବା ଛୋଟମାଛ ବହୁତ ହିତକର। ଦେଶୀ ଅଣ୍ଡା ଭଲ କିନ୍ତୁ ଏହାକୁ ଦୈନିକ ନ ଦେଇ ନିୟମିତ ବ୍ୟବଧାନରେ ଦିଅନ୍ତୁ। ଶାରୀରିକ ବ୍ୟାୟାମ ଭାବରେ ସନ୍ତରଣ, ପଦଭ୍ରମଣ, ସାଇକେଲ ଚାଳନା ଖୁବ୍ ଉତ୍ତମ। କେହି କେହି ଯୋଗାସନ ଭିତରେ ଶ୍ରେଷ୍ଠ କୁହାଯାଉଥିବା ଶୀର୍ଷାସନ ବା ସର୍ବାଙ୍ଗାସନକୁ ଗୁରୁତ୍ୱ ଦିଅନ୍ତି କିନ୍ତୁ ଏହି ଦୁଇଟି ଗୁରୁତ୍ୱପୂର୍ଣ୍ଣ ଆସନ କରିବା ପୂର୍ବରୁ ନିଜ ଶାରୀରିକ କ୍ଷେତ୍ରକୁ ଦେଖନ୍ତୁ। ପିଲାମାନଙ୍କୁ ବର୍ତ୍ତମାନ ସମୟରେ ଅଭିଭାବକମାନେ ବିଭିନ୍ନ ପାଠ୍ୟକ୍ରମ ଓ ଭବିଷ୍ୟତର କର୍ମନିଯୁକ୍ତିର ଏକ ସୁନିଶ୍ଚିତ ଯୋଜନାକୁ ଦୃଷ୍ଟିରେ ରଖି ଅନେକ ପାଠ୍ୟକ୍ରମର ଚାପ ସୃଷ୍ଟି କରୁଛନ୍ତି, ଯାହାକି ପିଲାଟିର ମାନସିକ କ୍ଷେତ୍ରକୁ ଭାରାକ୍ରାନ୍ତ କରିଥାଏ। ଅଧିକାଂଶ କ୍ଷେତ୍ରରେ ଦେଖାଯାଏ ଶିକ୍ଷାୟତନର ପାଠପଢ଼ାର ଚାପ ଓ ଘରେ ଅଭିଭାବକଙ୍କ ପାଠ ସହ ବ୍ୟକ୍ତିଗତ ଆଚରଣକୁ ନେଇ ଯେଉଁ ମନସ୍ତାତ୍ତ୍ୱିକ ଚାପ ରହିଥାଏ ଏହା ପିଲାର ମାନସିକ ସନ୍ତୁଳନକୁ ବିଗାଡ଼ିଦେବାର ସମ୍ଭାବନା ରଖିଥାଏ। ଯଦି ମନେ ରହୁନାହିଁ ତେବେ ତୁରନ୍ତ ମାନସିକ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ। କେହି କହି ଇଆଡୁସିଆଡୁ କଥା କହି ତୁଟୁକା ଚିକିତ୍ସା କଥା କହିଲେ ତାଙ୍କୁ ଆପଣ ଏଡ଼ାଇ ଦିଅନ୍ତୁ। କାରଣ ଏହା ଏକ ରୋଗ ନୁହେଁ ବା ଏହାକୁ ନେଇ ଜଣଙ୍କ ଜୀବନରେ ସେପରି କିଛି କ୍ଷତି ବି ହେବନାହିଁ। ଖୋଲା ପବନ ରହୁଥିବା ସ୍ୱଚ୍ଛ ପରିବେଶସମ୍ପନ୍ନ ସ୍ଥାନରେ କିଛି ସମୟ ନୀରବ ବସନ୍ତୁ। ମୋବାଇଲ, ଲାପଟପ୍, ସୋସିଆଲ ସାଇଟ୍ ଏହାର ବ୍ୟବହାରଠାରୁ ଦୂରେଇ ରଖିବା ଭଲ। ସବୁଠାରୁ ଉତ୍କୃଷ୍ଟ ହେଉଛି କିଛି ସମୟ ଧ୍ୟାନ କରିବା, ଯାହାପାଇଁ ପ୍ରତ୍ୟୁଷର ବ୍ରାହ୍ମ ମୁହୂର୍ତ୍ତ ବା ସନ୍ଧ୍ୟା ସମୟ ଉତ୍ତମ ମୁହୂର୍ତ୍ତ। ଭଗବାନଙ୍କ ଉପରେ ବିଶ୍ୱାସ ରଖନ୍ତୁ ଏବଂ ସଦାସର୍ବଦା ନାମ ସ୍ମରଣ କରିବା ଏକ ଭଲ ଅଭ୍ୟାସ।

ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ,
ପୁରୀଘାଟ ରୋଡ୍, କଟକ
ମୋ: ୯୧୩୨୪୩୩୩୩୩

## ଏଇ ଭାରତରେ

ଜଣେ ଏମ୍‌ବିଏ ଡିଗ୍ରୀଧାରୀ କୃଷିରେ ସଫଳତା ପାଇବା ସହ କୃଷକମାନଙ୍କୁ ସଶକ୍ତ କରିପାରିଛନ୍ତି ଏବଂ ତାଙ୍କର ଏହି କାର୍ଯ୍ୟ ଅନ୍ୟମାନଙ୍କ ଲାଗି ପ୍ରେରଣା ପାଲଟିଛି। ଆନ୍ଧ୍ରପ୍ରଦେଶ କୁର୍ନୁଲର ସୋମେଶକର ପୋଗୁଲା ଏମ୍‌ବିଏ ଡିଗ୍ରୀ ପରେ ତାଙ୍କ ଗାଁରେ ପ୍ରଥମେ ମାଣ୍ଡିଆ ଚାଷ କରିଥିଲେ। ପରେ ୨୦୧୭ରେ ୩୦ ଜଣ କୃଷକଙ୍କୁ ନେଇ ସେ 'ଅଦିତି ମିଲେଟ୍‌ସ' କମ୍ପାନୀ ଆରମ୍ଭ କରିଥିଲେ। ଏହି ଅଭିଯାନରେ ଏବେ ସେ ୨୦୮ କୃଷକଙ୍କୁ ସାମିଲ କରିଛନ୍ତି ଓ ବର୍ଷକୁ ଏଥିରୁ ଆୟ ହେଉଛି ୨ କୋଟି ଟଙ୍କା। ସେ କୃଷକମାନଙ୍କୁ ମାଣ୍ଡିଆ ଚାଷ ପଦ୍ଧତି ଉପରେ ପ୍ରଶିକ୍ଷଣ ଦେବା ସହ ଭଲ ବଜାର ବ୍ୟବସ୍ଥାରେ ଯୋଡ଼ିବାରେ ସାହାଯ୍ୟ କରୁଛନ୍ତି। ସେ 'ମିଲେଟ୍‌ସ ଟୁ ମିଲିୟନ' ଅଭିଯାନ ମଧ୍ୟ ଆରମ୍ଭ କରିଛନ୍ତି। ସୋମେଶକର ଏବେ କୁର୍ନୁଲର ୭ଟି ଗାଁରେ ଏହି ଚାଷକୁ ପ୍ରୋତ୍ସାହିତ କରୁଛନ୍ତି। ଫ୍ୟାକ୍ଟ୍ରିରେ ମିଲେଟ୍ ପ୍ରୋସେସିଂ କରାଯାଉଛି ଓ ଏଥିରେ ସ୍ଥାନୀୟ ମହିଳାମାନଙ୍କୁ ବି ନିଯୁକ୍ତି ଯୋଗାଇ ଦେଇଛନ୍ତି। ଆଗାମୀ ବର୍ଷରେ ଏହି ଚାଷରେ ଅଧିକ ଗାଁକୁ ସାମିଲ କରିବାର ସେ ଯୋଜନା ରଖିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧୭ ଅଗଷ୍ଟ ୧୯୯୮

- ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ପୂର୍ବତନ ବିଧାୟକ ବିଜୟ ଦେ'ଙ୍କ ୭୫ ବର୍ଷ ବୟସରେ ପରଲୋକ।
- ବହୁ ବାଦବିବାଦ ମଧ୍ୟରେ କେନ୍ଦ୍ର ରେଳମନ୍ତ୍ରୀ ନୀତୀଶ କୁମାରଙ୍କ ଦ୍ୱାରା ତାଳଚେର–ସମ୍ବଲପୁର ନୂତନ ରେଳପଥ ଉଦ୍‌ଘାଟିତ।
- ପୂର୍ବ ୟୁକ୍ରେନସ୍ଥିତ ଏକ କୋଇଲା ଖଣିରେ ମିଥେନ ଗ୍ୟାସ୍ ବିସ୍ଫୋରଣ ହେବା ଫଳରେ ୨୪ ଖଣି କର୍ମଚାରୀଙ୍କ ମୃତ୍ୟୁ।

## su|do|ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 5 | | | | | 6 | | | |
| | | | | | | 5 | 6 | 3 |
| | | | 1 | | | | | 7 |
| | | 9 | | 7 | | | 3 | |
| 8 | | | 3 | | 2 | | | |
| | 7 | | | | | | | 2 |
| | | 2 | | | | 1 | | |
| | | 4 | 5 | 9 | 3 | 8 | | |
| | 5 | | 2 | | | | 4 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 3 | 6 | 2 | 1 | 4 | 5 | 9 | 8 |
| 9 | 2 | 8 | 7 | 5 | 6 | 1 | 3 | 4 |
| 4 | 1 | 5 | 3 | 9 | 8 | 2 | 7 | 6 |
| 5 | 4 | 2 | 1 | 7 | 3 | 8 | 6 | 9 |
| 8 | 9 | 3 | 6 | 2 | 5 | 7 | 4 | 1 |
| 1 | 6 | 7 | 4 | 8 | 9 | 3 | 2 | 5 |
| 6 | 5 | 4 | 8 | 3 | 7 | 9 | 1 | 2 |
| 2 | 7 | 9 | 5 | 6 | 1 | 4 | 8 | 3 |
| 3 | 8 | 1 | 9 | 4 | 2 | 6 | 5 | 7 |

ଗତ ସଂସ୍କରଣର ଉତ୍ତର

# ଦେଖ ସହର କେମିତି ବଦଳୁଛି



ମୀରା ବେଉରା

ଆମ ଭିତରେ ଏମିତି ଅନେକ ଲୋକ ଅଛନ୍ତି ଯେଉଁମାନେ ନିଜର ଅସଫଳତାକୁ ପ୍ରକାରାନ୍ତରେ ଯୁକ୍ତିଯୁକ୍ତ ବୋଲି ଦର୍ଶାଇବାକୁ ଏବଂ ନିଜ ମୁଣ୍ଡ ଉପରୁ ଦାୟିତ୍ୱ ଖସାଇବାକୁ ଚେଷ୍ଟା କରନ୍ତି। ଏହି ପ୍ରସଙ୍ଗରେ ବିଖ୍ୟାତ ନାଟ୍ୟକାର ଜର୍ଜ୍ ବର୍ଣ୍ଣାଡ ଶ' କହିଛନ୍ତି, 'ଲୋକେ ସର୍ବଦା ଯେଉଁ ସ୍ତରରେ ଅଛନ୍ତି ସେଥିପାଇଁ ସେମାନେ ସବୁବେଳେ ପରିସ୍ଥିତିକୁ ଦୋଷ ଦେଇଥାନ୍ତି'। ଜର୍ଜ୍ ବର୍ଣ୍ଣାଡ ଶ' କେବେ ପରିସ୍ଥିତିରେ ବିଶ୍ୱାସ କରନ୍ତି ନାହିଁ। ଯେଉଁ ଲୋକମାନେ ଏ ଜଗତରେ ଉନ୍ନତି କରନ୍ତି ସେମାନେ ପରିସ୍ଥିତିକୁ ଦୋଷ ନ ଦେଇ ନିଜେ ଚାହୁଁଥିବା ପରିସ୍ଥିତିକୁ ସୃଷ୍ଟି କରନ୍ତି। ଏଠାରେ ଏହି ପ୍ରସଙ୍ଗ ଉପସ୍ଥାପନା କରିବାର ଉଦ୍ଦେଶ୍ୟ ହେଲା ଆଜି ଯେଉଁଭଳି କଟକ ଏବଂ ଭୁବନେଶ୍ୱର ଭଳି ସ୍ମାର୍ଟ ସିଟିରେ ବର୍ଷାର ବିପ୍ରାତ ଘଟୁଛି ଏହା କିଛି ନୂଆ କଥା ନୁହେଁ। ସ୍ମାର୍ଟ ସିଟି ବୋଲାଉଥିବା ଭୁବନେଶ୍ୱରରେ ଏଭଳି ବର୍ଷା ହେଲା ଯେ, ଯାହା ୨୬ ବର୍ଷର ରେକର୍ଡ ଭାଙ୍ଗିଦେଲା ପୂର୍ବରୁ ୧୯୯୭ ଅଗଷ୍ଟ ୨୦ ତାରିଖରେ ଯେଉଁ ବର୍ଷା ହୋଇଥିଲା ତାହା ଥିଲା ୨୪ ଘଣ୍ଟାରେ ୨୫୪.୨ ମିଲିମିଟର। କିନ୍ତୁ ଗତ ଜୁଲାଇ ୩୧ ତାରିଖ ଦିନ ଯେଉଁ ବର୍ଷା ହୋଇଥିଲା ତାହା ସବୁ ରେକର୍ଡ ଭାଙ୍ଗି ୨୪ ଘଣ୍ଟାରେ ୨୫୯.୨ ମିଲିମିଟର ପହଞ୍ଚିଲା। ଆମେ ସତର୍କ ସୂଚନା ପାଇ ମଧ୍ୟ କେତେ ପ୍ରସ୍ତୁତ ଥିଲୁ ତାହା ଏହି ଦୁଇ ପ୍ରମୁଖ ସହରକୁ ଦେଖିଲେ ବୁଝାପଡ଼ିଯିବ। ସବୁବେଳେ ଆମେ ବର୍ଷା ହୋଇସାରିଲାପରେ ତତ୍ପରତା ପ୍ରକାଶ କରି ଅସ୍ତବ୍ୟସ୍ତ ହୋଇପଡୁ। କିନ୍ତୁ ଆଗରୁ ଆମେ କାହିଁକି ଏଥିପ୍ରତି ଯେତିକି ଦୃଷ୍ଟି ଦେବା କଥା ଦେଇପାରିଲୁ ନାହିଁ। କାହାର ଏଥିପ୍ରତି ନିଘା ନ ଥିଲା। ବର୍ଷା ଜଳରେ ଯେତେବେଳେ ଦୁଇ ସହର ଉବୁଟୁବୁ ହେଉଥିଲା ଆମେ ସମସ୍ତେ ପରିସ୍ଥିତିକୁ ହିଁ ଦୋଷ ଦେଇ ଦାୟିତ୍ୱରୁ ଖସିବା ପାଇଁ ଚେଷ୍ଟା କରୁଥିଲୁ। ବଡ଼ ଦୁଃଖର କଥା ବର୍ଷସାରା ରାସ୍ତାଗୁଡ଼ିକ ଖୋଳାଯାଇ ଯେମିତି ଏହା ମରଣଯନ୍ତା ପାଲଟିଛି । ଖୋଲା ନାଳରେ ପଡ଼ି ଅନେକଙ୍କର ବି ପ୍ରାଣ ଗଲାଣି।

ଏଠାରେ ପ୍ରଶ୍ନ ଉଠୁଛି ଦୁର୍ଘଟଣା ଘଟିଲାପରେ ଯାଇ ଆମେ ସତର୍କ ହେଲାଭଳି ବାହୁସ୍ଫୋଟ ମାରି କଥାହେଉ। ଆଜି ବର୍ଷା ଜଳ ନିଷ୍କାସିତ ନ ହୋଇପାରି ଯେଉଁ କୃତ୍ରିମ ବନ୍ୟା ସୃଷ୍ଟି ହୋଇ ରାଜରାସ୍ତା ଉପରେ ଆଣ୍ଠୁଏ ଆଣ୍ଠୁଏ ପାଣି ଲହଡ଼ି ଭାଙ୍ଗୁଛି ଏଭଳି ପରିସ୍ଥିତିରେ ଆମେ କିଭଳି ଚୁପ୍ ରହିପାରୁଛୁ। ବୌଦ୍ଧ ଜିଲାରେ ସର୍ବାଧିକ ୩୯୦ ମିଲିମିଟର ବର୍ଷା ହୋଇ କେଉଁଠି ମାଟି କାନ୍ଥ ପଡ଼ି ଲୋକେ ମୃତ୍ୟୁବରଣ କଲେଣି ତ ପୁଣି କେଉଁଠି ମୁକୁଳା ଡ୍ରେନ୍‌ରେ ପିଲାଠୁ ବୃଦ୍ଧା ପଡ଼ି ପ୍ରାଣ ହରେଇଲେଣି। ସତରେ ଆଜି ଜନଜୀବନ ଏହି କୃତ୍ରିମ ବନ୍ୟାରେ ଦୁର୍ବିଷହ ହୋଇପଡ଼ିଛି। ଲୋକମାନଙ୍କର ନାହିଁନ ଥିବା ଦୁର୍ଦ୍ଦଶା।

ରାଜ୍ୟର ଜଙ୍ଗଲ ସବୁ ନଷ୍ଟ କରିସାରିଲୁଣି। ଧର୍ମକୁ ଆଖିଠାର ମାରି କେବଳ କାଗଜ କଲମରେ ଜଙ୍ଗଲ ବଢ଼ାଇଲୁ ବୋଲି ଆତ୍ମଗର୍ବରେ ଫାଟି ପଡ଼ୁଛୁ। କିନ୍ତୁ ପ୍ରକୃତରେ ଜଙ୍ଗଲକୁ ଧ୍ୱଂସ କରି ଗୁଡ଼ାଏ କଂକ୍ରିଟ୍ ଜଙ୍ଗଲ ସୃଷ୍ଟି କରିସାରିଲୁଣି। ତେବେ କାହାକୁ ଠକୁଛେ? ଆପଣା ହସ୍ତେ ଜିହ୍ୱା ଛେଦିଲା ଭଳି ପରିସ୍ଥିତି ସୃଷ୍ଟି କରୁଛେ। ସହରବାସୀ ତାଙ୍କର ଦୁଃଖ କଷ୍ଟକୁ ଯେତେ ଜଣାଇଲେ ମଧ୍ୟ ଏହି ସମସ୍ୟାର ଗୋଟିଏ ସ୍ଥାୟୀ ସମାଧାନ ହୋଇପାରୁନାହିଁ।

ସବୁବେଳେ ବାହାଘର ବେଳେ ବାଇଗଣରୁଆ ନୀତିରେ ବର୍ଷା ସମୟରେ ହିଁ ଆମେ ନାଳ ସଫା କରିବା ଆଳରେ ନର୍ଦ୍ଦମାକୁ ରାସ୍ତାକଡ଼ରେ ଅଜାଡ଼ି



ରାସ୍ତାକୁ ଆହୁରି ଅପରିଷ୍କାର କରିଦେଉଛୁ। ଯେତେ ଚେଷ୍ଟା କଲେ ମଧ୍ୟ କଟକ ଏବଂ ଭୁବନେଶ୍ୱରକୁ ଦୁର୍ଘଟଣା ମୁକ୍ତ କରିପାରୁନାହୁଁ। ଆଉ କେତେ ପିଲାଙ୍କ ଅମୂଲ୍ୟଜୀବନ ଡ୍ରେନ୍‌ରେ ପଡ଼ି ମୃତ୍ୟୁମୁଖରେ ପଡ଼ିଲେ ଆମର ଚେତନାର ଉଦୟ ହେବ, ଆମେ ସତର୍କ ରହିବୁ ତାହା ବୁଝାପଡୁନାହିଁ। ଆଉ କେତେ ନଳାପାଣିରେ ତିନ୍ତି ବୁଡ଼ି ପାଣି ଘେରରେ ରହିଲେ ଆମେ ଶିକ୍ଷାଲାଭ କରିବୁ? ମୋଟର ଲଗାଇ ନଳାପାଣିକୁ ଯଦି ଘରୁ ବାହାର କରି ଆମେ ପ୍ରସ୍ତୁତ ଓ ସଜାଗ ସତର୍କ ଅଛୁ ବୋଲି କହିବା ତେବେ ଏହାଠାରୁ ବଳି ଦୁର୍ଭାଗ୍ୟ ଆଉ କ'ଣ ଥାଇପାରେ। ଗ୍ରାମରୁ ସହରକୁ ଆକର୍ଷିତ ହୋଇଆସିଥିବା ସହରବାସୀ ଅଙ୍ଗେ ଲିଭାଉଛନ୍ତି ତାଙ୍କର ଦୁର୍ଦ୍ଦଶା। ୧୦୦୦ବର୍ଷର ସହର କଟକ ଧବଳ ଟଗର ଦୁଃଖ ଦୁର୍ଦ୍ଦଶା ମଧ୍ୟ ନ କହିଲେ ଭଲ। ଅସରାଏ ବର୍ଷାରେ ଛୋଟ ଶିଶୁଠାରୁ, ବରିଷ୍ଠ ନାଗରିକ ପର୍ଯ୍ୟନ୍ତ ସମସ୍ତେ ଖଟ ଉପରେ ଭୋକ ଉପାସରେ ରହୁଛନ୍ତି।

ଇଏତ ଗଲା ଛାତଘର ଲୋକଙ୍କ କଥା। ମୁଣ୍ଡ ଉପରେ ଅସ୍ଥାୟୀ ଛାତ ଥିବା ସହରର ବସ୍ତି ଅଞ୍ଚଳରେ ବାସ କରୁଥିବା ଲୋକଙ୍କ କଥା ପଚାରେ କିଏ? ଏମାନେ ତ ନର୍ଦ୍ଦମା ପାଣିଘେରରେ ମଶା, ମାଛି, ଡାଆଁଶ ପାଖରେ ରହି ଜୀବନ ଜିଇବା ଶିଖିଗଲେଣି। ଏମାନଙ୍କୁ ବର୍ଷା ଆଉ ଏତେ ମାତ୍ରାରେ ବାଧୁନି। ଦିହସୁଆ ହୋଇଗଲାଣି।

ସ୍ୱାଧୀନତାର ୭୬ ବର୍ଷ ଅତିକ୍ରମ କରିଥିଲେ ମଧ୍ୟ ସହରରୁ ନଳାପାଣି ବର୍ଷାଜଳ ନିଷ୍କାସନ ବ୍ୟବସ୍ଥା ହୋଇପାରୁନାହିଁ। ବର୍ଷସାରା ଜାଇକା କାର୍ଯ୍ୟ ଜାରି ରହୁଛି। ଜାଇକା ତ ନୁହେଁ ମନେହେଉଛି ଏହା ଯେପରି ଯନ୍ତ୍ରଣାର ଜାଲ ବିଛାଉଛି। ସହରରେ ମନ୍ଦିର ମଧ୍ୟ ଜଳମଗ୍ନ। କେତେ ଅସହାୟ ସତରେ ଆମ ଠାକୁର। ସହରର ମନ୍ଦିର ଏଭଳି ଜଳମଗ୍ନ ହୋଇ ରହିଛି, ଯାହା ଠାକୁରଙ୍କର ଜଳାଧିବେଶକୁ ବୁଝାଇବ। ତେବେ ଏହି ବର୍ଷାଜଳ ନିଷ୍କାସନ ବ୍ୟବସ୍ଥାର ପ୍ରତିକାର କେବଳ ବର୍ଷାଦିନେ ଆମେ କାହିଁକି ଚିନ୍ତାକରି କୁମ୍ଭୀର କାନ୍ଦଣା କାନ୍ଦୁଛୁ ତାହା ବୁଝାପଡୁନି। ଯଦିଓ ଏହି ସମସ୍ୟା ନୂଆ ନୁହେଁ ତଥାପି ଆମେ କେବଳ ବର୍ଷାଦିନେ ହିଁ ତତ୍ପରତା ଦେଖାଉଛୁ। ବହୁ ବୁଦ୍ଧିଜୀବୀ, ବୈଜ୍ଞାନିକ, ବରିଷ୍ଠ ଯନ୍ତ୍ରୀ, ପ୍ରଶାସକ, ମେୟର ଅନେକ ଦିନ ଧରି ଏହି ସମସ୍ୟାକୁ ଦେଖି ଆସୁଥିବା ସତ୍ତ୍ୱେ ଏହାର ସ୍ଥାୟୀ ସମାଧାନର ସୂତ୍ର ବାହାର ନ କରି ପରସ୍ପରକୁ କେବଳ କାଦୁଅ ପିଙ୍ଗିବାରେ ବ୍ୟସ୍ତ ରହୁଛନ୍ତି। ଏଇଠି ପ୍ରଶ୍ନ ଉଠୁଚି କେବଳ ବର୍ଷାଦିନରେ ତତ୍ପରତା ନ ଦେଖାଇ ନଗର ଉନ୍ନୟନ ବିଭାଗ ଏବଂ ମହାନଗର ନିଗମ ଅନ୍ୟଦିନରେ ତତ୍ପରତା ଦେଖାଇଲେ ଅସୁବିଧା କେଉଁଠି ରହୁଛି। ଏହା କେବଳ ଗୃହ ନଗର ଉନ୍ନୟନ ବ୍ୟବସ୍ଥାର ଦୟନୀୟ ଚିତ୍ରକୁ ହିଁ ଦର୍ଶାଇଛି। କହିବା କାହାକୁ ଶୁଣିବ କିଏ?

ଏହି ବର୍ଷାଜଳ ଏବଂ ନଳାପାଣି ଯେଉଁ ଘରେ ଘରେ ପଶୁଛି ଏହା ମନୁଷ୍ୟକୃତ ବୋଲି ଧରିବାକୁ ହେବ। ପରିସ୍ଥିତି ଯେତେ ଜଟିଳ ହେଉନା କାହିଁକି ଏହାର ସ୍ଥାୟୀ ପ୍ରତିକାର ହେବା ନିହାତି ଆବଶ୍ୟକ। କୋଟି କୋଟି ଟଙ୍କା ବିନିମୟରେ ରାଜ୍ୟରେ ଯେତେବେଳେ ଖୋଲୁଛି ଅତ୍ୟାଧୁନିକ ଆହାର କେନ୍ଦ୍ର, ଯାହା ଶୀତତାପ ନିୟନ୍ତ୍ରିତ ବ୍ୟବସ୍ଥା, ପୁଣି ପଞ୍ଚତାରକା ହୋଟେଲ ଢାଞ୍ଚାରେ ଯେତେବେଳେ ନିର୍ମାଣ ହୋଇପାରୁଛି, ଏହି ସମସ୍ୟା ସମାଧାନ ନ ହେବ କିପରି? ସ୍ମାର୍ଟ ସିଟି ପାଇଁ ସମସ୍ତଙ୍କ ମିଳିତ ଉଦ୍ୟମରେ ସ୍ମାର୍ଟ ହୃଦୟଟିଏ ଲୋଡ଼ା। ଦକ୍ଷ ବରିଷ୍ଠ ଯନ୍ତ୍ରୀ ତଥା ପ୍ରଶାସକ ବୁଦ୍ଧିଜୀବୀ ସରକାରଙ୍କୁ ଏହି ଦିଗରେ ଉଚିତ ପରାମର୍ଶ ଦେଇ ରାଜ୍ୟକୁ ବିକାଶ କ୍ଷେତ୍ରରେ ଆଗେଇ ନେଇ ସହରର ପ୍ରକୃତ ବିକଶିତ ଚିତ୍ରକୁ ଆଙ୍କିଲେ ହିଁ ରାଜ୍ୟର ବିକାଶ ସମ୍ଭବ ହେବ।

ରଘୁନାଥଜୀଉ ମହାବିଦ୍ୟାଳୟ
ଦେଉଳ ସାହି, ତୁଳସୀପୁର, କଟକ
ମୋ: ୯୮୫୩୩୫୦୩୮୪

## ପାଠକ ଶ୍ରେଷ୍ଠ ବିଚାରକ

### ସ୍ୱାଧୀନତାର ମର୍ମ

ମହାଶୟ,

ପରାଧୀନତାର ଶୃଙ୍ଖଳକୁ ଛିଣ୍ଡାଇ ଆମେ ଅନେକ ବର୍ଷ ହେଲା ସ୍ୱାଧୀନତାର ସ୍ୱାଦ ଚାଖି ସାରିଲୁଣି। ଅନେକ ଘାତ ପ୍ରତିଘାତ ସହି ଆମକୁ ସ୍ୱାଧୀନତା ଦେଇଥିବା ବରପୁତ୍ରମାନଙ୍କୁ ମନେ ପକାଇ ନିଜକୁ ଗର୍ବିତ ମନେକରୁଛୁ। ଏଇଠି ପ୍ରଶ୍ନ ଉଠେ, ସତରେ କ'ଣ ଆମେ ସ୍ୱାଧୀନ। ରାତି ବାରଟା ନୁହେଁ ଦିନ ବାରଟାରେ ନାରୀଟିଏ ନିଜକୁ ସୁରକ୍ଷିତ ମଣୁନାହିଁ। ଯେଉଁ ଯୁବଗୋଷ୍ଠୀ ଦେଶର ପରବର୍ତ୍ତୀ ରକ୍ଷାକାରୀ ସେହି ଯୁବଗୋଷ୍ଠୀ ନିଶା କବଳରେ କବଳିତ। ଦୟା, ଧର୍ମ, ପରୋପକାରକୁ ଗୁରୁତ୍ୱ ଦେଉନାହାନ୍ତି ଆଜିର ଯୁବଗୋଷ୍ଠୀ। ଲାଞ୍ଚ ଓ ମିଛ ଯେମିତି ଏମାନଙ୍କୁ ଜାବୁଡ଼ି ଧରିଛି। ଦେଶ ଭକ୍ତି, ମାତୃ ଭକ୍ତିଗୁଡ଼ିକୁ ପ୍ରାଧାନ୍ୟ ଦେଇ ଯେପର୍ଯ୍ୟନ୍ତ ଯୁବଗୋଷ୍ଠୀ ସ୍ୱାଧୀନତାର ପ୍ରକୃତ ମର୍ମକୁ ଅନୁଭବ ନ କରିଛନ୍ତି, ସେପର୍ଯ୍ୟନ୍ତ ଆମେ ସ୍ୱାଧୀନତା ଦିବସର ପ୍ରକୃତ ଅର୍ଥ ବୁଝିପାରିବା ନାହିଁ।

–ଅଶୋକ ରାଉଳ, ଅଢ଼ଙ୍ଗ, ଅଣଖିଆ, ଜଗତ୍‌ସିଂହପୁର

## ଚିରନ୍ତନୀ

ନୀରସ ଧରଣୀ ବସେ ଚାହିଁ ଯଥା ବରଷା
ଆଶାରେ
ପ୍ରକାଶିବ ଛନ୍ଦ ତା'ର ପଲ୍ଲବିତ କୁସୁମ–ଭାଷାରେ
ଛନ୍ଦହୀନ ରମଣୀର ଅପ୍ରକାଶ ପ୍ରାଣ
ଅକାରଣ ଭଜେ ମ୍ରିୟମାଣ।
(ସୃଜନ ବ୍ୟଥା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)




ଆଗାମୀ ଲୋକ ସଭା ନିର୍ବାଚନ ପ୍ରସ୍ତୁତି ନେଇ ନୂଆଦିଲ୍ଲୀଠାରେ ବୁଧବାର ଆୟୋଜିତ ବୈଠକରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ, ରାହୁଲ ଗାନ୍ଧୀ, କେ.ସି. ଭେନୁଗୋପାଲ ଏବଂ ଦିଲ୍ଲୀ କଂଗ୍ରେସର ବରିଷ୍ଠ ନେତୃବୃନ୍ଦ।

# ରଘୁବଂଶ କଥା ଉଠାଇଲେ ମେହବୁବା

**ନୂଆଦିଲ୍ଲୀ,୧୬।୮**


ମେହବୁବା ମୁଫତି

ପିପୁଲ୍ସ ଡେମୋକ୍ରାଟିକ ପାର୍ଟି (ପିଡିପି) ଅଧ୍ୟକ୍ଷା ମେହବୁବା ମୁଫତି ବୁଧବାର ସୁପ୍ରିମକୋର୍ଟ ଧାରା ୩୭୦ ମାମଲାର ଶୁଣାଣି କରିଥିବାରୁ ବହୁତ ଖୁସି ଥିବା କହିଛନ୍ତି। ଏହି ସମୟରେ ସେ ପ୍ରଭୁ ରାମଙ୍କ ବିଷୟରେ ମଧ୍ୟ ଉଲ୍ଲେଖ କରିଛନ୍ତି। ଧାରା ୩୭୦ ରଦ୍ଦକୁ ଚ୍ୟାଲେଞ୍ଜ କରୁଥିବା ଆବେଦନ ଉପରେ ଚାଲିଥିବା ଶୁଣାଣିରେ ଯୋଗଦେବା ପାଇଁ ନୂଆଦିଲ୍ଲୀରେ ପହଞ୍ଚିଥିବା ମୁଫତି କହିଥିଲେ,ବହୁସଂଖ୍ୟକବାଦ ଆଧାରରେ ଦେଶ ଚାଲିପାରିବ ନାହିଁ। ଏହି ଦେଶ ସମ୍ବିଧାନ ଅନୁଯାୟୀ ଚାଲିବ। ପ୍ରଭୁ ରାମ ଏବଂ ରଘୁ ରାଜବଂଶ ବିଷୟରେ ଉଲ୍ଲେଖ କରି ପୂର୍ବତନ ମୁଖ୍ୟମନ୍ତ୍ରୀ ମେହବୁବା କହିଛନ୍ତି,ଦେଶର ସର୍ବୋଚ୍ଚ ନ୍ୟାୟାଳୟ ଉପରେ ଆମର ବିଶ୍ୱାସ ରହିଛି। ମୁଁ ସେମାନଙ୍କୁ ନିବେଦନ କରିବାକୁ ଚାହେଁ ଯେ, ଦେଶ ରଘୁକୁଳ ରିତ ସଦା ଚଲି ଆଏ, ପ୍ରାଣ ଜାୟେ ପର ବଚନ ନ ଜାୟେ ନୀତିରେ ବିଶ୍ୱାସ କରେ। ହିନ୍ଦୁ ପୁରାଣରେ ଭଗବାନ ରାମଙ୍କ ସହ ଜଡିତ ରଘୁବଂଶ ଏହି ନୀତିରେ ବିଶ୍ୱାସ କରିଥିଲେ ଯେ, ତୁମେ ତୁମର ପ୍ରତିଜ୍ଞା କେବେ ଭାଙ୍ଗିବ ନାହିଁ। ଏଥିପାଇଁ ଜୀବନ ହରାଇବାକୁ ପଡିଲେ ମଧ୍ୟ ଚିନ୍ତା ନାହିଁ। ମେହବୁବା ମୁଫତି କହିଛନ୍ତି, ଧାରା ୩୭୦ ରଦ୍ଦ କରିବା ପ୍ରସଙ୍ଗ ୧୯୪୭ରେ ଭାରତର ଲୋକ ଏବଂ କଶ୍ମୀରର ମୂଳ ବାସିନ୍ଦାଙ୍କୁ ଦିଆଯାଇଥିବା ପ୍ରତିଶ୍ରୁତି ସହିତ ଜଡିତ। ସୁପ୍ରିମକୋର୍ଟ ଏହା ଶୁଣୁଥିବାରୁ ମୁଁ ବହୁତ ଖୁସି। ଏହା କେବଳ ଏକ ଆଇନଗତ ପ୍ରସଙ୍ଗ ନୁହେଁ। ଜମ୍ମୁ କଶ୍ମୀରବାସୀଙ୍କ ପାଇଁ ଏହା ଏକ ଭାବପ୍ରବଣ ପ୍ରସଙ୍ଗ। ଜମ୍ମୁ କଶ୍ମୀରର ଲୋକଙ୍କ ପାଇଁ ସ୍ୱର ହୋଇଥିବାରୁ ଆମେ ଓକିଲମାନଙ୍କୁ କୃତଜ୍ଞତା ଜଣାଉଛୁ।

# ଭାଜପାରୁ କୌଣସି ଅଫର ମିଳିନାହିଁ: ଶରଦ ପାୱାର

**ପୁଣେ,୧୬।୮**

ମହାରାଷ୍ଟ୍ରରେ ଚାଲିଥିବା ରାଜନୈତିକ ଅସ୍ଥିରତା ମଧ୍ୟରେ ଏନସିପି ସୁପ୍ରିମୋ ଶରଦ ପାୱାର ବୁଧବାର ଭାଜପାରୁ କୌଣସି ଅଫର୍ ମିଳି ନ ଥିବା ସ୍ପଷ୍ଟ କରିଛନ୍ତି। ଶରଦ ପାୱାର କଂଗ୍ରେସ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ପୃଥ୍ୱୀରାଜ ଚୌହ୍ୱାନଙ୍କ ଦାବିକୁ ଖଣ୍ଡନ କରି କହିଛନ୍ତି, ମୋତେ ଭାଜପା ପକ୍ଷରୁ କୌଣସି ଅଫର୍ ଦିଆଯାଇନାହିଁ। ଅଜିତ ପାୱାରଙ୍କ ସହ ହୋଇଥିବା ବୈଠକରେ କୌଣସି ରାଜନୈତିକ ଆଲୋଚନା ହୋଇନାହିଁ। ଭାଜପାର ଅଫର ପାଇଁ ଅଜିତ ଏବଂ ଶରଦଙ୍କ ମଧ୍ୟରେ ଏକ ଗୁପ୍ତ ବୈଠକ ହୋଇଥିବା ଚୌହ୍ୱାନ ଦାବି କରିଥିଲେ।

ଛତ୍ରପତି ସମ୍ଭାଜୀ ନଗରରେ ଏନ୍‌ସିପି ମୁଖ୍ୟ ଶରଦ କହିଛନ୍ତି, ଭାଜପା ଲୋକମାନଙ୍କ ମଧ୍ୟରେ ମତଭେଦ ସୃଷ୍ଟି କରିବାକୁ ଚାହୁଁଛି ଏବଂ ଧର୍ମ, ସମ୍ପ୍ରଦାୟ ଆଧାରରେ ଲୋକଙ୍କୁ ବିଭକ୍ତ କରୁଛି। ମଧ୍ୟପ୍ରଦେଶ ଏବଂ ମହାରାଷ୍ଟ୍ରରେ ସରକାରକୁ ଭାଜପା ଅସ୍ଥିର କରିଥିଲ। 'ଇଣ୍ଡିଆ'ର ପରବର୍ତ୍ତୀ ବୈଠକ ମୁମ୍ବାଇରେ ଅନୁଷ୍ଠିତ ହେବ। ଭାଜପା ସହିତ ଲଢିବା ପାଇଁ ଏଠାରେ ଏକ ସଫଳ ରଣନୀତି ପ୍ରସ୍ତୁତ ହେବ ବୋଲି ସେ କହିଛନ୍ତି।


ପୃଥ୍ୱୀରାଜ ଚୌହ୍ୱାନ


ଶରଦ ପାୱାର

# ଏଏପି ଭାଜପାର ଲାଞ୍ଜ: ସନ୍ଦୀପ ଦୀକ୍ଷିତ

**ନୂଆଦିଲ୍ଲୀ,୧୬।୮**

ଦିଲ୍ଲୀର ୭ଟି ଲୋକ ସଭା ଆସନରେ ଆମ ଆଦମୀ ପାର୍ଟି (ଏଏପି) ସହିତ କଂଗ୍ରେସର ସମ୍ଭାବ୍ୟ ମିଳିତ ମେଣ୍ଟକୁ ନେଇ ଚର୍ଚ୍ଚା ଚାଲିଥିବାବେଳେ କଂଗ୍ରେସ ନେତା ସନ୍ଦୀପ ଦୀକ୍ଷିତ ଏକ ବଡ଼ ମନ୍ତବ୍ୟ ଦେଇଛନ୍ତି। ଏଏପି ଭାରତୀୟ ଜନତା ପାର୍ଟି (ଭାଜପା)ର ଲାଞ୍ଜ ବୋଲି ସେ କହିଛନ୍ତି। ସନ୍ଦୀପଙ୍କ ଏଭଳି ମନ୍ତବ୍ୟ ଦିଲ୍ଲୀର ଲୋକ ସଭା ଆସନରେ ଏଏପି ଏବଂ କଂଗ୍ରେସ ମଧ୍ୟରେ ମେଣ୍ଟ ଉପରେ ସନ୍ଦେହ ସୃଷ୍ଟି କରିଛି।

ସନ୍ଦୀପ କହିଛନ୍ତି, ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଭୟଭୀତ ହୋଇ ବିରୋଧୀ ଦଳର ମିଳିତ ମେଣ୍ଟ 'ଇଣ୍ଡିଆ'ରେ ଯୋଗ ଦେଇଛନ୍ତି। ଦିଲ୍ଲୀରେ କଂଗ୍ରେସର ମିଳିତ ମେଣ୍ଟର ଆବଶ୍ୟକତା ନାହିଁ।

ବୁଧବାର କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଏବଂ ରାହୁଲ ଗାନ୍ଧୀ ଦିଲ୍ଲୀର ଦଳୀୟ ବରିଷ୍ଠ ନେତାଙ୍କ ସହ ଏକ ବୈଠକ କରିଥିଲେ। ସନ୍ଦୀପ ଦୀକ୍ଷିତ ମଧ୍ୟ ସେହି ବୈଠକରେ ଭାଗ ନେଇଥିଲେ। ଖାର୍ଗେ ଏବଂ ରାହୁଲଙ୍କ ମଧ୍ୟରେ ହୋଇଥିବା ଆଲୋଚନାକୁ ନେଇ କଳ୍ପନାଜଳ୍ପନା କରାଯାଇଥିଲା ଯେ, ଏଏପି ଏବଂ କଂଗ୍ରେସ ମଧ୍ୟରେ ଏକ ମେଣ୍ଟ ହୋଇପାରେ। କିନ୍ତୁ ସନ୍ଦୀପଙ୍କ ମନ୍ତବ୍ୟ ଏହି ମେଣ୍ଟ ବିଷୟକୁ ପାଣିଚିଆ କରିଦେଇଛି।

# ୧୮ରେ ସବୁ ବ୍ଲକ ଘେରାଉ: କଂଗ୍ରେସ

**ଭୁବନେଶ୍ୱର, ୧୬।୮(ବ୍ୟୁରୋ)**

ରାଜ୍ୟର ୩୧୪ ବ୍ଲକକୁ ଆସନ୍ତା ୧୮ରେ ଘେରାଉ କରାଯିବ। ୯ ଦଫା ଦାବି ନେଇ ୩୦ ଜିଲାରେ ଏହି ଘେରାଉ କାର୍ଯ୍ୟକ୍ରମ କରାଯିବ ବୋଲି ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ କହିଛନ୍ତି। କଂଗ୍ରେସ ଭବନ ଠାରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଶରତ କହିଛନ୍ତି, ଦଳୀୟ ଏମ୍‌ପି, ବିଧାୟକ, ଜିଲା ଓ ବ୍ଲକ ସଭାପତି, ଯୁବ ଛାତ୍ର, ମହିଳା, ସେବାଦଳ ଏବଂ ସମସ୍ତ ବିଭାଗ ଓ ପ୍ରକୋଷ୍ଠର ମୁଖ୍ୟଙ୍କ ସମେତ ଦଳର କର୍ମୀ, ସମର୍ଥକ, ଶୁଭେଚ୍ଛୁମାନେ ସାମିଲହେବା ପାଇଁ ସେ ଆହ୍ୱାନ ଦେଇଛନ୍ତି।

# ମହିଳା କାର୍ଯ୍ୟକର୍ତ୍ତା ଭାଜପାର ବଡ଼ ସମ୍ପତ୍ତି: ସୀତାରାମନ


ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଦଳୀୟ ନେତୃବୃନ୍ଦଙ୍କ ସହ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ।

**ଭୁବନେଶ୍ୱର, ୧୬।୮(ବ୍ୟୁରୋ):** ଓଡ଼ିଶା ଗସ୍ତରେ ଆସିଥିବା କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ବୁଧବାର ସନ୍ଧ୍ୟାରେ ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ପୂର୍ବତନ ବିଧାୟିକା ତଥା କଟକ ମହାନଗର ନିଗମର ମେୟର ସ୍ୱର୍ଗତା ନିବେଦିତା ପ୍ରଧାନଙ୍କ ସ୍ମୃତିରେ ଆୟୋଜିତ ସଭାରେ ଯୋଗଦେଇଥିଲେ। ଏହି ଅବସରରେ ସେ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ପୁଣ୍ୟତିଥି ଅବସରରେ ତାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ଏହାସହ ନିବେଦିତା ପ୍ରଧାନଙ୍କ ଫଟୋଚିତ୍ରରେ ମଧ୍ୟ ମାଲ୍ୟାର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଏବଂ ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ପ୍ରମୁଖ ଯୋଗ ଦେଇଥିଲେ।

ଏହିଅବସର ସୀତାରାମନ ନିଜ ଭାଷଣରେ କହିଥିଲେ, ମହିଳା କାର୍ଯ୍ୟକର୍ତ୍ତା ଭାଜପାର ସବୁଠାରୁ ବଡ଼ ସମ୍ପତ୍ତି।

**ନିବେଦିତା ପ୍ରଧାନଙ୍କ ଉଦ୍ଦେଶ୍ୟରେ ଆୟୋଜିତ ସ୍ମୃତିସଭାରେ କେନ୍ଦ୍ରମନ୍ତ୍ରୀ**

ନିବେଦିତା ପ୍ରଧାନ ଘର ଘର ବୁଲି ଲୋକଙ୍କୁ ଦଳ ସହିତ ଯୋଡ଼ିଛନ୍ତି। ସମସ୍ତଙ୍କ ନାଁ ସହ ସେ ଲୋକଙ୍କୁ ଚିହ୍ନନ୍ତି। ଏଭଳି ଶ୍ରେଣୀର ଜଣେ ନେତ୍ରୀ ଯିଏ ଅନ୍ୟକୁ ପ୍ରେରଣା ଦେଉଥିଲେ ସେ ହେଉଛନ୍ତି ନିବେଦିତା ପ୍ରଧାନ। ଯାହା ଜାଣିବାକୁ ପାଇଲି ସେ ଜଣେ ଓକିଲ ସାଙ୍ଗକୁ ବିଧାୟକ ମଧ୍ୟ ଥିଲେ। ବିଧାୟିକା ଥିବା ବେଳେ ହିଁ କର୍ପୋରେଟର ଭାବେ ଜିତିବା ସହ ମେୟର ବି ହୋଇପାରିଥିଲେ। ଏଭଳି ଭାବେ ନିର୍ବାଚନ ଜିତି ସେ ଏକ ପ୍ରେରଣାଦାୟୀ ନେତୃତ୍ୱ ଦେଖାଇଥିଲେ। ଓଡ଼ିଶାରେ ଏବେ ବହୁ ମହିଳା କାର୍ଯ୍ୟକର୍ତ୍ତା ଭାଜପା ସହିତ ଯୋଡି ହୋଇଛନ୍ତି। ମହିଳା ନେତୃତ୍ୱ ଯେବେ ଦଳକୁ ମିଳିଥାଏ ଏବଂ ସେମାନଙ୍କଠାରୁ ଯେବେ କାର୍ଯ୍ୟକର୍ତ୍ତାଙ୍କୁ ପ୍ରେରଣା ମିଳେ ଦଳ ବହୁ ସଶକ୍ତ ହୁଏ ବୋଲି ସେ କହିଥିଲେ।

# ବିଜେଡି ଏବେ ପିସି ସରକାର: ସଞ୍ଜୀବ ଗିରି


ଜିଲା କଂଗ୍ରେସ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳୀୟ ନେତୃବୃନ୍ଦ ।

**ବାଲେଶ୍ୱର,୧୬।୮ (ମାନସ ବିଶ୍ୱାଳ):** ଓଡ଼ିଶାରେ ୨୪ ବର୍ଷ ଧରି ଶାସନ କରୁଥିବା ବିଜେଡି ସରକାର ପିସି ସରକାରରେ ପରିଣତ ହୋଇଯାଇଛି। ମିଛ ପ୍ରତିଶ୍ରୁତି ଦେଇ, ଛଳନା କରି କଂଗ୍ରେସ କରିଥିବା ଜନହିତକର କାର୍ଯ୍ୟକୁ ନିଜ ନାଁରେ ବିଜ୍ଞାପନ ଦେଇ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ସାଧାରଣ ଲୋକଙ୍କୁ ବୋକା ବନେଇ ଚାଲିଛନ୍ତି। ବ୍ଲକ, ଡିଆରଡିଏ, ପିଡବ୍ଲୁଡି, ଆରଡି ଆଦି ସମସ୍ତ ସରକାରୀ କାର୍ଯ୍ୟାଳୟରେ ୫୦% ପର୍ଯ୍ୟନ୍ତ ପିସି କାରବାର ବୈଧଡ଼କ ଚାଲିଛି। ଦୁଃଖର ବିଷୟ ଜନ ଜୀବନ ରକ୍ଷାକାରୀ ଦୁଇଟି ସରକାରୀ ବିଭାଗ ଥାନା ଓ ଡାକ୍ତରଖାନାରେ ବ୍ୟାପକ ଦୁର୍ନୀତି ଚାଲିଛି। ଯେଉଁ ବାର୍ଦ୍ଧକ୍ୟ ଭତ୍ତା, ଇନ୍ଦିରା ଆବାସ ଆଦି ଯୋଜନା ଲୋକଙ୍କ ବଞ୍ଚିବାରେ କିଞ୍ଚିତ ସହାୟତା ପ୍ରଦାନ କରିବା ପାଇଁ କଂଗ୍ରେସ ସରକାର ସମୟରେ ପ୍ରଣୟନ କରାଯାଇଥିଲା ସେସବୁର ନାଁ ପରିବର୍ତ୍ତନ କରି ଦଳୀୟ ଢାଞ୍ଚାରେ ନିଜ ଦଳୀୟ କର୍ମୀଙ୍କୁ ଏହାର ସୁବିଧା ସୁଯୋଗ ଯୋଗାଇ ଦିଆଯାଉଛି ବୋଲି ମଙ୍ଗଳବାର କଂଗ୍ରେସ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଜିଲା ସଭାପତି ସଂଜୀବ କୁମାର ଗିରି କହିଛନ୍ତି।

ବିଜେଡି ଶାସନକଳକୁ ରାଜନୀତି କରଣ କରି ନିଜ ଦଳୀୟ କାର୍ଯ୍ୟରେ ନିୟୋଜିତ କରିବା ଅଣସାମ୍ବିଧାନିକ। ବିଜେଡି ସରକାର ନିଜ ନାମକୁ ପ୍ରଚାର କରିବା ପାଇଁ ''ନବୀନ ଓଡ଼ିଶା' ର ସ୍ଲୋଗାନ ଦେଇ ଆଗାମୀ ନିର୍ବାଚନରେ ନିଜ କର୍ମୀଙ୍କ ପକେଟ ଗରମ କରିବା ଉଦ୍ଦେଶ୍ୟରେ ଯେଉଁଭଳି ୫୦ ଲକ୍ଷ ଟଙ୍କା ବିନା ଗ୍ରାମସଭା ଓ ଗ୍ରାମପଞ୍ଚାୟତର ହସ୍ତକ୍ଷେପରେ ପ୍ରତ୍ୟେକ ପଞ୍ଚାୟତକୁ ଦେବାପାଇଁ ଘୋଷଣା କରିଛନ୍ତି, ତାହା ନବୀନ ସରକାର ଯେ ଦୁର୍ନୀତିଗ୍ରସ୍ତ ବୋଲି ସ୍ପଷ୍ଟ ପ୍ରମାଣିତ କରୁଛି। କେନ୍ଦ୍ର ସରକାରଙ୍କ ଭୁଲ ତଥା ଜନମାରଣ ନୀତି କାରଣରୁ ପେଟ୍ରୋଲ,ଡିଜେଲ,ଗ୍ୟାସ ତଥା ତେଲ ଠାରୁ ଲୁଣ ଯାଏଁ ସବୁ ଜିନିଷର ମୂଲ୍ୟ ୧୦୦% ରୁ ଅଧିକ ବୃଦ୍ଧି ହୋଇ ଥିବାରୁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହିସବୁ ବିଷୟକୁ ନେଇ ଆସନ୍ତା ଅଗଷ୍ଟ ୧୮ ତାରିଖ ଶୁକ୍ରବାର ଦିନ ସମସ୍ତ ବ୍ଲକ ଆଗରେ ଧାରଣା ସହ ପ୍ରତିବାଦ ସଭା କରାଯିବ ବୋଲି ଖବରଦାତା ସମ୍ମିଳନୀରେ ଉପସ୍ଥିତ ନେତୃବର୍ଗ ସୂଚନା ଦେଇଛନ୍ତି।

Ministry of Finance
Government of India

G20 भारत 2023 INDIA

ଜିଏସ୍‌ଟି ଅଧୀନରେ କ୍ଷମା (ଆମ୍ନେଷ୍ଟି) ଯୋଜନା

- ଜିଏସ୍‌ଟିଆର୍‌-୪ | ଜିଏସ୍‌ଟିଆର୍ -୯ | ଜିଏସ୍‌ଟିଆର୍‌-୧୦ | ରିଟର୍ନ ଫାଇଲ୍ ନ କରିଥିବା ଟିକସଦାତାଙ୍କ ପାଇଁ
- ରଦ୍ଦ ହୋଇଥିବା ପଞ୍ଜୀକରଣକୁ ପ୍ରତ୍ୟାହାର କରିବା ପାଇଁ
- ବିବେଚିତ ବେଷ୍ଟ୍ ଜଜ୍‌ମେଣ୍ଟ ଆସେସ୍‌ମେଣ୍ଟ ଅର୍ଡରକୁ ପ୍ରତ୍ୟାହାର କରିବା ପାଇଁ

ଏହି ସୁଯୋଗକୁ ହାତଛଡ଼ା କରନ୍ତୁ ନାହିଁ!

ଶେଷ ତାରିଖ ତା୩୧।୦୮।୨୦୨୩ରିଖ ପର୍ଯ୍ୟନ୍ତ ବୃଦ୍ଧି

ଏହାର ଲାଭ ଉଠାନ୍ତୁ ଏବଂ ଜଣେ ଅନୁପାଳକ ଟିକସଦାତା ହୁଅନ୍ତୁ

| ଜିଏସ୍‌ଟି କ୍ଷମା ଯୋଜନା | ଅଧିକ ସୂଚନା ପାଇଁ ଦୟାକରି ଦେଖନ୍ତୁ |
|---|---|
| ଜୁଲାଇ ୨୦୧୭ରୁ ମାର୍ଚ୍ଚ ୨୦୧୯ ପର୍ଯ୍ୟନ୍ତ ତ୍ରୈମାସିକ କିମ୍ବା ୨୦୧୯-୨୦ରୁ ୨୦୨୧-୨୨ ପର୍ଯ୍ୟନ୍ତ ଆର୍ଥିକ ବର୍ଷ ପାଇଁ ଫର୍ମ ଜିଏସ୍‌ଟିଆର୍‌-୪ ରିଟର୍ନ ଦାଖଲ କରିବା ପାଇଁ ବିଳମ୍ବ ଶୁଳ୍କକୁ ନିମ୍ନ ଅନୁଯାୟୀ ହ୍ରାସ କରାଯାଇଛି<br>• Nil ରିଟର୍ନ ପାଇଁ ଶୂନ୍ୟ<br>• Nil ରିଟର୍ନ ବ୍ୟତୀତ ଅନ୍ୟଗୁଡ଼ିକ ପାଇଁ ₹ ୫୦୦/- (₹ ୨୫୦/- ସିଜିଏସ୍‌ଟି + ₹ ୨୫୦/- ଏସ୍‌ଜିଏସ୍‌ଟି),<br>ଯଦି ରିଟର୍ନ ତା୩୧।୦୮।୨୦୨୩ରିଖ କିମ୍ବା ତାହା ପୂର୍ବରୁ ଦାଖଲ କରାଯାଇଥିବ । | ଅଧିସୂଚନା ସଂ. ୨୨/୨୦୨୩-କେନ୍ଦ୍ରୀୟ ଟିକସ, ତାରିଖ: ୧୭।୦୭।୨୦୨୩ ସହିତ ପଠନପୂର୍ବକ ଅଧିସୂଚନା ସଂ. ୦୨/୨୦୨୩-କେନ୍ଦ୍ରୀୟ ଟିକସ, ତାରିଖ: ୩୧।୦୩।୨୦୨୩ ଏବଂ ପ୍ରଧାନ ଅଧିସୂଚନା ସଂ. ୭୩/୨୦୧୭-କେନ୍ଦ୍ରୀୟ ଟିକସ ତାରିଖ: ୨୯।୧୨।୨୦୧୭ |
| ୨୦୧୭-୧୮ରୁ ୨୦୨୧-୨୨ ପର୍ଯ୍ୟନ୍ତ ଯେକୌଣସି ଆର୍ଥିକ ବର୍ଷ ପାଇଁ ଫର୍ମ ଜିଏସ୍‌ଟିଆର୍‌-୯ରେ ବାର୍ଷିକ ରିଟର୍ନ ଦାଖଲ କରିବା ପାଇଁ ବିଳମ୍ବିତ ଶୁଳ୍କର ସର୍ବାଧିକ ସୀମା ₹୨୦,୦୦୦/- (₹ ୧୦,୦୦୦/- ସିଜିଏସ୍‌ଟି + ₹୧୦,୦୦୦/- ଏସ୍‌ଜିଏସ୍‌ଟି) ନିର୍ଦ୍ଧାରିତ ହୋଇଛି, ଯଦି ରିଟର୍ନ ତା୩୧।୦୮।୨୦୨୩ରିଖ କିମ୍ବା ତାହା ପୂର୍ବରୁ ଦାଖଲ କରାଯାଇଥିବ । | ଅଧିସୂଚନା ସଂ. ୨୫/୨୦୨୩-କେନ୍ଦ୍ରୀୟ ଟିକସ, ତାରିଖ: ୧୭।୦୭।୨୦୨୩ ସହିତ ପଠନପୂର୍ବକ ଅଧିସୂଚନା ସଂ. ୦୭/୨୦୨୩-କେନ୍ଦ୍ରୀୟ ଟିକସ, ତାରିଖ: ୩୧।୦୩।୨୦୨୩ |
| ଫର୍ମ ଜିଏସ୍‌ଟିଆର୍‌-୧୦ରେ ଚୂଡ଼ାନ୍ତ ରିଟର୍ନ ଦାଖଲ କରିବା ପାଇଁ ବିଳମ୍ବିତ ଶୁଳ୍କକୁ ₹ ୧,୦୦୦/- (₹ ୫୦୦/- ସିଜିଏସ୍‌ଟି + ₹ ୫୦୦ ଏସ୍‌ଜିଏସ୍‌ଟି)କୁ ହ୍ରାସ କରାଯାଇଛି, ଯଦି ରିଟର୍ନ ତା୩୧।୦୮।୨୦୨୩ରିଖ କିମ୍ବା ତାହା ପୂର୍ବରୁ ଦାଖଲ କରାଯାଇଥିବ । | ଅଧିସୂଚନା ସଂ. ୨୬/୨୦୨୩-କେନ୍ଦ୍ରୀୟ ଟିକସ, ତାରିଖ: ୧୭।୦୭।୨୦୨୩ ସହିତ ପଠନପୂର୍ବକ ଅଧିସୂଚନା ସଂ. ୦୮/୨୦୨୩-କେନ୍ଦ୍ରୀୟ ଟିକସ, ତାରିଖ: ୩୧।୦୩।୨୦୨୩ |
| ଯେଉଁ ପଞ୍ଜୀକୃତ ବ୍ୟକ୍ତିମାନଙ୍କ ପଞ୍ଜୀକରଣକୁ ରିଟର୍ନ ଦାଖଲ କରା ନ ଯିବା କାରଣରୁ ତା୩୧।୧୨।୨୦୨୨ରିଖ କିମ୍ବା ତାହା ପୂର୍ବରୁ ରଦ୍ଦ କରିଦିଆଯାଇଥିଲା, ସେମାନେ ତା୩୧।୦୮।୨୦୨୩ରିଖ କିମ୍ବା ତାହା ପୂର୍ବରୁ ପଞ୍ଜୀକରଣ ରଦ୍ଦ କରାଯିବାର ପ୍ରଭାବୀ ତାରିଖ ପର୍ଯ୍ୟନ୍ତ ବିସ୍ତୃତ ସମସ୍ତ ରିଟର୍ନ ଦାଖଲ କରିବା ସହିତ ପୈଠଯୋଗ୍ୟ ଟିକସ, ସୁଧ, ଜରିମାନା ଏବଂ ବିଳମ୍ବିତ ଶୁଳ୍କ ପରିଶୋଧ କରିବା ପରେ ପଞ୍ଜୀକରଣ ରଦ୍ଦକୁ ପ୍ରତ୍ୟାହାର କରିବା ପାଇଁ ଦରଖାସ୍ତ ଦାଖଲ କରିପାରିବେ । | ଅଧିସୂଚନା ସଂ. ୨୩/୨୦୨୩-କେନ୍ଦ୍ରୀୟ ଟିକସ, ତାରିଖ: ୧୭।୦୭।୨୦୨୩ ସହିତ ପଠନପୂର୍ବକ ଅଧିସୂଚନା ସଂ. ୦୩/୨୦୨୩-କେନ୍ଦ୍ରୀୟ ଟିକସ, ତାରିଖ: ୩୧।୦୩।୨୦୨୩ |
| ବୈଧ ଫର୍ମ ଜିଏସ୍‌ଟିଆର୍‌-୩ବି ରିଟର୍ନ ଦାଖଲ କରା ନ ଯିବା କାରଣରୁ ତା୨୮।୦୨।୨୦୨୩ରିଖ କିମ୍ବା ତାହା ପୂର୍ବରୁ ଜାରି କରାଯାଇଥିବା ବେଷ୍ଟ୍ ଜଜ୍‌ମେଣ୍ଟ ଆସେସ୍‌ମେଣ୍ଟ ଅର୍ଡରକୁ ଅପ୍ରଭାବୀ ବିବେଚନା କରାଯିବ, ଯଦି ଏଭଳି ରିଟର୍ନକୁ ତା୩୧।୦୮।୨୦୨୩ରିଖ କିମ୍ବା ତାହା ପୂର୍ବରୁ ପୈଠଯୋଗ୍ୟ ଟିକସର, ସୁଧ ଏବଂ ବିଳମ୍ବିତ ଶୁଳ୍କ ପରିଶୋଧ ସହିତ ଦାଖଲ କରିଦିଆଯାଏ । | ଅଧିସୂଚନା ସଂ. ୨୪/୨୦୨୩-କେନ୍ଦ୍ରୀୟ ଟିକସ, ତାରିଖ: ୧୭।୦୭।୨୦୨୩ ସହିତ ପଠନପୂର୍ବକ ଅଧିସୂଚନା ସଂ. ୦୬/୨୦୨୩-କେନ୍ଦ୍ରୀୟ ଟିକସ, ତାରିଖ: ୩୧।୦୩।୨୦୨୩ |

ଅଧିକ ବିବରଣୀ ପାଇଁ ଦୟାକରି ସ୍କାନ୍ କରନ୍ତୁ

Central Board of Indirect Taxes and Customs
@cbic_india @cbicindia www.cbic.gov.in @cbic @cbicindia @CBIC INDIA

cbc 15502/13/0011/2324

## ଶ୍ରୀ ଅରବିନ୍ଦଙ୍କ ଜୟନ୍ତୀ ପାଳିତ

ଗୁଣପୁର, (ପ୍ରଦୀପ କୁମାର ପାଢ଼ୀ): ଗୁଣପୁର ଅରୋଶ୍ରୀ ବିହାରଠାରେ ଯୋଗୀ ଶ୍ରୀ ଅରବିନ୍ଦଙ୍କ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଯଶୋବନ୍ତ ନାରାୟଣ ଦେଓ ଯୋଗଦେଇ ଆଧ୍ୟାତ୍ମିକ ପତାକାକୁ ଉତ୍ତୋଳନ କରିଥିଲେ। ପରେ ଶିକ୍ଷାକେନ୍ଦ୍ରର ଛାତ୍ରୀଛାତ୍ର, ଅପା ଭାଇମାନେ ଶ୍ରୀ ଅରବିନ୍ଦଙ୍କ ସମାଧି ପୀଠରେ ସମବେତ ଧ୍ୟାନ କରିଥିଲେ। ପରେ ଲକ୍ଷ୍ମୀ ପଟ୍ଟନାୟକଙ୍କ ବାସଭବନରେ ସ୍ୱତନ୍ତ୍ର ପାଠଚକ୍ର ଆୟୋଜିତ ହୋଇଥିଲା। ସଭାପତି ବୃନ୍ଦାବତି ପଣ୍ଡା ଶ୍ରୀ ଅରବିନ୍ଦଙ୍କ ସାଧନା ଉପରେ ଆଲୋକପାତ କରିଥିଲେ। ସମ୍ପାଦକ ସୁଦର୍ଶନ ପୃଷ୍ଟି ମାତୃ ପତାକା ଅବତରଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜଗନ୍ନାଥ ମିଶ୍ର, ପତିତ ପାବନ ଗୌଡ, ଯୋଗେନ୍ଦ୍ର ନାରାୟଣ ଦେଓ ପ୍ରମୁଖ ଉପସ୍ଥିତ ଥିଲେ।

### ସଂକ୍ଷେପରେ

## ପଦ୍ମପୁର ତ୍ରିବେଣୀ କଲେଜ ଛାତ୍ରୀଛାତ୍ର ପୁରସ୍କୃତ

ପଦ୍ମପୁର, ୧୬।୮ (ପ୍ରଶାନ୍ତ କର)

ପଦ୍ମପୁର ସହରର ତ୍ରିବେଣୀ ବିଜ୍ଞାନ ଓ କଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୩ ଛାତ୍ରୀଛାତ୍ରଙ୍କୁ ମନ୍ତ୍ରୀ ଅତନୁ ସବ୍ୟସାଚୀ ଓ ରାୟଗଡ଼ା ଜିଲାପାଳ ସ୍ୱାଧାଦେବ ସିଂ ପୁରସ୍କୃତ କରିଛନ୍ତି। ସ୍ୱାଧୀନତା ଦିବସରେ ରାୟଗଡା ଜିସିଡି ପଡ଼ିଆରେ ଆୟୋଜିତ କାର୍ଯ୍ୟକ୍ରମରେ ସେମାନଙ୍କୁ ପ୍ରଶଂସାପତ୍ର ପ୍ରଦାନ କରାଯାଇଛି। ଚଳିତ ବର୍ଷ +୨ଫଳାଫଳରେ ବିଜ୍ଞାନ ବିଭାଗରେ ଛାତ୍ରମାନଙ୍କ ମଧ୍ୟରେ ପରମାନନ୍ଦ ରାଉତ ୫୪୫ମାର୍କ ଓ ଛାତ୍ରୀଙ୍କ ମଧ୍ୟରେ ପ୍ରିୟଦର୍ଶିନୀ ମିଶ୍ର ୫୪୨ ମାର୍କ ରଖି ଜିଲ୍ଲାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ସ୍ୱାଗତିକା ପଟ୍ଟନାୟକ କଳା ବିଭାଗରେ ଛାତ୍ରୀଙ୍କ ମଧ୍ୟରେ ୪୯୨ ମାର୍କ ରଖି ଜିଲାରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ପୁରସ୍କାର ପ୍ରଦାନ ସମୟରେ ତ୍ରିବେଣୀ କଲେଜ ଅଧ୍ୟକ୍ଷ ସ୍ୱାଗତ ଶେଖର ଜେନା, ଅଧ୍ୟାପକ ଶ୍ରୀକାନ୍ତ ସାହୁ ତଥା ସମସ୍ତ ଅଭିଭାବକ ଉପସ୍ଥିତ ଥିଲେ।

## ବ୍ଲକ, ତହସିଲ କର୍ମଚାରୀଙ୍କ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ମ୍ୟାଚ

ବିଷମ କଟକ ୧୬।୮ (ବିଭୂତି ଭୂଷଣ ନାୟକ)

ସ୍ୱାଧୀନତା ଦିବସ ଅବସରରେ ରାୟଗଡା ଜିଲା ବିଷମକଟକଠାରେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ ସ୍ଥାନୀୟ ଆଓବି ବ୍ୟାଙ୍କ ପଛ ପଡିଆରେ ଅନୁଷ୍ଠିତ ହୋଇଯାଇଛି। ମ୍ୟାଚ୍ ବିଷମ କଟକ ବ୍ଲକ ୧୧ ଏବଂ ତହସିଲ କର୍ମଚାରୀ ୧୧ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ବ୍ଲକ ଟସ ଜିତି ବ୍ୟାଟିଂ କରି ୧୦୦ ରନ କରିଥିବା ବେଳେ ତହସିଲ ୧୫ ଓଭରରେ ଅଲ ଆଉଟ ହୋଇଥିଲେ। ଫଳରେ ବ୍ଲକ ୧୧ ବିଜୟ ଲାଭ କରିଛି। ମୁନିଗୁଡା ବିଡିଓ ପ୍ରିତମ କୁମାର ତନ୍ତି ଏବଂ ବିଷମ କଟକ ବିଡିଓ ସଦାଶିବ ନାୟକ ଅତିଥି ଭାବେ ଯୋଗଦେଇ ବିଜୟୀ ଦଳ ତରଫରୁ ଗୋପୀନାଥ ମହାଙ୍କୁଡଙ୍କୁ ଟ୍ରଫି ପ୍ରଦାନ କରିଥିଲେ ।

## ମାଟ୍ରିକ ପରୀକ୍ଷାରେ ଗୁଡ଼ାରି ବ୍ଲକ ଟପ୍ପର ସମ୍ମାନିତ

ଗୁଡ଼ାରି, ୧୬।୮ (ପ୍ରମୋଦ କୁମାର ପତି)

ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ଗୁଡ଼ାରି ବ୍ଲକରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଗୁଡ଼ାରି ସରକାରୀ ହାଇସ୍କୁଲର ଛାତ୍ର ଶୁଭ୍ରାଂଶୁ ରଥଙ୍କୁ ସ୍ୱାଧୀନତା ଦିବସ ଅବସରରେ ସ୍ଥାନୀୟ ତହସିଲ କାର୍ଯ୍ୟାଳୟରେ ତହସିଲଦାର ଟ୍ରଫି ସହ ନଗଦ ଟଙ୍କା ଦେଇ ସମ୍ମାନିତ କରିଛନ୍ତି। ପ୍ରକାଶ ଥାଉକି ସେ ଶତକଡା ୯୦% ମାର୍କ ରଖିବା ସହ ବ୍ଲକରେ ପ୍ରଥମ ଏବଂ ରାୟଗଡା ଜିଲାରେ ଦଶ ଜଣଙ୍କ ମଧ୍ୟରେ ସ୍ଥାନ ପାଇଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ତହସିଲଦାର ହୃଷିକେଶ ପଣ୍ଡାଙ୍କ ସମେତ ତହସିଲର ସମସ୍ତ କର୍ମଚାରୀ ଓ ତାଙ୍କ ଜେଜେ ବିଜୟ ପାଣିଗ୍ରାହୀ ଉପସ୍ଥିତ ଥିଲେ।

## ସଫେଇ କାର୍ଯ୍ୟକ୍ରମ

ଗୁଣପୁର,୧୬।୮ (ପ୍ରଦୀପ କୁମାର ପାଢ଼ୀ)

ଏକ୍ସ ସର୍ଭିସମ୍ୟାନ ପକ୍ଷରୁ ଗୁଣପୁର ରେଳ ଷ୍ଟେଶନ ପରିସରକୁ ସଫେଇ କରାଯାଇଥିଲା। ମଙ୍ଗଳବାର ୧ ନଂ ଏବଂ ୨ ନମ୍ବର ପ୍ଲାଟଫର୍ମ ସହ ଷ୍ଟେଶନ ପରିସରକୁ ସେନାର ପୂର୍ବ କର୍ମଚାରୀମାନେ ସଫେଇ କରିଥିଲେ। ଏହି ଅବସରରେ ଷ୍ଟେଶନ ମାଷ୍ଟର ଏ.କେ. ଦାସ ଉପସ୍ଥିତ ରହି ଜାତୀୟ ପତାକା ଉତ୍ତୋଳନ କରିଥିଲେ।

# କମ୍ପାନୀକୁ ବିରୋଧରୁ ମିଥ୍ୟା ମାମଲାରେ ଗିରଫ ଅଭିଯୋଗ

ରାୟଗଡ଼ା,୧୬।୮ (ଆଶିଷ ରଞ୍ଜନ ପଣ୍ଡା)



ଜିଲାପାଳଙ୍କୁ ଭେଟିବାକୁ ଆସିଥିବା ମହିଳାମାନେ।

▪ ଖଣି ଅଞ୍ଚଳରେ ଚାଲିଛି ବ୍ରିଟିଶ ଶାସନ
▪ ପୁଅ, ସ୍ୱାମୀଙ୍କୁ ପୋଲିସ ଉଠାଇନେବା ପ୍ରତିବାଦରେ ଜିଲାପାଳଙ୍କ ଦ୍ୱାରସ୍ଥ

ରାୟଗଡ଼ା ଜିଲା କାଶୀପୁର ବ୍ଲକରେ ଖଣି ଖନନ ପାଇଁ ବ୍ରିଟିଶ ରାଜ୍ କରୁଛି ମୈତ୍ରୀ କମ୍ପାନୀ। ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିବା ବଦଳରେ ଜୋର ଜବରଦସ୍ତି ଲୋକଙ୍କୁ ଧମକଚମକ ଦେଉଛି । ଏହିଭଳି ଅଭିଯୋଗ କରିଛନ୍ତି ସୁଙ୍ଗେର ପଞ୍ଚାୟତ ଅନ୍ତର୍ଗତ ବନ୍ତେଜି, କଣ୍ଟାମାଳ ଓ ସରାମବାଇ ଅଞ୍ଚଳର ଅନୁସୂଚିତ ଜନଜାତି ଓ ଜାତି ବର୍ଗର ଲୋକେ। ମୈତ୍ରୀ କମ୍ପାନୀ କର୍ତ୍ତୃପକ୍ଷଙ୍କ ଗୁଣ୍ଡାଗର୍ଦ୍ଦି ଓ ପୋଲିସ ପ୍ରଶାସନର ଜୁଲମକୁ ବିରୋଧକରି ସୁଙ୍ଗେର ପଞ୍ଚାୟତର ବିଭିନ୍ନ ଗ୍ରାମର ମହିଳାମାନେ ବୁଧବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଜିଲାପାଳ ସ୍ୱାଧାଦେବ ସିଂ ବ୍ୟସ୍ତ ଥିବାରୁ ନୂତନ ଭାବେ ଅତିରିକ୍ତ ଜିଲାପାଳ ଦାୟିତ୍ୱ ଗ୍ରହଣ କରିଥିବା ଭାସ୍କର ରଇତ ସେମାନଙ୍କ ଅଭିଯୋଗପତ୍ର ଗ୍ରହଣ କରିଥିଲେ । ଏ ନେଇ ସେ ଜିଲାପାଳଙ୍କୁ ଅବଗତ କରାଇବା ସହ ଆଲୋଚନା କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଅପରପକ୍ଷେ ଆସିଥିବା ମହିଳାମାନେ ଆମ ସ୍ୱାମୀ, ପୁଅଙ୍କୁ ପୋଲିସ ନ ଫେରାଇବା ପର୍ଯ୍ୟନ୍ତ ଆମେ ଯିବୁ ନାହିଁ ବୋଲି କହିଛନ୍ତି। ପୋଲିସ ଓ କମ୍ପାନୀ ଗୁଣ୍ଡାଙ୍କ ଭୟରେ ଅଞ୍ଚଳର ଯୁବକମାନେ ଭୟଭୀତ ହୋଇ ଘର ଛାଡ଼ି ବଣଜଙ୍ଗଲରେ ଲୁଚି ବୁଲୁଛନ୍ତି।

ଅଞ୍ଚଳବାସୀ କହିଛନ୍ତି, ମୈତ୍ରୀ କମ୍ପାନୀ କର୍ତ୍ତୃପକ୍ଷ ଗ୍ରାମସଭା ନ କରି ସିଧାସଳଖ ଅଞ୍ଚଳରେ ପଶି ଲୋକଙ୍କୁ ଭୟଭୀତ କରୁଛନ୍ତି। ସିଜିମାଳି ଖଣି ଖନନ ନେଇ ସରପଞ୍ଚ ମଧ୍ୟ ଅଞ୍ଚଳବାସୀଙ୍କୁ ଅବଗତ କରିନାହାନ୍ତି। ଅପରପକ୍ଷେ ଅଞ୍ଚଳବାସୀ ବିରୋଧ କରିବାରୁ ସ୍ଥାନୀୟ କେତେଜଣ ଯୁବକଙ୍କୁ ପୋଲିସ ଉଠାଇନେଇଥିବା ସେମାନେ କହିଛନ୍ତି। ପୋଲିସ ରାତି ସମୟରେ ଗାଁକୁ ଆସି ଘର କବାଟ ବାଡ଼େଇ ଜୋରଜବରଦସ୍ତି ପୁରୁଷମାନଙ୍କୁ ଉଠାଇ ନେଉଥିବା ଅଭିଯୋଗ କରିଛନ୍ତି । ଏପରିକି ଜଣେ ମହିଳାଙ୍କ ୧୦ ମାସର ଛୁଆ ରୋଗାକ୍ରାନ୍ତ ଥିବାବେଳେ ପୋଲିସ ତାଙ୍କ ସ୍ୱାମୀ ଉମାକାନ୍ତ ନାଏକଙ୍କୁ ଉଠାଇନେଇଥିବା ସେ ଅଭିଯୋଗ କରିଛନ୍ତି । ସିଜିମାଳି ଅଞ୍ଚଳରୁ ଖଣି ଖନନ ହେଲେ ଅଞ୍ଚଳବାସୀଙ୍କ ଜୀବନଜୀବିକା ପ୍ରଭାବିତ ହେବ। ଯଦି ଆମ ଅଞ୍ଚଳରେ କମ୍ପାନୀ ହେବ ନାହିଁ, କେବଳ ଖଣି ଖନନ ହେବ ତେବେ ଅଞ୍ଚଳର କିଛି ବିକାଶ ହେବ ନାହିଁ ବୋଲି ସେମାନେ ଅଭିଯୋଗ କରିଛନ୍ତି ।

ପ୍ରକାଶ ଥାଉକି, ଗତ ସୋମବାର ମୈତ୍ରୀ କମ୍ପାନୀ କର୍ତ୍ତୃପକ୍ଷ ଖଣି ଅଞ୍ଚଳକୁ ଯାଇଥିବାବେଳେ ସ୍ଥାନୀୟ ଲୋକେ ଦୃଢ଼ ବିରୋଧ କରିଥିଲେ। ଫଳରେ ଅଞ୍ଚଳବାସୀ ଯେଉଁଦିନ ଆଲୋଚନା ପାଇଁ ଡାକିବେ ତା'ପରେ ଯିବେ ବୋଲି କମ୍ପାନୀ କର୍ତ୍ତୃପକ୍ଷ ଏକ ଧଳା କାଗଜରେ ଲିଖିତ ଆକାରରେ ଦେଇଥିଲେ। ଏହାପରେ ଖଣି ଅଞ୍ଚଳକୁ ପୋଲିସ ଛାଉଣି କରିବା ସହ ଅଞ୍ଚଳରୁ ବହୁ ଯୁବକଙ୍କୁ ଉଠାଇ ଆଣିଥିବା ଅଭିଯୋଗ ହୋଇଛି। ପୂର୍ବରୁ ପରମାନନ୍ଦ ନାଏକଙ୍କୁ ପୋଲିସ ଗିରଫକରି କୋର୍ଟ ଚାଲାଣ କରିଥିବା ବେଳେ ବନ୍ତେଜି ଗ୍ରାମର ଉମାକାନ୍ତ ନାଏକ, ଜିତେନ୍ଦ୍ର ନାଏକ ଓ ନିରଞ୍ଜନ ନାଏକ, ସରାମବାଇ ଗ୍ରାମର ବାମନୁ ମାଝି ଓ କଣ୍ଟାମାଳ ଗ୍ରାମର ନିଧନ ନାଏକଙ୍କୁ ପୋଲିସ ଉଠାଇ ନେଇଛି। ସେମାନେ ଏବେ କେଉଁଠି ଅଛନ୍ତି ପଚାରିଲେ ପୋଲିସ କିଛି କହୁ ନ ଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି । ଫଳରେ ସେମାନଙ୍କ ପରିବାର ଲୋକେ ଭୟଭୀତ ଅବସ୍ଥାରେ ରହିଛନ୍ତି। ଏ ନେଇ ଗ୍ରାମବାସୀ କାଶୀପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏ ନେଇ ସୁଙ୍ଗେର ପଞ୍ଚାୟତ ସରପଞ୍ଚ ଶର୍ମିଳା ମାଝିଙ୍କୁ ଯୋଗାଯୋଗ କରିବାରୁ ତାଙ୍କ ସ୍ୱାମୀ ଗୁନାସିଂ ମାଝି ଫୋନ ଉଠାଇ କହିଛନ୍ତି, ସିଜିମାଳି ଖଣି ବେଦାନ୍ତକୁ ମିଳିଛି। ଏହି କାମ ମୈତ୍ରୀକୁ ଦିଆଯାଇଛି ବୋଲି ମୈତ୍ରୀ କର୍ତ୍ତୃପକ୍ଷ କହିଛନ୍ତି । ତେବେ ମୈତ୍ରୀ କମ୍ପାନୀ ଏ ନେଇ କୌଣସି ନଥିପତ୍ର ସରପଞ୍ଚଙ୍କୁ ଦେଖାଇନାହାନ୍ତି କି ସରପଞ୍ଚ କମ୍ପାନୀକୁ କୌଣସି ଅନୁମତି ଦେଇନାହାନ୍ତି। ଅପରପକ୍ଷେ ପୋଲିସ ଏଭଳି ବେଆଇନ ଭାବେ ଯୁବକଙ୍କୁ ଉଠାଇ ନେବା ଉଚିତ ନୁହେଁ ବୋଲି ସେ କହିଛନ୍ତି । ସେହିପରି ଜିଲାପାଳଙ୍କୁ ଭେଟିବାକୁ ଆସିଥିବା ମହିଳାମାନେ କହିଛନ୍ତି, ଜନସାଧାରଣଙ୍କ ଉପରେ ଅନ୍ୟାୟ ଅତ୍ୟାଚାର ହେଲେ ପୋଲିସ ଏହାର ସମାଧାନ କରିବା ସହିତ ସୁରକ୍ଷା ଯୋଗାଇଥା। ହେଲେ ଏବେ ପୋଲିସ ଜନସାଧାରଣଙ୍କ ଉପରେ ଜୁଲମ କରୁଛି। ତେଣୁ ଜିଲାପାଳ ଏଥିପ୍ରତି ଦୃଷ୍ଟିଦେଇ ତୁରନ୍ତ ମିଥ୍ୟା ମାମଲାରେ ପୋଲିସ ଉଠାଇ ନେଇଥିବା ଯୁବକଙ୍କୁ ନିର୍ଦ୍ଦୋଷ ଓ ନିଃସର୍ତ୍ତରେ ଖଲାସ କରିବାକୁ ଅନୁରୋଧ କରିଛନ୍ତି ।

## ଆଜାଦ୍ ହିନ୍ଦ୍ ୟୁଥ୍ ଆସୋସିଏଶନ୍‌ର ସ୍ୱତନ୍ତ୍ର କାର୍ଯ୍ୟକ୍ରମ

ରାୟଗଡା,୧୬।୮ (ଭାଗ୍ୟଶ୍ରୀ ମିଶ୍ର)

ରାୟଗଡା ସହର ସ୍ଥିତ ବିଜୁ ପଟ୍ଟନାୟକ ଅଡିଟୋରିୟମରେ ଆଜାଦ ହିନ୍ଦ ୟୁଥ ଆସୋସିଏଶନ ଆନୁକୂଲ୍ୟରେ ମଙ୍ଗଳବାର ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଅଧିବେଶନରେ 'ରାୟଗଡ଼ା ଜିଲାର ଦାରିଦ୍ର୍ୟତା' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ୟୁଥ ଆସୋସିଏଶନ୍ ସମ୍ପାଦକ ବିନାୟକ କରଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଏମ୍‌ପି ଏନ ଭାସ୍କର ରାଓ ଯୋଗଦେଇ ଶୁଭାରମ୍ଭ କରିଥିଲେ। ପ୍ରାଧ୍ୟାପକ ଡ଼. ଦୁଷ୍ମନ୍ତ କୁମାର ମହାନ୍ତି, ରାୟଗଡା ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ଼.ବବିଲତା ସରଫ, ଡ଼ ମାନସୀ ମହାନ୍ତି, ପି. ଅରୁଣ କୁମାର ପ୍ରମୁଖ ନିଜ ନିଜର ମତ ପ୍ରକାଶ କରିଥିଲେ । ସେହିପରି ଦ୍ୱିତୀୟ ଅଧିବେଶନରେ କବିତା ପାଠ କରାଯାଇଥିଲା। ନୀଳମଣି ପାଢ଼ୀଯୋଶୀ କାର୍ଯ୍ୟକ୍ରମ ଆରମ୍ଭ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ସୁଶାନ୍ତ କୁମାର ନାୟକ, ରାଜ ଲକ୍ଷ୍ମୀ ଦେବୀ, ଅର୍ଚ୍ଚନା ପଟ୍ଟନାୟକ, ଲୋକ ନାଥ ପଣ୍ଡାଙ୍କ ସହ ଅନେକ କବି କବିୟତ୍ରୀ କବିତା ପାଠ କରିଥିଲେ। ତୃତୀୟ ଅଧିବେଶନରେ ସାଂସ୍କୃତିକ କାର୍ଯ୍ୟ କ୍ରମ ଅନୁଷ୍ଠିତ ହୋଇଥିଲା ।

# ୫୩ ପରିବାରକୁ ଘରଡ଼ିହ ପଟ୍ଟା ବଣ୍ଟନ

ରାୟଗଡ଼ା,୧୬।୮ (ଭାଗ୍ୟଶ୍ରୀ ମିଶ୍ର)



ଉପଜିଲାପାଳ ଭୀମସେନ ଶବର ହିତାଧିକାରୀଙ୍କୁ ଘରଡିହ ପଟ୍ଟା ବଣ୍ଟନ କରୁଛନ୍ତି।

ରାୟଗଡା ଜିଲା ସଦର ବ୍ଲକ ନାକଟି ଗ୍ରାମ ପଞ୍ଚାୟତର ସଦର ନାକଟି ଗ୍ରାମର ୫୩ ପରିବାରକୁ ପ୍ରଶାସନ ତରଫରୁ ଘରଡିହ ପଟ୍ଟା ବଣ୍ଟନ କରାଯାଇଛି । ସ୍ୱାଧୀନତା ଦିବସ ଅବସରରେ ରାୟଗଡା ଉପଜିଲାପାଳ ଭୀମସେନ ଶବର ଏହି ପଟ୍ଟାଗୁଡିକ ବଣ୍ଟନ କରିଛନ୍ତି । ଦୀର୍ଘ ବର୍ଷ ଧରି ନାକଟି ଗ୍ରାମର ୫୩ ପରିବାର ଘରବାରି ପଟ୍ଟା ପାଇ ନ ଥିବାରୁ ବିଭିନ୍ନ ସରକାରୀ ଯୋଜନାରୁ ବଞ୍ଚିତ ହେଉଥିଲେ। ବାରମ୍ବାର ପ୍ରଶାସନ ନିକଟରେ ଦାବି କରିବା ସତ୍ତ୍ୱେ ଉପଜିଲାପାଳ ଶବର ଗ୍ରାମବାସୀଙ୍କ ସମସ୍ୟାକୁ ଗୁରୁତର ସହ ନେଇ ଘରବାରି ପଟ୍ଟା ପ୍ରଦାନ କରିଛନ୍ତି । ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମରେ ତହସିଲଦାର ପ୍ରିୟଦର୍ଶିନୀ ସ୍ୱାଇଁ, ଅତିରିକ୍ତ ତହସିଲଦାର ପର୍ଶୁରାମ ଭତ୍ରା, ରାଜସ୍ୱ ପରିଦର୍ଶକ ଦେବୀ ପ୍ରସାଦ ମଲ୍ଲିକ, ରାଜସ୍ୱ ନିରୀକ୍ଷକ ଅଶୋକ କୁମାର ବାଉରି, ଅମିନ ଦେବରାଜ ଗାଣ୍ଟାଙ୍କ ସମେତ ସ୍ଥାନୀୟ ସରପଞ୍ଚ ଓ ସମିତି ସଭ୍ୟ ଭୂଷଣ ବିଡିକା ପ୍ରମୁଖ ଉପସ୍ଥିତ ଥିଲେ ।

## ଅମୃତ ଭାଟିକାର ଶୁଭାରମ୍ଭ

ଚନ୍ଦ୍ରପୁର, ୧୬।୮ (ବିଜୟ ପ୍ରସାଦ ଉଲ୍ଲାକା)

ଚନ୍ଦ୍ରପୁର ବ୍ଲକର ବୁଡିବାଲି ପଞ୍ଚାୟତ ସଦର ମହକୁମାରେ ଅମୃତ ଭାଟିକା ଯୋଜନାର ଶୁଭାରମ୍ଭ କରାଯାଇଛି। ନୂତନ ବନ୍ଧର ସମ୍ପୂର୍ଣ୍ଣ ଉନତୀକରଣ ସହ, ଦୁଇଟି ନୂତନ କେନାଲ ନିର୍ମାଣ, ଅଞ୍ଚଳବାସୀଙ୍କ ଜମିକୁ ଜଳସେଚନ ବ୍ୟବସ୍ଥା ସହ ଏହାକୁ ଏକ ଆଦର୍ଶ ବନ୍ଧ ଭାବେ ନାମକରଣ କରାଯିବ ବୋଲି ସରପଞ୍ଚ ଭୀମ ଗୋଗେରେଙ୍ଗା କହିଥିଲେ। ପରେ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଏକ ଗ୍ରାମସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଅଞ୍ଚଳବାସୀଙ୍କ ଉନ୍ନତୀକରଣ ସହ ଜଳ, ଜମି, ଜଙ୍ଗଲ ଅଧିକାର ଆଇନ, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଗମନାଗମନ, ପିଇବା ପାଣି, ମୃତ୍ତିକା ସଂରକ୍ଷଣ, ସମ୍ପର୍କରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମକୁ ଜିଲା ଜନ ଜାଗରଣ ମଞ୍ଚର ସଂଯୋଜକ ଦିବାକର ଶବର ସଂଯୋଜନା କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ସରପଞ୍ଚ ଭୀମ ଗୋଗେରେଙ୍ଗା, ସମ୍ମାନିତ ଅତିଥି ଭାବେ ପିଇଓ କରୁଣା କର ସେନାପତି, କୃଷି ଅଧି ଦର୍ଶକ ଜଗଦିଶ ଗମାଙ୍ଗ, ପ୍ରାଣୀଧନ ଚିକିତ୍ସକ ରାଜସିଂହ ବାହିନୀ ପତି, ଆଦିବାସୀ ପରମର୍ଶଦାତା ସଭାପତି ବିଜୟ ପ୍ରସାଦ ଉଲାକା, ଯୋଗାଣ ସହାୟକ ଜଗଦୀଶ ଦଳାଇ, ଅଗ୍ରଣୀ ଚାଷୀ ଚିତ୍ତ ନାଲା, ସୁନାମଣି ପ୍ରଟିକାଙ୍କ ସମେତ ଅଞ୍ଚଳବାସୀ ଉପସ୍ଥିତ ଥିଲେ। ଶେଷରେ ଅତିଥିଙ୍କ ଦ୍ୱାରା ଚାରାରୋପଣ କାର୍ଯ୍ୟକ୍ରମ କରାଯାଇଥିଲା।

## ଦୁର୍ଗୀରେ ଅମୃତ ଭାଟିକା କାର୍ଯ୍ୟକ୍ରମ

ଦୁର୍ଗୀ, ୧୬।୮ (ଶିଶିର କୁମାର ପାତ୍ର)





ବିଷମକଟକ ବ୍ଲକ୍ ଅନ୍ତର୍ଗତ ଦୁର୍ଗୀ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ତରଫରୁ ଏମ୍‌ଜିଏନଆରଇଜିଏ ଦ୍ୱାରା ବସୁଧା ବନ୍ଦନ ଅମୃତ ଭାଟିକା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦୁର୍ଗୀସ୍ଥିତ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଥିବା ଅମୃତ ପୋଖରୀ ନିକଟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ସଭ୍ୟା ବିଜୟା ଶାନ୍ତି କୁମୁରୁକା ଯୋଗଦେଇ ଏମସିସି ଗ୍ରାଉଣ୍ଡରୁ ମାଟି ବାହାର କରି ନଗର ପରିକ୍ରମା କରି ଅମୃତ ପୋଖରୀ ନେଇଥିଲେ। ସେହି ମାଟି କଳସିକୁ ଦିଲ୍ଲୀ ପଠାଯିବ ଓ ସେହି ଅମୃତ ପୋଖରୀରେ ବୀର ପୁତ୍ର ବା ସ୍ୱାଧୀନତା ସଂଗ୍ରାମୀଙ୍କ ପାଇଁ ତାଙ୍କୁ ଓ ତାଙ୍କର ଐତିହ ବଜାୟ ରକ୍ଷା କରିବା ପାଇଁ ବିଭିନ୍ନ ଛାତ୍ରଛାତ୍ରୀ, ମହିଳା ଏସଚଜି, ବିଭିନ୍ନ ସରକାରୀ କର୍ମଚାରୀ ଓ ସ୍ଥାନୀୟ ଲୋକ ଯୋଗ ଦେଇ ଶପଥ ପାଠ ନେଇଥିଲେ। ଶେଷରେ ଦୁର୍ଗୀ ପଞ୍ଚାୟତ ସାମାଜିକ କର୍ମୀ ଦିବାକର ବେହେରା ପତାକା ଉତ୍ତୋଳନା କରିଥିଲେ ।

## ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ ଦାବିରେ ସ୍ମାରକପତ୍ର

ଗୁଣପୁର,୧୬।୮ (ପ୍ରଦୀପ କୁମାର ପାଢ଼ୀ)





ଗୁଣପୁର ବ୍ଲକ ଅନ୍ତର୍ଗତ ଜଗନ୍ନାଥପୁର ପଞ୍ଚାୟତ ହାତୀବାଡି ଗ୍ରାମରେ ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ ଦାବିରେ ଏକ ସ୍ମାରପତ୍ର ପ୍ରଦାନ କରାଯାଇଛି। ଗ୍ରାମବାସୀ କୋର୍ଟ ନିକଟ ତ୍ରିନାଥ ମନ୍ଦିରରୁ ଶୋଭାଯାତ୍ରା କରି ଗୁଣପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟଠାରେ ପହଞ୍ଚିଥିଲେ। ସେଠାରେ ପ୍ରତିବାଦ ଜଣାଇବା ସହ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଡେପୁଟି କଲେକ୍ଟରଙ୍କୁ ପ୍ରଦାନ କରିଥିଲେ। ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ହାତୀବାଡି ଗ୍ରାମ ମାଛଖୁଣ୍ଟି ରାଜସ୍ୱ ସର୍କଲର ରାଜସ୍ୱ ଗ୍ରାମ। ତାଙ୍କ ଗ୍ରାମରେ ବର୍ତ୍ତମାନ ଅଙ୍ଗନୱାଡି କେନ୍ଦ୍ର ଚାଲିଛି। ହେଲେ ଅଙ୍ଗନୱାଡି କେନ୍ଦ୍ର ଅନ୍ୟ ସ୍ଥାନରେ ନିର୍ମାଣ କରାଯିବାକୁ ଯୋଜନା କରାଯାଉଛି। ହାତୀବାଡି ବହୁ ପୁରୁଣା ଗ୍ରାମ ହୋଇଥିବାରୁ ତାଙ୍କ ଗ୍ରାମରେ ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ କରାଯିବାର ଯଥାର୍ଥତା ରହିଥିବା ଗ୍ରାମବାସୀ ଉଲ୍ଲେଖ କରିଛନ୍ତି। ଦାବିପତ୍ରର ନକଲ ବିଡିଓ ଏବଂ ସିଡିପିଓଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି।

# ତାଲା ଭାଙ୍ଗି ଶୌଚାଳୟ ଲୋକାର୍ପଣ କଲା ବସ୍ ମାଲିକ ସଂଘ

ବିଷମ କଟକ, ୧୬।୮ (ବିଭୂତି ଭୂଷଣ ନାୟକ)

**ପ୍ରଶାସନିକ ଅବହେଳାରୁ ନିର୍ମାଣ ହୋଇ ପଡ଼ି ରହିଥିଲା**

ବିଷମକଟକ ସଦର ବସ୍‌ଷ୍ଟାଣ୍ଡଠାରେ ଯାତ୍ରୀଙ୍କ ସୁବିଧା ନିମନ୍ତେ ଦୀର୍ଘ ୧୨ବର୍ଷ ତଳେ ରାଜ୍ୟ ସଭା ଏମ୍‌ପି ସ୍ୱର୍ଗତ ପ୍ୟାରିମୋହନ ମହପାତ୍ରଙ୍କ ପାଣ୍ଠିରୁ ୧୦ ଲକ୍ଷ ବ୍ୟୟରେ ଏକ ଶୌଚାଳୟ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା । ବ୍ଲକ ପ୍ରଶାସନ ଏହି ଶୌଚାଳୟ ଲୋକାର୍ପଣ ଦିଗରେ କୌଣସି ପଦକ୍ଷେପ ନେଲେ ନାହିଁ କି ଶୌଚାଳୟ ନିର୍ମାଣ କାର୍ଯ୍ୟ ସରିଲା ନାହିଁ । ଶେଷରେ ବାଧ ହୋଇ ବସ ୟୁନିୟନ ସଂଘ ଶୌଚାଳୟ ତାଲା ଭାଙ୍ଗି ଲୋକାର୍ପଣ କରିଛି।

ସୂଚନାଯୋଗ୍ୟ, ଏହି ବସଷ୍ଟାଣ୍ଡରୁ ଦିନକୁ ପ୍ରାୟ ୪୦ ରୁ ଊର୍ଦ୍ଧ୍ୱ ବସ ଯାତାୟାତ କରିଥାଏ। ପ୍ରତେକ ଦିନ କଳାହାଣ୍ଡି, କନ୍ଧମାଳ, ରାୟଗଡା ଜିଲାକୁ ଯିବାଆସିବା ନିମନ୍ତେ ବିଷମକଟକର ୨୧ ପଞ୍ଚାୟତ ଲୋକେ ନିର୍ଭର କରିଥାନ୍ତି। ତେବେ ବସ୍‌ଷ୍ଟାଣ୍ଡରେ ଶୌଚାଳୟ ନ ଥିବାରୁ ଯାତ୍ରୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ। ତେଣୁ ଶୌଚାଳୟ କାମ ତୁରନ୍ତ ସାରିବା ପାଇଁ ବସ୍ ମାଲିକ ସଂଘ, ଅଟୋ ମାଲିକ ସଂଘ, ଡ୍ରାଇଭର ସଂଘ କର୍ମକର୍ତ୍ତା ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରିବା ସତ୍ତ୍ୱେ ଟଙ୍କାର ଅଭାବ ଦର୍ଶାଇ ବ୍ଲକ ପ୍ରଶାସନ ଲୋକାର୍ପଣ ଦିଗରେ କୌଣସି ପଦକ୍ଷେପ ନେଲେ ନାହିଁ । ଶେଷରେ ବସ୍ ମାଲିକ ସଂଘ, ଡ୍ରାଇଭର ସଂଘ ଏବଂ ଅଟୋ ମାଲିକ ସଂଘର ନିଷ୍ପତିକ୍ରମେ ଯାତ୍ରୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସ୍ୱାଧୀନତା ଦିବସରେ ଶୌଚାଳୟ ତାଲା ଭାଙ୍ଗି ଥିଲେ । ଶୌଚାଳୟ ନିର୍ମାଣ କାର୍ଯ୍ୟ ପ୍ରାୟ ସମ୍ପୂର୍ଣ୍ଣ ହୋଇଥିବା ବେଳେ ଅଳ୍ପ କାର୍ଯ୍ୟ ବାକି ରହିଥିବା ଦେଖିବାକୁ ପାଇଥିଲେ । ତେବେ ସଂଘ କର୍ମକର୍ତ୍ତାମାନେ ଶୌଚାଳୟ ନିର୍ମାଣ କାର୍ଯ୍ୟ ନିଜ ଖର୍ଚ୍ଚରେ କରି ଲୋକାର୍ପଣ କରିବା ନେଇ ପକ୍ରିୟା ଅରମ୍ଭ କରିଥିବା ସଂଘ ସଭାପତି ଶଶିଭୂଷଣ ପଟ୍ଟନାୟକ ସୂଚନା ଦେଇଛନ୍ତି । ଏହି କାର୍ଯ୍ୟକ୍ରମରେ ବି ରାମ ବାବୁ, ବିଦ୍ୟାଧର ପ୍ରଧାନୀ, ମେଘ ବାତ୍ରା, ସିମାଦ୍ରି ଉଲ୍କାକା, ମିଟୁ ପଣ୍ଡା ଓ ବସ ମାଲିକ ସଂଘର ସମସ୍ତ ସଦ୍ୟସ ଓ ଡ୍ରାଇଭର ମହାସଂଘର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

## ଡୁମ୍ବାଗୁଡ଼ା ଗ୍ରାମବାସୀଙ୍କୁ ଘରବାରି ପଟ୍ଟା ବଣ୍ଟନ

ଗୁଡ଼ାରି,୧୬।୮ (ପ୍ରମୋଦ କୁମାର ପତି)

ଗୁଡ଼ାରି ବ୍ଲକର ଅସଡା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଡୁମ୍ବାଗୁଡା ଗ୍ରାମର ୩୦ ପରିବାରକୁ ସ୍ଥାୟୀ ଘରବାରି ପଟ୍ଟା ବଣ୍ଟନ କରାଯାଇଛି। ତହସିଲ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ତହସିଲଦାର ଭାରତୀ ଦେବୀ ହିତାଧିକାରୀଙ୍କୁ ଏହି ପଟ୍ଟା ବଣ୍ଟନ କରିଥିଲେ। ଦୀର୍ଘ ୫୦ବର୍ଷରୁ ଊର୍ଦ୍ଧ୍ୱ ହେବ ଏହି ଲୋକଙ୍କର ଘରବାରି ପଟ୍ଟା ନ ଥିବାରୁ ସେମାନେ ଗୃହ ନିର୍ମାଣ ନିମନ୍ତେ ସରକାରଙ୍କ କୌଣସି ଯୋଜନାରେ ସାମିଲ ହୋଇ ପାରୁ ନ ଥିଲେ। ଏ ଦିଗରେ ପଦକ୍ଷେପ ନେବା ସହ ସର୍ଭେ କରି ପଟ୍ଟା ପ୍ରଦାନ କରିଥିଲେ ତହସିଲଦାର। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ତହସିଲଦାର ହୃଷୀକେଶ ପଣ୍ଡା, ସୁପରଭାଇଜର ପତିତପାବନ ରଥ, ସମସ୍ତ ରାଜସ୍ୱ ନିରୀକ୍ଷକ ଏବଂ ତହସିଲ କାର୍ଯ୍ୟାଳୟର କର୍ମଚାରୀ ଉପସ୍ଥିତ ଥିଲେ।

# ପରେଡ୍‌ରେ ଗୁଣପୁର ମହାବିଦ୍ୟାଳୟ ପ୍ରଥମ



ସ୍ୱାଧୀନତା ଦିବସ ଅବସରରେ ଏନ୍‌ସିସି କ୍ୟାଡେଟ୍‌ମାନେ ପରେଡ୍ କରୁଛନ୍ତି।

ଗୁଣପୁର,୧୬।୮ (ପ୍ରଦୀପ କୁମାର ପାଢ଼ୀ)

ରାୟଗଡା ଜିଲା ଗୁଣପୁର ଉପଖଣ୍ଡ ସଦର ମହକୁମା ଠାରେ ୭୭ତମ ସ୍ୱାଧୀନତା ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ସ୍ଥାନୀୟ ମିନି ଷ୍ଟାଡିୟମଠାରେ ଆୟୋଜିତ ସମ୍ମିଳିତ ପରେଡ଼ରେ ଗୁଣପୁର ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ତଥା ଭାରପ୍ରାପ୍ତ ଉପ ଜଲାପାଳ ଶାନ୍ତିପ୍ରଭା ପ୍ରଧାନ ମୁଖ୍ୟଅତିଥି ରୂପେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପରେଡ଼ର ଅଭିବାଦନ ଗ୍ରହଣ କରି ଅଭିଭାଷଣ ରଖିଥିଲେ । ସମ୍ମାନିତ ଅତିଥି ଭାବେ ବିଧାୟକ ରଘୁନାଥ ଗମାଙ୍ଗ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଗୁଣପୁର ତହସିଲଦାର ଶରତ ଚନ୍ଦ୍ର ନାୟକ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶୁଭ୍ରାଞ୍ଜଳି ପ୍ରଧାନ, ଭାମିନି ସ୍ଥିତ ଭାରତୀୟ ସଂରକ୍ଷିତ ବାହିନୀ କମାଣ୍ଡାଣ୍ଟ ଦୀପକ କୁମାର ଦେହୁରୀ ପ୍ରମୁଖ ମଞ୍ଚସିନ ଥିଲେ। ପରେଡରେ ଗୁଣପୁର ମହାବିଦ୍ୟାଳୟ ପ୍ରଥମ, ଥୟାରମ୍ମା ମହିଳା ମହାବିଦ୍ୟାଳୟ ଦ୍ୱିତୀୟ, ଗାନ୍ଧୀ ବିଶ୍ୱ ବିଦ୍ୟାଳୟ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସିଭିଲିଆନରେ ଏକଲବ୍ୟ ଆବାସିକ ବିଦ୍ୟାଳୟ ପ୍ରଥମ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ବାଳିକା ବିଭାଗ ଦ୍ୱିତୀୟ, ଗାନ୍ଧୀ ପବ୍ଲିକ ସ୍କୁଲ ବାଳକ ବିଭାଗ ତୃତୀୟ ସ୍ଥାନ ହାସଲ କରିଥିଲେ। ସେହିପରି ବିଭିନ୍ନ ପ୍ରତିଯୋଗିତାର ପୁରସ୍କାର ମଧ୍ୟ ପ୍ରଦାନ କରାଯାଇଥିଲା ।

# 'ବଳିଦାନ ଦେଇଥିବା ମହାପୁରୁଷ ଆମ ପାଇଁ ଚିରସ୍ମରଣୀୟ'

ରାୟଗଡ଼ା,୧୬।୮ (ଭାଗ୍ୟଶ୍ରୀ ମିଶ୍ର)

**ରାୟଗଡ଼ା ଜିଲାସ୍ତରୀୟ ସ୍ୱାଧୀନତା ଦିବସ**



ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଅଭିନନ୍ଦନ ଗ୍ରହଣ କରୁଛନ୍ତି।

ରାୟଗଡ଼ା ଜିଲାସ୍ତରୀୟ ୭୭ତମ ସ୍ୱାଧୀନତା ଦିବସ ସ୍ଥାନୀୟ ଜିସିଡି ଉଚ୍ଚ ବିଦ୍ୟାଳୟ ପଡ଼ିଆଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ଖାଦ୍ୟ ଯୋଗାଣ ଖାଉଟିକଲ୍ୟାଣ, ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ଏହି ଅବସରରେ ମନ୍ତ୍ରୀ ନାୟକ ଉଦ୍‌ବୋଧନ ଦେଇ କହିଥିଲେ, ଦେଶର ସ୍ୱାଧୀନତା ପାଇଁ ଅନେକ ସଂଗ୍ରାମୀଙ୍କୁ ଆତ୍ମ ବଳିଦାନ ଦେବାକୁ ପଡିଛି। ସେହି ଦେଶ ଭକ୍ତମାନଙ୍କୁ ସ୍ମୃତିଚାରଣ କରିବା ଆମର କର୍ତ୍ତବ୍ୟ। ଏଥିସହିତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡ଼ିଶା ରାଜ୍ୟ ଆଜି ବିକାଶର ଶୀର୍ଷ ଛୁଇଁବାକୁ ଲାଗିଛି। ରାଜ୍ୟ ସରକାରଙ୍କର କାର୍ଯ୍ୟକ୍ରମର ବିଭିନ୍ନ ଯୋଜନା ମଧ୍ୟରେ ସହ ମୋ ଘର ଯୋଜନାରେ ଋଣ ପ୍ରଦାନ, ମୋ ଜଙ୍ଗଲ ଜମି ଯୋଜନା, ବିଜୁ ସେତୁ, ବିଜୁ ଏକ୍ସପ୍ରେସ ଭଳି ଶିକ୍ଷା କ୍ଷେତ୍ରରେ ୫-ଟି ଅଧୀନରେ ସମସ୍ତ ବିଦ୍ୟାଳୟର ରୂପାନ୍ତରଣ, ମଧୁବାବୁ ପେନ୍‌ସନ ଯୋଜନାରେ ରାଜ୍ୟ ବିକାଶ ଧାରାରେ ଆଗେଇ ଚାଲିଛି ବୋଲି ମନ୍ତ୍ରୀ ନାୟକ କହିଥିଲେ। ଏହି ଅବସରରେ ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ ଜିଲାରେ କୃତକାର୍ଯ୍ୟ ହୋଇଥିବା ପାଲାକା ରବୀନ୍ଦ୍ର, ଧୀରେନ୍ଦ୍ର କଣ୍ଡଗୋରି, ଜାହ୍ନବୀ ଶବର, ପଙ୍କଜ ମାଝି ଏବଂ ରମେଶ୍ୱରୀ ହିକକାଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି କ୍ରୀଡ଼ାକ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଁ ୬ ଜଣଙ୍କୁ, ୨ ଜଣ ଶିକ୍ଷକଙ୍କୁ ପୁରସ୍କୃତ କରିଥିଲେ। ଏଥିସହିତ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟସ୍ତରରେ ଅନୁଷ୍ଠିତ ହୋଇଥିବା ବକ୍ତୃତା ଓ ଦେଶାତ୍ମବୋଧ ସଙ୍ଗୀତ ପ୍ରତିଯୋଗିତାର ୩୯ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରାତଃ ୫ ଘଟିକା ସମୟରେ ରାୟଗଡ଼ା ସହରରେ ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା ରାମଧୂନ ପ୍ରଚାର କରାଯାଇଥିଲା । ସହରର ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା । ଏହାପରେ ମୁଖ୍ୟ ଅତିଥି ମନ୍ତ୍ରୀ ନାୟକ, ଜିଲାପାଳ ସ୍ୱଧା ଦେବ ସିଂ ଏବଂ ଆରକ୍ଷୀ ଅଧୀକ୍ଷକ ଫଳ ଓ ମିଷ୍ଟାନ୍ନ ବଣ୍ଟନ କରିଥିଲେ । ପତାକା ଉତ୍ତୋଳନ କାର୍ଯ୍ୟକ୍ରମରେ ସମସ୍ତ ଜିଲାସ୍ତରୀୟ ଅଧିକାରୀ ଏବଂ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷା ଅନସୂୟା ମାଝି, ଜିଲା ପରିଷଦ ଅଧ୍ୟକ୍ଷା ସରସ୍ୱତୀ ମାଝି, ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି, ପୂର୍ବତନ ଏମ୍‌ପି ଏନ୍. ଭାସ୍କର ରାଓ, ପୂର୍ବତନ ବିଧାୟକ ଲାଲ ବିହାରି ହିମିରିକା ପ୍ରମୁଖ ଯୋଗ ଦେଇଥିଲେ ।

**ମଦ ଚାଲାଣ ବେଳେ ଜଣେ ଗିରଫ**

ଜୟପୁର, (ପବନ ପାଣିଗ୍ରାହୀ): ଦେଶୀ ମଦ ଚୋରା ଚାଲାଣ ବେଳେ ସଦର ପୋଲିସ ଚଢାଉ କରି ଜଣଙ୍କୁ ଗିରଫ କରିଛି। ସେହେଲେ ଭାଜିଗୁଡା ଗ୍ରାମର ମଦନ ଗୌଡ (୨୨)। ମଦନ ମଦ ଚାଲାଣ କରୁଥିବା ସୂଚନା ପାଇ ପୋଲିସ ଭାଜିଗୁଡା ଗ୍ରାମ ରାସ୍ତାରେ ତାଙ୍କୁ ଧରିଥିଲେ। ତାଙ୍କ ନିକଟରୁ ୧୬ ଲିଟର ଦେଶୀ ମଦ ଜବତ ହୋଇଛି।

## ସଂକ୍ଷେପରେ

### ୧ହଜାର ହିତାଧିକାରୀଙ୍କୁ ଭତ୍ତା

ଜୟପୁର, ୧୬।୮ (ପବନ ପାଣିଗ୍ରାହୀ)

ଜୟପୁର ପୌରାଞ୍ଚଳର ୨୮ଟି ୱାର୍ଡର ୧ ହଜାର ନୂତନ ଭାବେ ସାମିଲ ହୋଇ ହୋଇଥିବା ହିତାଧିକାରୀଙ୍କୁ ମଧୁବାବୁ ପେନସନ ଯୋଜନାରେ ପ୍ରଦାନ କରାଯାଇଛି । ସ୍ଥାନୀୟ ବାବା ସାହେବ କଲ୍ୟାଣ ମଣ୍ଡପଠାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ତାରା ପ୍ରସାଦ ବାହିନୀପତି ମୁଖ୍ୟଅତିଥି ଭାବେ ଯୋଗଦେଇ ହିତାଧିକାରୀଙ୍କୁ ଭତ୍ତା ଦେଇଥିଲେ। ସମ୍ମାନିତ ଅତିଥି ରୂପେ ପୌରଧ୍ୟକ୍ଷ ନରେନ୍ଦ୍ର ମହାନ୍ତି, ଉପାଧ୍ୟକ୍ଷ ବି. ସୁନିତା, ପୌର ନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକଙ୍କ କାଉନସିଲରମାନେ ଉପସ୍ଥିତ ଥିଲେ।

### ଯୁବତୀଙ୍କୁ ବଳାତ୍କାର, ଯୁବକ ଗିରଫ

ଜୟପୁର, ୧୬।୮ (ପବନ ପାଣିଗ୍ରାହୀ)

ବିବାହର ପ୍ରୋଲୋଭନ ଦେଖାଇ ଜଣେ ଯୁବତୀଙ୍କୁ ବଳାତ୍କାର କରିଥିବା ଅଭିଯୋଗରେ ଜଣେ ଯୁବକ ଗିରଫ ହୋଇଛନ୍ତି। ସେ ହେଲେ ପ୍ରଧାନିଗୁଡାର ଶଙ୍କର ଖରା (୨୬)। ଏନେଇ ଅଭିଯୋଗ ହେବା ପରେ ଏହାକୁ ଭିତ୍ତି କରି ପୋଲିସ ତଦନ୍ତ ଆରମ୍ଭ କରିଥିଲା। ତଦନ୍ତରୁ ଶଙ୍କରଙ୍କ ସମ୍ପୃକ୍ତି ଥିବା ଜାଣି ତାଙ୍କୁ ଗିରଫ କରାଯାଇଥିଲା ବୋଲି ଥାନା ଅଧିକାରୀ ଈଶ୍ୱର ତାଣ୍ଡି କହିଛନ୍ତି ।

### ୮ଶହ ଏସ୍‌ଏଚ୍‌ଜି ମାଧ୍ୟମରେ ହେବ କୃଷିର ବିକାଶ

କୋରାପୁଟ, ୧୬।୮ (ଅମିତାଭ ବେହେରା)

ରାଜ୍ୟ କୃଷି ଓ କୃଷକ ସଶକ୍ତୀକରଣ ଏବଂ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଦୁଇ ଦିନ ଧରି କୋରାପୁଟ ଜିଲାର ଲକ୍ଷ୍ମୀପୁର, କୋରାପୁଟ,ସେମିଳିଗୁଡା ଓ ପଟ୍ଟାଙ୍ଗି ବ୍ଲକର ବିଭିନ୍ନ ଅଞ୍ଚଳ ଗସ୍ତ କରିବା ପରେ ବୁଧବାର ସଂନ୍ଧ୍ୟାରେ କୋରାପୁଟସ୍ଥିତ ସଦଭାବନା ସଭାଗୃହରେ ଏକ ସମୀକ୍ଷା ବୈଠକ କରିଛନ୍ତି। ଏହି ସମୟରେ ସେ ଜିଲାରେ ଚାଲିଥିବା ବିଭିନ୍ନ କୃଷି କାର୍ଯ୍ୟର ସମୀକ୍ଷା କରିଥିଲେ। ଜିଲାର ଉପାନ୍ତ ଅଞ୍ଚଳ କୋଟିଆ, ନାରାୟଣପାଟଣା ଏବଂ ବନ୍ଧୁଗାଁରେ କୃଷିର ବିକାଶ ପାଇଁ ସ୍ୱତନ୍ତ୍ର ଯୋଜନା କରାଯାଇଛି। ଏହି ୩ ଅଞ୍ଚଳରେ ଥିବା ୮ ଶହ ଏସ୍‌ଏଚଜିଙ୍କୁ ସାମିଲ କରାଯାଇ କୃଷିର ବିକାଶ କରାଯିବ ବୋଲି ମନ୍ତ୍ରୀ କହିଥିଲେ। ଏହି ୩ ଅଞ୍ଚଳରେ ସମନ୍ୱିତ କୃଷି ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି। ବିଭିନ୍ନ କ୍ଲଷ୍ଟରମାନ କରାଯାଇ ତାହା ଦ୍ୱାରା କୃଷି ଓ କୃଷକର ବିକାଶ କରାଯିବାକୁ ଲକ୍ଷ୍ୟ ରହିଛି ବୋଲି ସେ ସୂଚନା ଦେଇଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ଜିଲାକୁ ଆସୁଥିବା ସମସ୍ତ ଅର୍ଥ ସଠିକ ଭାବେ କୃଷକମାନେ ପାଉଛନ୍ତି କି ନାହିଁ , ବିହନ ଓ ସମସ୍ତ ସୁବିଧା ସେମାନଙ୍କୁ ମିଳୁଛି କି ନାହିଁ ବୋଲି ସେ ଅଧିକାରୀମାନଙ୍କୁ ପଚାରି ବୁଝିଥିଲେ। ବୈଠକରେ ଜିଲାପାଳ ଅବଦାଲ ଏମ. ଅକ୍ତାର, ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝି ଏବଂ ସୋମନାଥ ପ୍ରଧାନ, କୋରାପୁଟ ଓ ଜୟପୁର ଉପଜିଲାପାଳଙ୍କ ସମେତ ଜିଲାର ଉଦ୍ୟାନ, କୃଷି, କଫି, ପ୍ରାଣୀପାଳନ, ଜଳଛାୟା ମିଶନର ଅଧିକାରୀମାନେ ଉପସ୍ଥିତ ଥିଲେ ।

# ବିକ୍ରି ଦେଉଛନ୍ତି ଆବାସ

ଦଶମନ୍ତପୁର, ୧୬।୮ (ଅରବିନ୍ଦ ନାୟକ)

**ନିର୍ମାଣ ସାମଗ୍ରୀ ଆଣିବାକୁ ରାସ୍ତା ନାହିଁ**

- ଅନ୍ଧାରୀଗାଡ଼ ନଦୀ, ଖଣ୍ଡାଧାର ପାହାଡ଼ ବିକାଶରେ ସାଜିଛି ପ୍ରତିବନ୍ଧକ
- ମୌଳିକ ସୁବିଧା ପାଇଁ ବିଡିଓଙ୍କୁ ଦାବିପତ୍ର
- ପଦକ୍ଷେପ ନେଇ ବ୍ୟବସ୍ଥା କରିବି: ବିଡିଓ

କୌଣସି ମୌଳିକ ସୁବିଧା ସୁଯୋଗ ପାଉ ନ ଥିବା ଲୋରେଶ ଗ୍ରାମବାସୀ ସୋମବାର ବିଡିଓ ଡମ୍ବରୁଧର ମଲ୍ଲିକଙ୍କୁ ଭେଟି ଦାବିପତ୍ର ଦେଇଛନ୍ତି। ସରକାରଙ୍କ କାର୍ଯ୍ୟକାରୀ ବିଭିନ୍ନ ଯୋଜନାରୁ ସେମାନେ ସୁଫଳ ପାଉ ନ ଥିବା ଅଭିଯୋଗ କରିଛନ୍ତି। ଏପରିକି ଗ୍ରାମକୁ ରାସ୍ତା ନ ଥିବାରୁ ପକ୍କାଘର ଅବା ଆବାସ ଯୋଜନାରେ ସେମାନଙ୍କୁ ମିଳୁଥିବା ଘର ନିର୍ମାଣ କରିବା ସେମାନଙ୍କ ପାଇଁ କଷ୍ଟକର ହୋଇପଡୁଛି। ଫଳରେ ସେମାନେ ବାଧହୋଇ ଏହାକୁ ଅନ୍ୟ ଗ୍ରାମର ଲୋକଙ୍କୁ ବିକ୍ରିକରି ଦେଉଥିବା ପ୍ରକାଶ କରିଛନ୍ତି ଲୋରେଶବାସୀ। କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ପିଣ୍ଡାପଦର ପଞ୍ଚାୟତର ଲୋରେଶ ଗ୍ରାମ କ୍ଷେତ୍ରରେ ଏପରି ଦେଖିବାକୁ ମିଳିଛି।

ଏହି ଗ୍ରାମରେ ୩୦ ଘର ଆଦିବାସୀ ସମ୍ପ୍ରଦାୟର ଲୋକେ ବସବାସ କରିଥାନ୍ତି। ଗ୍ରାମବାସୀ ଏଯାଏ ସରକାରଙ୍କ କୌଣସି ଯୋଜନାରୁ କିଛି ସୁଫଳ ପାଇ ନ ଥିବା ଅଭିଯୋଗ କରିଛନ୍ତି। ଗ୍ରାମଟି ଦଶମନ୍ତପୁର ବ୍ଲକଠାରୁ ୯ କି.ମି. ଦୂରରେ ଥିବା ବେଳେ ମରିଚଗୁଡ଼ା ଗ୍ରାମଠାରୁ ୫ କି.ମି. ଦୂରରେ ରହିଛି। ମରିଚଗୁଡ଼ା ଗ୍ରାମ ନିକଟରେ ପ୍ରବାହିତ ଅନ୍ଧରୀଗାଡ଼ ନଦୀ ଏବଂ ଖଣ୍ଡାଧାର ପାହାଡ଼ ସେମାନଙ୍କ ଉନ୍ନତିରେ ପ୍ରତିବନ୍ଧକ ସାଜିଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। କେବଳ ସ୍ୱାସ୍ଥ୍ୟସେବା ବ୍ୟତୀତ ପକ୍କାରାସ୍ତା, ଶିକ୍ଷା, ପାନୀୟ ଜଳ, ଖାଉଟି ଯୋଜନା, ବିଦ୍ୟୁତୀକରଣରୁ ଏଯାଏ ବଞ୍ଚିତ ହୋଇ ରହିଛନ୍ତି ବୋଲି ଗ୍ରାମର ରାଜୀବ ଜମ୍ବେକା, ଧନୁର୍ଜୟ କମାର, ଭୀମ ପାଇକ, ଇଶୁଦାସ ସାଉଁନ୍ତା, ପ୍ରତାପ ସାଉଁନ୍ତା, ରଞ୍ଜି ମିଣିଆକା, ଜୁନେଶ ସାଉଁନ୍ତା କହିଛନ୍ତି। ଗ୍ରାମ ରାସ୍ତା ମରଣଯନ୍ତା ପାଲଟିଥିବାରୁ ସାଇକେଲରେ ଯିବା ମଧ କଷ୍ଟକର ହୋଇପଡିଛ। ଗ୍ରାମରେ ବିଦ୍ୟାଳୟଟିଏ ନାହିଁ। ଗ୍ରାମର ପାଠ ପଢୁଥିବା ୧୬ ଛାତ୍ରୀଛାତ୍ର ଜୀବନକୁ ବାଜି ଲଗାଇ ଖଣ୍ଡାଧାର ପାହାଡ଼ ଡେଇଁ ମରିଚଗୁଡ଼ା ବିଦ୍ୟାଳୟକୁ ଯାଉଥିବା ସେମାନେ କହିଛନ୍ତି। ରାସ୍ତା ନ ଥିବାରୁ ପକ୍କା ଘର ଅବା ଅବାସ ଯୋଜନାରେ ମିଳୁଥିବା ଘର ନିର୍ମାଣ କରିବା ସେମାନଙ୍କ ପାଇଁ କଷ୍ଟକର ହୋଇପଡୁଛି। ଫଳରେ ସେମାନେ ବାଧ ହୋଇ ଏହାକୁ ଅନ୍ୟ ଗ୍ରାମର ଲୋକଙ୍କୁ ବିକ୍ରିକରି ଦେଉଥିବା ଗ୍ରାମର ଉଦ୍ଧବ ସାଉଁନ୍ତା, ଚନ୍ଦ୍ର ପାଇକ, କାଳିଆ ଜାନୀ, ଲୋଚ ସାଉଁନ୍ତା, କୁମ୍ଭ କମାର କହିଛନ୍ତି। ଏ ସମ୍ପର୍କରେ ବିଡିଓ ମଲ୍ଲିକଙ୍କୁ ପଚାରିବାରୁ ସେ କହିଲେ, ଗ୍ରାମ ପାଇଁ ମୁଖ୍ୟତଃ ରାସ୍ତା ସମସ୍ୟା ଯୋଗୁ ଯୋଜନାର ସୁଫଳ ଲୋକଙ୍କ ନିକଟରେ ପହଞ୍ଚିପାରୁନାହିଁ। ଏ ଦିଗରେ କ'ଣ କରାଯାଇପାରିବ ସେ ପଦକ୍ଷେପନେଇ ବ୍ୟବସ୍ଥା କରିବେ ବୋଲି କହିଛନ୍ତି।

## ନୂଆ ପାଠ୍ୟକ୍ରମ କୃଷକ, ବୈଜ୍ଞାନିକ ସୃଷ୍ଟି କରିବ

**ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ସ୍ୱାଧୀନତା ଦିବସ ପାଳିତ**



ପତାକା ଉତ୍ତୋଳନ ଅବସରରେ ଉପସ୍ଥିତ ଅତିଥି।

କୋରାପୁଟ, ୧୬।୮ (ଅମିତାଭ ବେହେରା)

ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ୭୭ତମ ସ୍ୱାଧୀନତା ଦିବସ ମଙ୍ଗଳବାର ପାଳିତ ହୋଇଛି। ମୁଖ୍ୟଅତିଥି ରୂପେ ପତାକା ଉତ୍ତୋଳନ କରି କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ କହିଲେ, ବିଶ୍ୱ ବିଦ୍ୟାଳୟରେ କୃଷି ବିଜ୍ଞାନ, ଜଙ୍ଗଲ ପରିଚାଳନା, ପଶୁପାଳନ ଏବଂ ଦୁଗ୍ଧ ଚାଷ ଉପରେ ବିଜ୍ଞାନରେ ସ୍ନାତକ ପାଠ୍ୟକ୍ରମ ଆରମ୍ଭ ହୋଇଛି। ଏହି ପାଠ୍ୟକ୍ରମଗୁଡ଼ିକ କୃଷି ଉପରେ ନିର୍ଭରଶୀଳ ଏହି ଅଞ୍ଚଳର ଅର୍ଥନୈତିକ ଅଭିବୃଦ୍ଧିରେ ମୁଖ୍ୟ ଭୂମିକା ଗ୍ରହଣ କରିବ। ଦେଶରେ ଶ୍ରେଷ୍ଠ କୃଷକ ଏବଂ କୃଷି ବୈଜ୍ଞାନିକ ସୃଷ୍ଟିରେ ଏହା ସହାୟକ ହେବ ବୋଲି କୁଳପତି ତ୍ରିପାଠୀ କହିଥିଲେ। ଏହି ଅବସରରେ ଏନଇପି-୨୦୨୦ରେ ଆୟୋଜିତ ବକ୍ତୃତା ପ୍ରତିଯୋଗିତାର ବିଜେତାଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ। ଡ. ବିକେ ଶ୍ରୀନିବାସ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ।

## ମିଆଦ ପୂର୍ବରୁ କାରାଗାରରୁ ମୁକୁଳିଲେ ୨ କଏଦୀ

କୋରାପୁଟ, ୧୬।୮ (ଅମିତାଭ ବେହେରା)



କାରାଗାରରୁ ମୁକ୍ତ ହୋଇଥିବା କୃତ୍ତିବାସ ଓ ଅଙ୍କା।

ସ୍ୱାଧୀନତାର ୭୬ ବର୍ଷ ପୂର୍ତ୍ତି ଉତ୍ସବ ପାଳନ ଅବସରରେ ରାଜ୍ୟ ସରକାରଙ୍କ ଅନୁମୋଦନକ୍ରମେ କୋରାପୁଟ ମଣ୍ଡଳ କାରାଗାରରୁ ୨ଜଣ କଏଦୀଙ୍କୁ ସେମାନଙ୍କ ଅବଧି ପୂରଣ ପୂର୍ବରୁ ମଙ୍ଗଳବାର ମୁକ୍ତ କରାଯାଇଛି। କାରାଗାର ସୁପରିଣ୍ଟେଣ୍ଡେଣ୍ଟ ମନୋରଞ୍ଜନ ପ୍ରତିହାରୀଙ୍କ ସୂଚନା ଅନୁଯାୟୀ, ରାଜ୍ୟର ବିଭିନ୍ନ କାରାଗାରରେ ଜଘନ୍ୟ ଅପରାଧ ନ କରି କମ୍ ଅବଧିର ଜେଲଦଣ୍ଡ ଭୋଗୁଥିବା ଏବଂ ଉତ୍ତମ ବ୍ୟବହାର ପ୍ରଦର୍ଶନ ସହ ନିଜ ଦଣ୍ଡ ଅବଧିର ଅଧିକାଂଶ ସମୟ ଅତିବାହିତ କରିସାରିଥିବା ୩ ଜଣଙ୍କୁ ମଣ୍ଡଳ କାରାଗାରରୁ ମୁକ୍ତ କରିବାକୁ ସରକାରଙ୍କ ନିକଟରୁ ଚିଠି ଆସିଥିଲା । ମାତ୍ର କାରାଗାରରୁ ସରକାରଙ୍କ ପାଖକୁ ଯାଇଥିବା ପ୍ରସ୍ତାବ ଏବଂ ସରକାରଙ୍କଠାରୁ ଅନୁମୋଦନ ଚିଠି ଆସିବା ମଧ୍ୟରେ ଜଣେ କଏଦୀ ତାଙ୍କ ଜେଲ ଅବଧି ଶେଷ କରିସାରିଥିବାରୁ ସେ ମୁକ୍ତ ହୋଇ ସାରିଥିଲେ। ଏବେ ମୁକ୍ତ ହୋଇଥିବା ୨ ଅନ୍ତେବାସୀ ହେଲେ କୋରାପୁଟ ଜିଲା କୁନ୍ଦୁରା ବ୍ଲକ ଅନ୍ତର୍ଗତ ଡାଙ୍ଗରାପଲ୍ଲୀ ଗ୍ରାମର କୃତ୍ତିବାସ ଭତ୍ରା ଓ ଲକ୍ଷ୍ମୀପୁର ବ୍ଲକ ଅନ୍ତର୍ଗତ ଚମ୍ପି ଗ୍ରାମ ବାସିନ୍ଦା ଅଙ୍କା କେଲେକା। ଉଭୟଙ୍କ ନାମକୁ କାରାଗାର କର୍ତ୍ତୃପକ୍ଷ ସୁପାରିସ କରିଥିଲେ। ଅପରାଧର ଶାସ୍ତି ସେମାନେ ପାଇଛନ୍ତି। ପୁଣି ଥରେ କୌଣସି ଆପରାଧିକ କାର୍ଯ୍ୟରେ ସାମିଲ ହେବେ ନାହିଁ ବୋଲି କେଲେକା ପ୍ରକାଶ କରିଛନ୍ତି। କାରାଗାରରେ ଦିନ କାଟିଥିବା ସମୟରେ ଶିଖିଥିବା ଜୀବନ କୌଶଳକୁ ଉପଯୋଗକରି ଏକ ସୁସ୍ଥ ସାମାଜିକ ଜୀବନ ବିତାଇବେ ବୋଲି କୃତିବାସ କହିଛନ୍ତି।

## ଅବିଭକ୍ତ କୋରାପୁଟ ଜିଲାରେ ବିଦ୍ୟାଳୟ ଗଣଶିକ୍ଷା ବିଭାଗର ୩ ଅଧିକାରୀ

ଜୟପୁର, ୧୬।୮ (ପବନ ପାଣିଗ୍ରାହୀ)

ଅବିଭକ୍ତ କୋରାପୁଟ ଜିଲାକୁ ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗର ବରିଷ୍ଠ ଅଧିକାରୀଙ୍କ ଏକ ଟିମ୍ ବୁଧବାର ଗସ୍ତ ଗସ୍ତ କରିଛନ୍ତି । ଟିମରେ ଓଡିଶା ଆଦର୍ଶ ବିଦ୍ୟାଳୟ ସଙ୍ଗଠନର ନିର୍ଦ୍ଦେଶିକା ଯାମିନୀ ଷଡଙ୍ଗୀ, ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ଜ୍ୟୋତି ରଞ୍ଜନ ମିଶ୍ର ଓ ଅତିରିକ୍ତ ସଚିବ ମନୋଜ ପାଢୀ ଆସିଥିଲେ। ଯାମିନୀ ଷଡଙ୍ଗୀ ନବରଙ୍ଗପୁର, ଜ୍ୟୋତି ରଞ୍ଜନ ମିଶ୍ର କୋରାପୁଟ ଏବଂ ମନୋଜ ପାଢୀ ରାୟଗଡା ଜିଲା ଗସ୍ତ କରିଛନ୍ତି । ଶିକ୍ଷା ନିର୍ଦ୍ଦେଶକ ମିଶ୍ର ପ୍ରଥମେ ଜୟପୁର ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ, ଜେଲରୋଡସ୍ଥିତ ପ୍ରାଥମିକ ବିଦ୍ୟାଳୟ, ଡିଆଇଇଟି ଜୟପୁର ଓ ସରକାରୀ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସହ ଆଲୋଚନା କରି ବିଦ୍ୟାଳୟ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ଏହି ସମୟରେ ଜିଲା ଶିକ୍ଷାଧିକାରୀ ରାମଚନ୍ଦ୍ର ନାହକ, ବିଇଓ ଚନ୍ଦନ ନାୟକ ଉପସ୍ଥିତ ଥିଲେ। କୋରାପୁଟ ଠାରେ ଜିଲା ସ୍ତରୀୟ ସମୀକ୍ଷା ବୈଠକ ହୋଇଥିଲା।

## ଟ୍ରାଫିକ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ:ଏସ୍‌ପି

ସୁନାବେଡ଼ା/ସେମିଳିଗଡ଼ା ୧୬।୮ (କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ)

କିଛିଦିନ ତଳେ ଜଣେ ଗାଡି ଚାଳକଙ୍କଠାରୁ ଅଭିନବ ଉପାୟରେ ଟ୍ରାଫିକ କର୍ମଚାରୀ ଜରିମାନା ଆଦାୟ କରୁଥିବା ଖବର ଧରିତ୍ରୀରେ ପ୍ରକାଶ ପାଇଥିଲା। ଘଟଣା ସମ୍ପର୍କରେ ଜିଲା ଏସ୍‌ପି ଅଭିନବ ସୋନକରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏନେଇ ସୋନକର୍ ଏସ୍‌ଡିପିଓଙ୍କୁ ଏହାର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଇତିମଧ୍ୟରେ ୫ ଦିନ ବିତିଯାଇଥିବା ବେଳେ ଏବେ ଏହାର ଅଧିକ ଗୁମର ଫିଟିବାରେ ଲାଗିଛି। ବିଭାଗ ଆଢୁଆଳରେ ଅନେକ ଦିନରୁ ଏପରି କାରବାର ସମାନ ଢଙ୍ଗରେ ଚାଲୁଥିବା ଜଣାପଡିଛି। ତେବେ ଘଟଣା ସମ୍ପର୍କରେ ଏସ୍‌ପି ସୋନକରଙ୍କୁ ପଚାରିବାରୁ ସେ କହିଲେ, ସମ୍ପୃକ୍ତ ଟ୍ରାଫିକ କର୍ମଚାରୀଙ୍କ ବିରୋଧରେ ନିଶ୍ଚିତ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ହେବ।

## କାର୍ଯ୍ୟ ଖସଡ଼ା ଗୃହୀତ ହୋଇ ନ ଥିବାରୁ ଗ୍ରାମସଭା ବର୍ଜନ କଲେ ପଞ୍ଚାୟତବାସୀ

ଦଶମନ୍ତପୁର, ୧୬।୮ (ଅରବିନ୍ଦ ନାୟକ)



କନିଷ୍ଠ ଯନ୍ତ୍ରୀଙ୍କୁ ଘେରାଉ କରିଛନ୍ତି ଗ୍ରାମବାସୀ।

ଗତ ବର୍ଷ ହୋଇଥିବା ଗ୍ରାମସଭାରେ ପଞ୍ଜୀକରଣ କରାଯାଇଥିବା କାର୍ଯ୍ୟଗୁଡ଼ିକ ଏଯାଏ ଗୃହୀତ ହୋଇପାରୁନାହିଁ। ପୁଣି ଆଜିର ଗ୍ରାମସଭାରେ କାର୍ଯ୍ୟ ଖସଡ଼ା ପଞ୍ଜୀକରଣ କଲେ କି ଉପକାରରେ ଆସିବ ବୋଲି ପ୍ରଶ୍ନ କରି ପଞ୍ଚାୟତର ନୋଡ଼ାଲ ଅଧିକାରୀ ତଥା କନିଷ୍ଠଯନ୍ତ୍ରୀ ବିସ୍ମିତା ନାୟକଙ୍କୁ ମଙ୍ଗଳବାର ଗ୍ରାମବାସୀ ଘେରାଉ କରିଥିଲେ।

ଆମେ ବାରମ୍ବାର ଗ୍ରାମସଭାରେ ଦେଉଥିବା ପ୍ରସ୍ତାବଗୁଡ଼ିକ ଆଗତ ହେଉନାହିଁ । ସଭାରେ ପିଇଓ ଅନୁପସ୍ଥିତ ଥିବାରୁ ଗ୍ରାମବାସୀ ପୂର୍ବରୁ ରଖିଥିବା କାର୍ଯ୍ୟ ଖସଡ଼ାଗୁଡ଼ିକର ତାଲିକା ଦେବାକୁ ଦାବି କରିଥିଲେ। କୌଣସି ତାଲିକା ନ ମିଳିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଆମେ ପୀଞ୍ଜୀକରଣ କରିଥିବା ମୋବାଇଲ ଟାୱାର, ପୋଖରୀ ଯୋଜନା ଭଳି କାର୍ଯ୍ୟଗୁଡିକ ଏଯାଏ କାହିଁକି ଗୃହୀତ ହେଇନାହିଁ ବୋଲି ପଞ୍ଚାୟତବାସୀ ପ୍ରଶ୍ନ ଉଠାଇଥିଲେ। ପରେ ଅଧାରୁ ଗ୍ରାମସଭା ଛାଡି ଚାଲି ଯାଇଥିଲେ। ପ୍ରଶାସନର ଏଭଳି କାର୍ଯ୍ୟ ଯୋଗୁ ଆମ ପଞ୍ଚାୟତରେ ସରକାରଙ୍କ ବିଭିନ୍ନ ଯୋଜନାରୁ ବଞ୍ଚିତ ହୋଇ ରହିଛୁ ବୋଲି ଗ୍ରାମର ଖ୍ରିଷ୍ଟପର ବାଘ, କୁନୁ କୁଲଦୀପ, ବିଭୂତି ଡ଼ଙ୍ଗରି, ରମିୟ ବାଘ, ଚିତ ଡଙ୍ଗରି, ପଙ୍କଜ କୁଲଦୀପ, ସୁନିଲ ବାଘ, ପ୍ରବୀଣ ବାଘ, ଅମନ ବାଘ, ରଞ୍ଜିତ କନ୍ଧପାନ, ଈଶର ବାଘ ପ୍ରମୁଖ କହିଛନ୍ତି।

## ଦାମନଯୋଡିରେ ନୂଆ ଆଇଆଇସି

ଦାମନଯୋଡି, ୧୬।୮ (ରାଧାକାନ୍ତ ବ୍ରହ୍ମା)

ଦାମନଯୋଡି ଆଦର୍ଶ ଥାନାରେ ନୂଆ ଆଇଆଇସି ଭାବେ ପ୍ରମୋଦ ନାୟକ ଯୋଗ ଦେଇଛନ୍ତି। ସେ ନବରଙ୍ଗପୁର ଜିଲା ରାଇଘର ଥାନାରୁ ଏଠାକୁ ବଦଳି ହୋଇ ଆସିଛନ୍ତି। ଦାମନଯୋଡି ଅଞ୍ଚଳରେ ଅସାମାଜିକ କାର୍ଯ୍ୟକଳାପ ରୋକିବା, ଆଇନଶୃଙ୍ଖଳା ରକ୍ଷା କରି ଲୋକଙ୍କ ବିଶ୍ୱାସ ଭାଜନ ହେବା ,ଟ୍ରାଫିକ ନିୟନ୍ତ୍ରଣ ପ୍ରତି ବିଶେଷ ଧ୍ୟାନ ଦେବା ତାଙ୍କର ପ୍ରାଥମିକତା ହେବ ବୋଲି କହିଥିଲେ ।ଏହି ଅବସରରେ ନାୟକଙ୍କ ମିଡ଼ିଆ ହାଉସ୍ ପକ୍ଷରୁ ସ୍ୱାଗତ କରାଯାଇଥିଲା। ଏହି ସମୟରେ ସଂଘ ସଭାପତି ନରସିଂହ ବ୍ରହ୍ମା, ସମ୍ପାଦକ ମାନସ ରଞ୍ଜନ କର, ସୁଦର୍ଶନ ସେନାପତି,ଡ. ଜଲେନ୍ଦ୍ର ତ୍ରିପାଠୀ,ଡ. ଅଶୋକ ମହାନ୍ତି, ଭାରତୀ ମିଶ୍ର, ବିଜୟ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

## ମଧୁବାବୁ ପେନ୍‌ସନ ଯୋଜନାରେ ୬୮୨ ହିତାଧିକାରୀ



ହିତାଧିକାରୀଙ୍କ କାଗଜପତ୍ର ଯାଞ୍ଚ କରାଯାଉଛି।

କୋରୁକୋଣ୍ଡା, ୧୬।୮ (ଅବିନାଶ ବେହେରା)

ସ୍ୱାଧୀନତା ଦିବସ ଅବସରରେ ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକର ୧୨ ପଞ୍ଚାୟତ ଅଧୀନରୁ ନୂତନ ଭାବେ ୬୮୨ ହିତାଧିକାରୀ ମଧୁବାବୁ ପେନ୍‌ସନ ଯୋଜନାରେ ସାମିଲ ହୋଇଛନ୍ତି। ୧୨ ପଞ୍ଚାୟତରୁ ଚିତାପାରି-୩ରୁ ୯୮ଜଣ ହିତାଧିକାରୀ ୪୯୦୦୦, ଢୁଡାମେଟାରୁ ୨୭ ହିତାଧିକାରୀ ୧୩୫୦୦ ଟଙ୍କା, କାମୱାଡା ପଞ୍ଚାୟତରୁ ୫୪ ହିତାଧିକାରୀ ୨୭୦୦୦ ଟଙ୍କା ପାଇଥିବା ବେଳେ କୋରୁକୋଣ୍ଡା ସଦର ପଞ୍ଚାୟତ ଅଧୀନରେ ୫୮ ହିତାଧିକାରୀ ୨୯ ହଜାର ଟଙ୍କା ପାଇଛନ୍ତି। ସେହିପରି ମାରିୱାଡା, ନାକାମାମୁଡି, ନୀଳକାମ୍ବେରୁ ପଞ୍ଚାୟତରୁ ୬୬,୧୦,୪୦ ହିତାଧିକାରୀ ମଧୁବାବୁ ପେନସନ ଯୋଜନାରେ ୩୩୦୦୦, ୫୦୦୦, ୨୦୦୦୦ ଟଙ୍କା ପାଇଛନ୍ତି। ପୁରୁଣା ଚିମିଟାପଲ୍ଲି, ପୋଟ୍ରେଲ, ସୋମନାଥପୁରା, ତାର୍ଲାକୋଟା, ଡୁମୁଷାପଲ୍ଲୀରୁ ୫୫,୪୨, ୯୫,୪୮,୯୧ ହିତାଧିକାରୀ ୨୬୫୦୦,୨୧୦୦୦, ୪୭୫୦୦,୨୪୦୦୦, ୪୫୦୦ଟଙ୍କା ପାଇଛନ୍ତି। କୋରୁକୋଣ୍ଡା ପଞ୍ଚାୟତ ସମିତି ଅଧ୍ୟକ୍ଷ ଜିତୁ ବୁରୁଡ଼ି, ବିଡିଓ ବେଦବ୍ୟାସ ଭୋଇ, ଚିତ୍ରକୋଣ୍ଡା ବିଧାୟକ ପ୍ରତିନିଧି ସତ୍ୟ ପାଣିଗ୍ରାହୀ, ମାଲକାନଗିରି ବିଧାୟକ ପ୍ରତିନିଧି ଏସ୍. ମହେଶର ରାଓ, କୋରୁକୋଣ୍ଡା ଜୋନ-୧ ଜିଲା ପରିଷଦ ସଭ୍ୟା ବିଜୟ ଲକ୍ଷ୍ମୀ ପଡ଼ିଆମୀ, କୋରୁକୋଣ୍ଡା ଜୋନ-୨ ଜିଲା ପରିଷଦ ସଭ୍ୟ ମଙ୍ଗୁଖିଲ, ଡିଏସ୍‌ଏସ୍‌ଓ ନିର୍ମଳ ଧାରୁଆ, ବିଏସ୍‌ଏସ୍‌ଓ ରାଜୀବ ପୂଜାରୀ ଏବଂ ରାଜେଶ ଗୌଡଙ୍କ ସମେତ ସମସ୍ତ ସମିତି ସଭ୍ୟସଭ୍ୟା, ସରପଞ୍ଚଙ୍କ ଉପସ୍ଥିତିରେ ୧୮୨ ହିତାଧିକାରୀଙ୍କୁ ୩ ଲକ୍ଷ ୪୧ ହଜାର ଟଙ୍କା ବଣ୍ଟନ କରାଯାଇଥିଲା।

## ଷ୍ଟ୍ରବେରି ଚାଷ, କୃଷକ ବଜାର ଦେଖିଲେ କୃଷିମନ୍ତ୍ରୀ

ପଟ୍ଟାଙ୍ଗି/ସେମିଳିଗୁଡ଼ା, ୧୬।୮ (ଶରତ ଧଳ/ବାସୁଦେବ ବରାଡ)

ସ୍ୱାଧୀନତା ଦିବସ ଅବସରରେ କୋରାପୁଟ ଜିଲାକୁ ଅତିଥି ରୂପେ ଆସିଥିବା ରାଜ୍ୟ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ବୁଧବାର ପଟ୍ଟାଙ୍ଗି ବ୍ଲକ ଅନ୍ତର୍ଗତ କୋଟିଆ ପଞ୍ଚାୟତ ଗସ୍ତକରି ବିଭିନ୍ନ ଚାଷ କାର୍ଯ୍ୟର ତଦାରଖ କରିଥିଲେ। ମନ୍ତ୍ରୀ ସ୍ୱାଇଁ କୁଦୁଲି ହାଟ, ଥୁରିଆ ହୋଇ କୋଟିଆ ପଞ୍ଚାୟତରେ ପହଞ୍ଚିଥିଲେ। ସେ ପ୍ରଥମେ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପରିଚାଳିତ ହେଉଥିବା ଝାଡୁବନ୍ଧା କେନ୍ଦ୍ର ପରିଦର୍ଶନକରି ଉପସ୍ଥିତ ମହିଳା ସଦସ୍ୟଙ୍କ ସହ ଝାଡୁ ଆମଦାନୀ, ବିକ୍ରି ସମ୍ପର୍କରେ ସେମାନଙ୍କୁ ପଚାରି ବୁଝିଥିଲେ । ଏଠାରେ ଥିବା କୋଲ୍ଡ ଷ୍ଟୋରକୁ ଚାଷୀ କିପରି ବ୍ୟବହାର କରୁଛନ୍ତି ଏବଂ ଏହାର ରକ୍ଷଣାବେକ୍ଷଣ କିଏ କରୁଛି ବୋଲି ବିଡିଓ ଦାୟିତ୍ୱରେ ଥିବା ତହସିଲଦାର ଦେବେନ୍ଦ୍ର ବାହାଦୁର ସିଂ ଧାରୁଆଙ୍କୁ ପଚାରି ବୁଝିଥିଲେ। ପରେ ମନ୍ତ୍ରୀ ସ୍ୱାଇଁ ଜାନିଗୁଡା ଗ୍ରାମରେ ହୋଇଥିବା ଷ୍ଟ୍ରବେରି ଚାଷ , କଦଳୀ ଚାଷ ଓ ଫାରମ ଫଣ୍ଡ ବୁଲି ଦେଖି ଚାଷୀ ଯେପରି ଏହି ଚାଷରୁ ଲାଭବାନ ହୋଇପାରିବେ ସେଥି ପ୍ରତି ଦୃଷ୍ଟିଦେବାକୁ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଥିବା ଗେଷ୍ଟ ହାଉସରେ ଉପସ୍ଥିତ ବିଭାଗୀୟ ଅଧିକାରୀ, ସରପଞ୍ଚ ଲିଯୁ ଗେମେଲ, ଏଡିଏମ୍ ରାଜେନ୍ଦ୍ର ମାଝି , ଉପଜିଲାପାଳ ବେଣୁଧର ଶବର, ତହସିଲଦାର ଧାରୁଆ, ବ୍ଲକ ଅଧ୍ୟକ୍ଷା କଳ୍ପନା ପାଙ୍ଗୀ ଓ ଜିଲା ପରିଷଦ ସଭ୍ୟା ଟିକାଇ ଗେମେଲଙ୍କ ସହ ବ୍ଲକରେ ହୋଇଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିଥିଲେ। ଚାଲିଥିବା କାର୍ଯ୍ୟର ନିୟମିତ ତଦାରଖ କରିବାକୁ ପରାମର୍ଶ ଦେଇଥିଲେ। ପଟ୍ଟାଙ୍ଗି ବ୍ଲକ ସଦର ମହକୁମାସ୍ଥିତ ଉଚ୍ଚ ପତ୍ତନ ଗବେଷଣା କେନ୍ଦ୍ର ପରିଦର୍ଶନକରି ମସଲା ଜାତୀୟ ଫସଲର ତଦାରଖକରି ଗବେଷଣା କେନ୍ଦ୍ର ଅଧିକାରୀ ପର୍ଶୁରାମ ଶିଆଁଳଙ୍କ ସହ ଆଲୋଚନା କରିଥିଲେ। ଏହି ସମୟରେ କୃଷି ବିଭାଗର ଜିଲା ଅଧିକାରୀ ବୈକୁଣ୍ଠ ବେହେରା, ଡେପୁଟି ପ୍ରୋଜେକ୍ଟ ଡାଇରେକ୍ଟର ତାପସ ଚନ୍ଦ୍ର ରଏ , ବ୍ଲକ କୃଷି ଅଧିକାରୀ ଅଭିମନ୍ୟୁ ସ୍ୱାଇଁ ଉପସ୍ଥିତ ଥିଲେ। ତେବେ ମନ୍ତ୍ରୀଙ୍କୁ ଭେଟିବାକୁ ଆସିଥିବା ଚାଷୀଙ୍କ ସହ ମନ୍ତ୍ରୀ ସ୍ୱାଇଁ ଆଲୋଚନା କରି ନ ଥିଲେ। କୋଟିଆ ଗସ୍ତ କରିବା ପୂର୍ବରୁ ମନ୍ତ୍ରୀ ସ୍ୱାଇଁ ସେମିଳିଗୁଡା ଅଞ୍ଚଳ ପରିଦର୍ଶନରେ ଆସି ୨୬ ନଂ.ଜାତୀୟ ରାଜପଥ ପାର୍ଶ୍ୱ ତଳଗଦବା ସାହି ନିକଟରେ ବହୁ ଦିନରୁ ବନ୍ଦ ହୋଇ ରହିଥିବା ଆର୍‌ଏମ୍‌ସି ଅଧୀନ କୃଷକ ବଜାରର ସ୍ଥିତି ଅନୁଧ୍ୟାନ କରିଥିଲେ। ଏହା କିପରି ପୁନରୁଦ୍ଧାର କରାଯାଇ ତୁରନ୍ତ ଖୋଲାଯାଇ ପାରିବ ସେନେଇ ଉପଜିଲାପାଳ ବେଣୁଧର ଶବରଙ୍କ ସମେତ ଉପସ୍ଥିତ ବିଭଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ଅବସରରେ ସାଧାରଣ ଲୋକଙ୍କ ସହ ମନ୍ତ୍ରୀ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ଏହି ସମୟରେ ବିଭାଗୀୟ ଅଧିକାରୀଙ୍କ ସହ ଜିଲା ବିଜେଡି ସମ୍ପାଦକ ବିଜୟ ପଣ୍ଡା, ଯୁବ ବିଜେଡି ସମ୍ପାଦକ ଭରତ ମଲ୍ଲିକ, ଉପନଗରପାଳ ରତ୍ନୁ କଣ୍ଟା, ପୂର୍ବତନ କାଉନସିଲର ପ୍ରକାଶ ଚନ୍ଦ୍ର ବେନିଆ , ଯୁବନେତା ଆଦିତ୍ୟ ହନ୍ତାଳ, ସୁକାନ୍ତ ପଟ୍ଟନାୟକଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

## ମାଣ୍ଡିଆ ଉତ୍ପାଦନରେ କୋରାପୁଟ ଜିଲା ସ୍ୱତନ୍ତ୍ର ସ୍ଥାନ ହାସଲ କରିଛି: ମନ୍ତ୍ରୀ

କୋରାପୁଟ, ୧୬।୮ (ଅମିତାଭ ବେହେରା)

**କୋରାପୁଟରେ ପତାକା ଉତ୍ତୋଳନ କଲେ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ**



ପରେଡ୍‌ରେ ମନ୍ତ୍ରୀ ଅଭିବାଦନ ଗ୍ରହଣ କରୁଛନ୍ତି।

କୋରାପୁଟ ଜିଲା ସଦର ମହକୁମାଠାରେ ୭୭ତମ ସାଧୀନତା ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି । କୃଷି,କୃଷକ ସଶକ୍ତୀକରଣ ଓ ମତ୍ସ ଏବଂ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନକରି ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୃଢ ନେତୃତ୍ୱ ଓ ଜନହିତକର କାର୍ଯ୍ୟ ଯୋଗୁ କୋରାପୁଟ ଜିଲା ମାଣ୍ଡିଆ ଉତ୍ପାଦନରେ ସ୍ୱତନ୍ତ୍ର ସ୍ଥାନ ହାସଲ କରିଛି। ଶିଳ୍ପ, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ମତ୍ସ୍ୟ, ପ୍ରାଣୀ ସମ୍ପଦର ବିକାଶ ହୋଇଛି। ଗମନାଗମନ, ମହିଳା ସଶକ୍ତୀକରଣ ,ଗରିବ ଜନ ଜନଜାତିଙ୍କ ଉନ୍ନତି ନେଇ ରାଜ୍ୟ ସରକାର ଉଦ୍ୟମ ଜାରି ରଖିଛନ୍ତି। ଏହା ସତ୍ତ୍ୱେ ଅନେକ ସମସ୍ୟାର ସମାଧାନ କରିବାକୁ ବାକି ରହିଛି ବୋଲି ମନ୍ତ୍ରୀ ସ୍ୱାଇଁ କହିଥିଲେ। ଅନୁଷ୍ଠିତ ଜିଲାସ୍ତରୀୟ ପରେଡରେ ପୋଲିସ ବିଭାଗ ସମେତ ବିଭିନ୍ନ ବିଦ୍ୟାଳୟ ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଶାରୀରିକ କ୍ରୀଡା ଓ କୌତୁକ ପୋଷାକ ପ୍ରତିଯୋଗିତା ହୋଇଥିଲା। ଜିଲାର ବିଭିନ୍ନ ବିଭାଗ ପକ୍ଷରୁ ପ୍ରଜ୍ଞାପନ ମେଢ ପ୍ରଦର୍ଶନ କରାଯାଇଥିଲା । ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ମନ୍ତ୍ରୀ ପୁରସ୍କୃତ କରିଥିଲେ। ଜିଲାପାଳ ଅବଦାଲ ମହମ୍ମଦ ଅଖତର, ଏସ୍‌ପି ଅଭିନବ ସୋନକାର, ଡିଆଇଜି ଚରଣସିଂ ମୀନା, କୋରାପୁଟ ବିଧାୟକ ରଘୁରାମ ପୋଡାଲ,ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଚନ୍ଦ୍ରଶେଖର ମାଝି, ଅତିରିକ୍ତ ଜିଲାପାଳ ସୋମନାଥ ପ୍ରଧାନ ଏବଂ ରାଜେନ୍ଦ୍ର ମାଝିଙ୍କ ସମେତ ଜିଲା ସ୍ତରୀୟ ଅଧିକାରୀ ଓ ଲୋକ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଜିଲା ପୋଲିସ ବିଭାଗ ପକ୍ଷରୁ ଆୟୋଜିତ ରକ୍ତଦାନ ଶିବିରକୁ ମନ୍ତ୍ରୀ ଉଦ୍‌ଘାଟନ କରିଥିଲେ। ମଣ୍ଡଳ କାରାଗାର ପରିଦର୍ଶନ କରି ଅନ୍ତେବାସୀଙ୍କୁ ଏବଂ ଦୃଷ୍ଟିହୀନ ବିଦ୍ୟାଳୟ ପରିଦର୍ଶନ କରି ପିଲାଙ୍କୁ ଫଳ ବଣ୍ଟନ କରିଥିଲେ।

ଜୟପୁର ଦଶହରା ପଡିଆଠାରେ ଉପଖଣ୍ଡସ୍ତରୀୟ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଏଥିରେ ଉପଜିଲାପାଳ ପ୍ରଭାତ ପରିଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପତାକା ଉତ୍ତୋଳନ କରିଥିଲେ। ପରେଡରେ ୫୨ଟି ଦଳ ଭାଗ ନେଇଥିଲେ। ତହସିଲଦାର ସାଗରିକା ଷଡଙ୍ଗୀ, ପୌର ନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ, ସଦର ଥାନା ଅଧିକାରୀ ଈଶ୍ୱର ତାଣ୍ଡି ,ଏସଡପିଆରଓ ଦାୟିତ୍ୱରେ ଥିବା ଏବିଡିଓ ମନୋଜ ନାୟକ, ଆରତି ମିଶ୍ର, ଜି.ଭି.ରାଓ, ରାମହରି ପଣ୍ଡା, ସି. ସାବିତ୍ରୀ, ସୁରେଶ ପାଣିଗ୍ରାହୀ , ରବି ନାରାୟଣ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟର ଛାତ୍ର ଛାତ୍ରୀଙ୍କ ମଧ୍ୟରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ର ଏବଂ ପରେଡରେ ଶ୍ରେଷ୍ଠ ବିବେଚିତ ଦଳକୁ ଉପ ଜିଲାପାଳ ପରିଡା ପୁରସ୍କୃତ କରିଥିଲେ।

## ଦୁର୍ଘଟଣାରେ ଜଣେ ମୃତ

ତେନ୍ତୁଳିଖୁଣ୍ଟି, (ଚିଦାନନ୍ଦ ସାହୁ): ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ଥାନା ଅଧୀନ ଚରାମୁଲା ଛକରେ ବୁଧବାର ରାତି ୮ଟାରେ ଏକ ଦୁର୍ଘଟଣାରେ ଦୁର୍ଘଟଣାରେ ବ୍ୟବସାୟୀ ପି.ଶଙ୍କର ରାଓଙ୍କ ମୃତ୍ୟୁ ଘଟିଛି। ତେନ୍ତୁଳିଖୁଣ୍ଟି ବିଦ୍ୟୁତ୍ ବିଭାଗରେ ଲାଗିଥିବା ଏକ ଗାଡ଼ି (ଓଡ଼ି-୩୦ଏ-୨୬୮୫) ଶଙ୍କରଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଛି। ଗାଡ଼ି ଡ୍ରାଇଭର ଓ ସେଥିରେ ଥିବା ଲୋକେ ବର୍ତ୍ତମାନ ଫେରାର ଅଛନ୍ତି।

# ମାଲକାନଗିରିର ସର୍ବାଙ୍ଗୀନ ଉନ୍ନତି ପାଇଁ ସରକାର ପ୍ରତିଜ୍ଞାବଦ୍ଧ: ମନ୍ତ୍ରୀ



ମନ୍ତ୍ରୀ ତୁଷାରକାନ୍ତି ବେହେରା ଜଣେ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି।

## ୭୭ତମ ସ୍ୱାଧୀନତା ଦିବସ ପାଳିତ

ମାଲକାନଗିରି, ୧୬।୮ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲାରେ ୭୭ତମ ସ୍ୱାଧୀନତା ଦିବସ ଉପଲକ୍ଷେ କ୍ରୀଡ଼ା, ଯୁବ ବ୍ୟାପାର ଓ ଗୃହମନ୍ତ୍ରୀ ତୁଷାରକାନ୍ତି ବେହେରା ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ। ବେହେରା କହିଥିଲେ, ଜିଲାର ସର୍ବାଙ୍ଗୀନ ଉନ୍ନତି ପାଇଁ ରାଜ୍ୟ ସରକାର ପ୍ରତିଜ୍ଞାବଦ୍ଧ। ଦେଶ ସ୍ୱାଧୀନତା ପାଇଁ ଜିଲାର ସଂଗ୍ରାମୀମାନଙ୍କ ବଳିଦାନ ଆଜି ଲୋକଙ୍କର ମନେରହିଛି। ବିଗତ ୨୦ ବର୍ଷ ପୂର୍ବରୁ ଜିଲା ଅବସ୍ଥା ଯାହାଥିଲା ଜିଲାବାସୀ ଜାଣିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଶାସନ କାଳରେ ସମସ୍ତ ପ୍ରକାର ଉନ୍ନତି ଦ୍ରୁତଗତିରେ ଆଗେଇ ଚାଲିଛି। ଏହି ଅବସରରେ ବିଭିନ୍ନ ପ୍ରତିଭାମାନଙ୍କୁ ମନ୍ତ୍ରୀ ସମ୍ମାନିତ କରି ମାନପତ୍ର ପ୍ରଦାନ କରିଥିଲେ। ପରେ ଡାକ୍ତରଖାନାରେ ଫଳ ବଣ୍ଟନ, ଶିଶୁ ଗୃହ ପରିଦର୍ଶନ କରି ଶିଶୁମାନଙ୍କ ବିଷୟରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଜିଲାପାଳ ବିଶାଳ ସିଂ, ଏସ୍‌ପି ନୀତୀଶ୍ ବାଧ୍ୱାନୀ, ବିଭିନ୍ନ ବିଭାଗର ପଦାଧିକାରୀ, ଜିଲାର ବିଶିଷ୍ଟ ବ୍ୟକ୍ତି, ବିଭିନ୍ନ ରାଜନୈତିକ ଦଳର କର୍ମକର୍ତ୍ତା ଅଂଶଗ୍ରହଣ କରିଥିଲେ। ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା।

# ସ୍ୱାଭିମାନ ଅଞ୍ଚଳରେ ଉଡ଼ିଲା ତ୍ରିରଙ୍ଗା



ବାଲିମେଳା



ଚିତ୍ରକୋଣ୍ଡା

କୋରୁକୋଣ୍ଡା, ୧୬।୮ (ଅବିନାଶ ବେହେରା)/ ବାଲିମେଳା (ଶିବଦତ୍ତ ସାହୁ)/ ଚିତ୍ରକୋଣ୍ଡା (କ୍ଷୀରୋଦ ବେହେରା)/ ପଡିଆ (ଭାସ୍କର ରାଓ)/ଗୋବିନ୍ଦପାଲ୍ଲୀ (କାର୍ତ୍ତିକ ରଥ)

ମାଲକାନଗିରି ଜିଲାର ବିଭିନ୍ନ ସ୍ଥାନରେ ୭୭ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। କୋରୁକୋଣ୍ଡା ବ୍ଲକର ସମସ୍ତ ସରକାରୀ ବେସରକାରୀ କାର୍ଯ୍ୟାଳୟ ସମେତ ବିଭିନ୍ନ ଅନୁଷ୍ଠାନରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ବିଭିନ୍ନ ସ୍କୁଲ, ପଞ୍ଚାୟତ କାର୍ଯ୍ୟାଳୟ ଆଦିରେ ଉତ୍ସାହର ସହ ଏହି ଦିବସ ପାଳିତ ହୋଇଯାଇଛି। ସେହିପରି କୋରୁକୋଣ୍ଡା ବ୍ଲକ ବାଲିମେଳା ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟରେ ଏନ୍‌ଏସି ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକ ପତାକା ଉତ୍ତୋଳନ କରିବା ସହ ନୂତନ ଭାବେ ପଞ୍ଜୀକୃତ ହୋଇଥିବା ଉପଭୋକ୍ତାଙ୍କୁ ଭତ୍ତା କାର୍ଡ ପ୍ରଦାନ କରିଥିଲେ। ସେହିପରି ବିଭିନ୍ନ ଶିକ୍ଷାନୁଷ୍ଠାରେ ମଧ୍ୟ ସ୍ୱାଧୀନତା ଦିବସ ପାଳନ କରାଯାଇଥିଲା। ସେହିପରି ସ୍ୱାଭିମାନ ଅଞ୍ଚଳବାସୀ ପ୍ରଥମ ଥର ପାଇଁ ସ୍ୱାଧୀନତା କ'ଣ ବୋଲି ଜାଣିଲେ। ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳ ଯନ୍ତ୍ରୀଠାରେ ବିଏସ୍‌ଏଫ୍ ଡିଆଇଜି ଶୈଳେନ୍ଦ୍ର କୁମାର ସିହ୍ନାଙ୍କ ଉପସ୍ଥିତିରେ ଉତ୍ସବ ପାଳନ କରାଯାଇଥିଲା। ସ୍ୱାଭିମାନ ଅଞ୍ଚଳର ଦୁଇଟି ଥାନା ପାପରମେଟେଲା ଓ ଯୋଡ଼ାମ୍ବ ଏବଂ ବିଏସ୍‌ଏଫ୍ କ୍ୟାମ୍ପ ବଡ଼ପଦର, ଜାନବାଇ, ବଡ଼ପଡ଼ା, ଯନ୍ତାପାଇ, ହନ୍ତାଳଗୁଡ଼ା, ଯୋଡ଼ାମ୍ବ, ଗୋରାସେତୁ, ଘନବେଡ଼ା ଓ ଯନ୍ତ୍ରୀ ବିଏସ୍‌ଏଫ୍ କ୍ୟାମ୍ପ ଯବାନଙ୍କ ମିଳିତ ଉଦ୍ୟମରେ ଉଡ଼ିଲା ତ୍ରିରଙ୍ଗା। ମାଓବାଦୀ କରିଥିବା ଶହୀଦ ସ୍ତମ୍ଭରେ ଜନସାଧାରଣ ତ୍ରିରଙ୍ଗା ଉଡ଼ାଇଥିଲେ। ପଡ଼ିଆ ଅଞ୍ଚଳର ବିଭିନ୍ନ ପଞ୍ଚାୟତ ଓ ସ୍କୁଲରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । ସେହିପରି ଖଇରପୁଟ କଦମ୍ବଗୁଡା ପଞ୍ଚାୟତରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି।



ପଡ଼ିଆ

# ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ସଫେଇ



ଅବସରପ୍ରାପ୍ତ ସରକାରୀ କର୍ମଚାରୀମାନେ ସଫେଇ କରୁଛନ୍ତି।

ମାଲକାନଗିରି, ୧୬।୮ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ପକ୍ଷରୁ ସଂଘ କାର୍ଯ୍ୟାଳୟରେ ୭୭ତମ ସ୍ୱାଧୀନତା ଦିବସ ସଭାପତି ବାଲାରାଜୁ ପାଢ଼ୀଙ୍କ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସଭାପତି ପାଢ଼ୀ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ଅଶୋକ ସାମଲ, ପୂର୍ବତନ ସଭାପତି ତଥା ଉପଦେଷ୍ଟା ରବୀନ୍ଦ୍ର କୁମାର ମହାରଣା, ପୂର୍ବତନ ସଭାପତି ସୀମାଞ୍ଚଳ ପାଣିଗ୍ରାହୀ, ପ୍ରକାଶ ପଟ୍ଟନାୟକ, ରଥିକାନ୍ତ ପାତ୍ର ଓ ଦୁର୍ଯ୍ୟୋଧନ ପାତ୍ରଙ୍କ ସହ ୭୦ରୁ ଊର୍ଦ୍ଧ୍ୱ ସଦସ୍ୟ ଅଂଶଗ୍ରହଣ କରିଥିଲେ । ପରେ ପରେ ସ୍ଥାନୀୟ ଦୈନିକ ବଜାରରେ ସଂଘ ତରଫରୁ ସଫେଇ ସହ ବ୍ୟବସାୟୀମାନଙ୍କୁ ପଲିଥିନ୍ ବର୍ଜନ ନିମନ୍ତେ ସଚେତନ କରାଯାଇଥିଲା। ଜିଲା ସଦର ମହକୁମାରେ ଥିବା ଅଲ୍ ଓଡ଼ିଶା ମାର୍ଶଲ ଆର୍ଟସ୍ (ଆଓମା)ରେ ଥିବା ଅନାଥ ଶିଶୁମାନଙ୍କୁ ମିଷ୍ଟାନ୍ନ ବଣ୍ଟନ ଓ ଖାଦ୍ୟ ପାଇଁ ୫ ହଜାର ଟଙ୍କା ଅର୍ଥରାଶି ଆଓମାର ମୁଖ୍ୟ ବିନାଶ ମିଶ୍ରଙ୍କୁ ପ୍ରଦାନ କରାଯାଇଥିଲା। ମିଶ୍ର ସମସ୍ତ ସଦସ୍ୟଙ୍କୁ ଧନ୍ୟବାଦ ଜଣାଇବା ସହ ମନୋରଞ୍ଜନ ପାଇଁ ମ୍ୟାଜିକ ଶୋ' ପରିବେଷଣ କରିଥିଲେ। ମଧ୍ୟାହ୍ନରେ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଲକ୍ଷାଧିକ ଟଙ୍କାର କାଠ ଜବତ

ବାଲିମେଳା, ୧୬।୮ (ଶିବଦତ୍ତ ସାହୁ)

ବାଲିମେଳା ସହର ମଣି ମନ୍ଦିର ଲାଇନ ୯ନଂ ୱାର୍ଡ ମୋହଦିନ ଶରୀଫ (୫୦)ଙ୍କ ଘରେ ବନ ବିଭାଗ ପକ୍ଷରୁ ବୁଧବାର ଚଡାଉ କରାଯାଇ ଲକ୍ଷାଧିକ ଟଙ୍କାର କାଠ ଜବତ କରାଯାଇଛି। ଚଢ଼ାଉ ସମୟରେ ୪୫ଖଣ୍ଡ ଶିଶୁ, ଟିକ୍ ଏବଂ ବିଜା କାଠ ଥିବା ଦେଖିବାକୁ ମିଳିଥିଲା। ଚଢ଼ାଉ ସମୟରେ ଶରୀଫ ବନ ଝିଅ ବାହାଘର ନିମନ୍ତେ କାଠ କିଣି ରଖିଥିବା ବନ କର୍ମଚାରୀଙ୍କୁ କହିଥିଲେ। କାଠର କୌଣସି କାଗଜ ପତ୍ର ସେ ଦେଖାଇ ପାରିନଥିଲେ। ଜବତ କାଠ ବନରକ୍ଷୀ ପ୍ରଶାନ୍ତ କୁମାର ରାଉତଙ୍କ ଜିମାରେ ରଖାଯାଇଛି। ବନବିଭାଗ ପକ୍ଷରୁ ଏକ ମାମଲା ରୁଜୁ କରି ତଦନ୍ତ ଚାଲୁ ରହିଛି। ଚଢ଼ାଉରେ ବନପାଳ ମୋହନ ଗୁଡ଼ିଆ ଓ ଜ୍ୟୋତି ଡୁଙ୍ଗଡୁଙ୍ଗ ପ୍ରମୁଖ ଉପସ୍ଥିତ ଥିଲେ ।

# ବ୍ରଏଲର ଫାର୍ମ ସ୍ଥାପନ ପାଇଁ କାର୍ଯ୍ୟାଦେଶ ବଣ୍ଟନ



କାର୍ଯ୍ୟାଦେଶ ପାଇଥିବା ହିତାଧିକାରୀ।

କୋରୁକୋଣ୍ଡା, ୧୬।୮ (ଅବିନାଶ ବେହେରା)

ମାଲକାନଗିରି ଜିଲା କୋରୁକୋଣ୍ଡା ପ୍ରାଣୀ ଚିକିତ୍ସାଳୟରେ ୟୁନିଟ ପ୍ରତି ୫୦୦ କୁକୁଡ଼ା କ୍ଷମତାଯୁକ୍ତ ଏକ ବ୍ରଏଲର ଫାର୍ମ ସ୍ଥାପନ ନିମନ୍ତେ କାର୍ଯ୍ୟାଦେଶ ବଣ୍ଟନ ହୋଇଯାଇଥିଲା। ଦିନକୁ ଦିନ କୁକୁଡ଼ା ଚାଷ ନିମନ୍ତେ ଚାଷୀ ଆଗ୍ରହ ପ୍ରକାଶ କରୁଥିବାରୁ ରାଜ୍ୟ ସରକାରଙ୍କ ପକ୍ଷରୁ ଚାଷୀଙ୍କ ନିମନ୍ତେ ଏକ ୟୁନିଟ ଖର୍ଚ୍ଚ ହେଉଛି ୧.୮୦ ଲକ୍ଷ ଟଙ୍କା। ଯେଉଁଥିରେ ୪୦% ରିହାତି ଦିଆଯାଇଥାଏ। ଏଥିନିମନ୍ତେ ପୂର୍ବରୁ ଅନ୍‌ଲାଇନ୍‌ରେ ବ୍ରଏଲର ଫାର୍ମ ସ୍ଥାପନ ନିମନ୍ତେ ଆବେଦନ କରିଥିବା ଚାଷୀଙ୍କ ମଧ୍ୟରୁ ୧୬ଜଣଙ୍କୁ ଚୟନ କରି ୟୁନିଟ ପ୍ରତି ୫୦୦ କୁକୁଡ଼ା କ୍ଷମତାଯୁକ୍ତ ଏକ ବ୍ରଏଲର ଫାର୍ମ ସ୍ଥାପନ ନିମନ୍ତେ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କୋରୁକୋଣ୍ଡା ବ୍ଲକ ଅଧ୍ୟକ୍ଷ ଜିତୁ ବୁରୁଡ଼ି, ବିଧାୟକ ପ୍ରତିନିଧି ସତ୍ୟ ପାଣିଗ୍ରାହୀ, କୋରୁକୋଣ୍ଡା ପ୍ରାଣୀ ଚିକିତ୍ସକ ଡା. ସୌମ୍ୟ ରଞ୍ଜନ ଖଟୁଆ ଓ ଡା. ଅବିନାଶ ମାଝି ପ୍ରମୁଖ ଉପସ୍ଥିତ ଥିଲେ। କୁକୁଡ଼ା ପାଳନ କରି କିପରି ସଫଳ ସହ ଅଧିକରୁ ଅଧିକ ଲାଭବାନ୍ ହୋଇପାରିବେ, ସେ ନେଇ ଆଲୋଚନା କରାଯାଇଥିଲା।

# ଘରୋଇ ବସ୍ ମାଲିକ ସଂଘର ଚାରାରୋପଣ

ମାଲକାନଗିରି, ୧୬।୮ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସଦର ଘରୋଇ ବସ୍ ମାଲିକ ସଂଘ ପକ୍ଷରୁ ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ରାଜେଶ୍ୱରୀ ପ୍ରଧାନଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବସ୍‌ଷ୍ଟାଣ୍ଡରେ ଜାତୀୟ ପତାକା ଉତ୍ତୋଳନ ହୋଇଥିଲା। ପରେ ବସ୍‌ଷ୍ଟାଣ୍ଡରେ ବିଭିନ୍ନ କିସମର ଔଷଧୀୟ ବୃକ୍ଷ ଚାରା ରୋପଣ କରାଯାଇଥିଲା। ଏଥିରେ ସଂଘ ସମ୍ପାଦକ ଇ. ଭେଙ୍କଟ ରାଓ, ଉପସଭାପତି ସପନ କୁମାର ଦତ୍ତ, ଦିଲିପ କୁମାର ହିଣ୍ଡିଆ, ଉପଦେଷ୍ଟା ସିଏଚ୍. ସୁବାରାଓ ପାତ୍ର, ଅଭିରାମ ସ୍ୱାଇଁ, କେଦାରନାଥ ଦାସ, ରାଜୀବ କୁମାର ପାତ୍ର, ସୁନିଲ ଦତ୍ତ, ସୀମାଞ୍ଚଳ ଦାସ, ଆକାଶ ବାଲା ଓ ଛବି ଦାସ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ଦେଶୀ ରନ୍ଧାମଦ ଜବତ, ଜଣେ ଗିରଫ

ବାଲିମେଳା, ୧୬।୮ (ଶିବଦତ୍ତ ସାହୁ)–ମାଲକାନଗିରି ଜିଲା ବାଲିମେଳା ଓର୍କେଲ ପୋଲିସ ବୁଧବାର ଜଣେ ବ୍ୟକ୍ତିଙ୍କଠାରୁ ୨୫ ଲିଟର ଦେଶୀ ରନ୍ଧାମଦ ଜବତ କରିବା ସହ ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି। ସେ ହେଲେ ମଦନ ପରଜା। ଏନେଇ ନଂ.୨୫୯/୨୩ରେ ଏକ ମାମଲା ରୁଜୁ କରାଯିବା ସହ ମଦନଙ୍କୁ ବୁଧବାର କୋର୍ଟଚାଲାଣ କରାଯାଇଛି ବୋଲି ଥାନା ଅଧିକାରୀ ଧୀରେନ ପଟ୍ଟନାୟକ କହିଛନ୍ତି।


**OFFICE OF THE HEADMASTER**
**UGHS RESIDENTIAL SCHOOL, KALDAPALLI**
BLOCK - PODIA, DIST.: MALKANGIRI
Cell: 7853866784 / 9938389865 / 9438346161
Ref. No. 451/2023 Date: 16.08.2023
NETAJI SUBASH CHANDRA BOSE RESIDENTIAL UGH SCHOOL, KALDAPALI, G.P.: KALDAPALLI, BLOCK - PODIA, DIST.: MALKANGIRI
**TENDER CALL NOTICE**
Sealed tenders are invited from the registered firm and Venders (Preferably having valid TIN No., GST Registration) for supply of Grocery, Cosmetic & Toilet, Office & Student Stationery to Netaji Subash Chandra Bose (NSCB) Residential School, Kaldapali for the session of September - 2023 to 31st August - 2024. NSCB Residential UGH School, Kaldapali is functioning with 100 Boys Students in the age Group 6 to 13 years. Interested parties can purchase the tender forms from the Office of the NSCB Residential UGH School, Kaldapali w.e.f. Dtd.17.08.2023 to 28.08.2023 in between 10 A.M. to 4 P.M. in all working days on payment of Rs.500/- (Five hundred) only for each item which is non-refundable. The last date of receipt of tender form is upto 28.08.2023 at 5 P.M. The NSCB residential UGH School, Kaldapalli purchase committee meeting will be held on Dtd.31.08.2023 at 11.30 A.M. for opening of the tender. The envelope containing the tender form, required documents and EMD (Demand Draft/DD) should be addressed SMC RESIDENTIAL SCHOOL, KALADAPALI UGHS EMD is payable in the shape of DD at UNION BANK OF INDIA, MALKANGIRI in favour of SMC RESIDENTIAL SCHOOL, KALADAPALI UGHS. The authority reserves the right to accept or reject the tender in while or in part without assigning any reason thereof.
Sd./- Headmaster
Govt. UGHS Residential School
Kaldapalli, Podia, Dist.: Malkangiri



**The Odisha Small Industries Corporation Ltd.**
(A Government of Odisha Undertaking)
(An ISO:9001:2008 certified Govt. Company)
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
No. CAD-1697 OSIC GST No. 21AAACO2101M1Z1
**TENDER CALL NOTICE**
Tender Notice No.4036/RE/OSIC Dt.16.08.2023
The Managing Director, OSIC Ltd., Cuttack invites tender from experienced MSMEs duly empanelled with OSIC for execution of 3 nos. of works "Supplying, fitting & fixing of 158 nos. LED Street light with accessories in different wards of Paralakhemundi Municipality", "Supply and installation of 9 nos. PUF insulated prefab Pack House of 9 Mtr. X 6 Mtr. X 3 Mtr. Post Harvest Management solution under DMF, Keonjhar" and "Supply and installation of 1 no. 5.0 MT solar cold room under DMF, Keonjhar". Tender details can be downloaded from the OSIC website www.osicltd.in . Authority reserves the right to accept or reject any or all tenders without assigning any reason thereof or the tendering process may be cancelled in Toto. Any corrigendum/changes/modifications will appear in OSIC Ltd. website www.osicltd.in only.
Sd/-
GENERAL MANAGER(O)
OIPR-14073/11/0046/2324



**CITY HEALTH SOCIETY, CUTTACK**
**NATIONAL HEALTH MISSION, ODISHA**
**DEPT. OF HEALTH & FAMILY WELFARE, GOVT. OF ODISHA**
**WALK-IN-INTERVIEW**
Adv. No. 1940/NUHM/2023, CPMU/Cuttack Date: 16.08.2023
Walk-in-Interview will be conducted as scheduled below for filling up the following post under National Urban Health Mission, City Health Society, Cuttack on contractual basis at UCHCs/UPHCs/UHWCs with monthly remuneration as noted below.

| Sl. No. | Name of the Post | Remuneration | Nos. of Vacancy | Venue of Registration | Date of Walk-in-Interview |
|---|---|---|---|---|---|
| 01 | Medical Officer (Contractual) at UCHCs/UPHCs/ UHWCs | Base - Rs.64,324/- per month + P.I. @ 25% on base | 7 | Council Hall, Biju Bhawan, CMC Office, Choudhury Bazar, Cuttack | Date: 25.08.2023 Registration 09.00 A.M. to 10.30 A.M. Interview 11.00 A.M. onwards |

The post are purley temporary and co-terminus with the scheme. Interested candidates can log on to www.cmccuttack.odisha.gov.in for details of vacancy, eligibility criteria, age, application form etc. Candidates fulfilling the eligibility criteria may appear for registration and Walk-in-Interview on the date as mentioned above. Registration timing will be from 09.00 A.M. to 10.30 A.M. only on Walk-in-Interview Date. No application will be received after scheduled timing of registration. The authority reserves the right to cancel any or all application without assigning any reason thereof.
Sd./- Additional District Urban Public Health Officer, Cuttack



**DEPARTMENT OF WATER RESOURCES**
**ADDITIONAL CHIEF ENGINEER**
**BALANGIR MINOR IRRIGATION CIRCLE, BALANGIR**
Balangir Women's College Chhowk, Palace Line, Balangir - 767001
No. A-438 E-Mail: acemicbalangir2023@gmail.com
**ODISHA INTEGRATED IRIGATION PROJECT FOR CLIMATE RESILIENT AGRICULTURE**
(WORLD BANK PROJECT ID: P163533)
**REQUEST FOR BIDS (RFB) E-Procurement Notice**
**NATIONAL OPEN COMPETITIVE PROCUREMENT FOR SMALL WORKS**
RFB No.: OIIPCRA-W2-BGR-1/2023-24 Date: 11.08.2023

| | |
|---|---|
| Name of the Work | Civil Construction in Minor Irrigation Projects |
| Total No. of Works | 5 Nos. |
| Estimated Cost of Work(s) | Varies approximately from Rs.146.81 lakhs to Rs.699.07 lakh (Total estimated cost for the 5 Nos. of works Rs.1631.36 lakh) |
| Cost of Bid document | Free of Cost |
| Time for Completion | Refer to DTCN |
| Availability of Bid documents | From Dt.21.08.2023 at 10.00 hrs. to Dt.21.09.2023 upto 15.00 hrs. through online |
| PP Date of Pre-Bid Meeting | Dt.31.08.2023 from 11.30 hrs. to 13.00 hrs. |
| Period for receipt of Bid(s) | From Dt.21.08.2023 at 10.00 hrs. to Dt.21.09.2023 upto 15.00 hrs. |
| Payment of Bid Cost/Bid Security | Shall be paid online through the e-procurement portal of Govt. of Odisha |
| Date of Opening of the Bid | On dated 21.09.2023 at 15.30 hrs. |
| Details about the tender | Available in website www.dowrodisha.gov.in and www.tendersodisha.gov.in |
| Name/Address of the OIT | Additional Chief Engineer, Balangir M.I. Circle, Balangir, Women's College Chowk, Palace Line, Dist.: Balangir, PIN - 767001 |

OIPR-32493/11/0001/2324
Sd./- Er. Kalindi Charan Sethi
Additional Chief Engineer
Balangir Minor Irrigation Circle, Balangir



**ODISHA STATE CIVIL SUPPLIES CORPORATION LTD.**
(A Government of Odisha Undertaking)
Registered Office : C/2, Nayapalli, Bhubaneswar - 751012
CIN : U51211OR1980SGC000894
**Tender No. 12085 /P-II/91/2023/PDS Dt : 16.08.2023**
Managing Director, Odisha State Civil Supplies Corporation Ltd., invites tenders in Double Cover System through **ONLINE MODE ONLY** for the works below:

| | | |
|---|---|---|
| 1 | Name of the work | Selection and appointment of transport contractor for inter-district transportation of Custom Milled Rice (CMR) from source districts to recipient districts in the State of Odisha. |
| 2 | Availability of bid document in the portal | From **17.08.2023** |
| 3. | Last Date / Time for receipt of bids in the portal | **Dt. 31.08.2023 up to 5.00 PM.** |
| 4. | Date/Time of Opening of Technical Bid | **Dt. 01.09.2023 at 11.00 AM** |
| 5. | Name and address of the Officer Inviting Tender | Managing Director, OSCSC Ltd, C/2 Nayapalli, Bhubaneswar. |

Tender Documents & other details can be seen from the e-procurement portal **www.oscsc.in, www.foododisha.in & www.tendersodisha.gov.in. Amendments/ corrigendum/cancellation/retenders** etc. if any shall be published only in above websites.
By Order of Managing Director
Sd/- General Manager (PDS)



**KORAPUT CENTRAL CO-OPERATIVE BANK LTD.**
Head Office: N.K.T. road, Jeypore - 764003, Dist.: Koraput (Odisha)
Phone No.: (06854) 241159/232714, PBX No.: 232713/232716, Fax: 232718
e-mail: ceo@koraputccb.com
Letter No. 3153/P&S/2023-24 Date: 16.08.2023
**QUOTATION CALL NOTICE**
Sealed quotations are invited from the intending registered firms for supply of approximately 48 Nos. of 12V (100 AH & 42 AH) SMF-AMARON QUANTA batteries through buy back system of (100,65 & 42 AH batteries) and 4 Nos. of Numeric 3 KVA online UPS for the Branch Bank & ATM Vans including taxes and installation charges at our Branch Bank premises at undivided Koraput Distrct. The details are as hereunder:

| Sl. No. | Particulars | Approximate Required in Nos. |
|---|---|---|
| 1 | 12V 100 AH SMF-AMARON QUANTA Batteries | 42 |
| 2 | 12V 42 AH SMF-AMARON QUANTA Batteries | 6 |
| 3 | NUMERIC 3 KVA Online UPS | 4 |
| 4 | 10 KVA Servo Stabilizer (for Single Phase) | 1 |

Buy Back of Batteries

| Sl. No. | Particulars | Approximate in Nos. |
|---|---|---|
| 1 | 100 AH Batteries | 10 |
| 2 | 65 AH Batteries | 24 |
| 3 | 42 AH Batteries | 6 |
| 4 | NUMERIC 3 KVA Online UPS | 2 |

The interested vendors/agencies are requested to submit their sealed quotations before the undersigned on or before Dt.24.08.2023 at 4.00 P.M. latest.
The quotation received incomplete or after the scheduled date shall be rejected and will not be entertained by the Bank.
The short list shall be made basing upon the rates offered by the firms/ agencies. The authority reserves the right to reject all or any quotations without assigning any reason thereof.
Taxes will be deducted as applicable at the time of payment of Bill amount.
For any queries, please contact to Sri Ashok Kumar Rath, Section In-Charge, P&S, KCC Bank Ltd., Head Office, Jeypore. Mobile No.: 9437340103/8249970875.
Sd./- Secretary, K.C.C. Bank Ltd., Jeypore



GOVERNMENT OF ODISHA
**DEPARTMENT OF WATER RESOURCES**
**OFFICE OF THE ADDITIONAL CHIEF ENGINEER, CENTRAL IRRIGATION CIRCLE, BHUBANESWAR**
No. A-437
'e' Procurement Notice No. ACECIC - 03/2023-24

| Procurement Officer | Bid Identification No. | Name of Work | Cost of Work (Rs. in lakhs) | Bid Security (Rs.) E.M.D. | Cost of Bid Documents (Rs.) | Class of Contractor | Bid documents available online for bidding From | Bid documents available online for bidding To | Date of Openign of Technical Bid | Period of Completion of Work |
|---|---|---|---|---|---|---|---|---|---|---|
| ACE, CIC, Bhubaneswar | PRD - 02/ 2023-24 | Concrete Lining to Phulnakhara Distributary from RD 5.573 Km. to 9.601 Km. of Kakatpur Branch Canal System | 702.07 | 7,02,100/- (Online) | 10000/- (Online) | "A" & "Special" | 18.08.2023 at 10.00 hours | 01.09.2023 at 17.00 hours | 04.09.2023 at 11.00 hours | 12 (Twelve Calendar Months) |

e-mail ID: secic_dowr@yahoo.com
Further details conditions can be seen from Govt. website www.tenderorissa.gov.in
OIPR-32160/11/0003/2324
Sd./- Additional Chief Engineer, Central Irrigation Circle

**ଅଟଳ ବିହାରୀ ବାଜପେୟୀଙ୍କ ଶ୍ରଦ୍ଧାଞ୍ଜଳି ସଭା**

ଉମରକୋଟ, (ସନ୍ତୋଷ ଶତପଥୀ): ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଭାରତ ରତ୍ନ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ଶ୍ରଦ୍ଧାଞ୍ଜଳି ସଭା ଉମରକୋଟ ଭାଜପା ପାଳନ କରିଛି। ଉମରକୋଟସ୍ଥିତ ଦଳୀୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଧାୟକ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବାଜପେୟୀଙ୍କ ସ୍ମୃତି ଚାରଣ କରିଥିଲେ। ନଗର ସଭାପତି ଗୋପୀନାଥ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାକୁ ସାଧାରଣ ସମ୍ପାଦକ ପ୍ରଭାତ ନାୟକ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟ ସମ୍ପାଦକ ରମେଶ ସାହୁ, ଅଶୋକ ପାଢ଼ୀ, ରାମ ନାୟକ, ସୁରେଶ ଆଚାର୍ଯ୍ୟ, ମୁନା ପାଣିଗ୍ରାହୀ, ସତ୍ୟ ବେହେରା, ମିଲୁ ପଣ୍ଡା, ମୁନା ସାହୁ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ।

# ନବରଙ୍ଗପୁର ସ୍ୱାଧୀନତା ସଂଗ୍ରାମୀଙ୍କ ମାଟି

## ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ

ନବରଙ୍ଗପୁର,୧୬।୮(ସଦାଶିବ ପ୍ରହରାଜ)

ନବରଙ୍ଗପୁର ସ୍ୱାଧୀନତା ସଂଗ୍ରାମୀଙ୍କ ମାଟି। ସ୍ୱାଧୀନତା ଆନ୍ଦୋଳନରେ ନବରଙ୍ଗପୁର ଜିଲ୍ଲାର ଯୋଗଦାନ ଆମ ଇତିହାସର ସ୍ୱର୍ଣ୍ଣିମ ଅଧ୍ୟାୟ। ଏ ମାଟିର ଅନେକ ବୀର ସ୍ୱାଧୀନତା ସଂଗ୍ରାମୀ ଦେଶମାତୃକା ପାଇଁ ତ୍ୟାଗ ଓ ବଳିଦାନ ଦେଇଥିଲେ। ସେମାନେ ଚିର ନମସ୍ୟ ଓ ପୂଜ୍ୟ ବୋଲି ନବରଙ୍ଗପୁର ଜିଲ୍ଲାସ୍ତରୀୟ ୭୭ତମ ସ୍ୱାଧୀନତା ଦିବସ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଜିଲ୍ଲାପାଳ କମଳଲୋଚନ ମିଶ୍ର କହିଛନ୍ତି। ନବରଙ୍ଗପୁର ଏକ ଆଦିବାସୀ ଅଧ୍ୟୁଷିତ ଜିଲ୍ଲା। ଏଠାରେ ଅନେକ ଜନଜାତି ଅଛନ୍ତି। ସେମାନଙ୍କ ନିଜସ୍ୱ କଥିତ ଭାଷା, ସଂସ୍କୃତି ଓ ପରମ୍ପରା ରହିଛି। ଗଣପର୍ବ ମଣ୍ଡେଇ ରାଜ୍ୟରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ସରକାରଙ୍କ ସ୍ୱତନ୍ତ୍ର ଦୃଷ୍ଟି ଥିବାରୁ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଓ ପର୍ଯ୍ୟଟନ କ୍ଷେତ୍ରରେ ଜିଲ୍ଲା ଉନ୍ନତି ପଥରେ ଅଗ୍ରସର ହେଉଛି। ଜିଲ୍ଲାର ସମସ୍ତ ତହସିଲରେ ଜମିଜମା ସମ୍ବନ୍ଧୀୟ ସମସ୍ତ ରେକର୍ଡପତ୍ର, ମାନଚିତ୍ର ଆଦି କମ୍ପ୍ୟୁଟରୀକରଣ କ୍ଷେତ୍ରରେ ଉତ୍କର୍ଷ ପ୍ରଦର୍ଶନ କରିଥିବାରୁ ଜାତୀୟସ୍ତରରେ ଭୂମି ସମ୍ମାନ ପ୍ଲାଟିନମ୍ ପୁରସ୍କାର ପାଇଛି। ମୁଖ୍ୟମନ୍ତ୍ରୀଙ୍କଠାରୁ ମଧ ଜିଲ୍ଲା ଭୂମି ସମ୍ମାନ ପୁରସ୍କାର ମିଳିଛି।



ଜିଲ୍ଲାପାଳ ପରେଡ ଅଭିବାଦନ ଗ୍ରହଣ କରୁଛନ୍ତି।

ଜିଲ୍ଲାବାସୀଙ୍କ ପାଇଁ ଏହା ଗର୍ବ ଓ ଗୌରବର ବିଷୟ, ସମସ୍ତଙ୍କର ସହଯୋଗରେ ଏହା ସମ୍ଭବ ବୋଲି ଜିଲ୍ଲାପାଳ କହିଛନ୍ତି। ସ୍ଥାନୀୟ ଷ୍ଟାଡିୟମରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ କମଳଲୋଚନ ମିଶ୍ର ଜାତୀୟ ପତାକା ଉତ୍ତୋଳନ କରି ସମ୍ମିଳିତ ପରେଡ ଅଭିବାଦନ ଗ୍ରହଣ କରିଥିଲେ। ପରେଡ୍‌ରେ ପୋଲିସ ବାହିନୀ ସହିତ ବିଭିନ୍ନ ଶିକ୍ଷାନୁଷ୍ଠାନରୁ ୨୪ ଦଳ ଅଂଶ ଗ୍ରହଣ କରିଥିଲେ। ପରେଡ୍‌ର କୃତୀ ପ୍ରତିଯୋଗୀଙ୍କୁ ମୁଖ୍ୟ ଅତିଥି ଟ୍ରଫି ପ୍ରଦାନ କରିଛନ୍ତି। ଏହି ଅବସରରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ଡକ୍ଟର ଦଶରଥ ନାଗ, ସ୍ୱାସ୍ଥ୍ୟକର୍ମୀ ମୀନାକ୍ଷୀ ସିଂ, ଆଶା ଦିଦି ମଞ୍ଜୁଳା ଭତରା, ଜିଲ୍ଲା ସମାଜ କଲ୍ୟାଣ ବିଭାଗ ସିଡିପିଓ ଏସ୍. ଗୀତା, ଅଙ୍ଗନୱାଡି କର୍ମୀ ଗୋଲାପୀ ମାଝି, ଜୁବଲି ହରିଜନ, ଜିଲ୍ଲା କୃଷି ବିଭାଗ ପକ୍ଷରୁ ଚାଷୀ ଫୁଲଧର ଭତରା, କେଶବ ସେଠୀ, ସଦାଶିବ ଦାସ, ନବରଙ୍ଗପୁର ପୌରପାଳିକାରେ କାର୍ଯ୍ୟରତ ଜୟରାମ ନାୟକଙ୍କୁ ସ୍ୱଚ୍ଛ ସାରଥୀ, ବୈଦେହୀ ମୁଦୁଲଙ୍କୁ ନିଜ ନିଜ କ୍ଷେତ୍ରରେ ଉତମ କାର୍ଯ୍ୟ ଏବଂ ପାରଦର୍ଶିତା ପାଇଁ ସମ୍ମାନିତ କରାଯାଇଛି। ସେନାର ଅବସରପ୍ରାପ୍ତ ଯବାନମାନଙ୍କୁ ମଧ୍ୟ ମୁଖ୍ୟ ଅତିଥି ସମ୍ମାନିତ କରିଥିଲେ। ବିଭିନ୍ନ ଶିକ୍ଷା ଅନୁଷ୍ଠାନରୁ ୬ଟି ଦଳ ଦେଶଭକ୍ତି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

ଏହି ସମୟରେ ଜିଲ୍ଲା ସ୍ୱତନ୍ତ୍ର ବିକାଶ ପରିଷଦ ଅଧ୍ୟକ୍ଷ ଉପେନ୍ଦ୍ର ଗଣ୍ଡ, ଏସ୍‌ପି ଏସ୍ ସୁଶ୍ରୀ, ମୁଖ୍ୟ ଉନ୍ନୟନ ଅଧିକାରୀ ଅନ୍ୟା ଦାସ, ଅତିରିକ୍ତ ଜିଲ୍ଲାପାଳ ମହେଶ୍ୱର ଚନ୍ଦ୍ର ନାୟକ, ଏଏସ୍‌ପି ପ୍ରଶାନ୍ତ ପଟ୍ଟନାୟକ, ଉପଜିଲ୍ଲାପାଳ ପି.କେ. ମିଶ୍ର, ଆଇଟିଡିଏ ପିଏ ରାଜୀବ ସାହୁ, ଡିଇଓ ପ୍ରଦୀପ ନାଗ, ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ପ୍ରଫୁଲ୍ଲ ମିଶ୍ର, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଜି. ଭେଙ୍କଟ ରେଡ୍ଡୀ, ଜିଲ୍ଲା ପରିଷଦ ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ଦୁର୍ଯ୍ୟୋଧନ ଭୋଇ, ତହସିଲଦାର ଜୟଦ୍ରଥ ଆଚାର୍ଯ୍ୟ, ଡିଏସ୍‌ପି ଡ. ଚନ୍ଦ୍ରଶେଖର ହୋତା, ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା ମଳୟ ତ୍ରିପାଠୀ, ଉଠାଜଳସେଚନ ନିର୍ବାହୀଯନ୍ତ୍ରୀ ଦିଲୀପ ଦାସ, ପୌରାଧ୍ୟକ୍ଷ କୁନୁ ନାୟକ, ଜିଲ୍ଲା ସଂସ୍କୃତି ଅଧିକାରୀ ଘାସିଆ ହରିଜନ, ପୌରପାଳିକା ନିର୍ବାହୀ ପ୍ରାଣନାଥ ସେଠ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁରେଶ ପଟ୍ଟନାୟକଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ, ବରିଷ୍ଠ ନାଗରିକ, ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ପ୍ରମୁଖ ଉପସ୍ଥିତ ଥିଲେ। ଅଜୟ ଏକ୍କା ପରେଡ୍ ପରିଚାଳନା କରିଥିଲେ। ଡିଆଇପିଆର୍‌ଓ ହଳଧର ନିଆଲ ଧନ୍ୟବାଦ ଦେଇଥିଲେ। ପ୍ରକାଶ ଯେ, ସ୍ୱାଧୀନତା ଦିବସ ସକାଳେ ରାମଧୂନ୍, ପ୍ରଭାତ ଫେରି ସହ ସହରସ୍ଥିତ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପରେଡ ଉତ୍ସବ ପରେ ଜିଲ୍ଲାପାଳ ସ୍ଥାନୀୟ ଉପକାରାଗାର ପରିଦର୍ଶନରେ ଯାଇ ସେଠାରେ ଥିବା ଅନ୍ତେବାସୀଙ୍କୁ ଫଳ ଓ ମିଷ୍ଟାନ୍ନ ବଣ୍ଟନ କରିଥିଲେ।



ନବରଙ୍ଗପୁର ଜିଲ୍ଲା ଡାବୁଗାଁରେ ବ୍ଲକସ୍ତରୀୟ ସ୍ୱାଧୀନତା ଦିବସ ପାଳନ ଅବସରରେ ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।

# ୨୦ ଘଣ୍ଟା ପରେ ବ୍ୟବଚ୍ଛେଦ ହେଲା ମୃତଦେହ

## ଅଧା ରାସ୍ତାରେ ପ୍ରସୂତିଙ୍କ ମୃତ୍ୟୁ

ପଦ୍ମପୁର,୧୬।୮ (ପ୍ରଶାନ୍ତ କର)

କୋରାପୁଟ ମେଡିକାଲ କଲେଜରୁ ରେଫର୍ ହୋଇ ୧୦୮ ଆମ୍ବୁଲାନ୍ସରେ ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତର ହେଉଥିବା ଜଣେ ପ୍ରସୂତି ମହିଳାଙ୍କ ମଙ୍ଗଳବାର ଅଧା ରାସ୍ତାରେ ମୃତ୍ୟୁ ଘଟିଛି। ଫଳରେ ଆମ୍ବୁଲାନ୍ସ କର୍ମଚାରୀ ପ୍ରସୂତିଙ୍କୁ ମଙ୍ଗଳବାର ଅପରାହ୍ଣ ପ୍ରାୟ ୨ଟାରେ ପଦ୍ମପୁର ମେଡିକାଲକୁ ଅଣାଯିବା ପରେ ମେଡିକାଲ ଦାୟିତ୍ୱରେ ଥିବା ଡାକ୍ତର ଅମରେଶ ଜେନା ତାଙ୍କୁ ବ୍ରିଟ୍ ଡେଥ୍ ଘୋଷଣା କରିଥିଲେ। ପରେ ପଦ୍ମପୁର ଥାନାରେ ମେଡିକାଲ ଲିଗାଲ କେସ୍ ଦେବା ପରେ ଦୀର୍ଘ ୨୦ଘଣ୍ଟା ପରେ ବୁଧବାର ସକାଳ ୧୦ଟାରେ ଗୁଣପୁର ମେଡିକାଲକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଥିଲା। ପଦ୍ମପୁର ମେଡିକାଲରେ ଶବ ସଂରକ୍ଷଣ ପାଇଁ ଗୃହ ନ ଥିବାରୁ ପରିବାର ଲୋକେ ହଇରାଣ ହେବା ସହ ଦୀର୍ଘ ସମୟ ଧରି ପୋଲିସ ମୃତଦେହ ଛାଡି ନ ଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ପଦ୍ମପୁର ପୋଲିସଙ୍କ ଉପସ୍ଥିତିରେ ମାଜିଷ୍ଟ୍ରେଟ ଦାୟିତ୍ୱରେ ପଦ୍ମପୁର ଅତିରିକ୍ତ ତହସିଲଦାର ପ୍ରାଣକୃଷ୍ଣ ପାଣିଗ୍ରାହୀ ପହଞ୍ଚି ପରିବାର ଲୋକଙ୍କ ସହ ଆଲୋଚନାକରି ଶବ ବ୍ୟବଚ୍ଛେଦ ପାଇଁ ଗୁଣପୁର ପଠାଇଛନ୍ତି। ଏ ସମ୍ପର୍କରେ ଅତିରିକ୍ତ ତହସିଲଦାର ପାଣିଗ୍ରାହୀଙ୍କୁ ପଚାରିବାରୁ ସରକାରୀ ନିୟମ ପ୍ରକାରେ ସବୁ ପ୍ରମାଣ ମିଳିବା ପର୍ଯ୍ୟନ୍ତ ଅପେକ୍ଷା କରାଯାଏ ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ପଦ୍ମପୁର ଥାନା ଅଧିକାରୀ ରଞ୍ଜନ କୁମାର ମାଝିଙ୍କୁ ପଚାରିବାରୁ ସେଭଳି କୌଣସି ଅବହେଳା କରାଯାଇ ନ ଥିବା ସେ କହିବା ସହ ପୋଲିସର ନିୟମ ପ୍ରକାରେ ମୃତ ମହିଳାଙ୍କ ମା, ବାପା, ଭାଇଙ୍କ ମଧ୍ୟରୁ କେହି ହେଲେ ଜଣଙ୍କ ଉପସ୍ଥିତିରେ ମୃତଦେହ ନେବା ପାଇଁ ଆମେ କହିଥିଲୁ। ଦୂରସ୍ଥାନ ହୋଇଥିବାରୁ ବୁଧବାର ସକାଳେ ଆସି ମହିଳାଙ୍କ ମା' ଘର ଲୋକ ପହଞ୍ଚିବା ପରେ ପୋଲିସ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଗୁଣପୁର ମେଡିକାଲକୁ ଶବ ବ୍ୟବଚ୍ଛେଦ ପାଇଁ ପଠାଯାଇଥିବା ଜଣାପଡିଛି।

ସୂଚନାଯୋଗ୍ୟ, ନବରଙ୍ଗପୁର ଜିଲ୍ଲା ତେନ୍ତୁଲିଖୁଣ୍ଟି ବ୍ଲକ୍‌ର ପାତ୍ରପୁଟ ପଞ୍ଚାୟତ ପଇଡଗୁଡା ଗ୍ରାମର ବିଜୟ ସୈରାଙ୍କ ସ୍ତ୍ରୀ ତୁଳସୀ ପ୍ରଧାନଙ୍କ ପ୍ରସବ ଯନ୍ତ୍ରଣା ହେବାରୁ ଗତ ୧୦ ତାରିଖରେ ତାଙ୍କୁ ପ୍ରଥମେ ନବରଙ୍ଗପୁର ମେଡିକାଲକୁ ନେଇଥିଲେ। ପରେ ସେଠାରୁ ତାଙ୍କୁ କୋରାପୁଟ ମେଡିକାଲକୁ ପଠାଯାଇଥିବାବେଳେ ଗତ ୧୩ ତାରିଖରେ ଅପରେଶନ କରି ଏକ ପୁତ୍ର ସନ୍ତାନ ଜନ୍ମ ଦେଇଥିଲେ। ହେଲେ ତୁଳସୀଙ୍କ ବ୍ଲଡ୍ ପ୍ରେସର ସହ ରକ୍ତହୀନତା ଦେଖାଦେବାରୁ ତାଙ୍କୁ ବ୍ରହ୍ମପୁର ମେଡ଼ିକାଲକୁ ୧୦୮ ଆମ୍ବୁଲାନ୍ସ ଯୋଗେ ପଠାଯାଇଥିଲା। ମାତ୍ର ରାସ୍ତାରେ ପ୍ରସୂତିଙ୍କ ଅବସ୍ଥା ଗୁରୁତର ହେବାରୁ ପଦ୍ମପୁର ମେଡିକାଲକୁ ଆଣିବା ପରେ ପଦ୍ମପୁର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେଣୁ ପଦ୍ମପୁର ମେଡିକାଲରେ ଏକ ଶବ ସଂରକ୍ଷଣ ଗୃହ ନିର୍ମାଣ ପାଇଁ ଦାବି ହେଉଛି।

## ସଂକ୍ଷେପରେ

### ହାଟଭରଣ୍ଡି ଆଶ୍ରମ ବିଦ୍ୟାଳୟର ୬ଷ୍ଠ ଶ୍ରେଣୀ ଛାତ୍ର ମୃତ

ରାଇଘର, ୧୬।୮(କିରଣ ପଟ୍ଟନାୟକ)

ହାଟଭରଣ୍ଡି ଆଶ୍ରମ ବିଦ୍ୟାଳୟର ଜଣେ ଷଷ୍ଠ ଶ୍ରେଣୀ ଛାତ୍ରଙ୍କ ହାଟଭରଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତ୍ୟୁ ହୋଇଛି। ସେପ୍ଟି ସିମିୟା କାରଣରୁ ପେଟ ବଥାରୁ ତାଙ୍କ ମୃତ୍ୟୁ ହୋଇଥିବା ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଜଣାପଡ଼ିଛି। ମୃତକ ହେଲେ ହିରି (ଡବରୀପାରା) ଗ୍ରାମର ଅକତୁ ଗଣ୍ଡ (୧୧)। ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଦଶରଥ ନାଗଙ୍କ ସୂଚନାନୁଯାୟୀ ମଙ୍ଗଳବାର ଅପରାହ୍ଣ ୪ଟାରେ ଅକତୁଙ୍କୁ ଡାକ୍ତରଖାନା ଅଣାଯାଇଥିଲା। ପେଟବ୍ୟଥା ହେଉଥିବାରୁ ତାଙ୍କର ଚିକିତ୍ସା କରାଯାଇଥିଲା। କିନ୍ତୁ ତାଙ୍କ ଯନ୍ତ୍ରଣା ନ କମିବାରୁ ଅକତୁଙ୍କୁ ଜିଲ୍ଲାମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିବାକୁ ଡାକ୍ତର ପରାମର୍ଶ ଦେବା ସହ ଆମ୍ବୁଲାନ୍ସକୁ ଡାକିଥିଲେ। କିନ୍ତୁ ପରିବାର ଲୋକେ ଯିବାକୁ ରାଜି ହୋଇ ନ ଥିଲେ। ବୁଧବାର ସକାଳୁ ଅକତୁଙ୍କ ମୃତ୍ୟୁ ହୋଇ ଯାଇଥିଲା। ଅକତୁଙ୍କର ଜରୁରୀକାଳୀନ ସର୍ଜରୀ ଆବଶ୍ୟକ ଥିଲା। ପରିବାର ଲୋକେ ନବରଙ୍ଗପୁର ନେଇଥିଲେ ସେ ବଞ୍ଚି ଯାଇପାରିଥାନ୍ତେ ବୋଲି ସ୍ୱାଧୀନତା ଦିବସ କାର୍ଯ୍ୟକ୍ରମ ପରେ ପିଲାମାନଙ୍କୁ ଖାଇବାକୁ ଡକାଯାଇଥିଲା। ଅକତୁ ପେଟ ବ୍ୟଥା ହେଉଥିବା କହି ଖାଇବାକୁ ମନା କରିଥିଲେ। ସ୍କୁଲ କର୍ତ୍ତୃପକ୍ଷ ପରିବାର ଲୋକଙ୍କୁ ଡକାଇଥିଲେ। ଅକତୁଙ୍କ ଘର ଲୋକେ ପହଞ୍ଚି ତାଙ୍କୁ ଡାକ୍ତରଖାନା ନେଇଥିଲେ ବୋଲି ପ୍ରଧାନ ଶିକ୍ଷୟତ୍ରୀ ଡାଇନାଥାଚର କହିଛନ୍ତି।

# ଚୋରି ଘଟଣାରେ ସମ୍ପୃକ୍ତ ଯୁବକ ସାଲେରୁରୁ ଗିରଫ

## ଅଭିଯୁକ୍ତଙ୍କଠାରୁ ଟଙ୍କା, ସୁନା, ରୁପା ଜବତ

ନବରଙ୍ଗପୁର,୧୬।୮(ସଦାଶିବ ପ୍ରହରାଜ)

ନବରଙ୍ଗପୁର ସହରରେ ଚୋରଙ୍କ ଟାର୍ଗେଟରେ ତାଲା ଝୁଲୁଥିବା ଘର। ମଙ୍ଗଳବାର ଗୋଟିଏ ଚୋରି ଘଟଣାର ପର୍ଦ୍ଦାଫାଶ କରିଛି ନବରଙ୍ଗପୁର ପୋଲିସ। ଆନ୍ଧ୍ରପ୍ରଦେଶର ସାଲୁର ଅଞ୍ଚଳରୁ ଜଣେ ଚୋରଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ଅଭିଯୁକ୍ତ ହେଲେ ଆନ୍ଧ୍ରପ୍ରଦେଶ ସାଲୁର ଅଞ୍ଚଳର ଭି.ତିରୁପତି ରାଓ। ସେ ନବରଙ୍ଗପୁର ସହରର ଇଚ୍ଛାବତୀଗୁଡ଼ାରେ ରହି ଏକ ଗ୍ୟାରେଜରେ କାମ କରୁଥିଲେ ବୋଲି ଅତିରିକ୍ତ ଏସ୍‌ପି ପ୍ରଶାନ୍ତ ପଟ୍ଟନାୟକ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏଥିରେ ଅନ୍ୟ ୩ଜଣଙ୍କ ସମ୍ପୃକ୍ତି ଥିବା ପୋଲିସ କହିଛି।

ନବରଙ୍ଗପୁର ସହର କେଉଟ ସାହିର ଏମ.ଭାରତୀଙ୍କ ଘରେ କେହି ନ ଥିବାରୁ ଅଗଷ୍ଟ ୮ରେ ଚୋରି ହୋଇଥିଲା। ଘରୁ ନଗଦ ଟଙ୍କା, ରୁପା, ତମ୍ବା, ପିତଳ ସାମଗ୍ରୀ, ଟିଭି, ମୋବାଇଲ ସହ ସୁନା ଅଳଙ୍କାର ଚୋରି ହୋଇଥିଲା। ଏ ନେଇ ସେ ୯ ତାରିଖରେ ନବରଙ୍ଗପୁର ଥାନାରେ ଏତଲା ଦେଇଥିଲେ। ନବରଙ୍ଗପୁର ଏସ୍‌ପି ଏସ୍.ସୁଶ୍ରୀଙ୍କ ନିର୍ଦ୍ଦେଶରେ ଏସ୍‌ଡିପିଓ ନିହାର ରଞ୍ଜନ ପ୍ରଧାନଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଚୋରିରେ ଭି.ତିରୁପତିଙ୍କ ସମ୍ପୃକ୍ତି ଥିବା ଜାଣି ଥାନାକୁ ଆଣି ଅଟକ ରଖି ପଚରାଉଚରା କରିଥିଲେ। ପୋଲିସ ୨ସୁନା ଚେନ, ୨ ମଙ୍ଗଳ ସୂତ୍ର, ୨ କାନ ଫୁଲ, କିଛି ରୁପା ସାମଗ୍ରୀ, ୨ଏଲଇଡି ଟିଭି, ୨ ମୋବାଇଲ ଫୋନ ସହ ୧୪ ହଜାର ନଗଦ ଟଙ୍କା ଜବତ କରିଛି। ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ବଟକୃଷ୍ଣ ମିଶ୍ର, ଡିଏସ୍‌ପି ନିହାର ରଞ୍ଜନ ମିଶ୍ର ଓ ଥାନାଧିକାରୀ ସମ୍ବିତ କୁମାର ବେହେରା ଉପସ୍ଥିତ ଥିଲେ।




ଅଭିଯୁକ୍ତଙ୍କଠାରୁ ଜବତ ସାମଗ୍ରୀ ଦେଖାଇ ପୋଲିସ ଚୋରି ସମ୍ପର୍କରେ ସୂଚନା ଦେଉଛି।

## ନୂତନ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ, ଚାରାରୋପଣ

ତେନ୍ତୁଲିଖୁଣ୍ଟି, ୧୬।୮ (ଚିଦାନନ୍ଦ ସାହୁ)

ସ୍ୱାଧୀନତା ଦିବସ ଅବସରରେ ନବରଙ୍ଗପୁର ଜିଲ୍ଲା ତେନ୍ତୁଲିଖୁଣ୍ଟି ବ୍ଲକର ୧୫ ପଞ୍ଚାୟତରେ ଥିବା ଅମୃତ ସରୋବର ନିକଟରେ ୭୫ଟି ଲେଖାଏ ଚାରାରୋପଣ କରାଯାଇଛି। ତେନ୍ତୁଲିଖୁଣ୍ଟି ପଞ୍ଚାୟତ ସମିତିରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ନୂତନ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରିଛନ୍ତି। ବିଭିନ୍ନ ସ୍ଥାନରେ ପତାକା ଉତ୍ତୋଳନ କରାଯାଇଥିଲା। ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ବ୍ଲକ ଅଧ୍ୟକ୍ଷା ନୀଳେନ୍ଦ୍ରି ନାୟକ, ତହସିଲରେ ତହସିଲଦାର ହିମାଂଶୁ ଶେଖର ଦାସ, ଲ୍ୟାମ୍ପସରେ ଲ୍ୟାମ୍ପସ ଅଧ୍ୟକ୍ଷ ଅଖିଳ ଭତ୍ରା, ଡ୍ରାଇଭର ମହାସଂଘ କାର୍ଯ୍ୟାଳୟରେ ବିଧାୟକ ସଦାଶିବ ପ୍ରଧାନୀ, ଅଞ୍ଚଳଗୁମ୍ମା ଲ୍ୟାମ୍ପସରେ ଦିଲୀପ ପ୍ରଧାନୀ, ବ୍ଲକ ଶିକ୍ଷାଧିକାରୀ କାର୍ଯ୍ୟାଳୟରେ ବିଇଓ ସୌମେନ୍ଦ୍ର ଭୌମିକ, ବ୍ଲକ କୃଷି କାର୍ଯ୍ୟାଳୟ ଓ ଆତ୍ମା କାର୍ଯ୍ୟାଳୟରେ ବି ଏ ଓ ଜି. ବରୁଣ ଧନଫୁଲ ପତାକା ଉତ୍ତୋଳନ କରିଥିଲେ। ଖାତିଗୁଡ଼ାସ୍ଥିତ ଚାମ୍ବର ଅଫ୍ କମର୍ସରେ ଖାତିଗୁଡା ଷ୍ଟେଟ ବ୍ୟାଙ୍କ ଶାଖା ପରିଚାଳକ ସୁଦୀପ୍ତ ପଧାନ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ନିଟ୍‌ରେ ସଫଳ ହୋଇଥିବା ଅନନ୍ତ ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଜବାହର ନବୋଦୟ ବିଦ୍ୟାଳୟ ଇଣ୍ଡସ ପବ୍ଲିକ ସ୍କୁଲରେ ଖାତିଗୁଡା ଥାନାଧିକାରୀ ମହେଶ ଗଲୋରୀ, ଇନ୍ଦ୍ରାବତୀ ଡ୍ୟାମ ସର୍କଲ କାର୍ଯ୍ୟାଳୟରେ ଅତିରିକ୍ତ ମୁଖ୍ୟଯନ୍ତ୍ରୀ ସଞ୍ଜୀବ ଭତ୍ରା, ଇନ୍ଦ୍ରାବତୀ ସୁରକ୍ଷାକର୍ମୀ ସଂଘରେ ସଭାପତି ନୀଳାମ୍ବର ପରିଚ୍ଛା ଜାତୀୟ ପତାକା ଉତ୍ତୋଳନ କରିଥିଲେ। ବ୍ୟବସାୟୀ କୃପାନିଧି ରାଉତ ଓ ସ୍ଥାନୀୟ ଯୁବ ସଂଗଠନ କର୍ମକର୍ତ୍ତା ଇନ୍ଦ୍ରାବତୀ ଉଚ୍ଚ ବିଦ୍ୟାଳୟ ପରିସରରେ ୭୫ଟି ଚାରାରୋପଣ କରିଛନ୍ତି।

# ବିଜେଡିରେ ମିଶିଲେ ଭାଜପା ସମର୍ଥିତ ୩ ସମିତି ସଭ୍ୟ



ବିଜେଡି ନେତା ଓ କର୍ମୀମାନେ ଦଳରେ ସାମିଲ ହୋଇଥିବା ନୂତନ ସଦସ୍ୟମାନଙ୍କୁ ସ୍ୱାଗତ କରୁଛନ୍ତି।

ଉମରକୋଟ, ୧୬।୮(ସନ୍ତୋଷ ଶତପଥୀ)

ନବରଙ୍ଗପୁର ଜିଲ୍ଲା ବିଜେଡି ସଭାପତି ତଥା ଏମ୍‌ପି ରମେଶ ଚନ୍ଦ୍ର ମାଝିଙ୍କ ବାସଭବନରେ ବିଜେଡିର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକର କାରାଗାଁ ପଞ୍ଚାୟତ ସମିତି ସଭ୍ୟ ବିକ୍ରମ ସିଂ, ତୋହରା ପଞ୍ଚାୟତର ପ୍ରଦୀପ ଗଣ୍ଡ ଓ ସୁକିଗାଁ ପଞ୍ଚାୟତର ସମିତି ସଭ୍ୟା ମଞ୍ଜୁ ପରଜା ବିଜେଡିରେ ଯୋଗ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଶାସନ ଓ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେଡିରେ ସାମିଲ ହୋଇଥିବା ନୂତନ ସଦସ୍ୟମାନେ କହିଛନ୍ତି। ଏହି ଅବସରରେ ଏମ୍‌ପି ରମେଶ ଚନ୍ଦ୍ର ମାଝି, ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝି, ରାଜ୍ୟ ଉଠା ଜଳସେଚନ ନିଗମର ଉପଦେଷ୍ଟା ପ୍ରମୋଦ ପାଢ଼ୀ, ବ୍ଲକ ଅଧ୍ୟକ୍ଷା ସୁଶୀଳା ମାଝି, ଉପାଧ୍ୟକ୍ଷ ଶ୍ୟାମଲ ସରକାର, ନବରଙ୍ଗପୁର ଜିଲ୍ଲା ଛାତ୍ର ବିଜେଡି ସଭାପତି ସୁଧାଂଶୁ ଦାସ, ବଡ଼କୁମାରି ସମିତିସଭ୍ୟା ତନୁଜା ଡାକୁଆ, ବରିଷ୍ଠ ବିଜେଡି ନେତା ଦେବୀ ସିଂ ମାଝି, ବ୍ଲକ ବିଜେଡି ସଭାପତି ମନୋଜ ଧଳ, ଅଜିତ ପ୍ରଧାନ, ସଞ୍ଜୟ ଗୁପ୍ତା, ଚନ୍ଦାହାଣ୍ଡି ବ୍ଲକ ବିଜେଡି ସଭାପତି ଗୌରହରି ନାୟକ, ଚନ୍ଦାହାଣ୍ଡି ବ୍ଲକ ଉପାଧ୍ୟକ୍ଷ ବାସୁଦେବ ଗୌଡ଼, କାଉନସିଲର ମନୋଜ ନାୟକ, ତପନ ପାତ୍ର , ରମେଶ ଜେନା, ମୁନା ଡାକୁଆ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଏକ ବୈଠକ କରାଯାଇଥିଲା। ନୂତନ ସଦସ୍ୟଙ୍କ ସମେତ କାରାଗାଁ ଗ୍ରାମର ସୁଜନ ରାୟ, ଦୁର୍ଜନ ମାଝି,ପରେଶ ବିଶ୍ୱାସ, ଜୀବନ ସରକାର, ସୁମନ୍ତ ମଣ୍ଡଳ, ହରେନ ମଣ୍ଡଳ, ହିରମନ୍ ରାୟ, କାରାଗାଁ ପଞ୍ଚାୟତର ୩ ନଂ. ୱାର୍ଡ ସଭ୍ୟ ଅମର ସିଂ ଭତ୍ରା, ୧୧ ନଂ. ୱାର୍ଡ ସଭ୍ୟ ଜଳନ୍ଧର ହରିଜନ, ଲଳିତ ପରଜା ଓ ଲଛମନ ଭତ୍ରା ପ୍ରମୁଖ ଉପସ୍ଥିତ ଥିଲେ। ଏମ୍‌ପି ଓ ବିଧାୟକ ବିଜେଡିର ଅଛନ୍ତି। କାରାଗାଁ ପଞ୍ଚାୟତର ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ବିଜେଡିରେ ଯୋଗଦେଇଛି ବୋଲି କାରାଗାଁ ସମିତି ସଭ୍ୟ ବିକ୍ରମ ସିଂ ନିଜ ପ୍ରତିକ୍ରିୟାରେ କହିଛନ୍ତି।

# ବର୍ଷା ପାଇଁ ବେଙ୍ଗ ବେଙ୍ଗୁଲୀ ବାହାଘର

ଡାବୁଗାଁ, ୧୬।୮(ପ୍ରଜ୍ଞାରଞ୍ଜନ ପରିଡା)

ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକରେ ଚଳିତ ବର୍ଷ ସ୍ୱଳ୍ପ ବର୍ଷା ଯୋଗୁ ଚାଷ କାମ ଆଗେଇ ପାରୁନାହିଁ। ବିଶେଷକରି ଧାନଚାଷ ଅଧିକ ପ୍ରଭାବିତ ହେବା ଆଶଙ୍କା ରହିଛି। ସ୍ଥାନୀୟ ଚାଷୀମାନେ ଅନୁକୂଳ ପାଗ ଦେଖି ଧାନ ରୁଆ ଶେଷ କରିଥିବାବେଳେ ବର୍ଷା ଅଭାବ ଯୋଗୁ ମରୁଡ଼ି ଆଶଙ୍କା ଦେଖାଦେଇଛି। ସେହିପରି ଧାନ ଜମିଗୁଡ଼ିକରେ ପାଣି ନ ଥିବା ଯୋଗୁ ବିଲରେ ଚାଷୀ କୌଣସି ସାର ପ୍ରୟୋଗ ପାରୁନାହିଁ। ତେଣୁ ସ୍ଥାନୀୟ ଚାଷୀ ମାନେ ଚିନ୍ତାରେ ପଡିଛନ୍ତି। ଏପରି ସମୟରେ ବର୍ଷାର ଆଗମନ ଲାଗି ଡାବୁଗାଁ ବ୍ଲକ ବଡ଼ଓଲମା ଗ୍ରାମରେ ବେଙ୍ଗବେଙ୍ଗୁଲୀ ବାହାଘର ୩ଦିନ ହେବ ଚାଲିଛି ।

ସେମାବାର ସ୍ଥାନୀୟ ସୁନାଦେଇ ଠାକୁରାଣୀ ମନ୍ଦିରରେ ଗ୍ରାମର ଶତାଧିକ ଲୋକେ ଏକାଠି ହୋଇଥିଲେ। ସେଠାରେ ପାରମ୍ପରିକ ରୀତିନୀତି ଅନୁସାରେ ପୂଜାପାଠ କରିଥିଲେ। ପରେ ମଣ୍ଡଳ ଭୀମା ମନ୍ଦିରକୁ ଆସି ସେଠାରେ ଭୀମା ମୂର୍ତ୍ତିଙ୍କୁ ଗାଈ ଗୋବରରେ ପୋତିବା ସହ ପାରମ୍ପରିକ ରୀତିନୀତି ଅନୁଯାୟୀ ପୂଜାପାଠ କରାଯାଇଥିଲା। ପରେ ଗ୍ରାମରେ ଥିବା ନଦୀରୁ ଗୋଟିଏ ବେଙ୍ଗ ଏବଂ ଗୋଟିଏ ବେଙ୍ଗୁଲୀ ଧରି ଏକ ନୂତନ ମାଟିହାଣ୍ଡିରେ ରଖାଯାଇଥିଲା। ସେଠାରେ ପାରମ୍ପରିକ ରୀତିନୀତି ଅନୁସାରେ ବେଙ୍ଗ ଓ ବେଙ୍ଗୁଲୀକୁ ପୂଜାପାଠ କରାଯାଇଥିଲା। ବୁଧବାର ସକାଳୁ ସ୍ଥାନୀୟ ଲୋକେ ପୂଜା କରୁଛନ୍ତି। ଏହି ବେଙ୍ଗ ବେଙ୍ଗୁଲୀ ବାହାଘର ୩ ଦିନ ଧରି ଚାଲିବ। ୩ ଦିନ ପରେ ପୋଖରୀରେ ବିସର୍ଜନ କରାଯିବ ବୋଲି ଗାଉଁଟିଆ ସୂଚନା ଦେଇଛନ୍ତି। ଭତ୍ରା ସାହିରେ କନ୍ୟା ପକ୍ଷ ରହିଥିବାବେଳେ ଚଟରାସାହିକୁ ବର ପକ୍ଷ କରାଯାଇଛି। ବଡ଼ଓଲମା ଗ୍ରାମରେ ୩ବର୍ଷରେ ପରେ ବେଙ୍ଗ ବେଙ୍ଗୁଲୀ ବାହାଘର ହୋଇଥିବା ଜଣାପଡ଼ିଛି।



ବେଙ୍ଗ ବେଙ୍ଗୁଲୀ ବାହାଘର ନେଇ ପ୍ରସ୍ତୁତି ଚାଲିଛି।

## ଶ୍ରୀ ଅରବିନ୍ଦ ପୂର୍ଣ୍ଣ ସ୍ୱରାଜ, ପୂର୍ଣ୍ଣାଙ୍ଗ ଯୋଗର ପ୍ରବର୍ତ୍ତକ

ନବରଙ୍ଗପୁର,୧୬।୮(ସଦାଶିବ ପ୍ରହରାଜ)

ଶ୍ରୀଅରବିନ୍ଦଙ୍କର ଜନ୍ମଦିନ ପାଳନ ଉପଲକ୍ଷେ ନବରଙ୍ଗପୁର ଦଶହରାପଦାସ୍ଥିତ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରରେ ଜିଲ୍ଲାସ୍ତରୀୟ ସ୍ୱତନ୍ତ୍ର ପାଠଚକ୍ର ସମ୍ମିଳନୀ କରାଯାଇଛି। ଡ଼ଃ ରାଧାନାଥ ବେହେରା ବକ୍ତାଭାବେ ଯୋଗ ଦେଇ ଶ୍ରୀଅରବିନ୍ଦଙ୍କ ଦୃଷ୍ଟିରେ ସ୍ୱାଧୀନତାର ମୂଲ୍ୟବୋଧ ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟତମ ବକ୍ତା ସୁଧୀରାଜ ରାଉତ ଶ୍ରୀଅରବିନ୍ଦଙ୍କ ରଚିତ ବେଦର ରହସ୍ୟ ସମ୍ବନ୍ଧରେ ଆଲୋଚନା କରିଥିଲେ। ଶ୍ରୀ ଅରବିନ୍ଦ ପୂର୍ଣ୍ଣ ସ୍ୱରାଜ, ପୂର୍ଣ୍ଣାଙ୍ଗ ଯୋଗର ପ୍ରବର୍ତ୍ତକ ଥିଲେ ବୋଲି ବକ୍ତାମାନେ କହିଥିଲେ। ସମର୍ପଣ ମଣ୍ଡଳର ମାସିକ ଆଧ୍ୟାତ୍ମିକ ଓ ସାଙ୍ଗଠନିକ ପତ୍ରିକା 'ଦିବ୍ୟ ସୁରଭି'କୁ ଡ ରାଧାନାଥ ବେହେରା ଓ ଶ୍ରୀଧର ଶତପଥୀ ଉନ୍ମୋଚନ କରିଥିଲେ। ସୁରେଶ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସଙ୍ଗୀତା ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ସରସ୍ୱତୀ ବିଦ୍ୟା ମନ୍ଦିର, ତାରା ଗାଁ ଉଚ୍ଚବିଦ୍ୟାଳୟ, ପୂଜାରୀଗୁଡା, ପାତ୍ରପୁଟର ବିଭିନ୍ନ ବିଦ୍ୟାଳୟ ଏବଂ ବାଙ୍ଗାପାଲୀରେ ମଧ ସଚେତନତା ପାଠଚକ୍ର ଅନୁଷ୍ଠିତ ହୋଇଛି।

# ସ୍କୁଲ ନଳକୂଅରୁ ବାହାରୁଛି ଗୋଳିଆପାଣି

## ବାରମ୍ବାର ଜଣାଇବା ପରେ ବି ଚୁପ୍ ରହିଛି ପ୍ରଶାସନ

ନନ୍ଦାହାଣ୍ଡି,୧୬।୮(ପ୍ରତୀପ କୁମାର ଦାଶ)

ବିଦ୍ୟାଳୟରେ ପାଠପଢ଼ା ସହ ମଧ୍ୟାହ୍ନ ଭୋଜନରେ ପୁଷ୍ଟିକର ଖାଦ୍ୟ ଯୋଗାଇବା ପାଇଁ ସରକାରୀ ଯୋଜନା ହିସାବରେ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି। ସମସ୍ତ ବିଦ୍ୟାଳୟ ମଧ୍ୟରେ ପିଇବା ପାଣି ପାଇଁ ମଧ ସୁବିଧା କରାଯାଇଛି। କିନ୍ତୁ ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକର ନରସିଂହଗୁଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରାୟ ଏକ ବର୍ଷରୁ ଊର୍ଦ୍ଧ୍ୱ ସମୟରୁ ପିଇବା ପାଣି ସମସ୍ୟା ଦେଖା ଦେଇଛି।

ବିଦ୍ୟାଳୟରେ ଚଳିତ ବର୍ଷ ୨୦୦ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ସେମାନଙ୍କ ପାଇଁ ମଧ୍ୟାହ୍ନ ଭୋଜନ ମଧ ହେଉଛି । ବିଦ୍ୟାଳୟ ପରିସର ମଧ୍ୟରେ ଗୋଟିଏ ନଳକୂପ ବର୍ଷ ତଳୁ ଖୋଳା ଯାଇଥିବାବେଳେ ଏବେ ସେଠାରୁ ଗୋଳିଆ ଦୁର୍ଗନ୍ଧମୟ ପାଣି ବାହାରୁଛି। ଯାହାକି ପିଇବା ଏବଂ ରୋଷେଇ କରିବା ଯୋଗ୍ୟ ନାହିଁ। ୨୦୦ ପିଲାଙ୍କ ରୋଷେଇ ପାଇଁ ବହୁ ପରିମାଣର ପାଣି ଆବଶ୍ୟକ ହେଉଥିବାରୁ ବିଦ୍ୟାଳୟ ବାହାରୁ ପାଣି ଆଣିବା କଷ୍ଟ ହେଉଥିବା ରୋଷେୟାମାନେ କହିଛନ୍ତି। ପିଇବା ପାଣି ପାଇଁ ଛାତ୍ରୀଛାତ୍ର ସ୍କୁଲ ବାହାରକୁ ଯିବାକୁ ବାଧ ହେଉଛନ୍ତି। ବିଦ୍ୟାଳୟ ପକ୍ଷରୁ ଅଭିଯୋଗ ପରେ ନଳକୂପ ପାଣିର ନମୂନା ପରୀକ୍ଷା ପାଇଁ ପଠା ଯାଇଥିଲା। ୭ ଫେବୃଆରୀ ୨୦୨୨ରେ ନମୁନା ପରୀକ୍ଷା କରି ଏକ ରିପୋର୍ଟ ଦିଆଯାଇଥିଲା। ରିପୋର୍ଟ ମୁତାବକ ଏହି ନଳକୂପର ପାଣି ବ୍ୟବହାର ଯୋଗ୍ୟ ନାହିଁ । ୨୦୨୨ ଏପ୍ରିଲ ମାସରେ ଗ୍ରାମବାସୀ ଏବଂ ବିଦ୍ୟାଳୟ କମିଟି ପକ୍ଷରୁ ଉକ୍ତ ରିପୋର୍ଟ ସଂଲଗ୍ନ କରି ଏକ ଲିଖିତ ଅଭିଯୋଗ ବିଡିଓଙ୍କୁ ଦିଆଯାଇଥିଲା। ସମସ୍ୟା ସମାଧାନ ପ୍ରତିଶ୍ରୁତି ମିଳିଥିଲା କିନ୍ତୁ ଫଳ ଶୂନ। ବେଳେବେଳେ ପିଲାମାନେ ଉକ୍ତ ନଳକୂଅରୁ ପାଣି ପିଇଦେଉଥିବାରୁ ସେମାନଙ୍କ ସ୍ୱାସ୍ଥ୍ୟ ଖରାପ ହେବାର ଆଶଙ୍କା ରହିଛି। ସମସ୍ୟା ସମ୍ପର୍କରେ ପ୍ରଶାସନକୁ ଜଣାଇବା ବ୍ୟତିତ ଅନ୍ୟ କୌଣସି ଉପାୟ ନ ଥିବା ପ୍ରଧାନ ଶିକ୍ଷକ ବଳିରାମ ଭତରା କହିଛନ୍ତି। ଏ ବିଷୟରେ ନନ୍ଦାହାଣ୍ଡି ବିଡିଓ କ୍ଷୀରୋଦ ଚନ୍ଦ୍ର ସାହୁଙ୍କୁ ପଚାରିବାରୁ ଆର୍‌ଡବ୍ଲୁଏସ୍‌ଏସ୍ ଜେଇଙ୍କୁ ସେହି ସ୍କୁଲକୁ ପଠାଇ ସମସ୍ୟା ସମାଧାନ କରାଇବେ ବୋଲି କହିଛନ୍ତି।



# ଭିଜିଲାନ୍ସ ଜାଲରେ ସିଡିପିଓ, ସୁପରଭାଇଜର

ଭଦ୍ରକ, ୧୬।୮
(ସନାତନ ରାଉତ)

ଭଦ୍ରକ ବ୍ଲକ ସିଡିପିଓ ସୁନନ୍ଦା ଦାସ ଓ ସୁପରଭାଇଜର ସୁଲୋଚନା ବେହେରା ବୁଧବାର ୧୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି।

ସୂଚନା ଅନୁଯାୟୀ, ୨୦୨୦ ଜୁଲାଇ ୭ ତାରିଖରେ ଭଦ୍ରକ ବ୍ଲକ ବଣିଆ ପଞ୍ଚାୟତର ସରଗଡ଼ିଆ ମିନି ଅଙ୍ଗନୱାଡ଼ି କେନ୍ଦ୍ରରେ ଅଙ୍ଗନୱାଡି କର୍ମୀ ନିଯୁକ୍ତି କରାଯାଇଥିଲା। ଉକ୍ତ ଗ୍ରାମର ପ୍ରଶାନ୍ତ କୁମାର ସେଠୀଙ୍କ ଝିଅ ଇତିଶ୍ରୀ ସେଠୀଙ୍କୁ ନିଯୁକ୍ତି ବେଳେ ସିଡିପିଓ ୫୦ ହଜାର ଟଙ୍କା ଲାଞ୍ଚ



ସିଡିପିଓ ସୁନନ୍ଦା ଦାସ।

ମାଗିଥିଲେ। ସେତେବେଳେ ଇତିଶ୍ରୀ ଟଙ୍କା ଦେଇ ନ ଥିଲେ। ପରେ ସିଡିପିଓ ଅତିକମ୍‌ରେ ୧୦ ହଜାର ଟଙ୍କା ନ ଦେଲେ ଚାକିରି କ୍ଷେତ୍ରରେ ବିଭିନ୍ନ ଅସୁବିଧା ସୃଷ୍ଟି କରିବି ବୋଲି ବାରମ୍ବାର ଧମକ ଦେଉଥିଲେ। ଏନେଇ ପ୍ରଶାନ୍ତ ବାଲେଶ୍ୱର ଭିଜିଲାନ୍ସ ଅଫିସରେ ମଙ୍ଗଳବାର ଅଭିଯୋଗ କରିଥିଲେ। ଗୁରୁବାର ସିଡିପିଓ ଦାସ ଜିଲା ସମାଜ ମଙ୍ଗଳ କାର୍ଯ୍ୟାଳୟରେ ସୁପରଭାଇଜର ସୁଲୋଚନାଙ୍କୁ ୧୦ ହଜାର ଟଙ୍କା ଦେବା ପାଇଁ କହିଥିଲେ। ପ୍ରଶାନ୍ତ ସୁଲୋଚନାଙ୍କୁ ଏହି ଟଙ୍କା ଦେଉଥିବା ବେଳେ ଭିଜିଲାନ୍ସ ଟିମ୍ ତାଙ୍କୁ ଧରିଥିଲେ। ଏନେଇ ମାମଲା (ନଂ. ୨୧/୨୩) ରୁଜୁ କରି ଉଭୟଙ୍କୁ ଗିରଫ କରାଯାଇଛି। ବାଲେଶ୍ୱର ଓ ଭଦ୍ରକ ଭିଜିଲାନ୍ସ ଟିମ୍‌ର ଏହି ମିଳିତ ଚଢ଼ାଉରେ ବାଲେଶ୍ୱର ଭିଜିଲାନ୍ସ ଅତିରିକ୍ତ ଏସ୍‌ପି ଏସ୍‌କେ ମାଝୀ, ଡିଏସ୍‌ପି ଦକ୍ଷିଣଚରଣ ମୁର୍ମୁ, ଇନ୍ସପେକ୍ଟର ଦୁଷ୍ମନ୍ତ ନାୟକ, ଉଲୁକି ବେହେରା, ଜସ୍ମିନୀ ପୋଇ, ଭଦ୍ରକ ଡିଏସ୍‌ପି ସନ୍ତୋଷ କୁମାର ସାମନ୍ତରାୟଙ୍କ ସମେତ କର୍ମଚାରୀମାନେ ସାମିଲ ଥିଲେ।

# ପଥର ଖାଦାନରେ ମାଟି ଅତଡ଼ା ଖସି ଜଣେ ମୃତ, ୪ ଶ୍ରମିକ ଗୁରୁତର

ସୋର, ୧୬।୮ (ଜନ୍ମେଜୟ ମିଶ୍ର): ବାଲେଶ୍ୱର ଜିଲା ସୋର ବ୍ଲକ ମହୁମୁହାଣ ପଞ୍ଚାୟତ ଖଞ୍ଜାମାହାଲ ପଥର ଖାଦାନରେ ବେଆଇନ ପଥର ଖାଦାନରେ ବେଆଇନ ବ୍ଲାଷ୍ଟିଂ ଲାଗି ପ୍ରସ୍ତୁତି ଚାଲିଥିବା ବେଳେ ମାଟି ଅତଡ଼ା ଖସି ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ୪ଜଣ ଶ୍ରମିକ ଗୁରୁତର ଆହତ ହୋଇ ପ୍ରଥମେ ସୋର ଏବଂ ପରେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ ହୋଇଛନ୍ତି। ମୃତ ଶ୍ରମିକ ହେଲେ ନୀଳଗିରି ମିତ୍ରପୁର ଅଞ୍ଚଳର ତିରି ସିଂ। ଗୁରୁତର ୪ଜଣ ହେଲେ ପାଗଡାଶୋଳ ରିଙ୍ଗପୁର ଗ୍ରାମର ରଙ୍ଗା ସିଂ, ଦାମ ସିଂ, ରମା ସିଂ ଓ ଶିବୁ ସିଂ। ସ୍ଥାନୀୟ ଲୋକେ ସମସ୍ତ ଆହତଙ୍କୁ ଉଦ୍ଧାର କରି ଖାଦାନ ସଂଘ ଆମ୍ବୁଲାନ୍ସରେ ସୋର ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ସମସ୍ତଙ୍କ ଅବସ୍ଥା ଗୁରୁତର ଥିବାରୁ ସମସ୍ତଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିଲା। ତେବେ ସେଠାରେ ମାଟି ଅତଡ଼ା ତଳେ ଦୁଇ ଶ୍ରମିକ ପୋତି ହୋଇରହିଥିବା ସୂଚନା ମିଳିବା ପରେ ସୋର ଅଗ୍ନିଶମ ବିଭାଗର ଦମକଳ, ସୋର ତହସିଲଦାର ବସନ୍ତ କୁମାର ସାହାଣୀ, ସୋର ପୋଲିସ ଏଏସ୍‌ଆଇ ସବ୍ୟସାଚୀ ମହାନ୍ତି ପହଞ୍ଚି ଦୀର୍ଘ ସମୟ ପର୍ଯ୍ୟନ୍ତ ଖୋଜାଖୋଜି କରିଥିଲେ ମଧ୍ୟ କିଛିପାଇ ନ ଥିଲେ। ତେବେ ପ୍ରଶାସନ ପହଞ୍ଚିବା ପୂର୍ବରୁ ବେଆଇନ ଖାଦାନ ମାଫିଆମାନେ ଶ୍ରମିକଙ୍କ ମୃତଦେହକୁ ଗାୟବ କରିଦେଇଥିବା ସ୍ଥାନୀୟ ଚର୍ଚ୍ଚା ହେଉଛି।

# ନଭେମ୍ବର ୯, ୧୦ରେ ମିଲେଟ ସମ୍ବନ୍ଧୀୟ ଅନ୍ତର୍ଜାତୀୟ ସମ୍ମିଳନୀ

ଭୁବନେଶ୍ୱର, ୧୬।୮ (ବ୍ୟୁରୋ)

ପୁଷ୍ଟି ଶସ୍ୟ ମିଲେଟ୍‌ର ବ୍ୟାପକ ପ୍ରଚାର ଓ ପ୍ରସାର ଦିଗରେ ରାଜ୍ୟ ସରକାର ପ୍ରାଥମିକତା ପ୍ରଦାନ କରୁଛନ୍ତି। ଏହି ପରିପ୍ରେକ୍ଷୀରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ ମିଲେଟ୍ ସମ୍ବନ୍ଧୀୟ ୨ ଦିନିଆ ଆନ୍ତର୍ଜାତିକ ସମ୍ମିଳନୀର ଆୟୋଜନ କରାଯାଉଛି। ମିଳିତ ଜାତିସଂଘ ପକ୍ଷରୁ ଚଳିତ ୨୦୨୩ ବର୍ଷକୁ ଅନ୍ତର୍ଜାତୀୟ ମିଲେଟ୍ ବର୍ଷ ଭାବେ ଘୋଷଣା କରାଯାଇଛି। ଏହିଉପଲକ୍ଷେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ନଭେମ୍ବର ୯ ଏବଂ ୧୦ରେ ୨ ଦିନିଆ ଆନ୍ତର୍ଜାତିକ ସମ୍ମିଳନୀ ଭୁବନେଶ୍ୱର ଜନତା ମଇଦାନଠାରେ ଅନୁଷ୍ଠିତ ହେବ ବୋଲି କୃଷି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ଭାରତର ପ୍ରଥମ ରାଜ୍ୟ ଭାବେ ଓଡ଼ିଶା ପ୍ରତିବର୍ଷ ନଭେମ୍ବର ୧୦କୁ ମାଣ୍ଡିଆ ଦିବସ ଭାବେ ପାଳନ କରାଯାଉଛି। ଆନ୍ତର୍ଜାତିକ ସମ୍ମେଳନ ପାଳନ ନିମନ୍ତେ ବୁଧବାର କୃଷି ଭବନଠାରେ ସାଙ୍ଗଠନିକ କମିଟିର ପ୍ରଥମ ପ୍ରସ୍ତୁତି ବୈଠକ କୃଷି ବିଭାଗର ପ୍ରମୁଖ ଶାସନ ସଚିବ ଅରବିନ୍ଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମିଲେଟ୍ ରିସର୍ଚ୍ଚ, ଇକ୍ରିସାଟ୍, ଖାଦ୍ୟ ଓ କୃଷି ସଙ୍ଗଠନ, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ୟର୍କ ବିଶ୍ୱବିଦ୍ୟାଳୟ, ଏସ୍‌ସିଏସ୍‌ଟିଆର୍‌ଟିଆଇ ଏବଂ ଅନ୍ୟାନ୍ୟ ଅନୁଷ୍ଠାନଗୁଡ଼ିକର ସହଯୋଗରେ ସମ୍ମିଳନୀର ଆୟୋଜନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି।


## OFFICE OF THE ENGINEER-IN-CHIEF (CIVIL), ODISHA
NIRMAN SOUDHA, UNIT - V, BHUBANESWAR
E-mail ID: cebuildings_orissa@yahoo.co.in, cebuildings@rediffmail.com, Tel. (0674) 2391523

INVITATIONS FOR BIDS (IFB)

File No. B-I-Home(Jud.)-78/2022-32915 / Bhubaneswar, the 9th Aug., 2023

Invitation for Bids

2nd Corrigendum

**Tender Reference No. OSD C.E. (B) - 14/2023-24**
**Name of the Work: Construction of District Court Building (G-3) at Phulbani**

No. B-682: The following changes have been made in Bid Identification No. **OSD C.E. (B) - 14/2023-24**.

1. Bid documents such as DTCN/BOQ etc. can be seen/downloaded from the Govt. Website i.e. **www.tendersorissa.gov.in**, during the period from **Dt.21.08.2023 to 17.00 hours of Dt.04.09.2023** instead of **Dt.09.08.2023 to Dt.23.08.2023** for ONLINE BIDDING respectively.
2. **Online** bids shall be received **till 17.00 hours of Dt.04.09.2023** instead of **Dt.23.08.2023**.
3. The technical bids will be opened at **11.30 A.M. of Dt.05.09.2023** instead of **Dt.24.08.2023**.

All other terms and conditions remain unchanged.

Sd./- OSD C.E. (Buildings)
Odisha, Bhubaneswar

OIPR-34117/11/0047/2324

## GOVERNMENT OF ODISHA
E-mail ID: eerwrairangpur@yahoo.com

## OFFICE OF THE SUPERINTENDING ENGINEER RURAL WORKS DIVISION RAIRANGPUR (MAYURBHANJ)

Letter No. 3476 — Date: 11.08.2023

"e" Procurement Notice for Building Works

No. O-
Bid Identification No. RWDRRP - 03/2023-24

1. Name of the Work : Construction of 2 Nos. D type Qtrs. at Tiring Tahasil in the district of Mayurbhanj for the year 2023-24
2. Estimated Cost : From Rs.76.63 lakhs (Approximately).
3. Class of Contractor : "B" Class or relevant class of works license
4. Period of Completion : 06 (Six Calendar Months)
5. Tender Paper Cost : Rs.10,000/-

The details are as follows

| Procurement Officer | Bid Identification No. | Availability of Tender Online for Bidding | | Last date & Time of seeking Tender Clarification | Date & Time of Opening of Tender in O/o. S.E. Rural Works Division, Rairangpur | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| S.E.R.W. Division, Rairangpur | RWDRRP-03/2023-24 | 18.08.2023 at 11.00 A.M. | 31.08.2023 upto 5.00 P.M. | 29.08.2023 upto 5.00 P.M. | 01.09.2023 at 11.30 A.M. | 04.09.2023 at 11.30 A.M. |

Further details can be seen from the website **www.tendersodisha.gov.in**

OIPR-25107/11/0003/2324 — Sd./- Er. D. Behera, Superintending Engineer, R.W. Division, Rairangpur

## Government of Odisha, e- Procurement Notice
INVITATION FOR BIDS (IFB)
Bid Identification No. C.C.E.Dkl.(R&B) 10/2023-24
Email Id: sedklpwd@gmail.com
Letter No.2449/Dt.14.08.2023

**No.B:**The Chief Construction Engineer, Dhenkanal (R&B) Circle, Dhenkanal on behalf of Governor of Odisha invites Percentage Rate bids in double cover system to be received in ONLINE MODE from eligible contractors for construction of Road works as detailed below:

1. Name of the work : Road/ Bridge Works
2. No of works : 17 (Seventeen) Nos.
3. Estimated Cost : Rs.1.47 crore to Rs.8.16 crore (as given in column No.03 of table)
4. Cost of tender paper : Rs.10,000.00
5. Class of contractor : 'B', 'A' & 'Special' Class (as given in column No.07 of table)
6. Period of Completion of work: 05 (Five) to 11 (Eleven) Calendar Months (As given in column No.08 of table)
7. Date and time of availability of bid Document in the website: From Dt.17.08.2023 to 5.30 P.M. of Dt.31.08.2023
8. Date of opening of bid : Dt.01.09.2023 at 11.30 hours

The bidders have to participate in ONLINE biding only further details can be seen from the e- Procurement Portal: www.tendersodisha.gov.in. Any addendum / corrigendum / cancellation of tender can also be seen in the said website.

Sd./-
Chief Construction Engineer
Dhenkanal (R&B) Circle, Dhenkanal

OIPR-34132/11/0014/2324

## OFFICE OF THE PRINCIPAL
Govt. Women's College, Baripada
ENGAGEMENT OF GUEST FACULTIES

No. N-58: A Walk-in-Interview for engagement of Guest Faculties in this College for the Department of Sanskrit, Sociology and Hindi will be held on 28.08.2023.
For detail information follow Notice No. 1117 Dated: 12.08.2023 available in the College website **(www.govtwomenscollegebaripada.com)**.

OIPR-11111/11/0002/2324 — Sd./- Principal

## Directorate of Higher Secondary Education, Odisha
Vacant Seat e-Admission (Phase-II) in Higher Secondary Schools for the Session 2023-24

No. N-57:- Phase-II e-Admission (Class-XI) against vacant seats available in Higher Secondary Schools of the State shall be commenced from 16.08.2023 in online mode through www.samsodisha.gov.in for the academic session 2023-24.

**Eligibility Criteria:**
1. Applicants must have passed the High School Certificate (HSC) Examination conducted by Board of Secondary Education (BSE), Odisha or its equivalent Boards.
2. No reservation or weightage claim shall be considered for the vacant seat admission.

**Instruction:**
1. The applicants and parents/guardians are requested to read the "Common Prospecturs" available in the SAMS portal throughly to know the procedure prior to filling and submission of on-line Common Application Form (CAF).
2. The CAF Fee must be paid through online mode only (details available in Common Prospectus)
3. Candidates who had applied during the Phase-I e-admission session 2023-24 but not selected in any Higher Secondary School, may apply again through their existing login without paying the CAF fee.
4. Apply and select Higher Secondary School of your choice by yourself. Never let others to apply on your behalf.
5. Applicants are advised to fill-up the on-line CAF carefully unless it may subject to rejection.
6. The list of Higher Secondary School with vacancy will only be made available for choice of preference / selection.
7. All relevant documents are to be verified at the selected Higher Secondary School during the time of admission only.
8. Candidates selected in Phase-II 1st selection shall not be eligible for On-line Phase-II SPOT Selection.
9. Before Phase-II SPOT Selection, all not-selected applicants will get a chance to modify their options provided during the Phase-II CAF.
10. Students who have already taken admission in a HSS, but now got selected in another HSS in the Phase-II and wants to take admission, are informed to bring the CLC from last institution in physically.

**Procedures**:
1. Fresh applicants need to register themselves in the website "www.samsodisha.gov.in" by using their mobile number & email address. Those who have already registered earlier on "www.samsodisha.gov.in" will use their respective logins to apply afresh for admission.
2. All other process such as application submission etc. will be as per the provisions laid in "Common Prospectus" available in the website "www.samsodisha.gov.in" for e-Admission.
3. Applicants will be intimated about their selection and admission reporting time through SMS/WhatsApp, in their SAMS Login, on the HSS online merit list (www.samsodisha.gov.in) and on the HSS notice board. Intimation letter will be generated in the applicant's login and also be shared through WhatsApp in Phase-II, 1st Selection only.

SAMS e-Admission (Vacant Seat) Schedule 2023-24 (Phase-II)

| Sl# | Activities | Timeline |
|---|---|---|
| 1 | Availability of On-line Common Application Form (CAF) in www.samsodisha.gov.in for Vacant Seat Admission | 16.08.2023 |
| 2 | Last date of on-line applying on-line CAF through www.samsodisha.gov.in | 28.08.2023 (11.55 PM) |
| 3 | Publication of 1st selection merit list | 04.09.2023 (11.30 AM) |
| 4 | Reporting of selected candidates at the Selected HSS for Admission | 05.09.2023 (09.00 AM) |
| 5 | Last date of reporting of selected candidates at the Selected HSS for Admission | 07.09.2023 (05.00 PM) |
| 6 | Last date for admisison data updation and error correction by Higher Secondary Schools in SAMS e-Space | 08.09.2023 (05.00 PM) |
| 7 | Choice Locking facility for non-selected applicants to modify the Higher Secondary School options provided during the Phase-II CAF apply through respective student's login | 09.09.2023 |
| 8 | Last date for the non-selected applicants to modify the options provided during the Phase-II CAF apply | 10.09.2023 |
| 9 | Publication of the on-line SPOT selection merit and waiting list (05 times to the balance sheet) | 12.09.2023 (11.30 AM) |
| 10 | Reporting & admission of candidates (merit list only) for on-line SPOT admission in the respective Higher Secondary School | 13.09.2023 to 14.09.2023 (04.00 PM) |
| 11 | Registration of candidates (in form of **handwritten application**) from waiting list at selected Higher Secondary Schools if vacancy still exists | 15.09.2023 (09.00 AM to 03.00 PM) |
| 12 | Publication of merit list at Higher Secondary School level out of the registered waiting list candidates | 15.09.2023 (04.30 PM) |
| 13 | Admission data updation of the students who took admission in the SPOT Selection by the Higher Secondary Schools in the e-Space | 16.09.2023 (10.00 AM) to 17.09.2023 (04.00 PM) |

**For more details, please contact Sanjog Helpline (Toll Free) Number 155335,1800-345-6770**

OIPR-11033/11/0012/2324 — Sd./- Director, Higher Secondary Education

## NOTICE FOR CONTRACT TO PROVIDING NON TEACHING OUTSOURCING STAFF BY MANPOWER AGENCY TO BHIMA BHOI MEDICAL COLLEGE & HOSPITAL, BALANGIR.

No. E-326:- Sealed Tender is invited from Organization/Firms/ Agencies/ for Contract to providing Non-Teaching outsourcing staff by Manpower agency to Bhima Bhoi Medical College and Hospital, Balangir-767001. The Tender paper completed in all respect should be submitted separately for the service to the undersigned on or before **Dt.11.09.2023 up to 04.00 PM** in the Office of the Superintendent, BBMCH, Balangir. The details and terms and conditions can be downloaded from https://bbmchbalangir.nic.in.

Superintendent
Bhima Bhoi Medical College & Hospital, Balangir

OIPR-10141/11/0010/2324

## OFFICE OF THE PANCHAYAT SAMITI,CHANDBALI
At/Po-Chandbali, Dist-Bhadrak, Pin-756130
e-mail:ori-chandbali@nic.in

No.i-308: INVITATION FOR BIDS (IFB)
BID IDENTIFICATION NO.5/2023-24, Dt.11.08.2023

| Sl. No. | Name of Work | Amount put to tender Rs. P. | EMD Rs. P. | Time for Completion | Class of Contractor | Cost of document Rs. P. |
|---|---|---|---|---|---|---|
| 1 | Construction of Aspirational School (5T) BATOL HIGH School Under ARADI G.P. | 1434995.00 | 14350.00 | Six Calendar Months | C & Above | 6000.00 |

1. Date & Time: 10 A.M. of 11.08.2023 to 3 PM of 21.08.2023
2. Last Date: Upto 3 PM of 21.08.2023.
3. Time of Opening: 10 AM of 22.08.2023.
4. Name and Address: Block Development Officer, Chandbali, Bhadrak.

Further details can be seen from the website portal https://bhadrak.nic.in/. The interested bidders can contact office of the Block Development Officer, Chandbali, Dist-Bhadrak, Contact No-9437228182.

Sd./- Block Development Officer
Chandbali

OIPR-19183/11/0004/2324

## Government of Odisha "e" Procurement Notice
## WORKS DEPARTMENT
Bid Identification No. C.C.E.K.C., Keonjhar No. 22 / 2023-24
e-mail: ccekeonjharpwdcircle@gmail.com / sekcpwd_keonjhar@yahoo.com
No.B-679: Letter No.4246, Dt.11.08.2023

1. No. of the work : 7 number Building Works.
2. Estimated cost : Rs. 110.13 Lakhs to Rs. 267.86 Lakhs
3. Class of Contractor : "B" & "A" Class
4. Period of completion : 06 (Six) Calendar Months
5. Date and Time of availability of Bid document in the portal : From 11.00 Hours of 16.08.2023 to 16.00 Hours of 30.08.2023
6. Last date / Time for receipt of bids in the portal : 16.00 Hours of 30.08.2023
7. Date of opening of Bid from Portal : 11.30 Hours on 31.08 2023
8. Name and address of the officer inviting Bid : Chief Construction Engineer, Keonjhar (R&B) Circle, Keonjhar- 758001

Further details can be seen from the e-procurement portal "http://tendersodisha.gov.in."

Sd./- Chief Construction Engineer
Keonjhar (R&B) Circle, Keonjhar
OIPR-34033/11/0038/2324

## OFFICE OF THE DEAN & PRINCIPAL FAKIR MOHAN MEDICAL COLLEGE & HOSPITAL, BALASORE
At/Po-Remuna,Dist- Balasore, Pin- 756019 (Odisha)
E-mail:dean.fmmchb@gmail.com, Tel 06782-224901, Fax:06782-224901
No.3295/D/FMMCHB — Date:14.08.2023

TENDER CALL NOTICE

**No.E-327:**Sealed tenders are invited from the registered firms for supply of Books & Journals (Medical) for the financial year 2023-24 in two -bid system (Technical & Financial) so as to reach the office of the undersigned within twenty-one days from the date of publication of the advertisement till 5.00 p.m. The detailed tender paper, terms & conditions and list of medical.Books and Journals can be obtained from the office of the undersigned on payment of Rs. 2,000/- cash (non-refundable) at the accounts section. The details are also available in the website: www.dmetodisha.gov.in & www.blsmch.nic.in . Those who will download the tender documents from website should enclose a DD for Rs.2,000/- towards cost of tender paper in favour of Dean & Principal, F.M. Medical College & Hospital, Balasore payable at the CANARA BANK, BALASORE. The books and Journals will be procured subject to availability of funds.Bidders applying for books as well as for journals should superscribe clearly over them and submit separate envelopes.
The undersigned reserve the right to cancel of the tender in full or parts at any time without assigning any reason thereof.

Sd/- Dean & Principal
Fakir Mohan Medical College & Hospital, Balasore

OIPR-10134/11/0013/2324

## PRADHAN MANTRI GRAM SADAK YOJANA (PMGSY)
e-Procurement Notice
PMGSY Online-BLGR-15/2023-24

No. O-652: The Chief Construction Engineer, R.W. Circle, Bolangir on behalf of Odisha State Rural Road Agency invites the percentage rate bids in electronic tendering system for construction of roads/bridges under Pradhan Mantri Gram Sadak Yojana in the districts of Bolangir for 2 (Two) number of packages with approximated estimated cost totaling to Rs.20.40 Cr. including their maintenance for five years from the eligible contractors registered with State PWD/CPWD/MES/Railways. The registered bidder of outside Odisha, can also participate in this process, but shall have to subsequently undergo registration with the appropriate authority of the State Govt. preferably within a month of the deadline for bid submission, but prior to signing of the contract.
Date of release of Invitation for Bids through e-procurement Dtd.14.08.2023.
**Availability of bid documents and mode of submission:** The bid document is available online and should be submitted online in **www.pmgsytenders.gov.in**. The bidder would be required to register in the website which is free of cost. For submission of the bids, the bidder is required to have a valid Digital Signature Certificate (DSC) from one of the authorized Certifying Authorities. The bidders are required to submit (a) Original Demand Draft towards the cost of bid document and (b) Original Bid Security in approved form and (c) Original Affidavit regarding correctness of information furnished with bid document as per provisions of Clause 4.4B (a) (ii) of ITB with **Chief Construction Engineer, R.W. Circle, Bolangir/E.E./R.W. Division Patnagarh**, on a date not later than three working days after the opening of technical qualification part of the Bid, either by Registered Post or By Hand, failing which the bids shall be declared non-responsive.
**Last date/time for receipt of bids through e-procurement: 11.09.2023** upto 5.00 P.M. For further details please log on to **www.pmgsytenders.gov.in**.

Sd./- Chief Construction Engineer
R.W. Circle, Bolangir

OIPR-25118/11/0021/2324

## OFFICE OF THE ENGINEER-IN-CHIEF (CIVIL), ODISHA
NIRMAN SOUDHA, UNIT-V, BHUBANESWAR
E-mail ID: cebuildings_orissa@yahoo.co.in, cebuildings@rediffmail.com, Tel.: (0674) 2391523

INVITATIONS FOR BIDS (IFB)

File No. B-I-Tourism-26/2023 — Lr. No. 33413 — Dt. 11th Aug., 2023

No. B-681 — Invitation for Bids

Bid Identification No. C.E. (B) - 22/2023-24

| | | | |
|---|---|---|---|
| 1. | The Chief Engineer, Buildings, Odisha, Bhubaneswar on behalf of Governor of Odisha invites percentage rate bids in double cover system in ONLINE MODE only, for the work "Renovation, Restoration & Beautification of Panchalingeshwar Temple, Oupada in Balasore District" amounting to Rs.12,84,00,000/- (Approximate) as detailed below. | | |
| 2. | Nature of Work | : | Building Work |
| 3. | No. of Work | : | 01 No. |
| 4. | Bid Cost | : | Rs.10,000/- (Each) |
| 5. | Class of Contractor | : | 'A' / Special Class |
| 6. | Availability of Bid documents in the website | : | From Dt.18.08.2023 to 17.00 hours of Dt.01.09.2023. |
| 7. | Date of opening of Bids | : | Dt.02.09.2023 at 11.30 A.M. |
| 8. | The bidders have to participate in ONLINE bidding only. Further details can be seen from the website: **https://tendersodisha.gov.in**. Any addendum/corrigendum/cancellation of tender can also be seen in the said website only. | | |

Sd./- Chief Engineer, Buildings
Odisha, Bhubaneswar

OIPR-34117/11/0046/2324

## OFFICE OF THE SUB-COLLECTOR,BHUBANESWAR
(Social Welfare Section)
Letter No.8300 — Date:14.08.2023

TENDER CALL NOTICE

**No.F-105:**Sealed tenders in prescribed form are invited from the intending individuals/Firms/Authorized Dealers/Reputed Suppliers/ Registered, Manufacturer/ Cooperative societies for supply & installation of Digital Flex Banners on MAMATA Scheme in Bhubaneswar Sub- Division of Khordha District. The tender paper containing terms & conditions, EMD,statutory requirement and Prototype of the Digital Flex Banner can be downloaded from the district website-www.khordha.nic.in. The tender complete in all respects along with necessary documents in sealed covers along with non-refundable D.D of Rs.1.000/- (Rupees One Thousand only) in favour of concerned CDPOs of ICDS Projects (As per Annexure-A) under Bhubaneswar Sub-division towards cost of tender paper should reach in the respective ICDS Project offices of Bhubaneswar Sub-division through Registered Post/Speed Post/By person by 12 pm on dt.22.08.23. Sub-Collector, Bhubaneswar reserves the right to reject/cancel/withdraw any or all the bidders without assigning any reasons thereof and shall bear no liability what so ever consequent upon such decision.

Sd./- Sub-Collector, Bhubaneswar
OIPR-24119/11/0002/2324

## OFFICE OF THE MUNICIPAL COUNCIL, BRAJRAJNAGAR
No. 4404 — Dt.11.08.2023

QUOTATION CALL NOTICE

No. C-1051: Sealed quotations are invited by the undersigned from the intending Dealers/Suppliers for supply of **Portable Fogging Machine** 01 No. in best quality to this Muncipality, having required certificates i.e. IT, GST for supplying of **Portable Fogging Machine** to Brajrajnagar Municipality. The quotationer should quote the rate including all applicable taxes and transporting charges. The quotations should reach in the office of the undersigned on or before Dt.21.08.2023 upto 12.30 P.M. and no quotation will be entertained beyond the stipulated period. The quotation will be opened on same day i.e. 21.08.2023 at 4.00 P.M. in the presence of the quotationers or their authorized representatives. The authority reserves the right to accept or cancel any or all the quotations without assigning any reason thereof.

**Terms & Condition:**
1. Defective materials will not be accepted.
2. EMD deposit Rs.10,000/- will be made by the Bank Draft in favour of Executive Officer, Brajrajnagar Municipality.
3. Payment will be made after the delivery of Bicycle.

Sd./- Executive Officer
Brajrajnagar Municipality

OIPR-13099/11/0014/2324

## GOVERNMENT OF ODISHA DEPARTMENT OF WATER RESOURCES
INVITATION FOR BIDS (IFB)
"e" Procurement Notice-2 / 2023-24
No.A-435:
BID IDENTIFICATION NO.SAL-BDK-2-P1 OF 2023-24

1. Name of Work : Maintenance of Canal and Embankment (River & Saline) works
2. Class of Contractor : Varies from "D" Class to "B" Class
3. No of works : 8 Nos. (Details as per NIT available in Website)
4. Value of Work : Rs.8.34 Lakhs to 83.42 Lakhs
5. Time of Comptetion : 6 Calendar Months
6. Type of Bid : Percentage Bid
7. Summary for key dates is provided below:

| Procurement Officer | Bid Identification No. | Availability of tender for online bidding | | Date & Time of Opening Bid |
|---|---|---|---|---|
| | | From | To | |
| Superintending Engineer, Salandi Canal Division, Bhadrak | SAL-BDK-2 P1 OF 2023-24 | 17.08.2023 at 11.00 AM | 31.08.2023 upto 5.00 PM | 1.09.2023 at 11.00 A.M. |

Further details can be seen from the website http://www.tendersodisha-gov.in/ www.dowrodisha.gov.in. Any addendum/ Corrigendum/ Cancellation to the above notice will be published in this website only.

Sd./- Superintending Engineer
Salandi Canal Division, Bhadrak
OIPR-32005/11/0002/2324

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ବରଗଡ଼
(ସଂସ୍ଥା ଉପ ବିଭାଗ)

ପତ୍ର ସଂଖ୍ୟା: ୧୧୬୭୩ — ତାରିଖ: ୦୯।୦୮।୨୦୨୩

ପ୍ରାପ୍ତେଷୁ:
ରୋଜିପମା ପଟେଲ, ନିଲମ୍ବିତ ରାଜସ୍ୱ ନିରୀକ୍ଷକ
ତହସିଲ ଅଫିସ, ଭେଡ଼େନ
ପି.: ସ୍ୱର୍ଗତ ବୁଦ୍ଧଦେବ ପଟେଲ
ନି.: ଅମ୍ବାଭୋନା, ଜି.: ବରଗଡ଼

No. F-104: ଏତଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଉଅଛି ଯେ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପତ୍ର ସଂଖ୍ୟା 11209/ତା: 17.11.2021, ଅନୁଯାୟୀ ଆପଣଙ୍କ ଉପରେ ଏକ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଅଛି। ଉପ-ଜିଲ୍ଲାପାଳ, ବରଗଡ଼ ଜଣାଇଛନ୍ତି ଯେ ଆପଣ, ଆପଣଙ୍କ କାର୍ଯ୍ୟାଳୟରେ ଅନୁପସ୍ଥିତ ଥିବାରୁ ଉପରୋକ୍ତ ପତ୍ରଟି ତାମିଲ ହୋଇ ପାରିନାହିଁ, ଏଣୁ ପତ୍ର ସଂଖ୍ୟା 5852/25.05.2022 ଦ୍ୱାରା ତହସିଲଦାର ଅମ୍ବାଭୋନାଙ୍କୁ ଯେ ଉପରୋକ୍ତ ପତ୍ରଟି ଆପଣଙ୍କ ସ୍ଥାୟୀ ବାସସ୍ଥାନ ଠିକଣାରେ ପ୍ରେରଣ କରିବା ପାଇଁ ଅନୁରୋଧ କରାଗଲା ଏବଂ ତହସିଲଦାର ଅମ୍ବାଭୋନାଙ୍କ ପରବାନ ଜାରି କାରକ ଦ୍ୱାରା ଆପଣଙ୍କ ବାସସ୍ଥାନକୁ ପରବାନ ଜାରି କରିବା ପାଇଁ ପ୍ରେରିତ କରାଯାଇଥିଲା। କିନ୍ତୁ ତହସିଲଦାର ଅମ୍ବାଭୋନାଙ୍କ ପତ୍ର ସଂଖ୍ୟା 378/02.03.2023ରୁ ଜଣାଗଲା ଯେ, ଆପଣ, ଆପଣଙ୍କ ବାସସ୍ଥାନରେ ଅନୁପସ୍ଥିତି ଯୋଗୁଁ ଉପରୋକ୍ତ ପତ୍ରଟି ତାମିଲ ହୋଇ ପାରିଲା ନାହିଁ। ଏତଦ୍ୱାରା ଆପଣଙ୍କୁ 30.08.2023 ସୁଦ୍ଧା ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଉପସ୍ଥିତ ହୋଇ, ଉପରୋକ୍ତ ପତ୍ରଟି ଗ୍ରହଣ କରିବା ପାଇଁ ଅନୁରୋଧ କରାଗଲା। ଉକ୍ତ ତାରିଖ ସୁଦ୍ଧା ଉପସ୍ଥିତ ହୋଇ ପତ୍ରଟି ଗ୍ରହଣ ନ ହେଲେ ଏ ସମ୍ବନ୍ଧରେ ଆପଣଙ୍କର କିଛି କହିବାର ନାହିଁ ବୋଲି ଗ୍ରହଣ କରାଯାଇ, ନିୟମ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

OIPR-24347/11/0002/2324 — ସ୍ୱା./- ଜିଲ୍ଲାପାଳ, ବରଗଡ଼

## Government of Odisha
No. C-1043
"e" Procurement Notice
Bid Identification No. 18/2023-24

| | | | |
|---|---|---|---|
| 1. | Name of the work | : | 1 No. of work |
| 2. | Estimated Cost | : | Rs.67.50 lakh |
| 3. | Period of Completion | : | 45 (Forty Five) days |
| 4. | Date & Time of availability of bid document in the portal | : | From 11.00 A.M. of 17.08.2023 to 5.00 P.M. of 07.09.2023 |
| 5. | Last date/time for receipt of bids in the portal | : | 5.00 P.M. of 07.09.2023 |
| 6. | Name and address of the Officer Inviting Bid | : | Additional Chief Engineer, P.H. Division, Bhubaneswar |

Further details can be seen from e-procurement portal in the website **(http://tendersorissa.gov.in)**.

Sd./- Additional Chief Engineer
P.H. Division, Bhubaneswar
OIPR-13205/11/0014/2324

## OFFICE OF THE MUNICIPAL COUNCIL, TALCHER
'e' - Procurement Notice
Tender Reference No. TCRM-11/2023-24
Bid Identification No. 2023_ORULB_92275
No.3058/Dt.11.08.2023

No.C-1057:- Bid documents consisting of works with their estimated cost, cost of tender paper, EMD, time of completion, Class of Contractor, Court affidavit and the set of terms & conditions of Contract and other necessary documents can be seen in Govt. website i.e. www.tendersorissa.gov.in

| | | | |
|---|---|---|---|
| 1) | Name of the Work | :- | Civil work as mentioned in the website. |
| 2) | No. of Works | :- | 5 Nos. |
| 3) | Estimated Cost | :- | Rs.9.457 lakhs to Rs.19.767 lakhs |
| 4) | Period of Completion | :- | As per DTCN |
| 5) | Date & time of availability of Bid document in the portal | :- | dt.12.08.2023 at 4.00 PM |
| 6) | Last date & time for receipt of Bid in the portal | :- | dt.21.08.2023 at 5.00 PM |
| 7) | Date of Opening Bid | :- | dt.22.08.2023 at 11.00 AM |
| 8) | Name & Address of the Officer inviting the bid | :- | Executive Officer, Talcher Municipality |
| 9) | The bidders have to participate in ONLINE bidding only | | |

Further details can be seen from the procurement portal i.e. www.tendersorissa.gov.in

Sd./- Executive Officer, Talcher Municipality
OIPR-13077/11/0029/2324

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଲାସ୍ୟା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ସମସ୍ତଙ୍କ ବିକାଶ ହିଁ ପ୍ରକୃତ ବିକାଶ: ମୁଖ୍ୟମନ୍ତ୍ରୀ

## ୭୭ତମ ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ ସମାରୋହ

ଭୁବନେଶ୍ୱର, ୧୬।୮ (ଅନିଲ ଦାସ)

ଗରିବ ଲୋକ, ଚାଷୀ, ମହିଳା, ଜନଜାତି, କଳାକାର, ଯୁବ ସମାଜର ସବୁ ବର୍ଗର ଲୋକଙ୍କୁ ସାଥିରେ ନେଇ ଓଡ଼ିଶା ଆଗକୁ ବଢ଼ୁଛି। ସମସ୍ତଙ୍କ ବିକାଶ ହିଁ ପ୍ରକୃତ ବିକାଶ। ଏକ ସମୃଦ୍ଧ ରୂପାନ୍ତର ଓଡ଼ିଶା ଗଠନ ପାଇଁ ସମସ୍ତେ ମିଳିମିଶି କାମ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆହ୍ୱାନ ଦେଇଛନ୍ତି।

ଭୁବନେଶ୍ୱର ପ୍ରଦର୍ଶନୀ ପଡ଼ିଆଠାରେ ମଙ୍ଗଳବାର ଅନୁଷ୍ଠିତ ୭୭ତମ ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ ସମାରୋହରେ ଜାତୀୟ ପତାକା ଉତ୍ତୋଳନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ଭାରତର ସ୍ୱାଧୀନତା ସଂଗ୍ରାମ ବିଶ୍ୱ ଇତିହାସରେ ଏକ ନୂଆ ଯୁଗ ଆରମ୍ଭ କରିଥିଲା। ଏ ସଂଗ୍ରାମ ସମସ୍ତଙ୍କ ପାଇଁ ପ୍ରେରଣା ଥିଲା। ଆଜି ଭାରତ ବିଶ୍ୱର ପ୍ରମୁଖ ଶକ୍ତି ଭାବରେ ନିଜକୁ ପ୍ରତିଷ୍ଠା କରିପାରିଛି। ବିଭିନ୍ନ କ୍ଷେତ୍ରରେ ବିକାଶ ଆତ୍ମବିଶ୍ୱାସ ବୃଦ୍ଧି କରିଛି। ଚନ୍ଦ୍ରୟାନ-୩ ମହାକାଶ ଗବେଷଣା କ୍ଷେତ୍ରରେ ଭାରତର ଗୌରବ ବଢ଼ାଇଛି। ଓଡ଼ିଶା ରୂପାନ୍ତର ଯୁଗରେ ପହଞ୍ଚିଛି। ଶିକ୍ଷା, ସ୍ୱାସ୍ଥ୍ୟ, ପର୍ଯ୍ୟଟନ, ଭିତ୍ତିଭୂମି ଆଦି ବିକାଶର ସବୁ କ୍ଷେତ୍ରରେ ୫-ଟି ନୀତିର ପ୍ରୟୋଗ ନୂଆ ଆଶା ସୃଷ୍ଟି କରିଛି। ଧନୀ, ଗରିବ, ମଧ୍ୟବିତ୍ତ ସମସ୍ତେ ଏ ରୂପାନ୍ତରରେ ସାମିଲ ହୋଇଛନ୍ତି। ଓଡ଼ିଶାର ଅର୍ଥନୀତି ମଜଭୁତ ହେଉଛି। ଗରିବୀ କମିଛି। ଓଡ଼ିଶାକୁ ଏବେ ଲକ୍ଷ ଲକ୍ଷ କୋଟି ଟଙ୍କାର ପୁଞ୍ଜି ଆସୁଛି। ସଶକ୍ତୀକରଣ ପାଇଁ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଜରୁରୀ। ରାଜ୍ୟର ୪୩୭୩ ବ୍ୟାଙ୍କ ନ ଥିବା ପଞ୍ଚାୟତରେ ରାଜ୍ୟ ସରକାର ବ୍ୟାଙ୍କିଂ ଆଉଟ୍‌ଲେଟ ଖୋଲିବାକୁ ନିଷ୍ପତ୍ତି ନେଇଛନ୍ତି। ଏହାଦ୍ୱାରା ବରିଷ୍ଠ ନାଗରିକ, ମା', ଦିବ୍ୟାଙ୍ଗମାନେ ଉପକୃତ ହେବେ। ମଧୁବାବୁ ପେନ୍‌ସନ ଯୋଜନାରେ ଆଉ ୪ ଲକ୍ଷରୁ ଅଧିକ ଲୋକଙ୍କୁ ସାମିଲ କରାଯାଇଛି। ପ୍ରତି ଜୀବନ ମୂଲ୍ୟବାନ। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଏ ଦିଗରେ ସଫଳତାର ସହ ସେବା ଯୋଗାଉଛି। ବିଏସ୍‌କେୱାଇ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ବଡ଼ ରୂପାନ୍ତର ଆଣିଛି। ମା'ମାନେ ହେଉଛନ୍ତି ବିକାଶର ମୁଖ। ମିଶନ ଶକ୍ତି ମା'ମାନଙ୍କ ଟ୍ରାନ୍ସଫରମେଶନ ଇଞ୍ଜିନ ହୋଇଛି। ଚାଷୀ ଆମର ଗୌରବ। ଚାଷୀଙ୍କ ଫସଲ ବୀମା ପ୍ରିମିୟମ ଦାୟିତ୍ୱ ରାଜ୍ୟ ସରକାର ନେଇଛନ୍ତି। ଯୁବ ସମାଜକୁ ନିଯୁକ୍ତିକ୍ଷମ କରିବା ପାଇଁ ପ୍ରତିବର୍ଷ ୧ ଲକ୍ଷ ଯୁବତୀଯୁବକଙ୍କୁ ନୂତନ ଉନ୍ନତ ଅଭିଳାଷ (ନୂଆ) ଯୋଜନାରେ ତାଲିମ ଦିଆଯିବ। ଜଗନ୍ନାଥ ସଂସ୍କୃତିର ସୁରକ୍ଷା ସହ ପ୍ରତି ଗାଁରେ ଅତ୍ୟାଧୁନିକ ଡିଜିଟାଲ ଭିତ୍ତିଭୂମି ଭିତ୍ତିର ବିକାଶ ଆମର ଲକ୍ଷ୍ୟ। ଏଥିପାଇଁ ୪,୦୦୦ କୋଟି ଟଙ୍କାର 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ଅବସରରେ ସେ ଗାନ୍ଧୀ, ନେହେରୁ, ନେତାଜୀ, ଉତ୍କଳମଣି, ମଧୁବାବୁ, ନବକୃଷ୍ଣ ଚୌଧୁରୀ, ଗୋପବନ୍ଧୁ ଚୌଧୁରୀ, ଶହୀଦ ଲକ୍ଷ୍ମଣ ନାଏକ, ଶହୀଦ ବିର୍ସା ମୁଣ୍ଡା, ବୀର ସୁରେନ୍ଦ୍ର ସାଏ, ବକ୍ସି ଜଗବନ୍ଧୁ, ମା' ରମାଦେବୀ, ମାଳତୀ ଚୌଧୁରୀ, ଡ. ହରେକୃଷ୍ଣ ମହତାବ, ବିଜୁ ପଟ୍ଟନାୟକ, ପାର୍ବତୀ ଗିରିଙ୍କ ପରି ମହାନ୍ ସଂଗ୍ରାମୀଙ୍କୁ ସମ୍ମାନ ଜଣାଇଥିଲେ। ଏଥିସହ ଦେଶର ଶାନ୍ତି ଓ ସୁରକ୍ଷା ପାଇଁ ଶହୀଦ ହୋଇଥିବା ଅମର ଯବାନଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।



ଭୁବନେଶ୍ୱର ପ୍ରଦର୍ଶନୀ ପଡ଼ିଆଠାରେ ମଙ୍ଗଳବାର ଅନୁଷ୍ଠିତ ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ ସମାରୋହରେ ସମ୍ମିଳିତ ପରେଡ୍ ଅଭିବାଦନ ଗ୍ରହଣ କରୁଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

# ବରଗଡ଼ ଜିଲାରେ ହେବ ୩ ବୃହତ୍ ସେତୁ

- ୩୯ କୋଟି ଟଙ୍କା ମଞ୍ଜୁର କଲେ ମୁଖ୍ୟମନ୍ତ୍ରୀ
- ଉପକୃତ ହେବେ ୭ ଲକ୍ଷ ୨୫ ହଜାର ଲୋକ

ଭୁବନେଶ୍ୱର, ୧୬।୮ (ଅନିଲ ଦାସ)

ବରଗଡ଼ ଜିଲାରେ ୩ଟି ବୃହତ୍ ସେତୁ ନିର୍ମାଣ ହେବ। ଏଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ୩୯ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଏହି ୩ଟି ନୂତନ ସେତୁ ଦ୍ୱାରା ଜିଲାର ପ୍ରାୟ ୭.୨୫ ଲକ୍ଷ ଲୋକ ଉପକୃତ ହେବେ। ଜିଲାରେ ଗମନାଗମନ, ଆର୍ଥିକ ଅଭିବୃଦ୍ଧିରେ ଏହା ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି।

ବରପାଲିର ଜିଲୋଟ ନାଳ ଉପରେ ୧୨୦ ମିଟର ଦୀର୍ଘ ସେତୁ ନିର୍ମାଣରେ ୧୫ କୋଟି ଟଙ୍କା ଖର୍ଚ୍ଚ ହେବ। ଏହା ବରଗଡ଼ ଓ ବରପାଲି ବ୍ଲକ ମୁଖ୍ୟାଳୟକୁ ସଂଯୋଗ କରିବ। ଜିଲା ମୁଖ୍ୟାଳୟକୁ ମଧ୍ୟ ଯୋଗାଯୋଗ ସୁଗମ ହେବ। ପ୍ରାୟ ୨ ଲକ୍ଷ ୨୫ ହଜାର ଲୋକ ଉପକୃତ ହେବେ। ସେହିପରି ବରଗଡ଼ ପୌରାଞ୍ଚଳ ଆଗାଁ ନାଳ ଉପରେ ୬୦ ମିଟର ଦୀର୍ଘ ସେତୁ ନିର୍ମାଣ ପାଇଁ ୧୨ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏହା ବରଗଡ଼ ଜିଲା ମୁଖ୍ୟାଳୟ ସହିତ ବରପାଲି ଓ ଭେଡେନ ବ୍ଲକ ମୁଖ୍ୟାଳୟକୁ ଯୋଡ଼ିବ। ୨ ଲକ୍ଷ ୫୦ ହଜାର ଲୋକ ଉପକୃତ ହେବେ। ଅନୁରୂପ ଭାବେ ସରଳା ନାଳ ଉପରେ ୧୫୦ ମିଟର ଦୈର୍ଘ୍ୟ ବିଶିଷ୍ଟ ସେତୁ ପାଇଁ ୧୨ କୋଟି ଟଙ୍କା ମଞ୍ଜୁର ହୋଇଛି। ଏହା ଭଟଲି ବ୍ଲକ ମୁଖ୍ୟାଳୟ ସହିତ ବରଗଡ଼ ଓ ଅତାବିରା ବ୍ଲକ ମୁଖ୍ୟାଳୟକୁ ଯୋଡ଼ିବ। ଏହାଦ୍ୱାରା ୨ ଲକ୍ଷ ୫୦ ହଜାର ଲୋକ ଉପକୃତ ହେବେ।

ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ୫-ଟି ସଚିବ ଭି.କେ. ପାଣ୍ଡିଆନ ଗତ ଜୁନ୍ ୨୬ ଓ ୨୭ରେ ବରଗଡ଼ ଜିଲା ଗସ୍ତ କରି ବିଭିନ୍ନ ଉନ୍ନୟନମୂଳକ ଯୋଜନାର ସମୀକ୍ଷା କରିଥିଲେ। ଜନସାଧାରଣଙ୍କ ଅନୁରୋଧକୁ ସେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ଏହାପରେ ମୁଖ୍ୟମନ୍ତ୍ରୀ ବରଗଡ଼ ଜିଲାରେ ୩ଟି ନୂତନ ବୃହତ୍ ସେତୁର ନିର୍ମାଣ ପାଇଁ ୩୯ କୋଟି ଟଙ୍କା ମଞ୍ଜୁର କରିଛନ୍ତି।


# Classified Everyday
0674-2580101, 2549949




**BRIDE WANTED**

Retired Govt. ଚାକିରିଆ ବିଧବା ନିଃସନ୍ତାନ 60 ବୟସ୍କା ପୁଅଙ୍କୁ ଯେକୌଣସି ଜାତିର ଝିଅ ଦରକାର। 6371298869. D-1047




**SALE**

New cancer hospital ନାଇଜର, ଜଟଣୀରେ ବର୍ଗଫୁଟ ୩୫୦/- ଜାଗା ବିକ୍ରି ହେଉଛି। 9938086025. D-75142

ଭୁବନେଶ୍ୱର ବାଲିଅନ୍ତାରେ **30ft road**, ଇଲେକ୍ଟ୍ରିସିଟି ଥାଇ ଘରବାରି ପ୍ଲଟ୍ ମିଳୁଅଛି। **9114121344, 7978203723.** D-74882

Ready to move / Resale 1BHK - Rs.11,00,000/- and 2BHK - Rs.23,00,000/- flats for sale at Sundarpada, Bhubaneswar. 7008346486. D-74563




3300 sqft. well furnished building for Office / Godown purpose in Patia. Contact: 9861013414. D-1058




Spa Kerala body Massage only best Therapist @699/- Bhubaneswar. 9337672475. D-1033

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-75023

**Relax, Refresh your body, Mind at Saikrupa Spa with best therapies. 8984068077.** D-1048

Newly healthcare benefited SPA experience therapist Bhubaneswar. Please visit this SPA. 7749034655. D-75139

Reduce stress through professional massage, SPA Station, Krishna Plaza, Nayapalli. Contact: 8118079281. D-74562

Newly opened (one 8 SPA) / (Salon Service) with expert therapist. 9938843929. D-75143

**LOST**

I, Siva Prasad Sahu have lost my original Pass Certificate of B.Tech. (2014), Regd. No. 1001210508 B.P.U.T University in Kamapally, Berhampur. If found please contact: 7396197947. D-1060

**ପାଠକଙ୍କ ପାଇଁ ସୂଚନା–** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଧ-୧୦୨୭

**AFFIDAVIT**

Through Affidavit No.221-Vol-1 Dt.14.8.2023 before Notary Public, Bhubaneswar, I, Sandeep Kumar Sharma, R/o Flat No.-402, Ahalya Enclave, Rangamatia, Near Mancheswar Railway Station, Mancheswar, Bhubaneswar, Odisha-751017 has changed my name from Sandeep Kumar to Sandeep Kumar Sharma for all purposes. D-1063

Hajari Majhi, S/o Manguli Majhi, V/ Gunduribadi, P.O.- Jasodapur, P.S.- Ranpur, Nayagarh, Pin- 752026 declare vide Affidavit No.5121 Dt.16.5.23 that now onwards Hajari Majhi and Sesha Majhi, S/o Manguli Majhi one and same person in our locality for all future purposes. D-1062

I, Shaikh Firoj Ali, S/o Sk. Sonaullah, At-Hoseni Mohalla Sayedpur, P.O./P.S.: Binjharpur, Dist.: Jajpur, 755004, Odisha declare by this Affidavit No.15690 Dated 16.08.2023 that now onwards I shall be known as Sk. Firoj Ali for all future purposes. D-1066

By virtue of an affidavit in the Court of Executive Magistrate, Bhadrak, I, Ruchi Rangada Kar, S/o Prasanta Kumar Kar of Village Anijo Itua declare that in my Aadhaar & Bank Pass Book my name has been recorded as Ruchi Rangada Kar. But in LIC Certificate my name is mentioned as Rebatikanta Kar. Both the names are same and one person. D-1061

By virtue of an affidavit before the Notary, Talcher, I, Prashanta Kumar Sahoo, S/o Pravakar Sahoo, R/o At- Station Road, Sikhyakapada, P.O./ P.S./Dist.- Angul, Odisha- 759122, declare by this Affidavit No.- 5898 dated 16.08.2023 that now onwards I shall be known as Prasanta Kumar Sahoo for all future purpose. D-1065

## ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ଏପାର୍ଥସାରଥୀ ପାତ୍ର**
ବାଲେଶ୍ୱର
ଆବିର୍ଭାବ: ୧୮।୦୭।୧୯୬୩
ତିରୋଧାନ: ୦୭।୦୮।୨୦୨୩

ଭାଇ, ଟିକିଏ ଅପେକ୍ଷା କଲନି ଚାଲିଗଲ । ସବୁବେଳେ ଯିବି ବୋଲି ଭାବି ଭାବି ତୁମକୁ ଦେଖିବାକୁ ଯାଇପାରିଲିନି । ସବୁକଥା ମୋ ଭିତରେ ରହିଗଲା । ପ୍ରଭୁ ତୁମକୁ ଏ ସଂସାରର ଯାବତୀୟ ଦୁଃଖ, କଷ୍ଟ ଓ କ୍ଲେଶରୁ ମୁକ୍ତିଦେଇ ତୁମ ଅମର ଆତ୍ମାକୁ ତାଙ୍କର ଶ୍ରୀଚରଣରେ ସ୍ଥାନ ଦେଇଛନ୍ତି । ଭାଇ, ତୁମେ ତ ମୋକ୍ଷ ପଥରେ ଆଗେଇଗଲ । ତୁମର ସ୍ମୃତି ସଦାବେଳେ ଆମ ସହିତ ତୁମର ଆଶୀର୍ବାଦ ହୋଇରହିବ ।

**ଶୋକସନ୍ତପ୍ତ : ଭାଇ ଓ ଭଉଣୀ**
ଧ-୧୦୫୭

**PH.D. AWARD**



Ms. Tanmaya Rani Sethy, D/o Late Sri Laxmidhar Sethy and Smt. Kabita Sethy, resident of Plot No.-790/1344/3157, Shampur, Dist.: Khordha, Bhubaneswar: 751029, Odisha, India, has been awarded the Doctor of Philosophy (Ph.D.) in Zoology on 4th July, 2023 vide notification No. No./CoE/Ph.D. Notification/Zoology/719 by the Dr. Harisingh Gour Central University, Sagar: 470003 (M.P.). for her thesis entitled "Studies on Diversity of Spiders in Sagar District (M.P.) and Assessment of its Egg Sac Silks". She worked under the supervision of Prof. Janak D. Ahi, Professor, Department of Zoology, Dr. Harisingh Gour Central University, Sagar: 470003 (M.P.). During her entire study period, 1,505 spider specimens from Sagar district, Madhya Pradesh, belonging to 74 species under 22 families, were collected for the first time. She completed her M.Sc. and M.Phil. in Zoology from Utkal University, Odisha in the year 2011-2012 and 2013. During her research period she presented many papers in national and international seminars. She also got awards for Best Oral Presentation in 1st International Conference on "Environment and Society (ICES 2019) Theme: Socio-economic Challenges of Agriculture, Biodiversity & Environment" at Kanpur, U.P., India and International Webinar on "Neurobiology of Behavior: The Challenge and the Promise for Translational Research" organized by Department of Zoology, Dr. Harisingh Gour Vishwavidyalaya (A Central University), Sagar, Madhya Pradesh: 470003. And also, she published many papers in International Journals.
D-1059

**ଧରିତ୍ରୀ DHARITRI Scan & Pay**

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।

BHIM | UPI

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

**CLASSIFIED DISPLAY** ALL EDITION-B/W (Everyday)
MORE SPACE * SAME PRICE
For Booking Contact 0674-2580385

**SOCIAL SERVICE for JOB ASPIRANTS**
Through Pre-Recruitment Training
**GOVT., PUBLIC & PRIVATE SECTORS**
OUR ASSISTENCE, TILL APPOINTMENT,
**NO TRAINING FEE**
For Details, Contact
**MAJOR DEFENCE ACADEMY**
Dhauli Chhak, Bhubaneswar
Id : majorcdr@rediffmail.com
rautcdr@gmail.com
9938238840, 9938650175

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ବିଧାନସଭା ପରିସରରେ ୩୨ ମିଟର ଉଚ୍ଚ ଜାତୀୟ ପତାକା ସ୍ତମ୍ଭ


ସ୍ୱାଧୀନତା ଦିବସ ଅବସରରେ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଧାନସଭା ପରିସରରେ ୩୨ ମିଟର ଉଚ୍ଚର ଜାତୀୟ ପତାକା ସ୍ତମ୍ଭକୁ ଉଦ୍‌ଘାଟନ କରୁଛନ୍ତି।

ଭୁବନେଶ୍ୱର, ୧୬।୮ (ଅନିଲ ଦାସ)

୭୭ତମ ସ୍ୱାଧୀନତା ଦିବସ ଅବସରରେ ମଙ୍ଗଳବାର ଓଡ଼ିଶା ବିଧାନସଭା ପରିସରରେ ୩୨ ମିଟର ସୁଉଚ୍ଚ ଜାତୀୟ ପତାକା ସ୍ତମ୍ଭକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିଛନ୍ତି। ଏହି ସ୍ତମ୍ଭରେ ୨୦ ଫୁଟ ଲମ୍ବ ଓ ୩୦ ଫୁଟ ଓସାର ଜାତୀୟ ପତାକା ରହିଛି। ମୁଖ୍ୟମନ୍ତ୍ରୀ ଏହାକୁ ଉଦ୍‌ଘାଟନ କରିବା ପରେ ରାଜ୍ୟ ପୋଲିସ ବ୍ୟାଣ୍ଡ ଦ୍ୱାରା ଜାତୀୟ ସଙ୍ଗୀତ ବାଦନ କରାଯାଇଥିଲା।

ଏହି ଉଦ୍‌ଘାଟନ ସମୟରେ ସଂସଦୀୟ ବ୍ୟାପାର ଓ ସ୍ୱାସ୍ଥ୍ୟ, ପରିବାର କଲ୍ୟାଣ ମନ୍ତ୍ରୀ ନିରଞ୍ଜନ ପୂଜାରୀ, ବିଧାନସଭାର କାର୍ଯ୍ୟକାରୀ ବାଚସ୍ପତି ରଜନୀକାନ୍ତ ସିଂ, ସରକାରୀ ଦଳ ମୁଖ୍ୟ ସଚେତକ ପ୍ରଶାନ୍ତ କୁମାର ମୁଦୁଲି, ୫-ଟି ସଚିବ ଭି. କେ. ପାଣ୍ଡିଆନ, ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ବିଧାନସଭା ସଚିବ ଦାଶରଥି ଶତପଥୀ, ସୂଚନା ଓ ଲୋକସମ୍ପର୍କ ନିର୍ଦ୍ଦେଶକ ସରୋଜ କୁମାର ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

ଏହି ଉଚ୍ଚ ସ୍ତମ୍ଭ ଓ ବୃହତ୍ ତ୍ରିରଙ୍ଗା ଦେଶପ୍ରେମର ଏକ ଅନନ୍ୟ ସ୍ମାରକୀ ଭାବେ ରାଜଧାନୀ ଭୁବନେଶ୍ୱରର ଏକ ଅନୁପମ ଆକର୍ଷଣ ହେବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି।

# ପ୍ରଥମ ସ୍ୱାମୀଙ୍କ ଗୁଳିମାଡ଼ରେ ଦ୍ୱିତୀୟ ଗୁରୁତର

**■ କଟକ ବଡମେଡିକାଲ ସ୍ଥାନାନ୍ତର**

ରେଢାଖୋଲ, ୧୬।୮ (ଅଚ୍ୟୁତାନନ୍ଦ ପୁରୋହିତ)

ସମ୍ବଲପୁର ଜିଲା ଚାରମାଳ ଥାନା ଅଧୀନ ଛେଡିନାଳି ଗ୍ରାମରେ ମଙ୍ଗଳବାର ରାତିରେ ପ୍ରଥମ ସ୍ୱାମୀଙ୍କ ଗୁଳିମାଡରେ ଦ୍ୱିତୀୟ ସ୍ୱାମୀ ଗୁରୁତର ହୋଇଛନ୍ତି। ଗୁରୁତର ଯୁବକ ହେଲେ ଛେଡିନାଳିର ପଙ୍କଜ ଦେହୁରି (୩୦)। ତାଙ୍କୁ ପ୍ରଥମେ ବୁର୍ଲା ଓ ପରେ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଅଭିଯୁକ୍ତ ପ୍ରଥମ ସ୍ୱାମୀ ଝାଙ୍କରପଡ଼ା ଗ୍ରାମର ସ୍ୱାଧୀନ ପ୍ରଧାନ (୪୫) ଫେରାର ଥିବା ପୋଲିସ କହିଛି। ଘଟଣା ସମ୍ପର୍କରେ ପଙ୍କଜଙ୍କ ମା' ଉମାବତୀ ଦେହୁରି ଚାରମାଳ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏହାକୁ ଆଧାର କରି ପୋଲିସ ଆଇପିସି ଦଫା ୩୦୭, ୨୫ ଆର୍ମ୍ସ ଆକ୍ଟରେ ଏକ ମାମଲା (୧୦୩/୨୩) ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି।

ପୋଲିସ ସୂତ୍ରରୁ ପ୍ରକାଶ ଯେ, ଝାଙ୍କରପଡାର ସ୍ୱାଧୀନ ୮-୧୦ବର୍ଷ ତଳେ ସମ୍ବଲପୁର ସିକିରାପାଲିର ମାଧବୀ ପ୍ରଧାନଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ତାଙ୍କର ୮ବର୍ଷର ଝିଅ ଓ ୪ବର୍ଷର ଏକ ପୁଅ ଅଛନ୍ତି। ତେବେ ୨ଛୁଆର ମା' ହୋଇଥିଲେ ହେଁ ପ୍ରାୟ ୨ବର୍ଷ ହେବ ମାଧବୀ ଓ ନିକଟସ୍ଥ ଛେଡିନାଳିର ପଙ୍କଜ ଦେହୁରିଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ପଙ୍କଜ ଅଟୋ ଚଳାଇ ପରିବାର ପ୍ରତିପୋଷଣ କରୁଥିବା ବେଳେ ଅବିବାହିତ ଥିଲେ। ଅଟୋରେ ପଙ୍କଜଙ୍କ ସହ ମାଧବୀ ଅଧିକାଂଶ ସମୟରେ ଯିବାଆସିବା କରୁଥିଲେ। ଏହାରି ଭିତରେ ଉଭୟଙ୍କ ମଧ୍ୟରେ ସମ୍ପର୍କ ନିବିଡ ହୋଇଥିଲା। ଏପରିସ୍ଥଳେ ପ୍ରାୟ ୨ବର୍ଷ ହେବ ସ୍ୱାମୀ ସ୍ୱାଧୀନ ଓ ଝିଅପୁଅଙ୍କୁ ଛାଡି ମାଧବୀ ପଙ୍କଜଙ୍କ ସହ ଘରୁ ଫେରାର ହୋଇଯାଇଥିଲେ। ପରେ ମାଧବୀ ପ୍ରଥମ ସ୍ୱାମୀଙ୍କୁ ଛାଡପତ୍ର ଦେଇ ପଙ୍କଜଙ୍କ ସହ ସ୍ୱାମୀସ୍ତ୍ରୀ ଭାବେ ରହିଆସୁଥିଲେ। ଉଭୟ ରେଢାଖୋଲ ସହରରେ ରହୁଥିବା ବେଳେ ପଙ୍କଜ ଅଟୋରେ ସ୍କୁଲ ଛାତ୍ରୀଛାତ୍ରଙ୍କୁ ନେବାଆଣିବା ଘର ଚଳାଉଥିଲେ। ସ୍କୁଲ ଛୁଟି ଥିବାରୁ ପଙ୍କଜ ନିଜ ଗାଁ ଛେଡିନାଳିକୁ ଯାଇଥିଲେ। ଏହା ଜାଣିବା ପରେ ପ୍ରତିଶୋଧ ପରାୟଣ ହୋଇଥିବା ସ୍ୱାଧୀନ ମଙ୍ଗଳବାର ଏକ ଦେଶୀ ବନ୍ଧୁକ ଧରି ଛେଡିନାଳିରେ ପହଞ୍ଚିଥିଲେ। ରାତି ପ୍ରାୟ ସାଢେ ୯ଟା ବେଳେ ପଙ୍କଜ ଖାଇସାରି ହାତ ଧୋଇବାକୁ ଘରୁ ବାହାରକୁ ବାହାରିଥିବା ବେଳେ ସ୍ୱାଧୀନ ଗୁଳି କରି ଫେରାର ହୋଇଯାଥିଲେ। ପଙ୍କଜଙ୍କ ବାହୁ ଓ ପେଟରେ ଗୁଳି ବାଜିଥିବା ଜଣାପଡିଛି।

# ଅଡୁଆ ସ୍ଥିତିରେ ଓଡ଼ିଆ ସିନେମା

''ଓଡ଼ିଶାରେ ପୁରୁଖା ପ୍ରଯୋଜକମାନେ ଚଳଚ୍ଚିତ୍ର ନିର୍ମାଣରୁ ନିଜକୁ ପ୍ରାୟ ଦୂରେଇନେଲେଣି। ପ୍ରଯୋଜନା କରିବା କ୍ଷେତ୍ରରେ ଟିକେ ହେଲେ ଅଭିଜ୍ଞତା ନ ଥାଇ ଅନେକେ ପ୍ରଯୋଜକ ସାଜୁଛନ୍ତି। ତା'ପରେ ସେମାନଙ୍କ ଦ୍ୱାରା ପ୍ରସ୍ତୁତ ସିନେମାର ଅବସ୍ଥା କ'ଣ ହେଉଛି ତାହା ଜଳ ଜଳ କରି ଦେଖାଯାଉଛି। ଜଣେ ଭଲ ପ୍ରଯୋଜକଙ୍କ ଚିନ୍ତାଧାରା ତାଙ୍କ ଦ୍ୱାରା ନିର୍ମିତ ସିନେମାରେ ପ୍ରତିଫଳିତ ହୋଇଥାଏ। ଆଉ ସେଥିରେ ଅନୁପ୍ରାଣିତ ହୋଇ ନୂଆ ପ୍ରଯୋଜକମାନେ ସିନେମା ଇଣ୍ଡଷ୍ଟ୍ରିକୁ ଏଣ୍ଟ୍ରି କରିଥାଆନ୍ତି। ହେଲେ ଆମ ଓଡ଼ିଆ ସିନେମା ଆଜି ସତେ ଯେମିତି ଦିଗହରା ହୋଇଯାଇଛି।''

କରୋନ ମହାମାରୀ ପରେ ଏବେ ଓଡ଼ିଆ ସିନେମା ବେଶ୍ ଚଳଚଞ୍ଚଳ। ହେଲେ ତା' ଭିତରେ ଅନେକ ଘଟଣା ସିନେପ୍ରେମୀଙ୍କ ମନକୁ ଆନ୍ଦୋଳିତ କରୁଛି। ନିକଟରେ ପ୍ରଯୋଜକମାନଙ୍କ ଭିତରେ ଶୀତଳଯୁଦ୍ଧ ଏ ନେଇ ଆଲୋଚନା କରିବାକୁ ବେଶ୍ ଖୋରାକ ଯୋଗାଇଥିଲା। ଏପରି କି ଏକ ସାମ୍ବାଦିକ ସମ୍ମିଳନୀରେ ଯେଉଁ ପରିସ୍ଥିତି ହେଲା ତାହା ଚର୍ଚ୍ଚାର ବିଷୟ ପାଲଟିଥିଲା। ଏବର୍ଷ ମୋଟ ୨୮ଟି ସିନେମା ରିଲିଜ ହେଲାଣି। ହେଲେ ସଫଳତା କଥା ପଡ଼ିଲେ କେଉଁ ସିନେମା କେତେ ବିଜ୍‌ନେସ କରିଛି



ତାହା ନ କହିବା ଭଲ। କାରଣ ନାଁକୁ ମାତ୍ର ସିନେମାଟିଏ ପ୍ରେକ୍ଷାଳୟରେ ଖେଳାଇ ସିନା ବାହାବା ନେଉଛନ୍ତି, ହେଲେ ଦର୍ଶକମାନେ ସେଥିରୁ କେତେ ମନୋରଞ୍ଜନ ପାଉଛନ୍ତି ତାହା ନ କହିବା ଭଲ। 'ଦମନ' ପରେ ସମସ୍ତେ ଆଶା କରିଥିଲେ ଯେ ଓଡ଼ିଆ ସିନେମାରେ କିଛି ପରିବର୍ତ୍ତନ ହେବ। ହେଲେ ତାହା କେବଳ ଆଶାରେ ରହିଗଲା।

ଓଡ଼ିଆ ଚଳଚ୍ଚିତ୍ରର ବ୍ୟବସାୟିକ ଅସ୍ଥିରତା ଫଳରେ ବିତରକମାନେ ସିନେମାଟିର ବିତରଣ ଦାୟିତ୍ୱ ନେବାକୁ ସାହସ କରୁନାହାନ୍ତି। ପ୍ରେକ୍ଷାଳୟ ସଂଖ୍ୟା ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ କମିଗଲା। ଓଡ଼ିଆ ଚଳଚ୍ଚିତ୍ର ସୁଧାରିବା ଦିଗରେ ପ୍ରଯୋଜନା ସଂସ୍ଥାଗୁଡ଼ିକ ଶିଳ୍ପ ବିଭାଗ ସହ ଉଚ୍ଚସ୍ତରୀୟ ଆଲୋଚନା କରିବା ପ୍ରତିବଦଳରେ ପ୍ରଯୋଜକ-ପ୍ରଯୋଜକ ମଧ୍ୟରେ ଗୋଷ୍ଠୀକନ୍ଦଳ ପଦାରେ ପଡ଼ୁଛି। ଅର୍ଥ ଅନର୍ଥର କାରଣ। ଗୋଟିଏ ସିନେମା କଲେ ପ୍ରଯୋଜକ! ୧୦ଟି ସିନେମା କଲେ ବି ପ୍ରଯୋଜକ। ତେଣୁ ନିଜ ନିଜ ଭିତରେ କାଦୁଆ ଫୋପଡ଼ା ଫୋପଡ଼ି ନ ହୋଇ ଭଲ ଓଡ଼ିଆ ସିନେମାଟିଏ କିପରି ନିର୍ମାଣ କରାଯାଇପାରିବ ସେ ନେଇ ଚିନ୍ତା କରିବା କଥା।

ଓଡ଼ିଶାରେ ପୁରୁଖା ପ୍ରଯୋଜକମାନେ ଚଳଚ୍ଚିତ୍ର ନିର୍ମାଣରୁ ନିଜକୁ ପ୍ରାୟ ଦୂରେଇନେଲେଣି। ପ୍ରଯୋଜନା କରିବା କ୍ଷେତ୍ରରେ ଟିକେ ହେଲେ ଅଭିଜ୍ଞତା ନ ଥାଇ ଅନେକେ ପ୍ରଯୋଜକ ସାଜୁଛନ୍ତି। ତା'ପରେ ସେମାନଙ୍କ ଦ୍ୱାରା ପ୍ରସ୍ତୁତ ସିନେମାର ଅବସ୍ଥା କ'ଣ ହେଉଛି ତାହା ଜଳ ଜଳ କରି ଦେଖାଯାଉଛି। ଜଣେ ଭଲ ପ୍ରଯୋଜକର ଚିନ୍ତାଧାରା ତାଙ୍କ ଦ୍ୱାରା ନିର୍ମିତ ସିନେମାରେ ପ୍ରତିଫଳିତ ହୋଇଥାଏ। ଆଉ ସେଥିରେ ଅନୁପ୍ରାଣିତ ହୋଇ ନୂଆ ପ୍ରଯୋଜକମାନେ ସିନେମା ଇଣ୍ଡଷ୍ଟ୍ରିକୁ ଏଣ୍ଟ୍ରିକରିଥାଆନ୍ତି। ହେଲେ ଆମ ଓଡ଼ିଆ ସିନେମା ଆଜି ଯେମିତି ଦିଗହରା ହୋଇଯାଇଛି। ପ୍ରଯୋଜକମାନେ ନିଜ ନିଜ ଭିତରେ ସୁସ୍ଥ ପରମ୍ପରା ବଜାୟ ରଖିବା ଦରକାର। ତେବେ ତାହା ଓଡ଼ିଆ ସିନେମା ଜଗତ ପାଇଁ ଶୁଭଙ୍କର ହେବ। ଓଡ଼ିଆ ସିନେମାକୁ ଆଗଇନେବାକୁ ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମ ଆହୁରି ଚଳଚଞ୍ଚଳ ହେବା ଦରକାର।

ଓଡ଼ିଆ ଚଳଚ୍ଚିତ୍ରକୁ ଚଳଚଞ୍ଚଳ ପାଇଁ ପାତରଅନ୍ତର ନ କରି ରାଜ୍ୟ ସରକାରଙ୍କ ଶିଳ୍ପ ବିଭାଗ ଗୁରୁତ୍ୱ ଦେଇ କାର୍ଯ୍ୟ କଲେ ଏହି ଶିଳ୍ପ ମୁଣ୍ଡ ଟେକିପାରେ। ନଚେତ୍ ସେଇ ପୁରୁଣା ସିନେମାର ପୁନରାବୃତ୍ତିକରି କେବଳ କଥା ଓ ଭାଷଣ ମାରିବା ସାର ହେବ। ଓଡ଼ିଆ ସିନେମା ବେଳକୁ ବେଳ ଅଡୁଆ ପରିସ୍ଥିତିରୁ କେବେ ବି ମୁକୁଳି ପାରିନାହିଁ। ଆମେ ଗୋଷ୍ଠୀ ମଧ୍ୟରେ ନିଜ ନିଜର ଅହଂଭାବର ପରିବର୍ତ୍ତନ ନ କଲେ ସିନେମା ପରି ବୃହତ୍ ଗଣମାଧ୍ୟମରେ ମଧ୍ୟାନ୍ତର ହୋଇଯିବ।

**-ଦିଲ୍ଲୀପ ହାଲି**
ବଡ଼ଗଡ଼, ଭୁବନେଶ୍ୱର
ମୋ-୯୮୬୧୦୦୯୨୫୨

# ଗଣେଶ ପୂଜାରେ ଶଙ୍କର



ଦେବା-ଦିବ୍ୟା

ଆକ୍ସନ, ରୋମାଣ୍ଟିକ, ଓ ସସ୍‌ପେନ୍ସ ଭରା ଏକ ଭିନ୍ନ ଧରଣର କାହାଣୀକୁ ନେଇ ନିର୍ମିତ ହୋଇଛି ଓଡ଼ିଆ ସିନେମା 'ଶଙ୍କର : ଦ ଡେଷ୍ଟ୍ରୟର'। ଖାସ୍ କଥା ହେଲା ଫିଲ୍ମଟି ଚଳିତ ବର୍ଷ ଗଣେଶ ପୂଜାରେ ରିଲିଜ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଦେବା ଏବଂ ଦିବ୍ୟା ଲିଡ୍ ରୋଲ୍‌ରେ ଥିବା ବେଳେ ଓଲିଓଡ୍‌ର ଲୋକପ୍ରିୟ ଷ୍ଟାର ସିଦ୍ଧାନ୍ତ ମହାପାତ୍ର ଏହାର ଟାଇଟଲ ଭୂମିକାରେ ଅଭିନୟ କରିଛନ୍ତି। ଦେବା-ଦିବ୍ୟା ଯୋଡ଼ିର ସଫଳତାକୁ ନେଇ ବେଶ୍ ଆଶା ରଖିଛନ୍ତି ଏହାର ପ୍ରଯୋଜକ ଅରବିନ୍ଦ ସାହୁ। ସିଦ୍ଧାନ୍ତ ମହାପାତ୍ରଙ୍କ ସାନଭାଇ ଭୂମିକାରେ ଦେବା ଅଭିନୟ କରିଥିବା ବେଳେ ଦିବ୍ୟା ଜଣେ ସ୍କୁଲ ଶିକ୍ଷୟିତ୍ରୀ ରୋଲ୍‌ରେ ଦେଖାଦେବେ। ଦେବା ନିଶାକୁ ଜୀବନର ସର୍ବସ୍ୱ ଭାବି ଚାଲୁଥିବା ବେଳେ ଦେଖାହୁଏ ଦିବ୍ୟାଙ୍କ ସହ। ଦୁହେଁ ଦୁହିଁଙ୍କୁ ଭଲ ପାଇଁ ବସନ୍ତି। ବଦଳିଯାଏ ଦେବାର ଜୀବନଶୈଳୀ। ତା'ପରେ କ'ଣ ଘଟେ ତାହା ସିନେମାରେ ଦେଖିବାକୁ ପାଇବେ। ସାଇ ଦରବାର ଫିଲ୍ମସ ବ୍ୟାନରରେ ଏହାର କାହାଣୀ, ଚିତ୍ରନାଟ୍ୟ ରଚନା କରିବା ସହ ନିର୍ଦ୍ଦେଶନା ଦେଇଛନ୍ତି ଏନ୍. ପାଢ଼ୀ। ସଂଳାପ ରଚନା କରିଛନ୍ତି ମନୋରଞ୍ଜନ ଦାସ। ସଂଯୋଜିତ ଗୀତଗୁଡ଼ିକୁ ସ୍ୱରରେ ସଜାଇଛନ୍ତି ବୈଦ୍ୟନାଥ ଦାଶ। ଏହି ଫିଲ୍ମରେ ନିଜ ଭୂମିକାକୁ ନେଇ ଆଶାବାଦୀ ଅଛନ୍ତି ଶିବ୍। କୁନା ତ୍ରିପାଠୀ, କେକେ, କାଳୀ, ବିଜୁ ବଡ଼ଜେନା, ଦୀପ୍ତିରେଖା ପଣ୍ଡା, ସୁପ୍ରିୟା, ମିତା ଚକ୍ରବର୍ତ୍ତୀ, ନୂପୁର ଘୋଷ ପ୍ରମୁଖ କଳାକାରଙ୍କୁ ଏଥିରେ ଦେଖିବାକୁ ମିଳିବ। ଏହି ଫିଲ୍ମର ମିଡିଆ ପ୍ଲାନର ଦାୟିତ୍ୱରେ ଅଛନ୍ତି ଅମରେଶ।

# 'ଓମ୍'କୁ ଆକ୍ରମ



ଅକ୍ଷୟ କୁମାର

ଖିଲାଡ଼ି ମାଷ୍ଟର ଅକ୍ଷୟ କୁମାର ଅନେକ ସମୟରେ ଚର୍ଚ୍ଚାରେ ରହିଥାଆନ୍ତି। ଆକ୍ସନ ଭୂମିକାରୁ ଆରମ୍ଭ ହୋଇଥିଲା ତାଙ୍କର କ୍ୟାରିୟର। ହେଲେ ପରବର୍ତ୍ତୀ ସମୟରେ ସେ ନିଜକୁ ଜଣେ ଅଲରାଉଣ୍ଡର ଭାବରେ ପରିଚିତ କରାଇପାରିଛନ୍ତି। ଅକ୍ଷୟ ଜଣେ ଅନ୍ଧବିଶ୍ୱାସୀ। କେତେକ କଥାକୁ ସେ ବେଶ୍ ଗୁରୁତ୍ୱ ଦିଅନ୍ତି। ଦେଖୁନାହାନ୍ତି, କୌଣସି କାଗଜରେ କିଛି ଲେଖିବା ପୂର୍ବରୁ ସେ କିଛି ସମୟ ଚିନ୍ତା କରନ୍ତି। କେବଳ ସେତିକି ନୁହେଁ, ଯେଉଁ ବିଷୟରେ ଲେଖିବେ ସେଥିରୁ ଲେଖା ମଧ୍ୟ ଆରମ୍ଭ ହୋଇ ନ ଥାଏ। ପେନ୍‌କୁ ମୁଣ୍ଡରେ ମାରି ସେ ପ୍ରଥମେ କାଗଜରେ 'ଓମ୍' ଲେଖନ୍ତି। ସେ ଯେତେ ବ୍ୟସ୍ତ କିମ୍ବା ତରତର ଥାଆନ୍ତୁ, କିଛି ଲେଖିବା ପୂର୍ବରୁ ସେ ଏହାକୁ ଲେଖିବାକୁ ଆଦୌ ଭୁଲି ନ ଥାନ୍ତି।

# ସେପ୍ଟେମ୍ବରରେ 'ସଲାର'

କମଲ ତନୟା ଶ୍ରୁତି ହାସନ ଏବେଠାରୁ ଦିନ ଗଣିବା ଆରମ୍ଭ କରିଦେଇଛନ୍ତି। କାରଣ ସେ ଅଭିନୟ କରିଥିବା ବିଗ୍ ବଜେଟ ଫିଲ୍ମ 'ସଲାର' ଚଳିତ ବର୍ଷ ସେପ୍ଟେମ୍ବର ୨୮ରେ ପରଦା ଉପରକୁ ଆସୁଛି। ଏଥିରେ ନିଜ ଭୂମିକାର ସଫଳତାକୁ ନେଇ ବେଶ୍ ଆଶାବାଦୀ ଅଛନ୍ତି ଶ୍ରୁତି। ଖାସ୍ କଥା ହେଲା, ତେଲୁଗୁ ଭାଷାରେ ପ୍ରସ୍ତୁତ ଏହି ଫିଲ୍ମରେ ତାଙ୍କର ନାୟକ ସାଜିଛନ୍ତି 'ବାହୁବଳୀ' ଫେମ୍ ପ୍ରଭାସ। ''ଯେତେବେଳେ ମୋତେ ଏହି ଅଫରଟି ମିଳିଲା ସେତେବେଳେ କୌଣସି ପ୍ରକାରେ ଏହାକୁ ହାତଛଡ଼ା କରିବାକୁ ଚାହିଁ ନ ଥିଲି। ବର୍ତ୍ତମାନ ଏହି ଫିଲ୍ମର ସମସ୍ତ କାମ ଶେଷ ହୋଇଛି। ଆସନ୍ତା ମାସ ୨୮ରେ ଫିଲ୍ମଟି ରିଲିଜ ହେବ। ତେଣୁ ଏନେଇ ମୁଁ ବେଶ୍ ଉତ୍ସୁକ ଅଛି'' ବୋଲି କହନ୍ତି ଶ୍ରୁତି।'' ଏହାର ନିର୍ଦ୍ଦେଶନା ଦେଇଛନ୍ତି 'କେଜିଏଫ୍'ର ନିର୍ଦ୍ଦେଶକ ପ୍ରଶାନ୍ତ ନୀଲ୍। ସେ ମଧ୍ୟ ଏହାର କାହାଣୀ ରଚନା କରିଛନ୍ତି। ହୋମ୍ବେଲ ଫିଲ୍ମସ ବ୍ୟାନରରେ ନିର୍ମିତ ଉକ୍ତ ଚିତ୍ରଟିରେ ପାଖାପାଖି ୨୫୦ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ୨୦୨୦ ଡିସେମ୍ବରରେ ଏହି ଫିଲ୍ମଟିର ଟାଇଟଲ ଘୋଷଣା କରାଯାଇଥିଲା, କିନ୍ତୁ ୨୦୨୧ ଜାନୁୟାରୀରେ ଶୁଟିଂ ଆରମ୍ଭ ହୋଇଥିଲା। ଏହାର କାହାଣୀ ଆକ୍ସନ-ଥ୍ରୀଲରଭିତ୍ତିକ। ଏଥିରେ ପ୍ରଭାସ ଏବଂ ଶ୍ରୁତିଙ୍କ ବ୍ୟତୀତ ପୃଥ୍ୱୀରାଜ ସୁକୁମାରନ୍ ଏବଂ ଜଗପତି ବାବୁ ପ୍ରମୁଖ ଭୂମିକାରେ ଅଭିନୟ କରିଛନ୍ତି। ଭୁବନ ଗୌଡ଼ା ସିନେମାଟୋଗ୍ରାଫି ଦାୟିତ୍ୱ ତୁଲାଇଛନ୍ତି। ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ରବି ବସରୁର। ତେବେ ଫିଲ୍ମଟି ଦର୍ଶକଙ୍କୁ କେତେ ପ୍ରଭାବିତ କରୁଛି ତାହା ରିଲିଜ ପରେ ହିଁ ଜଣାପଡ଼ିବ।



ଶ୍ରୁତି

# କେବଳ ଗୀତ ପାଇଁ...

ଯାହା କୁହନ୍ତୁ ନା କାହିଁକି ପୂଜା ହେଗ୍‌ଡେଙ୍କ ଆଇଡିଆକୁ ମାନିବାକୁ ପଡ଼ିବ। ବର୍ତ୍ତମାନ ସେ ସ୍ପେନ୍‌ରେ ଡେରା ପକାଇଛନ୍ତି। ସେଠାକୁ ସେ ବୁଲିବାକୁ ଯାଇନାହାନ୍ତି। ଲଭ୍ ରଞ୍ଜନଙ୍କର ଏକ ଅନ୍‌ଟାଇଲ୍ଡ ଫିଲ୍ମରେ ପୂଜା ବର୍ତ୍ତମାନ ଅଭିନୟ କରୁଛନ୍ତି। ଏଥିରେ ତାଙ୍କର ନାୟକ ସାଜିଛନ୍ତି ରଣବୀର କପୁର। ନିକଟରେ ଏହାର ଏକ ଗୀତର ଶୁଟିଂ କରାଯାଉଥାଏ। ଶୁଟିଂ ସେଟ୍‌ରେ କେହି ପହଞ୍ଚିବା ପୂର୍ବରୁ ପୂଜା ଯାଇ ସେଠାରେ ହାଜର। ଯେତେବେଳେ ୟୁନିଟ୍ ସେଠାରେ ପହଞ୍ଚିଲା, ସମସ୍ତେ ତାଙ୍କୁ ଦେଖି ତାଜୁବ ହୋଇଗଲେ। ହେଲେ ତା'ପରେ ଏହାର କାରଣ ସେ ବଖାଣିଥିଲେ। ଏ ସମ୍ପର୍କରେ ପୂଜା କହନ୍ତି, ''ଏହି ଗୀତର ଶୁଟିଂ ଆରମ୍ଭ ହେବାର କିଛି ଘଣ୍ଟା ପୂର୍ବରୁ ମୁଁ ଏଠାକୁ ଆସିଛି। କାରଣ କ୍ୟାମେରା ସମାନା କରିବା ପୂର୍ବରୁ ମୋତେ ଭଲ ଭାବରେ ପ୍ରାକ୍ଟିସ କରିବାକୁ ପଡିବ। ଶୁଟିଂ ସମୟରେ ଯେପରି ବାରମ୍ବାର କଟ୍ ନ ହୁଏ ସେ ନେଇ ନିଶ୍ଚୟ ସଚେତନ ରହିବି। ମୋ ମତରେ ରଣବୀରଙ୍କ ସହ ଏହି ଡୁଏଟ୍‌କୁ ଦର୍ଶକ ନିଶ୍ଚୟ ପସନ୍ଦ କରିବେ।'' ଅନ୍ୟପକ୍ଷରେ ଖୁବ୍ ଶୀଘ୍ର ଏହି ଫିଲ୍ମର ଟାଇଟଲ ଘୋଷଣା କରାଯିବ। ଏ ନେଇ ପ୍ରଯୋଜନା ସଂସ୍ଥା ଏବେ ତତ୍ପର ଅଛି ବୋଲି କହନ୍ତି ଲଭ୍ ରଞ୍ଜନ।



ପୂଜା

# ଆଶା ଗାୟିକା, ପେଶା ଅଭିନୟ



ତାରା

ତାରା ସୁଟାରିଆ ଯେତେବେଳେ ଛୋଟ ଥିଲେ ସେତେବେଳେ ତାଙ୍କର ଏକ ଇଚ୍ଛା ଥିଲା ଜଣେ ଗାୟିକା ହେବାକୁ। କେବଳ ସେତିକି ନୁହେଁ, ଯେତେବେଳେ ତାଙ୍କୁ ମାତ୍ର ୭ ବର୍ଷ ବୟସ ହୋଇଥିଲା, ସେତେବେଳେ ସେ ମଞ୍ଚରେ ଗୀତ ଗାଇ ସାଉଁଟିଥିଲେ ପ୍ରଶଂସା। କେବଳ ସେତିକି ନୁହେଁ, ବିଦେଶରେ ଗୀତ ଗାଇ ଶ୍ରୋତାଦୃତ ହୋଇପାରିଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ସେ ଅଭିନୟକୁ ଆପଣେଇ ନେଇଥିଲେ। ଏ ନେଇ ସେ କହନ୍ତି, ''ପିଲାଦିନେ ଭଲ ଗୀତ ଗାଉଥିଲି। ଅନେକ ଷ୍ଟେଜ୍‌ରେ ପରଫର୍ମ କରି ପ୍ରଶଂସିତ ହୋଇଛି। ଆଶା ରଖିଥିଲି ବଡ଼ ହେଲେ ଜଣେ ଗାୟିକା ହେବି। ହେଲେ ଏବେ ଅଭିନୟ ମାୟାରେ ପଡ଼ିଯାଇଛି। କରନ୍ ଜୋହର 'ଷ୍ଟୁଡେଣ୍ଟ ଅଫ୍ ଦ ଇୟର-୨'ରେ ମୋତେ ବ୍ରେକ୍ ଦେଇଥିଲେ। ୨୦୧୯ରୁ ଏ ପର୍ଯ୍ୟନ୍ତ ମୁଁ ମାତ୍ର ୬ଟି ସିନେମାରେ ଅଭିନୟ କରିଛି। ଏ ନେଇ ମୁଁ ଅନୁତାପ କରୁନାହିଁ। କାରଣ ମୋର ବିଶ୍ୱାସ ଦିନେ ନା ଦିନେ ମୋତେ ଭଲ ଅଫର ମିଳିବ।'' ତାରାଙ୍କ ଅଭିନୀତ ଶେଷ ଫିଲ୍ମ ହେଉଛି 'ଏକ ଭିଲେନ୍ ରିଟର୍ନସ', ଯାହା ଗତ ବର୍ଷ ରିଲିଜ ହୋଇଥିଲା। ଅନ୍ୟପକ୍ଷରେ ତାଙ୍କୁ ନେଇ ନିର୍ମିତ 'ଅପୂର୍ବା'ର ପୋଷ୍ଟ ପ୍ରଡକ୍ସନ କାମ ଚାଲୁ ରହିଛି।

ଅପେରା ହାଲ୍‌ଚାଲ୍

# ରାଣୀ ପଣ୍ଡାକୁ ଖଣ୍ଡଗିରି ମନା

ଏଥର ଯାତ୍ରାଜଗତରେ ନୂଆ ରୂପରେ ଏଣ୍ଟ୍ରି କରିଛି ଗୌରୀ ଗଣନାଟ୍ୟ। ଉକ୍ତ ଅପେରା ପାର୍ଟି ଦ୍ୱାରା ପରିବେଷିତ ନୂଆ ନାଟକ 'ରାଣୀ ପଣ୍ଡାକୁ ଖଣ୍ଡଗିରି ମନା' ଏବେ ଆଲୋଚନାର ଶିରୋନାମା ପାଲଟିଛି। ସଦ୍ୟ ମଞ୍ଚସ୍ଥ ଏହି ନାଟକରେ ଟାଇଟଲ ଭୂମିକାରେ ରାଣୀ ପଣ୍ଡାଙ୍କ ଅଭିନୟ ବେଶ୍ ପ୍ରଶଂସନୀୟ ହୋଇଛି। ତା'ସହ ଏହି ପାର୍ଟିର ଅନ୍ୟ କଳାକାରମାନେ ନିଜ ନିଜ ଭୂମିକାକୁ ସୁଚାରୁ ରୂପେ ତୁଲାଇଛନ୍ତି। ଏହି ନାଟକଟିକୁ ରଚନା କରିଛନ୍ତି ଡ. ଦୀପକ ଜେନା ଏବଂ ନିର୍ଦ୍ଦେଶନା ଦେଇଛନ୍ତି ଆଗଧାଡ଼ିର ନିର୍ଦ୍ଦେଶକ ତଥା ଜଲିଉଡ୍‌ର ଲିଟିଲ ମାଷ୍ଟର ଭାବରେ ପରିଚିତ ବିନୋଦ ରାଉତ। ଏହାର ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ତାପସ ଦାସ ଓରଫ ଟିଟନ୍। ଅନ୍ୟତମ ପ୍ରମୁଖ ପ୍ରଯୋଜକ ଇଂ ପ୍ରମୋଦ ସ୍ୱାଇଁଙ୍କ ପ୍ରଯୋଜିତ ଗୌରୀ ଗଣନାଟ୍ୟର ମୁଖ୍ୟ ପରିଚାଳକ ଅଛନ୍ତି ଲୁଲୁ କର। ଉକ୍ତ ପାର୍ଟିଦ୍ୱାରା ପରିବେଷିତ ଅନ୍ୟ ନୂଆ ନାଟକଗୁଡ଼ିକ ହେଲା -'ଏଇ ଫଗୁଣରେ ବାଜିବ ବାଜା' (ନାଟ୍ୟକାର-ଡ. ନିହାର ରଞ୍ଜନ ମହାନ୍ତି, ନିର୍ଦ୍ଦେଶକ-ବଳିଆ ସାର୍, ସଙ୍ଗୀତ -ବିକାଶ ଶୁକ୍ଲା), 'ମିଛେଇ ମୋନାଲିସା' (ନାଟ୍ୟକାର-ଜଗନ୍ନାଥ ରାଉତ, ନିର୍ଦ୍ଦେଶନା ଏବଂ ସଙ୍ଗୀତ -ଏମ୍ ଜ୍ଞାନେନ୍ଦ୍ର), 'ଲାଗିଲାରେ ପ୍ରୀତି ରଙ୍ଗ ଲାଗିଲା'(ନାଟ୍ୟକାର -ଅରୁଣ ବାରିକ, ନିର୍ଦ୍ଦେଶକ-ଇଂ. ଯୋଗେନ୍ଦ୍ର ମଲ୍ଲିକ, ସଙ୍ଗୀତ -ମିହିର ମହାନ୍ତି)। ଏଥର ଗୌରୀ ଗଣନାଟ୍ୟର ଅନ୍ୟ କଳାକାରମାନେ ହେଲେ ଗୋପାଳ, ମାନସ ପଣ୍ଡା, କେଦାର, ଶୁଭେନ୍ଦୁ, କମଳ ନନ୍ଦ,ଖଳନାୟକ ରଞ୍ଜିତ ପାତ୍ର (ନଣ୍ଡା), ବବି , ପଙ୍କଜ(ପାକୁ),ବାପି, ଜୁନିୟର ରବି ଶତପଥୀ,ଜପୁନ, କୁନି, ରୀତା,ମୀନାକ୍ଷୀ, ବେବୀ, ସୁକାନ୍ତି ଏବଂ ଶଶୀ (କମେଡି)।



ରାଣୀ

# ଦୁଇଟା ଇଣ୍ଟରଭାଲ

ସାଧାରଣତଃ ଗୋଟିଏ ସିନେମା ପ୍ରେକ୍ଷାଳୟରେ ଦେଖିବା ସମୟରେ ଗୋଟିଏ ମଧ୍ୟାନ୍ତର ବା ଇଣ୍ଟରଭାଲ ଥାଏ। ହେଲେ ବଲିଉଡ୍‌ରେ ଏଭଳି ଏକ ସିନେମା ଅଛି, ଯେଉଁଥିରେ ଦୁଇଟି ଇଣ୍ଟରଭାଲ ଥିଲା। ହଁ, ଫିଲ୍ମଟିର ଟାଇଟଲ ଥିଲା 'ମେରା ନାମ ଜୋକର'। ରାଜ କପୁର ଏହାର ପ୍ରଯୋଜନା କରିବା ବ୍ୟତୀତ ନିର୍ଦ୍ଦେଶନା ଦେଇଥିଲେ ଏବଂ ଟାଇଟଲ ଭୂମିକାରେ ମଧ୍ୟ ଅଭିନୟ କରିଥିଲେ। ସର୍କସ ସହ ଜଡ଼ିତ ଜଣେ ଜୋକରର ଜୀବନୀକୁ ବେଶ୍ ସୁନ୍ଦର ଭାବରେ ଏଥିରେ ଉପସ୍ଥାପନା କରାଯାଇଥିଲା। ଏହି ଫିଲ୍ମରେ ରାଜ କପୁରଙ୍କ ବ୍ୟତୀତ ମନୋଜ କୁମାର, ସିମି ଗେରେୱାଲ, ରିଷି କପୁର, ଧର୍ମେନ୍ଦ୍ର, ଦାରା ସିଂ ପ୍ରମୁଖ କଳାକାର ଅଭିନୟ କରିଥିଲେ।

# ପ୍ରଥମ ଦିନରେ ୩ ଜାତୀୟ ରେକର୍ଡ



ଜାତୀୟ ଜୁନିୟର ଆକ୍ୱାଟିକ୍ ଚାମ୍ପିୟନଶିପ୍ ଉଦ୍‌ଘାଟନ ଅବସରରେ ରାଜ୍ୟ କ୍ରୀଡ଼ା ସଚିବ ଆର. ଭିନିଲ କ୍ରିଷ୍ଣା ଓ ଅନ୍ୟମାନେ।

## କଳିଙ୍ଗରେ ଆକ୍ୱାଟିକ୍ ଚାମ୍ପିୟନଶିପ୍ ଆରମ୍ଭ

ଭୁବନେଶ୍ୱର, ୧୬।୮
(ତପନ ସ୍ୱାଇଁ)

କଳିଙ୍ଗ ଷ୍ଟାଡିୟମର ନବନିର୍ମିତ ଇନ୍‌ଡୋର ଆକ୍ୱାଟିକ୍ ସେଣ୍ଟରରେ ବୁଧବାର ୩୯ତମ ସବ୍‌ଜୁନିୟର ଓ ୪୯ତମ ଜୁନିୟର ଜାତୀୟ ଆକ୍ୱାଟିକ୍ ଚାମ୍ପିୟନଶିପ୍ ଆରମ୍ଭ ହୋଇଛି। ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ସଚିବ ଆର. ଭିନିଲ କ୍ରିଷ୍ଣା ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଛନ୍ତି। ''ସୁଇମିଂ ଫେଡେରେଶନ ଅଫ୍ ଇଣ୍ଡିଆ ସହ ପାର୍ଟନରଶିପ୍ କରି ଆମେ କାର୍ଯ୍ୟ କରୁଛୁ। ଓଡ଼ିଶାରେ ସୁଇମିଂ ଇକୋ ସିଷ୍ଟମର ଉନ୍ନତି ପାଇଁ ଆମେ ସେମାନଙ୍କ ସାହାଯ୍ୟ ନେଉଛୁ। ଏବେ ଆମ ନିକଟରେ ନୂଆ ଆକ୍ୱାଟିକ୍ ସେଣ୍ଟର ଉପଲବ୍ଧ। ଏହା ଦେଶରେ ଅନ୍ୟତମ ଶ୍ରେଷ୍ଠ। ଆମେ କ୍ରମାଗତ ଜାତୀୟ ପ୍ରତିଯୋଗିତା ଆୟୋଜନ କରୁଛୁ। ଏହି ବର୍ଗରେ ଆମ ନିକଟରେ ଅନେକ ପ୍ରତିଭା ସମ୍ପନ୍ନ ସନ୍ତରଣକାରୀ ଅଛନ୍ତି। ସେମାନଙ୍କୁ ଶ୍ରେଷ୍ଠ ସୁବିଧା ସୁଯୋଗ ଦେବା ଆମର ଲକ୍ଷ୍ୟ'' ବୋଲି ଭିନିଲ କ୍ରିଷ୍ଣା ପ୍ରକାଶ କରିଛନ୍ତି। ସୁଇମିଂ ଫେଡେରେଶନ ଅଫ୍ ଇଣ୍ଡିଆ ମହାସଚିବ ମୋନାଲ ଚୋକ୍‌ଶି କହିଛନ୍ତି ଯେ, ''ଓଡ଼ିଶା ରାଜ୍ୟ ସରକାର ଏଠାରେ ବିଶ୍ୱସ୍ତରୀୟ ଆକ୍ୱାଟିକ୍ ସେଣ୍ଟର ଉପଲବ୍ଧ କରାଇଛନ୍ତି। ଅତ୍ୟାଧୁନିକ ସୁବିଧା ସୁଯୋଗଥିବା ଦେଶର ଏହା ହେଉଛି ଅନ୍ୟତମ ଶ୍ରେଷ୍ଠ ଆକ୍ୱାଟିକ୍ ସେଣ୍ଟର। ଆମ ସନ୍ତରଣକାରୀମାନେ ଏଠାରେ ସନ୍ତରଣ କରିବାର ଭଲ ସୁଯୋଗ ପାଇଛନ୍ତି''।

ପ୍ରଥମ ଦିବସରେ ୩ଟି ନୂଆ ଜାତୀୟ ରେକର୍ଡ ପ୍ରତିଷ୍ଠା ହୋଇଛି। ଗ୍ରୁପ୍-୧ ବାଳକ ୧୦୦ ମିଟର ବଟରଫ୍ଲାଏରେ ଆସାମର ଜନଞ୍ଜୟ ଜେ.ହଜାରିକା ୫୫.୯୯ ସେକେଣ୍ଡ ସମୟ ନେଇ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଏହା ଏକ ଜାତୀୟ ରେକର୍ଡ। ଏ କ୍ଷେତ୍ରରେ ସେ ୨୦୧୭ରେ ମହାରାଷ୍ଟ୍ରର ମିହିର ଆମ୍ବ୍ରେ (୫୬.୬୫) କରିଥିବା ରେକର୍ଡକୁ ଭାଙ୍ଗିଛନ୍ତି। ପ୍ରଥମ ଦିବସରେ କର୍ନାଟକ ବାଳିକାମାନେ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ଗ୍ରୁପ୍-୧ ଇଣ୍ଡିଭିଜୁଆଲ ମିଡ୍‌ଲେ ୨୦୦ ମିଟରରେ ସ୍ୱର୍ଣ୍ଣ ପଦକ ଜିତି ଏହି ରାଜ୍ୟପାଇଁ ପଦକ ଖାତା ଖୋଲିଛନ୍ତି ମାନ୍‌ଭି ବର୍ମା। ସେ ୨:୨୨.୮୬ ସେକେଣ୍ଡ ସମୟ ନେଇଛନ୍ତି। ମହାରାଷ୍ଟ୍ରର ରାଘବୀ ରାମାନୁଜମ୍ ୨:୩୦.୫୬ ସେକେଣ୍ଡ ନେଇ ରୌପ୍ୟ ପଦକ ପାଇଛନ୍ତି। କର୍ନାଟକର ତନିଶି ଗୁପ୍ତା ଗ୍ରୁପ୍-୨ ଇଣ୍ଡିଭିଜୁଆଲ ମିଡ୍‌ଲେରେ ୨:୨୪.୮୩ ସେକେଣ୍ଡ ସମୟ ନେଇ ସ୍ୱର୍ଣ୍ଣ ପଦକ ଜିତିବାସହ ରେକର୍ଡର ଅଧିକାରୀ ହୋଇଛନ୍ତି। ୨୦୨୨ରେ ମାନଭି ବର୍ମା ୨:୨୬.୯୯ ସେକେଣ୍ଡ ନେଇ କରିଥିବା ରେକର୍ଡକୁ ତନିଶି ଭାଙ୍ଗିଛନ୍ତି। କର୍ନାଟକର ନିଶା ୨:୨୯.୮୪ ସେକେଣ୍ଡ ସହିତ ରୌପ୍ୟ ପଦକ ପାଇଛନ୍ତି। ଦିବସର ତୃତୀୟ ଜାତୀୟ ରେକର୍ଡ କରିଛନ୍ତି କର୍ନାଟକର ଭିଦିଥ ଏସ. ଶଙ୍କର। ଗ୍ରୁପ୍-୧ ବାଳକ ୫୦ ମିଟର ବ୍ରେଷ୍ଟଷ୍ଟ୍ରୋକ୍‌ରେ ସେ ୨୯.୪୦ ସେକେଣ୍ଡ ସମୟ ନେଇ ଏହି ସଫଳତା ପାଇଛନ୍ତି। ୨୦୨୨ରେ ହରିୟାଣାର ବଂଶ ପନ୍ନୁ ୨୯.୫୯ ସେକେଣ୍ଡ ସମୟ ନେଇ ଯେଉଁ ଜାତୀୟ ରେକର୍ଡର ଅଧିକାରୀ ହୋଇଥିଲେ ତାହାକୁ ଶଙ୍କର ଏଠାରେ ଭାଙ୍ଗିଛନ୍ତି।

**ତୀରନ୍ଦାଜି ବିଶ୍ୱକପ ଚରଣ-୪**

## କମ୍ପାଉଣ୍ଡରେ ଭାରତର ଦୁଇ ପଦକ ପକ୍କା

ପ୍ୟାରିସ୍, ୧୬।୮(ପି.ଟି.): ପ୍ୟାରିସ୍‌ରେ ଅନୁଷ୍ଠିତ ତୀରନ୍ଦାଜୀ ବିଶ୍ୱକପ୍ ଚରଣ-୪ରେ ଭାରତୀୟ ତୀରନ୍ଦାଜଙ୍କ ଚମତ୍କାର ପ୍ରଦର୍ଶନ ଜାରି ରହିଛି। କମ୍ପାଉଣ୍ଡ ଇଭେଣ୍ଟର ଉଭୟ ପୁରୁଷ ଓ ମହିଳା ବର୍ଗରେ ଭାରତୀୟ ଦଳ ଫାଇନାଲରେ ପ୍ରବେଶ କରିବା ସହିତ ଅନ୍ୟୁନ ଦୁଇଟି ପଦକ ପକା କରିଛନ୍ତି। ଭାରତୀୟ ପୁରୁଷ ଦଳ କଡା ସଂଘର୍ଷପୂର୍ଣ୍ଣ ମ୍ୟାଚରେ କୋରିଆକୁ ପରାସ୍ତ କରିଥିଲା। ଓଜଶ ଦେଓତାଲେ, ପ୍ରଥମେଶ ଜାୱ୍‌କର ଓ ଅଭିଷେକ ବର୍ମାଙ୍କ ଯୋଡି ମ୍ୟାଚ୍‌କୁ ୨୩୫-୨୩୫ରେ ଅମୀମାଂସିତ ରଖିଥିଲେ। ପରେ ଉଭୟ ଦଳ ମଧ୍ୟରେ ଶୁଟ୍ ଅଫ୍ ଅନୁଷ୍ଠିତ ହୋଇଥିଲା। ନିକଟରେ ବିଶ୍ୱ ଚାମ୍ପିୟନ ହୋଇଥିବା ଓଜସ୍ ଚମତ୍କାର ପ୍ରଦର୍ଶନ କରି ଏକ୍ସର ବୁଲ୍ସ ଆଇ ହିଟ୍ କରିଥିଲେ। ଫାଇନାଲରେ ଭାରତୀୟ ପୁରୁଷ ଦଳ ଆମେରିକାକୁ ଭେଟିବ। ଅନ୍ୟ ପକ୍ଷରେ ଜ୍ୟୋତି ସୁରେଖା ଭେନ୍ନମ, ଅଦିତି ସ୍ୱାମୀ ଓ ପରନୀତ୍ କୌରଙ୍କ ଭାରତୀୟ ମହିଳା ଦଳ କଡା ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ରେ ବ୍ରିଟେନ୍‌କୁ ୨୩୪-୨୩୩ ପଏଣ୍ଟରେ ପରାସ୍ତ କରିଛି। ଏକଦା ଭାରତୀୟ ମହିଳା ପଛୁଆ ରହିଥିଲେ ମଧ୍ୟ ଚମତ୍କାର ପ୍ରତ୍ୟାବର୍ତ୍ତନ କରି ମ୍ୟାଚ୍‌କୁ ଜିତି ନେଇଥିଲେ। ପ୍ରଥମ ରାଉଣ୍ଡରେ ଭାରତ ୫୯-୬୦ରେ ପଛରେ ରହିଥିଲା। ଦ୍ୱିତୀୟ ରାଉଣ୍ଡ ଶେଷ ସୁଦ୍ଧା ଭାରତ ୧୭୬-୧୭୫ରେ ପଛୁଆ ରହିଥିଲା। ତେବେ ଚତୁର୍ଥ ରାଉଣ୍ଡ ଶେଷ ହେବା ସୁଦ୍ଧା ଭାରତୀୟ ମହିଳା ମ୍ୟାଚ୍ ଜିତି ନେଇଥିଲେ। ଜର୍ମାନୀ ବିପକ୍ଷରେ ଦଳ ଏହାର ସେମି ଫାଇନାଲ ମ୍ୟାଚ୍ ଖେଳିବ।

## ଓଡ଼ିଶା ରୋଲର ସ୍କେଟିଂ ଦଳର ୩ ରେକର୍ଡ



ଅତିଥି ଓ କର୍ମକର୍ତ୍ତାଙ୍କ ଗହଣରେ ରୋଲର ସ୍କେଟିଂ ଦଳ।

ଭୁବନେଶ୍ୱର, ୧୬।୮
(ତପନ ସ୍ୱାଇଁ)

ସ୍ୱାଧୀନତା ଦିବସ ଅବସରରେ ମଙ୍ଗଳବାର ଓଡ଼ିଶା ରୋଲର ସ୍କେଟିଂ ଦଳ ଆଉ ଏକ ମାଇଲଖୁଣ୍ଟ ସ୍ପର୍ଶ କରିଛି। ଓଡ଼ିଶା ସ୍କେଟିଂ ଏକାଡେମୀର ୧୦୨ ସଦସ୍ୟ ବିଶିଷ୍ଟ ଦଳ କଳିଙ୍ଗ ଷ୍ଟାଡିୟମରେ କ୍ରମାଗତ ୫ ଘଣ୍ଟା ରୋଲର ସ୍କେଟିଂ ରିଲେ ମାରାଥନ କରି ଏସିଆ ପାସିଫିକ୍ ରେକର୍ଡ, ଏକ୍ସଟ୍ରିମ ରେକର୍ଡ ଏବଂ ଜାତୀୟ ରେକର୍ଡର ଅଧିକାରୀ ହୋଇଛି। ଅଲିମ୍ପିଆନ ଅନୁରାଧା ବିଶ୍ୱାଳ ଓ ଓଡ଼ିଶା ନାଭାଲ ଟାଟା ହକିର ରାଜୀବ ସେଠ୍ ପତାକା ଦେଖାଇ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଚଳଚ୍ଚିତ୍ର ଅଭିନେତ୍ରୀ ଅନୁ ଚୌଧୁରୀ, ଆପୋଲୋ ହସ୍ପିଟାଲ ସିଓଓ ଆଲୋକ ଶ୍ରୀବାସ୍ତବ ଓ ଉତ୍କଳ କରାଟେ ସ୍କୁଲ ମୁଖ୍ୟ ହରି ପ୍ରସାଦ ପଟ୍ଟନାୟକ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଓଡ଼ିଶା ସ୍କେଟିଂ ଏକାଡେମୀ ଏବଂ ରାଜ୍ୟ ସମ୍ପାଦକ ପାର୍ଥ ସାରଥି ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ନେମାରଙ୍କ ୮୩୧ କୋଟିର ଚୁକ୍ତି

ରିୟାଧ, ୧୬।୮(ପି.ଟି.)



ସାଉଦି ଫୁଟବଲ ଲିଗ୍ ସହିତ ଯୋଡି ହୋଇଛନ୍ତ ବ୍ରାଜିଲର ତାରକା ଷ୍ଟ୍ରାଇକର ନେମାର। ବିଗତ ୬ ସିଜନ ଧରି ପ୍ୟାରିସ୍ ସେଣ୍ଟ ଜର୍ମେନ୍(ପିଏସ୍‌ଜି) ପାଇଁ ଖେଳିବା ପରେ ନେମାର ଅଲ ହିଲାଲ ସହିତ ଚୁକ୍ତି କରିଛନ୍ତି। ବାର୍ଷିକ ୧୦୦ ମିଲିୟନ୍ ଡଲାର ବା ଭାରତୀୟ ମୁଦ୍ରାରେ ତାଙ୍କୁ ୮୩୧ କୋଟି ୮୭ ଲକ୍ଷ ୬୫ ହଜାର ଟଙ୍କାର ବେତନ ପ୍ରଦାନ କରାଯିବ। ପର୍ତ୍ତୁଗାଲର କ୍ରିଷ୍ଟିଆନୋ ରୋନାଲ୍ଡୋ ଅଲ ନାସର କ୍ଲବ ସହିତ ୨୦୦ ମିଲିୟନ ଡଲାର ବେତନରେ ଯୋଗ ଦେଇଥିଲେ। ୩୧ ବର୍ଷୀୟ ନେମାର ଆସନ୍ତା ଦୁଇ ସିଜନ ପାଇଁ ଅଲ ହିଲାଲ ସହିତ ଯୋଗ ଦେଇଛନ୍ତି। ୟୁରୋପିଆନ୍ ଫୁଟବଲ ଲିଗ୍‌ରେ ମୁଁ ଅନେକ କିଛି ହାସଲ କରିସାରିଛି। ମାତ୍ର ବର୍ତ୍ତମାନ ମୋର ଦକ୍ଷତା ସମଗ୍ର ବିଶ୍ୱରେ ପ୍ରତିପାଦିତ କରିବାର ସମୟ ଆସିଛି ବୋଲି ନେମାର କହିଛନ୍ତି। ଜାନୁୟାରୀ ୨୦୨୨ରେ ରୋନାଲ୍ଡୋ ଅଲ ନାସର କ୍ଲବ ସହିତ ଯୋଗ ଦେବା ପରେ ସାଉଦି ଲିଗ୍‌ର ଲୋକପ୍ରିୟତା ବୃଦ୍ଧି ପାଇବାରେ ଲାଗିଛି। ପରବର୍ତ୍ତୀ ସମୟରେ କରିମ୍ ବେଞ୍ଜେମା, ଏନ୍‌ଗୋଲୋ କାଣ୍ଟେ ଓ ଜୋର୍ଡାନ ହେଣ୍ଡରସନ୍‌ଙ୍କ ପରି ଖେଳାଳି ସାମିଲ ହୋଇଛନ୍ତି।

DSPL-187



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଗୁରୁବାର, ଅଗଷ୍ଟ ୧୭/୨୦୨୩ Bhubaneswar, Thursday, August 17/ 2023



ସ୍ୱାଧୀନତା ଦିବସ ଅବସରରେ ଲୋକସେବା ଭବନର କନ୍‌ଭେନସନ ସେଣ୍ଟରରେ ମଙ୍ଗଳବାର ପ୍ରାମାଣିକ ଚଳଚ୍ଚିତ୍ର 'ଇଣ୍ଡିଆଜ୍ ଗେମ୍' ଉଦ୍‌ଘାଟନ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଅନ୍ୟ ଅତିଥିବୃନ୍ଦ।

# 'ଇଣ୍ଡିଆଜ୍ ଗେମ୍' ପ୍ରାମାଣିକ ଚଳଚ୍ଚିତ୍ର ଉଦ୍‌ଘାଟିତ

## ସମସ୍ତ ସ୍ୱାଧୀନତା ସଂଗ୍ରାମୀ ଓ ଭାରତ ପାଇଁ ଅଲିମ୍ପିକ୍ ସ୍ୱର୍ଣ୍ଣ ଜିତିଥିବା ହକି ଖେଳାଳିଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କଲେ ମୁଖ୍ୟମନ୍ତ୍ରୀ



ଭାରତୀୟ ହକି ଦଳର ସଦସ୍ୟ ମନପ୍ରୀତ ସିଂଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମ୍ବର୍ଦ୍ଧିତ କରୁଛନ୍ତି।

ଭୁବନେଶ୍ୱର, ୧୬।୮
(ତପନ ସ୍ୱାଇଁ)

ସ୍ୱାଧୀନତା ଦିବସ ଅବସରରେ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରାମାଣିକ ଚଳଚ୍ଚିତ୍ର 'ଇଣ୍ଡିଆଜ୍ ଗେମ୍-ଏ ଷ୍ଟୋରି ଅଫ୍ ଏ ଟିମ୍ ଦ୍ୟାଟ୍ ୟୁନାଇଟେଡ ଦି ନେଶନ'କୁ ଉଦ୍‌ଘାଟନ କରିଛନ୍ତି। ୧୯୨୮ ଅଲିମ୍ପିକ୍ସରେ ଭାରତୀୟ ହକି ଦଳର ସ୍ୱର୍ଣ୍ଣ ପଦକ ବିଜୟ କିପରି ସମଗ୍ର ଭାରତକୁ ଏକତ୍ରିତ କରିଥିଲା ଏବଂ ଭାରତୀୟ ଖେଳର ଧାରା ପରିବର୍ତ୍ତନ କରିଥିଲା ତାହା ଏଥିରେ ସ୍ଥାନ ପାଇଛି। ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଓ ହକି ଇଣ୍ଡିଆର ମିଳିତ ଆନୁକୂଲ୍ୟରେ ଲୋକସେବା ଭବନର କନ୍‌ଭେନଶନ ସେଣ୍ଟରରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ଅବସରରେ ହକି ପ୍ରତି ଅବଦାନ ରଖିଥିବା କିମ୍ବଦନ୍ତୀ ଖେଳାଳି ଏବଂ ଐତିହାସିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ "ସ୍ୱାଧୀନତା ଦିବସ ଅବସରରେ ଆମେ ଏହି ପ୍ରାମାଣିକ ଚଳଚ୍ଚିତ୍ରକୁ ସ୍ୱାଧୀନ ଭାରତର ସ୍ୱପ୍ନ ଦେଖିଥିବା ସ୍ୱାଧୀନତା ସଂଗ୍ରାମୀ ଏବଂ ଅଲିମ୍ପିକ୍ସ ହକିରେ ସ୍ୱର୍ଣ୍ଣ ପଦକ ଜିତି ଦେଶକୁ ଗର୍ବିତ କରିଥିବା ସମସ୍ତ ଖେଳାଳିଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରୁଛୁ"। ସ୍ୱାଧୀନତା ସଂଗ୍ରାମରେ ଭାରତୀୟ ହକିର ଭୂମିକା ଉପରେ ନିର୍ମିତ ହୋଇଥିବା ଏହି ଚଳଚ୍ଚିତ୍ର ନିର୍ମାଣର ସ୍ଥୂଳ ଧାରଣା ପ୍ରକୃତରେ ଦେଇଥିଲେ ମୁଖ୍ୟମନ୍ତ୍ରୀଙ୍କ ସଚିବ ଭି.କେ. ପାଣ୍ଡିଆନ। କିମ୍ବଦନ୍ତୀ ସ୍ୱାଧୀନତା ସଂଗ୍ରାମୀ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବାପା ବିଜୁ ପଟ୍ଟନାୟକଙ୍କ ଜୀବନୀରେ ସେ ଅନୁପ୍ରାଣିତ ହୋଇଥିଲେ। ସ୍ୱାଧୀନତା ଆନ୍ଦୋଳନ ଅବସରରେ ବ୍ରିଟିଶ୍ ଓ ଜର୍ମାନୀ ପରି ଔପନିବେଶିକ ଶାସକ ଦଳ ବିପକ୍ଷରେ ଭାରତର ବିଜୟରେ ସ୍ୱାଧୀନତା ସଂଗ୍ରାମୀମାନେ ପ୍ରେରିତ ହୋଇଥିଲେ। ୟୁକେର ଲେଭଲ ଫିଲ୍ମସ ଏହି ପ୍ରାମାଣିକ ଚଳଚ୍ଚିତ୍ରକୁ ପ୍ରସ୍ତୁତ କରିଛି। ଏଥିରେ ହିଟଲରଙ୍କ ଜର୍ମାନୀ, ଗ୍ରେଟ୍ ବ୍ରିଟେନ ଓ ପାକିସ୍ତାନ ବିପକ୍ଷରେ ବିଜୟ ସହ ଭାରତ କିପରି ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲା ତାହାକୁ ସ୍ଥାନିତ କରାଯାଇଛି। ଏହି ଐତିହାସିକ ପ୍ରାମାଣିକ ଚଳଚ୍ଚିତ୍ର ନିର୍ମାଣ ପାଇଁ ଓଡ଼ିଶା ସରକାର ଓ ହକି ଇଣ୍ଡିଆ ପକ୍ଷରୁ ଆବଶ୍ୟକ ସହଯୋଗ ଯୋଗାଇ ଦିଆଯାଇଥିଲା। ଉକ୍ତ ସମାରୋହରେ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା, ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା, କ୍ରୀଡ଼ା ଓ ଯୁବସେବା ସଚିବ ଆର୍. ଭିନିଲ କ୍ରିଷ୍ଣା ଏବଂ ରାଜ୍ୟ ସରକାରଙ୍କ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। କିମ୍ବଦନ୍ତୀ ଖେଳାଳି ଗୁରବକ୍ସ ସିଂ, ହରବିନ୍ଦର ସିଂ ଏବଂ ବର୍ତ୍ତମାନ ଭାରତୀୟ ଦଳର ସଦସ୍ୟ ରାଣୀ ରାମପାଲ, ମନପ୍ରୀତ ସିଂ, ଅମିତ ରୋହିଦାସ ଏବଂ ରାଜ୍ୟର ଅନେକ ଅନ୍ତର୍ଜାତୀୟ ଖେଳାଳିଙ୍କ ସହ ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ ମଧ୍ୟ ଉପସ୍ଥିତ ଥିଲେ। ଏହି ଅବସରରେ ପୂର୍ବତନ ଓ ବର୍ତ୍ତମାନର କେତେକ ହକି ଖେଳାଳି ଏବଂ ଐତିହାସିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

କୋଷ୍ଠକାଠିନ୍ୟର
ସମାଧାନ
9119788888




# ପ୍ରଥମ ସେମି ଫାଇନାଲରେ ବଡ ଚିନ୍ଦ୍ରୀ ବିଜୟୀ

କୋରାପୁଟ,୧୬।୮ (ଅମିତାଭ ବେହେରା)



କୋରାପୁଟ ଜିଲା ଫୁଟବଲ ଆସୋସିଏଶନ ପକ୍ଷରୁ ସ୍ଥାନୀୟ ତୃତୀୟ ବାଟାଲିୟନ ପଡିଆଠାରେ ଚାଲିଥିବା ଜିଲାସ୍ତରୀୟ କେଡିଏଫଏ କପ୍ ଫୁଟବଲ ଟୁର୍ନାମେଣ୍ଟର ବୁଧବାର ଆୟୋଜିତ ପ୍ରଥମ ସେମି ଫାଇନାଲ ମ୍ୟାଚରେ ବଡଚିନ୍ଦ୍ରୀ ଦଳ ବିଜୟୀ ହୋଇ ଫାଇନାଲକୁ ଉନ୍ନୀତ ହୋଇଛି । ମ୍ୟାଚରେ ବଡଚିନ୍ଦ୍ରୀ ଓ ରେଲିକୁମ୍ଭା ଦଳ ପରସ୍ପରକୁ ଭେଟିଥିଲେ। ରେଲିକୁମ୍ଭାକୁ ୫ଟି ଗୋଲ ଦେଇ ବଡଚିନ୍ଦ୍ରୀ ବିଜୟୀ ହୋଇଥିଲା। ମୁଖ୍ୟ ରେଫରି ଭାବେ ବିପୁଳ ବିଦ୍ୟାଧର ଯୋଗଦେଇଥିଲେ। ଲାଇନସମ୍ୟାନ ଭାବେ ସହଦେବ ମୋଚମ ଓ ଜେ. ମାଝି , ଅନ୍ୟତମ ରେଫରି ଭାବେ ପିକେ ଖାଡଙ୍ଗା ଦାୟିତ୍ୱ ତୁଲାଇଥିଲେ। ସୂଚନାଯୋଗ୍ୟ, ଗୁରୁବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ସୁନାବେଡା ସାଇ ହଷ୍ଟେଲ ଓ କୋରାପୁଟର ଲାଣ୍ଡିଗୁଡା ମଧ୍ୟରେ ହେବ। ଏହି ମ୍ୟାଚର ବିଜେତା ଆସନ୍ତା ୧୮ରେ ହେବାକୁ ଥିବା ଫାଇନାଲ ମ୍ୟାଚରେ ବଡଚିନ୍ଦ୍ରୀକୁ ଭେଟିବ। ଜେ. କ୍ରିଷ୍ଣା ରାଓ ପରିଚାଳନା କରିଥିଲେ।

# ଅଁଳାବାଡ଼ିର ଓମ ଟିମ୍ ଚାମ୍ପିୟନ

ଦାମନଯୋଡି,୧୬।୮ (ରାଧାକାନ୍ତ ବ୍ରହ୍ମା)

୨୪ତମ ନାଲକୋ ଇଣ୍ଡିପେଣ୍ଡେନ୍ସ କପ ଫୁଟବଲ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ନାଲକୋ ସ୍ପୋର୍ଟସ ସେଲ ଓ ନାଲକୋ କମ୍ୟୁନିଟି ସେଣ୍ଟର ପକ୍ଷରୁ ଆୟୋଜିତ ଏହି ଟୁର୍ନାମେଣ୍ଟରେ ୧୩୮ଟି ଦଳ ଭାଗ ନେଇଥିଲେ। ସେକ୍ଟର-୩ସ୍ଥିତ ନେତାଜୀ ଷ୍ଟାଡିୟମରେ ମଙ୍ଗଳବାର ଅପରାହ୍ନରେ ସେମିଫାଇନାଲ ଓ ଫାଇନାଲ ମ୍ୟାଚ ହୋଇଥିଲା। ଫାଇନାଲରେ ଦାମନଯୋଡିର ଅଁଳାବାଡ଼ି କଲୋନୀ ଟିମ୍ ସହ ଲୁଙ୍ଗୁରିର ଏମ.ବି.ଫୁଟବଲ କ୍ଲବକୁ ୧-୦ ଗୋଲରେ ପରାସ୍ତ କରି ଚାମ୍ପିୟନ ହୋଇଥିଲ। ଚାମ୍ପିୟନ ଦଳକୁ ୨୦ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିବା ବେଳେ ରନର୍ସ ଅପ ଦଳକୁ ୧୫ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରାଯାଇଥିଲା। ସେହିପରି ଟୁର୍ନାମେଣ୍ଟରେ ୩ୟ ସ୍ଥାନ ହାସଲ କରିଥିବା କୋରାପୁଟ କୁମ୍ଭା ଲୁଲୁ -୧୧ ଦଳକୁ ୮ହଜାର ଟଙ୍କା ଓ ୪ର୍ଥ ସ୍ଥାନ ହାସଲ କରିଥିବା ଚିନ୍ଦ୍ରି ଜୁନିୟର ଫୁଟବଲ କ୍ଲବକୁ ୫ହଜାର ଟଙ୍କାର ଅର୍ଥରାଶି ପୁରସ୍କାର ବାବଦକୁ ପ୍ରଦାନ କରାଯାଇଥିଲା। ଓମ ଫୁଟବଲ ଦଳର ଖେଳାଳୀ ପ୍ରଶାନ୍ତ ଶ୍ରୀହରିଙ୍କୁ ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଥିବା ବେଳେ କୁମ୍ଭା ଲୁଲୁ-୧୧ ଦଳର ମିରନ ଝରିଆଙ୍କୁ ଶ୍ରେଷ୍ଠ ଉଦୀୟମାନ ଖେଳାଳି ଏବଂ ଏମ.ବି.ଫୁଟବଲ କ୍ଲବର ଅଜୟ ଜାନିଙ୍କୁ ଶ୍ରେଷ୍ଠ ଗୋଲକିପର୍ ରୂପେ ପୁରସ୍କୃତ କରାଯାଇଥିଲା।

# ରାୟଗଡ଼ା ପ୍ରତିଯୋଗୀଙ୍କୁ ୨ସ୍ୱର୍ଣ୍ଣ, ୧ କାଂସ୍ୟ ପଦକ

ରାୟଗଡା,୧୬।୮ (ଭାଗ୍ୟଶ୍ରୀ ମିଶ୍ର)

## ନ୍ୟାଶନାଲ ପାୱାର ଲିଫ୍ଟିଂ ଚାମ୍ପିୟନଶିପ



ପଶ୍ଚିମବଙ୍ଗ ଜଲପାଇଗୁଡ଼ି ଜିଲାର ସିରିଗୁରିଠାରେ ଅନୁଷ୍ଠିତ ନ୍ୟାଶନାଲ ପାୱାର ଲିଫ୍ଟିଂ ଚାମ୍ପିୟନଶିପ ଫେଡେରେଶନ କପ୍ ପ୍ରତିଯୋଗିତାରେ ରାୟଗଡ଼ା କ୍ରୀଡାବିତ୍‌ଙ୍କୁ ମିଳିଛି ୨ଟି ସ୍ୱର୍ଣ୍ଣ ଓ ଗୋଟିଏ କାଂସ୍ୟ ପଦକ। ରାୟଗଡା କ୍ରୀଡ଼ାବିତ ପିଙ୍କି ହୁଇକା ୨ଟି ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ ଉତ୍ତମ ଗରଡ଼ା ଗୋଟିଏ କାଂସ୍ୟ ପଦକ ଜିତି ଓଡ଼ିଶା ତଥା ରାୟଗଡା ଜିଲାକୁ ଗୌରବାନ୍ୱିତ କରିଛନ୍ତ। ପିଙ୍କି ଓ ଉତ୍ତମ ଟ୍ରେନ ଯୋଗେ ମଙ୍ଗଳବାର ରାୟଗଡା ରେଳ ଷ୍ଟେଶନରେ ପହଞ୍ଚିବା ପରେ କୋଚ ଦୋରା କୋଣ୍ଡାଗରୀଙ୍କ ସମେତ ଅନ୍ୟମାନେ ଉଭୟଙ୍କୁ ସ୍ୱାଗତ କରିଥିଲେ। ଜଲପାଇଗୁଡ଼ି ଜିଲାର ସିରିଗୁରିସ୍ଥିତ ଉତ୍ତରବଙ୍ଗ ମାରୱାରୀ ପ୍ୟାଲେସଠାରେ ଗତ ୮ ରୁ ୧୩ ତାରିଖ ପର୍ଯ୍ୟନ୍ତ ୫ଦିନ ଧରି ଅନୁଷ୍ଠିତ ନ୍ୟାଶନାଲ ପାୱାର ଲିଫ୍ଟିଂ ଚାମ୍ପିୟନଶିପ ଫେଡେରେଶନ କପ ପ୍ରତିଯୋଗିତାରେ ପିଙ୍କି ହୁଇକା ୫୩ କେଜି ବର୍ଗରେ ସ୍କ୍ୱାଟ, ବେଞ୍ଚ ପ୍ରେସ୍ ଓ ଡେଡ୍‌ଲିଫ୍ଟରେ ମୋଟ ୨୪୨. ୫ କେଜି ଭାର ଉତ୍ତୋଳନ କରି ପ୍ରଥମ ସ୍ଥାନ ଅଧିକାର କରି ୨ଟି ସ୍ୱର୍ଣ୍ଣ ପଦକ ଜିତିଛନ୍ତି । ସେହିପରି ଉତ୍ତମ ୫୬ କେଜି ବର୍ଗରେ ଅଂଶ ଗ୍ରହଣ କରି ୩ଟି ପର୍ଯ୍ୟାୟରେ ୩୭୦ କେଜି ଭାର ଉତ୍ତୋଳନ କରି ତୃତୀୟ ସ୍ଥାନ ଅଧିକାର କରି କାଂସ୍ୟ ପଦକ ଜିତିଛନ୍ତି । ସ୍ଥାନୀୟ ପ୍ରଶାସନର ସହଯୋଗ ମିଳିଲେ ପିଙ୍କି ଓ ଉତ୍ତମ ଭଳି ଆହୁରି କ୍ରୀଡ଼ାବିତ ପ୍ରଶିକ୍ଷଣ ପାଇ ରାୟଗଡା ମାଟି ତଥା ଓଡିଶାର ଗୌରବକୁ ଜାତୀୟ ଅନ୍ତର୍ଜାତୀୟ ସ୍ତରରେ ପହଞ୍ଚାଇପାରିବେ ବୋଲି କୋଚ ଦୋରା କୋଣ୍ଡାଗାରୀ କହିଛନ୍ତି। କ୍ରୀଡ଼ାବିତ ପିଙ୍କି ହୁଇକା ଏହି ସଫଳତା ପାଇବା ପରେ ଅନ୍ତର୍ଜାତୀୟ ସ୍ତରୀୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ ପାଇଁ ସୁଯୋଗ ପାଇଥିବା ଜଣାପଡ଼ିଛି। ପଦକ ଜିତି ଆସିଥିବା ଉଭୟ କ୍ରୀଡ଼ାବିତ ଜିତିବାର ଶ୍ରେୟ କୋଚ ଏବଂ ପରିବାର ବର୍ଗଙ୍କୁ ଦେଇଛନ୍ତି ।

Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ